- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR | ◆VOLUME- 44 ◆ISSUE-106 ◆FRIDAY ◆09 OCTOBER 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୧୦୬ ◆ଶୁକ୍ରବାର ◆୦୯ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




# ପରପାରିରେ 'କ୍ରାନ୍ତିବୀର'

**ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ**

■ନୂଆଦିଲ୍ଲୀ/ଗୋଆ, ୮ ।୧୦ (ଏଜେନ୍ସି): ଭାରତୀୟ ସିନେମା ଜଗତର ଅନ୍ୟତମ ପ୍ରଭାବଶାଳୀ ତଥା ବର୍ଷୀଆନ୍ ଅଭିନେତା ନାନା ପାଟେକର ଆଉ ନାହାନ୍ତି। ଗତକତାଲି ବିଳମ୍ବିତ ରାତିରେ ତାଙ୍କର ପରଲୋକ ଘଟିଛି। ମୃତ୍ୟୁ ବେଳେ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ତାଙ୍କ ପରଲୋକରେ ସିନେମା ଜଗତରେ ଶୋକର ଛାୟା ଖେଳିଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଅନେକ ମନ୍ତ୍ରୀ, ନେତା ଓ ଅଭିନେତା ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ବିଳମ୍ବିତ ରାତିରେ ତାଙ୍କ ଛାତିରେ ପ୍ରବଳ ଯନ୍ତ୍ରଣା ହେବା ପରେ ସେ ଚେତାଶୂନ୍ୟ ହୋଇପଡ଼ିଥିଲେ। ଗୋଆସ୍ଥିତ ତାଙ୍କ ବାସଭବନକୁ ଡାକ୍ତରୀ ଦଳ ପଠାଯାଇଥିଲା। ପରେ ମଣିପାଲ ହସ୍ପିଟାଲକୁ ନିଆଯାଇଥିଲେ ମଧ୍ୟ ଚିକିତ୍ସକମାନଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ତାଙ୍କୁ ବଞ୍ଚାଇବା ସମ୍ଭବ ହୋଇ ନଥିଲା। ହୃଦ୍‌ଘାତ ଯୋଗୁଁ ତାଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟରେ କୁହାଯାଇଛି। ନାନାଙ୍କ ପୁଅ ମହ୍ଲାର ପାଟେକରଙ୍କ ସୂଚନା ଅନୁଯାୟୀ, ନାନା ରାତିରେ ଅସୁସ୍ଥ ଅନୁଭବ କରୁଥିବା ଜଣାଇଥିଲେ। ଭୋର ପ୍ରାୟ ୪ଟା ସମୟରେ ଡାକ୍ତରୀ ଦଳ ତାଙ୍କ ବାସଭବନରେ ପହଞ୍ଚିବା ବେଳକୁ ସେ ଚେତାଶୂନ୍ୟ ହୋଇସାରିଥିଲେ। ସେଠାରେ ତାଙ୍କୁ ଜରୁରୀକାଳୀନ ଚିକିତ୍ସା ଓ ହୃତ୍‌ପିଣ୍ଡ ମାଲିସ୍ ଦିଆଯାଇଥିଲା। ପରେ ଆମ୍ବୁଲାନ୍ସରେ ହସ୍ପିଟାଲ ▶ପୃଷ୍ଠା-୭

# ଆନ୍ କାର୍ସନ୍‌ଙ୍କୁ ସାହିତ୍ୟରେ ନୋବେଲ

■ ଷ୍ଟକହୋମ୍,୮ ।୧୦(ଏଜେନ୍ସି): କାନାଡୀୟ ଲେଖିକା ଆନ୍ କାର୍ସନ୍‌ଙ୍କୁ ୨୦୨୬ ମସିହାର ନୋବେଲ ସାହିତ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ପ୍ରାଚୀନ ଗ୍ରୀକ୍ ଓ ରୋମୀୟ ସାହିତ୍ୟ ଏବଂ ପରମ୍ପରାକୁ ନୂଆ ଦୃଷ୍ଟିକୋଣରେ ଉପସ୍ଥାପନ କରିବା ସହ କବିତା, ଗଦ୍ୟ ଓ ନାଟକ ଭଳି ବିଭିନ୍ନ ସାହିତ୍ୟିକ ଧାରାକୁ ଏକାଠି କରି ନୂଆ ଲେଖନ ରୂପ ସୃଷ୍ଟି କରିଥିବାରୁ ତାଙ୍କୁ ଏହି ସମ୍ମାନ ମିଳିଛି। ୧୯୫୦ରେ କାନାଡାର ଟରଣ୍ଟୋରେ ଜନ୍ମିତ କାର୍ସନ୍ ୧୯୮୧ରେ ପ୍ରାଚୀନ ସାହିତ୍ୟ ଅଧ୍ୟୟନ କ୍ଷେତ୍ରରେ ଡକ୍ଟରେଟ୍ ଥେସିସ୍



ପ୍ରକାଶ କରିଥିଲେ। ପରେ ସେ କବିତା ରଚନା ସହ ପ୍ରାଚୀନ ଗ୍ରୀକ୍ ସାହିତ୍ୟର ଅନୁବାଦ କରିଛନ୍ତି ଏବଂ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରିଛନ୍ତି। ଶବ୍ଦର ଉତ୍ପତ୍ତି, ଏହାର ଅର୍ଥ ଏବଂ ସମୟ ସହ ଶବ୍ଦର ଅର୍ଥ କିପରି ବଦଳେ, ତାହା ତାଙ୍କ ଲେଖାର ଏକ ମୁଖ୍ୟ ବିଷୟ। ସେ ଗ୍ରୀକ୍ କବି ସାଫୋ ଏବଂ ନାଟ୍ୟକାର ସୋଫୋକ୍ଲିଜ୍‌ଙ୍କ 'ଇଲେକ୍ଟ୍ରା' ଓ 'ଆଣ୍ଟିଗୋନି' ଭଳି କୃତିର ଅନୁବାଦ ମଧ୍ୟ କରିଛନ୍ତି। ୧୯୮୬ରେ ପ୍ରକାଶିତ 'ଇରୋସ୍ ଦ ବିଟରସ୍ୱିଟ୍' କାର୍ସନ୍‌ଙ୍କୁ ବ୍ୟାପକ ପରିଚିତି ଦେଇଥିଲା। ▶ପୃଷ୍ଠା-୭

**ଜ୍ଞାନେଶ ହଟାଅ ଅଭିଯାନ**

**ଆସନ୍ତା କାଲି 'କକ୍ରୋଚ୍'ର ଯନ୍ତରମନ୍ତର ୨.୦**

### ରାଜଘାଟରେ ବିରୋଧୀ ସାଂସଦଙ୍କ ଧାରଣା, ବେଙ୍ଗାଲୁରୁରେ ଧ୍ରୁବ ରାଠିଙ୍କ ଯାଦୁ

# ପୁଲିସ ଛାଉଣିରେ ଦିଲ୍ଲୀ

■ ନୂଆଦିଲ୍ଲୀ, ୮ ।୧୦ (ଏଜେନ୍ସି): ୧୩ କୋଟି ଭୋଟରଙ୍କୁ କାଟି ବିବାଦୀୟ ଏସ୍‌ଆଇଆର୍ ଜରିଆରେ ଦେଶକୁ ଗଣତାନ୍ତ୍ରିକ ସଙ୍କଟ ଭିତରକୁ ଠେଲିଦେଇଥିବା ମୁଖ୍ୟ ନିର୍ବାଚନ କମିସନର

**ନରମିଲା ଦିଲ୍ଲୀ ପୁଲିସ; ଇଣ୍ଡିଆ ନେତାଙ୍କୁ ଅଟକାଇଲା ନାହିଁ**

**ଏହା ଟ୍ରେଲର ମାତ୍ର; ଯନ୍ତରମନ୍ତରରେ ଅସଲ ଫିଲ୍ମ: ସିଜେପି**

**ଦିଲ୍ଲୀରେ ୨୬ ହଜାର ଫୋର୍ସ ମୁତୟନ**



ରାଜଘାଟରେ ବିରୋଧୀ ସାଂସଦଙ୍କ ଧାରଣା



ବେଙ୍ଗାଲୁରୁରେ ଧ୍ରୁବ ରାଠି

ଜ୍ଞାନେଶ କୁମାରଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ତାଙ୍କୁ ହଟାଇବା ଲାଗି ଦେଶବ୍ୟାପୀ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ଗତ ତିନି ଦିନ ଧରି ଇଣ୍ଡିଆ ମେଣ୍ଟର ସାଂସଦ ଓ ନେତା-କର୍ମୀ ରାଜଧାନୀ ଦିଲ୍ଲୀରେ ଆନ୍ଦୋଳନ ଚଳାଇଥିବା ବେଳେ ଆସନ୍ତା ୧୦ ତାରିଖରେ ଯନ୍ତରମନ୍ତରରେ ଆନ୍ଦୋଳନ କରିବାକୁ କକ୍ରୋଚ୍ ଜନତା ପାର୍ଟିର ଘୋଷଣା ପ୍ରଶାସନର ନିଦ ହଜାଇ ଦେଇଛି। ଯନ୍ତରମନ୍ତର-୨ ଆନ୍ଦୋଳନ ପାଇଁ କକ୍ରୋଚ୍ ପାର୍ଟି କର୍ମୀ ଓ ସମର୍ଥକ ଦିଲ୍ଲୀ ଆଡ଼କୁ ମାଡ଼ି ଆସୁଥିବା ବେଳେ ସେମାନଙ୍କୁ ଅଟକାଇବା ଲାଗି ଦିଲ୍ଲୀ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପରିସ୍ଥିତିର ମୁକାବିଲା ଲାଗି ୨୬ ହଜାର ପୁଲିସ ଫୋର୍ସ ମୁତୟନ କରାଯାଇଛି।

ଦିଲ୍ଲୀରେ ଇଣ୍ଡିଆ ମେଣ୍ଟର ନେତାମାନେ ଆନ୍ଦୋଳନ ଚଳାଇଥିବା ବେଳେ ବେଙ୍ଗାଲୁରୁର ଫ୍ରିଡମ୍ ପାର୍କରେ ଜ୍ଞାନେଶଙ୍କ ବିରୋଧରେ ଜନସମୁଦ୍ର ମାଡ଼ି ଆସିଥିଲା। ବିଶିଷ୍ଟ ୟୁଟ୍ୟୁବର ଓ ଇନଫ୍ଲୁଏନ୍ସର ଧ୍ରୁବ ରାଠି ▶ପୃଷ୍ଠା-୭

**ଇଣ୍ଡିଆ ମେଣ୍ଟର ଓଡ଼ିଶା ବନ୍ଦ**

# ଅଟକିଲା ଅଖ-ଚକ

## ରାସ୍ତାଘାଟ ଶୂନ୍‌ଶାନ୍; ଜୀବନଯାତ୍ରା ପ୍ରଭାବିତ

■ ଭୁବନେଶ୍ୱର, ୮।୧୦ (ସମିସ): ପ୍ରମୁଖ ୪ଟି ଦାବିକୁ ନେଇ ଡକରା ଦିଆଯାଇଥିବା ଓଡ଼ିଶା ବନ୍ଦ ସଫଳ

**ସମର୍ଥନ ପାଇଁ ରାଜ୍ୟବାସୀଙ୍କୁ 'ଇଣ୍ଡିଆ ବ୍ଲକ'ର କୃତଜ୍ଞତା**

**ଭୁବନେଶ୍ୱରରେ ଜୋର୍‌ଦାର୍ ପ୍ରତିବାଦ, ଶତାଧିକ ଗିରଫ**

**ଲୋକସେବା ଭବନ ଅଭିମୁଖେ ଗଲା ମିଳିତ ପଦଯାତ୍ରା**

ହୋଇଛି ବୋଲି ଇଣ୍ଡିଆ ମେଣ୍ଟ ଦାବି କରିଛି। ଗୁରୁବାର ସକାଳ ୬ଟାରୁ ଓଡ଼ିଶା ବନ୍ଦ ଡକରା ଯୋଗୁଁ ଇଣ୍ଡିଆ ମେଣ୍ଟ ପକ୍ଷରୁ ସାରା ରାଜ୍ୟରେ ପିକେଟିଂ ଓ ବାଇକ୍ ରାଲି କରାଯାଇଥିଲା। ରାଜ୍ୟର ସମସ୍ତ



ଅନ୍ତର୍ଜାତୀୟ ବରମୁଣ୍ଡା ବସ୍‌ଷ୍ଟାଣ୍ଡ(ବିଏସ୍‌ଏବିଟି) ଜନଶୂନ୍ୟ

ଜିଲ୍ଲା ସଦର ମହକୁମାରେ ଇଣ୍ଡିଆ ମେଣ୍ଟ ସହଯୋଗୀ ଦଳର ନେତୃବୃନ୍ଦ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ସାରା ରାଜ୍ୟରେ ଯାତାୟାତ ବାଧାପ୍ରାପ୍ତ ହୋଇଥିବା ବେଳେ ଚକା ଜାମ୍ ହୋଇଥିଲା। ଭୁବନେଶ୍ୱରଠାରୁ ଆରମ୍ଭ କରି ଗ୍ରାମ ପଞ୍ଚାୟତ ପର୍ଯ୍ୟନ୍ତ ଏହି ବନ୍ଦରେ ଇଣ୍ଡିଆ ମେଣ୍ଟର ନେତୃବୃନ୍ଦ ସାମିଲ ହୋଇଥିଲେ। ସକାଳୁ ବିଭିନ୍ନ ଷ୍ଟେସନରେ ରେଳ ରୋକ ସାଙ୍ଗକୁ ଜାତୀୟ ରାଜପଥଗୁଡ଼ିକରେ ଯାନବାହନ ମଧ୍ୟ ଅଟକ ରଖାଯାଇଥିଲା। ଏଥିପାଇଁ ମାଲ୍ ପରିବହନଠାରୁ ଆରମ୍ଭ କରି ଯାତ୍ରୀବାହୀ ବସ୍ ସେବା ମଧ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛି।

ନିର୍ବାଚନ ବ୍ୟବସ୍ଥାର ସୁରକ୍ଷା, ଏସ୍‌ଆଇଆର୍ ପ୍ରତ୍ୟାହାର, ନିର୍ବାଚନ ଆୟୋଗରେ ସଂସ୍କାର, ▶ପୃଷ୍ଠା-୭

# ଅକ୍ସିଜେନ୍ ସିଲିଣ୍ଡର ଫାଟି ଜଳିଗଲା ଆମ୍ବୁଲାନ୍ସ; ରୋଗୀ ମୃତ

■ ବାରିପଦା/ଉଦଳା, ୮ ।୧୦ (ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଳା ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଗୁରୁବାର



ରାତିରେ ଘଟିଛି ଏକ ହୃଦୟ ବିଦାରକ ତଥା ଭୟାନକ ଅଗ୍ନିକାଣ୍ଡ। ରୋଗୀଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରିବା ପାଇଁ ପ୍ରସ୍ତୁତ ହେଉଥିବା ଏକ ଘରୋଇ ବୋଲେରୋ ଆମ୍ବୁଲାନ୍ସରେ ଅଚାନକ ଅକ୍ସିଜେନ୍ ସିଲିଣ୍ଡର ବିସ୍ଫୋରଣ ଘଟି ନିଆଁ ଲାଗିଯାଇଛି। ଏହି ଦୁର୍ଘଟଣାରେ ଆମ୍ବୁଲାନ୍ସ ଭିତରେ ଥିବା ରୋଗୀଙ୍କ ଜୀବନ ଯାଇଥିବାବେଳେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି।

ସୂଚନା ମୁତାବକ, ଉଦଳା ଥାନା ଅନ୍ତର୍ଗତ କୁଣ୍ଡାବାଇ ଅଞ୍ଚଳର ସୁଯୋଶ ବାରିକ ନାମକ ଜଣେ ରୋଗୀଙ୍କୁ ଉନ୍ନତ ଚିକିତ୍ସା ପାଇଁ ଉଦଳା ମେଡିକାଲରୁ ଭୁବନେଶ୍ୱରର ଏକ ▶ପୃଷ୍ଠା-୭

## ବାଣ ବିସ୍ଫୋରଣରେ ବାପ-ପୁଅ ମୃତ

■ ଜଗତସିଂହପୁର, ୮।୧୦ (ସମିସ): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ମହିଳୋ ଚାନ୍ଦପୁର ଗ୍ରାମରେ ଆଜି ଭୟଙ୍କର ବିସ୍ଫୋରଣ ଘଟି ଦୁଇଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୩ ଜଣ ଆହତ ହୋଇଛନ୍ତି।





ସୂଚନା ଅନୁସାରେ ଗୁରୁବାର ଦିନ ପ୍ରାୟ ଗୋଟାଏ ସମୟରେ ଚାନ୍ଦପୁର ଗ୍ରାମର ମନୋରଞ୍ଜନ ସ୍ୱାଇଁଙ୍କ ଘରେ ହଠାତ ବିସ୍ଫୋରଣ ଘଟିଥିଲା। ଘର ଭିତରେ ବିଭିନ୍ନ ପ୍ରକାର ବାଣ ରହିଥିବାରୁ କୌଣସି କାରଣରୁ ▶ପୃଷ୍ଠା-୭

## ଓଲଟ ପାଲଟ



ଓଡିଶା ସୀମାନ୍ତ କୋଟିଆ ଅଞ୍ଚଳେ
ଆନ୍ଧ୍ର କରେ ଘର ଦ୍ୱାର,
ପଶ୍ଚିମ ବଙ୍ଗଟି ଜବରଦଖଲ
କରିଛି ବିଳାସପୁର।
ସେ ସ୍ଥାନଟି ଓଡ଼ିଶାର,
ଓଡ଼ିଶା ଖଜଣା ଦେଉଛି ସେପାଇଁ
ଚାଷ ବଙ୍ଗ କୃଷକର।
ବାଲି ସଇରାତ ଜବରଦଖଲ
କି କରନ୍ତି ସରକାର ??

- ଯାଯାବର

## ସିବିଆଇ ଜାଲରେ ନୂଆପଡ଼ା ଏକଲବ୍ୟ ସ୍କୁଲ୍ ପ୍ରଧାନଶିକ୍ଷକ

■ ଭୁବନେଶ୍ୱର, ୮।୧୦(ସମିସ): ସିବିଆଇ ଜାଲରେ ପଡ଼ିଛନ୍ତି ନୂଆପଡ଼ାସ୍ଥିତ ଏକଲବ୍ୟ



ମଡେଲ୍ ରେସିଡେନ୍ସିଆଲ୍ ସ୍କୁଲ୍ (ଇଏମ୍‌ଆର୍‌ଏସ୍)ର ପ୍ରଧାନଶିକ୍ଷକ। ଜଣେ ଏଏନ୍‌ଏମ୍‌ଙ୍କ ଚାକିରି କାର୍ଯ୍ୟକାଳ ବୃଦ୍ଧି ସୁପାରିସ କରିବା ପାଇଁ ୧୨ ହଜାର ଟଙ୍କା ଲାଞ୍ଚ ନେବାବେଳେ ପ୍ରଧାନ ଶିକ୍ଷକ ସି କ୍ରିଷ୍ଣା ମୂର୍ତ୍ତି ନାଇଡୁଙ୍କୁ ଧରିଛି ସିବିଆଇ।

ସିବିଆଇ ସୂଚନାନୁସାରେ, ନୂଆପଡ଼ାସ୍ଥିତ ଏକଲବ୍ୟ ମଡେଲ୍ ରେସିଡେନ୍ସିଆଲ୍ ସ୍କୁଲ୍‌ରେ ମିନତି ସାହୁ ଏଏନ୍‌ଏମ୍ ଭାବେ ▶ପୃଷ୍ଠା-୭

## ବଜ୍ରପାତରେ ୨ ମହିଳା ମୃତ

■ ରେମୁଣା, ୮।୧୦(ସମିସ): ଗୁରୁବାର ମଧ୍ୟାହ୍ନରେ ଧାନ ବିଲରେ କାମ କରୁଥିବା ବେଳେ ବଜ୍ରପାତ ଯୋଗୁ ୨ ମହିଳାଙ୍କ ମୃତ୍ୟୁ ହୋଇଯାଇଛି। ରେମୁଣା ବ୍ଲକ ନୂଆପାଢୀ ପଞ୍ଚାୟତର ରସଲପୁର (ବନ୍ଧସାହି)ର ମୁନା ସିଂଙ୍କ ସ୍ତ୍ରୀ ସୋମବାରୀ ସିଂ(୪୫) ଏବଂ ଲିପୁ ସିଂଙ୍କ ସ୍ତ୍ରୀ ସୁକାନ୍ତି ସିଂ(୩୩) ଗ୍ରାମ ନିକଟ ଧାନବିଲରେ କାମ କରୁଥିବା ବେଳେ ବଜ୍ରପାତ ହୋଇଥିଲା। ଉଭୟ ଧାନ ବିଲରେ ଟଳି ପଡ଼ିଥିଲେ। ସେମାନଙ୍କୁ ଉଦ୍ଧାର କରି ଗ୍ରାମବାସୀ ସ୍ଥାନୀୟ ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲକୁ ଚିକିତ୍ସା ପାଇଁ ଆଣିଥିଲେ। ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଛନ୍ତି। ▶ପୃଷ୍ଠା-୭

# ଦିନକରେ ଦୁର୍ଘଟଣାରେ ଚାଲିଗଲା ୪ ଜୀବନ

## ଗାଡ଼ି ଧକ୍କାରେ ଦମ୍ପତି ମୃତ; ଶବ ରଖି ରାସ୍ତା ଅବରୋଧ

■ ଖଡ଼ିଆଳ,୮।୧୦(ସମିସ): ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବଡ଼ମହେଶ୍ୱର ଛକ



ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତକ କୋମନା ବ୍ଲକ ବିରୁନପଦର ଗ୍ରାମର କର୍ପୁରଚନ ପଟେଲ (୫୫) ଏବଂ ତାଙ୍କ ସ୍ତ୍ରୀ ମନ୍ଦାକିନୀ ପଟେଲ (୫୦)।

ସୂଚନା ଅନୁସାରେ, ଉଭୟ ସ୍ୱାମୀ-ସ୍ତ୍ରୀ ବୁଧବାର ପାରିବାରିକ କାମରେ ଖଡ଼ିଆଳ ବ୍ଲକ କୋଟିପଦର ଗ୍ରାମକୁ ଆସିଥିଲେ। ସେଠାରେ ଗୋଟିଏ ଦିନ ରହିବା ପରେ ଗୁରୁବାର ପାହାନ୍ତିଆରୁ ଏକ ସୁପର ଏକ୍ସେଲ ଯୋଗେ ଗାଁକୁ ଫେରୁଥିଲେ। ଏହି ସମୟରେ ଖଡ଼ିଆଳ ବଡ଼ମହେଶ୍ୱରଠାରେ ଏକ ▶ପୃଷ୍ଠା-୭

## ରେଳ ଓଭରବ୍ରିଜ୍ ବତିଖୁଣ୍ଟରେ ପିଟିହୋଇ ଦୁଇ ବାଇକ୍‌ଆରୋହୀ ମୃତ

■ ପୁରୀ,୮।୧୦(ସମିସ): ଚନ୍ଦନପୁର ଥାନା ଅନ୍ତର୍ଗତ ସମଯାଜପୁର ବ୍ରିଜ୍ ନିକଟରେ ଗୁରୁବାର ଅପରାହ୍ଣରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦୁଇ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ଜଗତସିଂହପୁର ଅଞ୍ଚଳର ଦେବୀ ଲକ୍ଷ୍ମୀ ନାରାୟଣ ଦାସ ଓ ସୁଦୀପ୍ତ କୁମାର ଜେନା ବୋଲି ଜଣାପଡ଼ିଛି।

ପୁଲିସ ସୂଚନା ଅନୁଯାୟୀ, ଅପରାହ୍ଣ ପ୍ରାୟ ୪ଟା ସମୟରେ ଉଭୟ ଏକ ବାଇକ୍ ଯୋଗେ ପୁରୀରୁ ସାକ୍ଷୀଗୋପାଳ ଅଭିମୁଖେ ଯାଉଥିଲେ। ସମଯାଜପୁର ବ୍ରିଜ୍ ନିକଟରେ କୌଣସି କାରଣରୁ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ▶ପୃଷ୍ଠା-୭




# ପୃଥିବୀର ଅଧିକାଂଶ ଅଞ୍ଚଳରେ ଅସ୍ୱାଭାବିକ ଉତ୍ତାପ

## ଉଗ୍ର ହେଉଛି 'ସୁପର୍-ଡୁପର୍ ଏଲ୍ ନିନୋ'

ନୂଆଦିଲ୍ଲୀ,୮ ।୧୦(ଏଜେନ୍ସି): ବିଶ୍ୱରେ ଜଳବାୟୁ ପରିବର୍ତ୍ତନକୁ ନେଇ ଚିନ୍ତା ବଢ଼ାଇଛି ତୀବ୍ର ହେଉଥିବା 'ଏଲ୍ ନିନୋ'। ପାଣିପାଗ ବିଶେଷଜ୍ଞମାନେ ଏହା ଅଭୂତପୂର୍ବ ସ୍ତର ଆଡ଼କୁ ଯାଉଥିବା ନେଇ ସତର୍କ କରିଛନ୍ତି। ଜାତିସଂଘର ପାଣିପାଗ ଓ ଜଳବାୟୁ ସଂସ୍ଥା ବିଶ୍ୱ ପାଣିପାଗ ସଂଗଠନ ମଧ୍ୟ ଚଳିତ ବର୍ଷର ଏଲ୍ ନିନୋ ୧୯୫୦ ପରଠାରୁ ଦେଖାଯାଇଥିବା ସବୁଠାରୁ ଶକ୍ତିଶାଳୀ ଘଟଣାଗୁଡ଼ିକ ମଧ୍ୟରୁ ଗୋଟିଏ ହୋଇପାରେ ବୋଲି ଆକଳନ କରିଛି। ବିଶେଷଜ୍ଞଙ୍କ ଅନୁସାରେ, ପ୍ରଶାନ୍ତ ମହାସାଗରରେ ସଞ୍ଚିତ ବିପୁଳ ତାପ ବାୟୁମଣ୍ଡଳକୁ ମୁକ୍ତ ହେବା ଯୋଗୁଁ ପୃଥିବୀର ବିଭିନ୍ନ ଅଞ୍ଚଳରେ ସ୍ୱାଭାବିକଠାରୁ ଅଧିକ ତାପମାତ୍ରା ଦେଖାଦେଇପାରେ। ଜଳବାୟୁ ବିଶେଷଜ୍ଞ ରାୟାନ୍ ମାଉ ଏକ ଜଳବାୟୁ ମାନଚିତ୍ର ସେୟାର କରି ପୃଥିବୀର ପ୍ରାୟ ସମଗ୍ର ଅଞ୍ଚଳ ଲାଲ ରଙ୍ଗରେ ଦେଖାଯାଉଥିବା ଉଲ୍ଲେଖ କରିଛନ୍ତି। ତାଙ୍କ ମତରେ, ଶୀତ ଋତୁ ପର୍ଯ୍ୟନ୍ତ ଏଲ୍ ନିନୋ ଅତ୍ୟଧିକ ଶକ୍ତିଶାଳୀ ରହିପାରେ।



ବିଶ୍ୱ ପାଣିପାଗ ସଂଗଠନର ଆକଳନ ଅନୁସାରେ, ଏଲ୍ ନିନୋ ଫେବ୍ରୁଆରୀ ୨୦୨୭ ପର୍ଯ୍ୟନ୍ତ ଜାରି ରହିପାରେ। ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ କେନ୍ଦ୍ରୀୟ ଓ ପୂର୍ବ ଉଷ୍ଣ ପ୍ରଶାନ୍ତ ମହାସାଗରର ସମୁଦ୍ରପୃଷ୍ଠ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୩.୭ ଡିଗ୍ରୀ ସେଲସିୟସ୍ ଅଧିକ ହୋଇପାରେ ବୋଲି ଆକଳନ କରାଯାଇଛି। ଏହା ଏଲ୍ ନିନୋର ତୀବ୍ରତା ସମ୍ପର୍କରେ ଚିନ୍ତା ବଢ଼ାଇଛି। ଅନ୍ୟ ଜଣେ ଜଳବାୟୁ ବୈଜ୍ଞାନିକ ଜେକ୍ ହାଉସଫାଦର କହିଛନ୍ତି ଯେ, ଏଲ୍ ନିନୋର ପ୍ରଭାବ ଏବେ ଅଜଣା ସୀମା ଆଡ଼କୁ ବଢୁଛି। ନିନୋ-୩.୪ ଅଞ୍ଚଳର ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୩.୪ ଡିଗ୍ରୀ ସେଲସିୟସ୍ ଅଧିକ ରହିଥିବା ସେ ଉଲ୍ଲେଖ କରିଛନ୍ତି। ପାଣିପାଗ ବିଶେଷଜ୍ଞ ଲିଓନ୍ ସିମନ୍ସ ଏହାକୁ 'ସୁପର୍-ଡୁପର୍ ଏଲ୍ ନିନୋ' ବୋଲି ବର୍ଣ୍ଣନା କରିଛନ୍ତି। ଏଲ୍ ନିନୋ ହେଉଛି ପ୍ରାକୃତିକ ଭାବେ ଘଟୁଥିବା ଏଲ୍ ନିନୋ-ସଦର୍ଣ୍ଣ ଅସିଲେସନ୍ ଚକ୍ରର ଉଷ୍ଣ ପର୍ଯ୍ୟାୟ। ଏହା ବିଶ୍ୱର ବିଭିନ୍ନ ଅଞ୍ଚଳର ପାଣିପାଗକୁ ପ୍ରଭାବିତ କରେ। ଏହାର ପ୍ରଭାବରେ ବିଶ୍ୱ ତାପମାତ୍ରା ବଢ଼ିବା ସହ ବର୍ଷାର ଧାରାରେ ବଡ଼ ପରିବର୍ତ୍ତନ ଘଟିପାରେ। କେତେକ ଅଞ୍ଚଳରେ ମରୁଡ଼ି ଓ ଅନ୍ୟ କେତେକ ସ୍ଥାନରେ ଅତ୍ୟଧିକ ବର୍ଷା ହେବାର ଆଶଙ୍କା ରହିଥାଏ। ଏହି ପ୍ରଭାବ ମାନବସୃଷ୍ଟ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଆହୁରି ତୀବ୍ର କରିପାରେ ବୋଲି ବିଶ୍ୱ ପାଣିପାଗ ସଂଗଠନ ଚେତାବନୀ ଦେଇଛି। ଏହି ମଧ୍ୟରେ ଚିକାଗୋ ବିଶ୍ୱବିଦ୍ୟାଳୟର 'କ୍ଲାଇମେଟ୍ ଇମ୍ପାକ୍ଟ ଲ୍ୟାବ୍'ର ଗବେଷକମାନେ ଆକଳନ କରିଛନ୍ତି ଯେ, ଚଳିତ ବର୍ଷର ତୀବ୍ର ଏଲ୍ ନିନୋ ଯୋଗୁଁ ୨୦୨୬ ଜୁନ୍‌ରୁ ୨୦୨୭ ଫେବ୍ରୁଆରୀ ମଧ୍ୟରେ ବିଶ୍ୱବ୍ୟାପୀ ୪ ଲକ୍ଷ ୫୧ ହଜାର ପର୍ଯ୍ୟନ୍ତ ଅତିରିକ୍ତ ମୃତ୍ୟୁ ଘଟିପାରେ।



# ଜ୍ଞାନେଶ-ବିରୋଧୀ ଗର୍ଜନ: ଦିଲ୍ଲୀରୁ ବେଙ୍ଗାଲୁରୁ ଯାଏଁ

ବେଙ୍ଗାଲୁରୁ, ୮ ।୧୦(ଏଜେନ୍ସି): ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ବାତିଲ ଏବଂ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଦିଲ୍ଲୀରୁ ଆରମ୍ଭ କରି ବେଙ୍ଗାଲୁରୁ ପର୍ଯ୍ୟନ୍ତ ଆଜି ଆନ୍ଦୋଳନକାରୀ ଗର୍ଜନ କରିଛନ୍ତି। ଦିଲ୍ଲୀରେ ଇଣ୍ଡିଆ ମେଣ୍ଟର ନେତାମାନେ ଶୋଭାଯାତ୍ରାରେ ଯାଇ ରାଜଘାଟରେ ଧାରଣା ଦେଇଥିବା ବେଳେ ବେଙ୍ଗାଲୁରୁରେ କକ୍ରୋଚ୍ ପାର୍ଟି ଶକ୍ତି ପ୍ରଦର୍ଶନ କରିଛି।



## ବେଙ୍ଗାଲୁରୁରେ ସିଜେପିର ବିକ୍ଷୋଭରେ ଯୋଗଦେଲେ ଧ୍ରୁବ ରାଠୀ, ପ୍ରକାଶ ରାଜ

ବେଙ୍ଗାଲୁରୁର ଫ୍ରିଡମ୍ ପାର୍କରେ ଆଜି ଅନୁଷ୍ଠିତ କକ୍ରୋଚ ଜନତା ପାର୍ଟି (ସିଜେପି) ବିକ୍ଷୋଭରେ ୟୁଟ୍ୟୁବର ଧ୍ରୁବ ରାଠୀ ଓ ଅଭିନେତା ପ୍ରକାଶ ରାଜ ମଧ୍ୟ ସାମିଲ ହୋଇଛନ୍ତି। ସିଜେପି ପ୍ରତିଷ୍ଠାତା ଅଭିଜିତ ଦିପକେ ବିକ୍ଷୋଭରେ ବିଭିନ୍ନ ସ୍ଲୋଗାନ୍ ଦେଇଥିଲେ। ଦିପକେ ନିର୍ବାଚନ ଆୟୋଗ ଓ କେନ୍ଦ୍ର ସରକାରଙ୍କୁ ନେଇ ଅଭିଯୋଗ କରିବା ସହ 'ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବାତିଲ କର' ଦାବି ଉଠାଇଥିଲେ। 'ଏକ ଦେଶ, ଏକ ନିର୍ବାଚନ' ନାରା ପଛରେ 'ଏକ ଦେଶ, ଏକ ଦଳ'ର ଉଦ୍ଦେଶ୍ୟ ରହିଥିବା ସେ ଅଭିଯୋଗ କରିଥିଲେ। ଏହା ସହ ସେ ବିଜେପି ଓ କଂଗ୍ରେସ ମଧ୍ୟରେ ୨୦୨୪ ନିର୍ବାଚନର ଭୋଟ ବ୍ୟବଧାନକୁ ନେଇ ମଧ୍ୟ ମତ ରଖିଥିଲେ। ଅଭିନେତା ପ୍ରକାଶ ରାଜ ନିର୍ବାଚନ ଆୟୋଗର କାର୍ଯ୍ୟପ୍ରଣାଳୀକୁ ନେଇ ପ୍ରଶ୍ନ ଉଠାଇଥିଲେ। ସେ କହିଥିଲେ, ପୂର୍ବରୁ ନୂଆ ଭୋଟରଙ୍କ ନାମ ଯୋଡ଼ିବା ପାଇଁ ଅଧିକାରୀମାନେ ଘରକୁ ଘର ବୁଲୁଥିଲେ। ଏବେ ନାମ ତାଲିକାରୁ ବାଦ ନପଡ଼ିବା ପାଇଁ ଭୋଟରଙ୍କୁ ଅଧିକାରୀଙ୍କ ନିକଟରେ ଅନୁରୋଧ କରିବାକୁ ପଡୁଛି। ପ୍ରକାଶ ରାଜ ଦାବି କରିଥିଲେ ଯେ, ଏହି ଆନ୍ଦୋଳନ କେବଳ ମୁଖ୍ୟ ନିର୍ବାଚନ କମିସନରଙ୍କ ପଦତ୍ୟାଗ ପାଇଁ ନୁହେଁ। ତାଙ୍କ ଦାବି ହେଉଛି ସଂଶୋଧନ ପ୍ରକ୍ରିୟା ବନ୍ଦ କରିବା ଏବଂ ଜ୍ଞାନେଶ କୁମାରଙ୍କ ବିରୋଧରେ ମାମଲା ରୁଜୁ କରିବା। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେ କହିଥିଲେ। ସିଜେପି ପକ୍ଷରୁ ଅକ୍ଟୋବର ୧୦ରେ ଦିଲ୍ଲୀର ଯନ୍ତରମନ୍ତରରେ ମଧ୍ୟ ବିକ୍ଷୋଭ କରାଯିବାକୁ ଘୋଷଣା ହୋଇଛି। ଏହି ପ୍ରସଙ୍ଗକୁ ନେଇ ନିର୍ବାଚନ ଆୟୋଗର ଦୁଇ ନିର୍ବାଚନ କମିସନର ପୂର୍ବରୁ କିଛି ନିଷ୍ପତ୍ତି ଉପରେ ଆପତ୍ତି ଉଠାଇଥିବା ନେଇ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ବିକ୍ଷୋଭ ଆନ୍ଦୋଳନରେ ହଜାର ହଜାର ସଂଖ୍ୟାରେ ଛାତ୍ରଛାତ୍ରୀ ଓ ଯୁବକଯୁବତୀ ସାମିଲ ହୋଇଥିଲେ।





ଦିଲ୍ଲୀ



ବେଙ୍ଗାଲୁରୁ

ଦିଲ୍ଲୀ ଯନ୍ତରମନ୍ତରରେ ଆସନ୍ତା ୧୦ ତାରିଖରେ ହେବାକୁ ଥିବା ଆନ୍ଦୋଳନ ସଂପର୍କରେ କକ୍ରୋଚ୍ ନେତା କହିଛନ୍ତି ଯେ ସେଠାରେ ଧାରଣା ଦେବାଲାଗି କୌଣସି ଅନୁମତିର ଦରକାର ନାହିଁ। ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପାଇଁ ଯନ୍ତରମନ୍ତର ଉଦ୍ଦିଷ୍ଟ ଏବଂ ଏଥିଲାଗି ଦିଲ୍ଲୀର ପୁଲିସ ପ୍ରଶାସନକୁ ଜଣାଇ ଦିଆଯାଇଛି। ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଯନ୍ତରମନ୍ତରରେ ଆନ୍ଦୋଳନ ହେବ ଏବଂ ଏହାକୁ କେହି ଅଟକାଇ ପାରିବେ ବୋଲି ସେମାନେ କହିଛନ୍ତି। ଆନ୍ଦୋଳନରେ ସାମିଲ ହେବାଲାଗି ଟ୍ରେନ ଓ ବିମାନରେ ଦିଲ୍ଲୀ ଆସିବା ଲାଗି ସେମାନେ ସମର୍ଥକମାନଙ୍କୁ ଆହ୍ୱାନ ଜଣାଇଛନ୍ତି।

ଇତିମଧ୍ୟରେ ଯନ୍ତରମନ୍ତରରେ ଆନ୍ଦୋଳନ ଲାଗି ପୁଲିସ ଅନୁମତି ଦେଉନଥିବାରୁ ଦିଲ୍ଲୀ ହାଇକୋର୍ଟରେ ଏକ ପିଟିସନ ଦାଖଲ କରାଯାଇଛି। ଯନ୍ତରମନ୍ତରରେ ଆନ୍ଦୋଳନ ଲାଗି ଅନୁମତି ଦେବାପାଇଁ ହୋଇଥିବା ଏହି ପିଟିସନକୁ ବିଚାର ପାଇଁ ଗ୍ରହଣ କରାଯାଇଛି। ଆସନ୍ତାକାଲି ଏହା ଉପରେ ଶୁଣାଣି କରିବାକୁ ରାଜି ହୋଇଛନ୍ତି ଦିଲ୍ଲୀ ହାଇକୋର୍ଟ।

ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ପଦରୁ ହଟାଇବା ଦାବିରେ ଅକ୍ଟୋବର ୧୦ରେ ଦିଲ୍ଲୀର ଜନ୍ତରମନ୍ତରରେ ପ୍ରସ୍ତାବିତ କକ୍ରୋଚ ଜନତା ପାର୍ଟି (ସିଜେପି)ର ଆନ୍ଦୋଳନରେ ଯୋଗ ଦେଇପାରନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ତେବେ ଏନେଇ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ନିଷ୍ପତ୍ତି ହୋଇନଥିବା ସେ କହିଛନ୍ତି। ଗୁରୁବାର ଦିଲ୍ଲୀ ଯିବା ପୂର୍ବରୁ ମମତା କହିଛନ୍ତି, ଆୟୋଜକଙ୍କ ଅନୁରୋଧ ଓ ବ୍ୟାପକ ଆନ୍ଦୋଳନ ପରିପ୍ରେକ୍ଷୀରେ ସେ ଯୋଗଦେବା କଥା ବିଚାର କରୁଛନ୍ତି। ପଶ୍ଚିମବଙ୍ଗର ଭୋଟର ତାଲିକା ସଂଶୋଧନ ଓ ନିର୍ବାଚନ ପ୍ରକ୍ରିୟାକୁ ନେଇ ସେ ନିର୍ବାଚନ କମିସନ ଏବଂ ବିଜେପି ବିରୋଧରେ ଅନିୟମିତତାର ଅଭିଯୋଗ ମଧ୍ୟ ଉଠାଇଛନ୍ତି। ଅକ୍ଟୋବର ୬ରେ ଦିଲ୍ଲୀରେ ହୋଇଥିବା ବିରୋଧ ପ୍ରଦର୍ଶନ ସମୟରେ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀଙ୍କ ସହ ପୁଲିସର ବ୍ୟବହାରକୁ ନେଇ ମଧ୍ୟ ମମତା ଆପତ୍ତି ଜଣାଇଛନ୍ତି। ଏହି ପ୍ରସଙ୍ଗରେ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିବା ସହ ଦେଶର ବିଭିନ୍ନ ଦଳର ନେତାଙ୍କ ସମର୍ଥନ ଲୋଡ଼ିବେ ବୋଲି କହିଛନ୍ତି।

# କମିସନ ଚୁପ୍: ବିଜେପି ପରେ ଅଣ୍ଟା ଭିଡ଼ିଲେ ପୂର୍ବତନ ବିଚାରପତି

ନୂଆଦିଲ୍ଲୀ, ୮ ।୧୦(ଏଜେନ୍ସି): ନିର୍ବାଚନ ଆୟୋଗ ଓ ଅନ୍ୟ ସାମ୍ବିଧାନିକ ସଂସ୍ଥା ବିରୋଧରେ ଉଠୁଥିବା ଅଭିଯୋଗକୁ ନେଇ ୪୨ ଜଣ ପୂର୍ବତନ ବିଚାରପତି ଉଦ୍‌ବେଗ ପ୍ରକାଶ କରିଛନ୍ତି। 'ଭୋଟ ଚୋରି' ଭଳି ଅଭିଯୋଗ ପାଇଁ ଠୋସ୍ ପ୍ରମାଣ ଦେବା ଆବଶ୍ୟକ ବୋଲି ସେମାନେ ଏକ ଖୋଲା ଚିଠିରେ କହିବା ସହ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା (ଏସ୍‌ଆଇଆର୍)କୁ ସମର୍ଥନ କରିଛନ୍ତି। ଏହି ଚିଠିରେ ପୂର୍ବତନ ବିଚାରପତିମାନେ କହିଛନ୍ତି ଯେ, ନିର୍ବାଚନ ଆୟୋଗ ବିରୋଧରେ ଗୁରୁତର ଅଭିଯୋଗ ଆଣାଯାଉଛି, କିନ୍ତୁ 'ଭୋଟ ଚୋରି' ଦାବିକୁ ସମର୍ଥନ କରିବା ପାଇଁ ଠୋସ୍ ପ୍ରମାଣ ସାର୍ବଜନୀନ କରାଯାଇନାହିଁ। ଏସ୍‌ଆଇଆର୍‌କୁ ନେଇ ସୁପ୍ରିମକୋର୍ଟରେ ଏକାଧିକ ଆବେଦନ ବିଚାରାଧୀନ ରହିଛି। ଅକ୍ଟୋବର ୪ରେ ଏକ କାର୍ଯ୍ୟକ୍ରମରେ ବସିଥିବା ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁ କହିଥିଲେ ଯେ, ଲକ୍ଷ ଲକ୍ଷ ନାଗରିକଙ୍କୁ ଭୋଟ ଦେବା ଅଧିକାରରୁ ବଞ୍ଚିତ କରୁଥିବା ଯେକୌଣସି ପ୍ରକ୍ରିୟା ମୌଳିକ ଭାବେ ଅନିୟମିତ ବୋଲି ବିବେଚିତ ହୋଇପାରେ। ଅନ୍ୟପକ୍ଷରେ, ପୂର୍ବତନ ସିଜେଆଇ ଜଷ୍ଟିସ୍ ବିଆର୍ ଗଭାଇ କହିଥିଲେ ଯେ, ବିଚାରାଧୀନ ମାମଲା ଉପରେ ବସିଥିବା ସୁପ୍ରିମକୋର୍ଟ ବିଚାରପତିଙ୍କ ସାର୍ବଜନୀନ ମନ୍ତବ୍ୟ ନ୍ୟାୟିକ ଶିଷ୍ଟାଚାର ସହ ସମଞ୍ଜସ ନୁହେଁ। ନିର୍ବାଚନ କମିସନର ନିଯୁକ୍ତି ସମ୍ପର୍କିତ ନୂଆ ଆଇନର ବୈଧତା ମଧ୍ୟ ସୁପ୍ରିମକୋର୍ଟରେ ବିଚାରାଧୀନ। ଅକ୍ଟୋବର ୫ରେ ଅଦାଲତ ଏହା ଉପରେ ଅନ୍ତରୀଣ ସ୍ଥଗିତାଦେଶ ଦେବାକୁ ମନା କରିଥିଲେ ମଧ୍ୟ ନିର୍ବାଚନ ଆୟୋଗକୁ ନୋଟିସ୍ ଜାରି କରି ଜବାବ ମାଗିଥିଲେ। ନିଷ୍ପତ୍ତିଗୁଡ଼ିକ ସର୍ବସମ୍ମତି ବିନା ନିଆଯାଇଥିବା ପ୍ରମାଣିତ ହେଲେ ସେଗୁଡ଼ିକୁ ପ୍ରତ୍ୟାହାର କରାଯାଇପାରେ ବୋଲି ଅଦାଲତ କହିଥିବା ରିପୋର୍ଟରେ ଉଲ୍ଲେଖ ରହିଛି।





## ଏସ୍‌ଆଇଆର୍ ସମର୍ଥନରେ ୪୨ ଜଣଙ୍କ ଖୋଲା ଚିଠି



# ଛାତ୍ରଙ୍କ କଥା ଶୁଣନ୍ତୁ, ଲାଠିଚାର୍ଜ ସମାଧାନ ନୁହେଁ: ଯୋଶୀ

ନୂଆଦିଲ୍ଲୀ,୮ ।୧୦(ଏଜେନ୍ସି): ଛାତ୍ରଛାତ୍ରୀଙ୍କ ଯୁକ୍ତିସଙ୍ଗତ ଓ ନ୍ୟାୟସଙ୍ଗତ ଦାବିକୁ ସହାନୁଭୂତିର ସହ ଶୁଣିବା ଉଚିତ। ଛାତ୍ର ଆନ୍ଦୋଳନର ମୁକାବିଲା ପାଇଁ ଲାଠିଚାର୍ଜ କିମ୍ବା ବଳପ୍ରୟୋଗ ଉପଯୁକ୍ତ ପଦକ୍ଷେପ ନୁହେଁ ବୋଲି ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ମୁରଲୀ ମନୋହର ଯୋଶୀ କହିଛନ୍ତି। ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଆରମ୍ଭ ହୋଇଥିବା ୨୧ତମ ଫିକି ଉଚ୍ଚଶିକ୍ଷା ସମ୍ମିଳନୀରେ ଯୋଗଦେଇ ଯୋଶୀ ଶିକ୍ଷା ବ୍ୟବସ୍ଥାର ଭୂମିକା ଉପରେ ମତ ରଖିଥିଲେ। ସେ କହିଥିଲେ, ଭାରତୀୟ ଶିକ୍ଷା ବ୍ୟବସ୍ଥାର ଲକ୍ଷ୍ୟ ହେଉଛି ମଣିଷର ଭୌତିକ, ବୌଦ୍ଧିକ ଓ ଆଧ୍ୟାତ୍ମିକ ବିକାଶ ମଧ୍ୟରେ ସମନ୍ୱୟ ସ୍ଥାପନ କରିବା। ସାମ୍ବାଦିକଙ୍କ ପ୍ରଶ୍ନରେ ସେ କହିଥିଲେ, ଛାତ୍ରମାନେ ଆମ ପିଲା। ସେମାନଙ୍କର ସମସ୍ୟା ଥିଲେ ପ୍ରଥମେ ତାହା ଶୁଣିବା ଆବଶ୍ୟକ। ଲାଠି ବ୍ୟବହାର କରି ସମସ୍ୟାର ସମାଧାନ କରାଯାଇପାରିବ ନାହିଁ। ସମ୍ମିଳନୀରେ ଯୋଶୀ 'ଏଆଇ ଯୁଗ ପାଇଁ ଭାରତୀୟ ଉଚ୍ଚଶିକ୍ଷାର ପ୍ରସ୍ତୁତି' ଶୀର୍ଷକ ରିପୋର୍ଟ ମଧ୍ୟ ଉନ୍ମୋଚନ କରିଥିଲେ।



# ଦିଲ୍ଲୀରେ ୪ ମହଲା କୋଠା ଭୁଶୁଡ଼ି ୪ ମୃତ

ନୂଆଦିଲ୍ଲୀ,୮ ।୧୦(ଏଜେନ୍ସି): ଦିଲ୍ଲୀର ସୀମାପୁରୀ ଅଞ୍ଚଳରେ ମାଛ ବଜାର ନିକଟରେ ଏକ ୪ ମହଲା କୋଠା ଭୁଶୁଡ଼ି ୪ ଜଣଙ୍କ ମୃତ୍ୟୁ ଘଟିଛି। ଗୁରୁବାର ସକାଳେ ଧ୍ୱଂସାବଶେଷ ମଧ୍ୟରୁ ଆଉ ଜଣଙ୍କ ମୃତଦେହ ଉଦ୍ଧାର ପରେ ମୃତ୍ୟୁସଂଖ୍ୟା ୪ରେ ପହଞ୍ଚିଛି। ମୃତକଙ୍କ ମଧ୍ୟରେ ଜଣେ ପ୍ରାୟ ୪ ମାସର ଗର୍ଭବତୀ ମହିଳା ଓ ୨ ଶିଶୁ ଅଛନ୍ତି। ବୁଧବାର ଅପରାହ୍ନ ପ୍ରାୟ ୩ଟା ୧୦ରେ ଇଦ୍‌ଗାହ ମସଜିଦ ନିକଟସ୍ଥ ଏହି କୋଠା ହଠାତ୍ ଭୁଶୁଡ଼ି ପଡ଼ିଥିଲା। ଘଟଣା ସମୟରେ ପ୍ରଥମ ମହଲାରେ ଗୋଟିଏ ପରିବାରର ୪-୫ ଜଣ ସଦସ୍ୟ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ଉଦ୍ଧାରକାରୀ ଦଳ ଧ୍ୱଂସାବଶେଷରୁ ୭ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରିଛନ୍ତି। ଆହତ ୮ ଜଣଙ୍କୁ ରାଜୀବ ଗାନ୍ଧୀ ସୁପର ସ୍ପେସିଆଲିଟି ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ପୁଲିସ, ଦମକଳ, ଏମ୍‌ସିଡି ଓ ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ପ୍ରାୟ ୪୦-୫୦ ବର୍ଷ ପୁରୁଣା ଏହି କୋଠାର ତଳ ମହଲାରେ ଦୋକାନ ଥିବା ଜଣାପଡ଼ିଛି। ଘଟଣାସ୍ଥଳ ଆଖପାଖ ରାସ୍ତାରେ ଯାତାୟାତ ପ୍ରଭାବିତ ହୋଇଥିବାରୁ ଲୋକଙ୍କୁ ଅଞ୍ଚଳକୁ ନଯିବାକୁ ପୁଲିସ ପରାମର୍ଶ ଦେଇଛି। ମଙ୍ଗଳବାର ରାତିରେ ଉତ୍ତରାଖଣ୍ଡରେ ଭୂକମ୍ପ ପରେ ଦିଲ୍ଲୀ-ଏନ୍‌ସିଆର୍‌ରେ ଅନୁଭୂତ ହୋଇଥିବା କମ୍ପନ ଯୋଗୁଁ କୋଠାରେ ଫାଟ ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକେ ଦାବି କରିଛନ୍ତି। ତେବେ କୋଠା ଭୁଶୁଡ଼ିବାର ପ୍ରକୃତ କାରଣ ତଦନ୍ତ ପରେ ଜଣାପଡ଼ିବ ବୋଲି ଅଧିକାରୀମାନେ କହିଛନ୍ତି।

# ସାଉଦି ବିମାନବନ୍ଦରରେ ହୁତି ଆକ୍ରମଣ; ୩ ମୃତ

ରିୟାଦ,୮ ।୧୦(ଏଜେନ୍ସି): ସାଉଦି ଆରବର ଦୁଇଟି ପ୍ରମୁଖ ବିମାନବନ୍ଦରକୁ ହୁତି ବିଦ୍ରୋହୀଙ୍କ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣରେ ୩ ଜଣଙ୍କ ମୃତ୍ୟୁ ଓ ୩୬ ଜଣ ଆହତ ହୋଇଛନ୍ତି। ସାଉଦି ସାଧାରଣ ବିମାନ ଚଳାଚଳ କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ଅକ୍ଟୋବର ୬ ଓ ୭ରେ ଅଭା ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ରିୟାଦର କିଙ୍ଗ ଖାଲିଦ୍ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଲକ୍ଷ୍ୟ କରି ଆକ୍ରମଣ ହୋଇଥିଲା। ହୁତି ସଂଗଠନ ଉଭୟ ଆକ୍ରମଣର ଦାୟିତ୍ୱ ନେଇଛି। ଅଭା ବିମାନବନ୍ଦରରେ ମୋରୋକ୍କୋ ଓ ଆଲଜେରିଆର ଦୁଇ ମହିଳା ନାଗରିକଙ୍କ ମୃତ୍ୟୁ ହୋଇଥିବା ବେଳେ ୨୮ ଜଣ ଆହତ ହୋଇଛନ୍ତି। କିଙ୍ଗ ଖାଲିଦ୍ ବିମାନବନ୍ଦରରେ ସୁଦାନର ଜଣେ ନାଗରିକଙ୍କ ମୃତ୍ୟୁ ଓ ୮ ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ହସ୍ପିଟାଲ୍‌ରେ ଚିକିତ୍ସା କରାଯାଉଛି। ହୁତି ସାମରିକ ମୁଖପାତ୍ର ୟାହ୍ୟା ସାରି ଦାବି କରିଛନ୍ତି ଯେ, କିଙ୍ଗ ଖାଲିଦ୍ ବିମାନବନ୍ଦର ସହ ରାବିଘସ୍ଥିତ ଆରାମକୋ ତୈଳ ବିଶୋଧନାଗାର, ଅଭା ବିମାନବନ୍ଦର ଓ ଅନ୍ୟାନ୍ୟ ସାମରିକ ଠିକଣାକୁ ଡ୍ରୋନ୍ ଓ କ୍ଷେପଣାସ୍ତ୍ରରେ ଆକ୍ରମଣ କରାଯାଇଛି। ଆରାମକୋ ବିଶୋଧନାଗାରରେ ଅଗ୍ନିକାଣ୍ଡ ଘଟିଥିବା ମଧ୍ୟ ସେ ଦାବି କରିଛନ୍ତି। ଏହାର ପ୍ରତିଜବାବରେ ସାଉଦି ନେତୃତ୍ୱାଧୀନ ମେଣ୍ଟ ୟେମେନ୍‌ରେ ହୁତିଙ୍କ ୮୦ରୁ ଅଧିକ ସାମରିକ ଠିକଣା ଉପରେ ଆକ୍ରମଣ କରିଥିବା ଜଣାପଡ଼ିଛି। ରିୟାଦ ଉପରେ ଆକ୍ରମଣ ପାଇଁ ବ୍ୟବହୃତ ଏକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଉତ୍କ୍ଷେପଣ ମଞ୍ଚକୁ ସାନାରେ ଧ୍ୱଂସ କରାଯାଇଥିବା ମେଣ୍ଟ ପକ୍ଷରୁ କୁହାଯାଇଛି। ଏହି ଘଟଣା ମଧ୍ୟରେ ୟେମେନ୍‌ରେ ହୁତି ଓ ସରକାରୀ ବାହିନୀ ମଧ୍ୟରେ ସଂଘର୍ଷ ମଧ୍ୟ ତୀବ୍ର ହୋଇଛି। ସାଉଦି ସମର୍ଥିତ ୟେମେନ୍ ସେନା ଅକ୍ଟୋବର ୫ରେ ପ୍ରତିଆକ୍ରମଣ ଆରମ୍ଭ କରି ବାବ୍ ଅଲ୍-ମାନ୍ଦେବ୍ ନିକଟ ଧୁବାବ୍ ସମେତ କେତେକ ଅଞ୍ଚଳ ପୁନଃଦଖଲ କରିଥିବା ଦାବି କରିଛି। ହୁତି ପକ୍ଷରୁ ମଧ୍ୟ ସରକାରୀ ବାହିନୀର ୧୧ଟି ଠିକଣାକୁ କ୍ଷେପଣାସ୍ତ୍ର ଆକ୍ରମଣ କରାଯାଇଥିବା ଦାବି କରାଯାଇଛି। ସୁରକ୍ଷା ପରିସ୍ଥିତି ଦୃଷ୍ଟିରୁ ଏୟାର ଇଣ୍ଡିଆ, ଇଣ୍ଡିଗୋ ଓ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ରିୟାଦ ଯାଉଥିବା ଏବଂ ଆସୁଥିବା ବିମାନ ଅକ୍ଟୋବର ୧୦ ପର୍ଯ୍ୟନ୍ତ ବାତିଲ କରିଛନ୍ତି। ପ୍ରଭାବିତ ଯାତ୍ରୀଙ୍କୁ ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ କିମ୍ବା ବିନା ଶୁଳ୍କରେ ଯାତ୍ରା ପୁନଃନିର୍ଦ୍ଧାରଣ ସୁବିଧା ଦିଆଯିବ।

## ୟେମେନ୍‌ରେ ୮୦ରୁ ଅଧିକ ହୁତି ଠିକଣା ଉପରେ ସାଉଦି ମେଣ୍ଟର ପ୍ରତିଆକ୍ରମଣ





# ଲକ୍ଷ୍ନୌରେ ଭୀଷଣ ବର୍ଷା; ମଲ୍‌ରେ ପଶିଲା ପାଣି

ନୂଆଦିଲ୍ଲୀ,୮ ।୧୦(ଏଜେନ୍ସି): ଉତ୍ତର ଭାରତରେ ପୁଣି ବିଗିଡ଼ିଛି ପାଣିପାଗ। ଉତ୍ତରପ୍ରଦେଶର ଲକ୍ଷ୍ନୌ ସମେତ ୫ଟି ସହରରେ ଗୁରୁବାର ସକାଳଠାରୁ ବର୍ଷା ଲାଗି ରହିଛି। ଲକ୍ଷ୍ନୌ, ବାରାବଙ୍କି, ସୀତାପୁର ଓ ସୁଲତାନପୁରରେ ବର୍ଷା ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଛି। ଗୋମତୀ ନଦୀର ଜଳସ୍ତର କ୍ରମାଗତ ଦଶମ ଦିନ ପାଇଁ ବଢ଼ିଚାଲିଥିବା ବେଳେ ପ୍ଲାସିଓ ମଲ୍ ଚାରିପାଖରେ ବର୍ଷାଜଳ ଜମିଯାଇଛି। ଉତ୍ତରପ୍ରଦେଶର ୪୨ଟି ଜିଲ୍ଲାରେ ଆଜି ବର୍ଷା ନେଇ ସତର୍କତା ଜାରି ହୋଇଛି। ଲଗାଣ ବର୍ଷା ଓ ନଦୀଜଳ ବୃଦ୍ଧି ଯୋଗୁଁ କେତେକ ଅଞ୍ଚଳରେ ଜଳବନ୍ଦୀ ପରିସ୍ଥିତି ଦେଖାଦେଇଛି। ବିହାରର ୨୬ଟି ଜିଲ୍ଲା ପାଇଁ ବର୍ଷା ସହ ବଜ୍ରପାତର ଆଶଙ୍କା ଥିବାରୁ ୟେଲୋ ଆଲର୍ଟ ଜାରି କରାଯାଇଛି। ଅନ୍ୟପକ୍ଷରେ, ରାଜ୍ୟର ୬ଟି ଜିଲ୍ଲାର ପ୍ରାୟ ୪୬୬ଟି ଗାଁ ଏବେ ବି ବନ୍ୟା ପ୍ରଭାବିତ ରହିଛି। ବନ୍ୟା ଯୋଗୁଁ ପ୍ରାୟ ୮ ଲକ୍ଷ ଲୋକ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ଉତ୍ତରାଖଣ୍ଡର ୮ଟି ଜିଲ୍ଲାରେ ବୁଧବାର ବର୍ଷା ସହ ଜୋରଦାର ପବନ ବହିଥିଲା। ସରିଗାଡ଼ ନିକଟରେ ଭୂସ୍ଖଳନ ଯୋଗୁଁ ଯମୁନୋତ୍ରୀ ଜାତୀୟ ରାଜପଥ ଅବରୋଧ ହୋଇଛି। ଚମୋଲିରେ ପ୍ରବଳ ତୁଷାରପାତ ଯୋଗୁଁ ହେମକୁଣ୍ଡ ସାହିବ ଅଞ୍ଚଳ ବରଫରେ ଆଚ୍ଛାଦିତ ହୋଇଛି। ସେପଟେ ହିମାଚଳପ୍ରଦେଶର ଶିମ୍ଲାର ସଞ୍ଜୌଲି-ଢଲ୍ଲୀ ବାଇପାସ୍ ନିକଟରେ ଭୂସ୍ଖଳନ ଘଟିଥିବା ବେଳେ ଏକ କାର୍ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି। ଛତିଶଗଡ଼ର ଦୁର୍ଗରେ ମଧ୍ୟ ବୁଧବାର ସନ୍ଧ୍ୟାରେ ପ୍ରବଳ ବର୍ଷା ସହ କୁଆପଥର ବର୍ଷା ହୋଇଥିଲା। ରାଜସ୍ଥାନରେ ଅକ୍ଟୋବର ୧୨ ପରେ ରାତିର ତାପମାତ୍ରା କମିବା ସହ ପାଗ ଥଣ୍ଡା ହେବାର ଆଶଙ୍କା ରହିଛି। ଅକ୍ଟୋବର ୧୧ ଓ ୧୨ ତାରିଖରେ ପଶ୍ଚିମା ଝଡ଼ର ପ୍ରଭାବରେ ରାଜ୍ୟର ଉତ୍ତର-ପଶ୍ଚିମ ଜିଲ୍ଲାଗୁଡ଼ିକର କେତେକ ସ୍ଥାନରେ ମେଘୁଆ ପାଗ ସହ ବର୍ଷା ହୋଇପାରେ। ଦେଶର ବିଭିନ୍ନ ଅଞ୍ଚଳରେ ବର୍ଷା, ବନ୍ୟା, ଭୂସ୍ଖଳନ ଓ ତୁଷାରପାତ ଯୋଗୁଁ ପାଣିପାଗରେ ବଡ଼ ପରିବର୍ତ୍ତନ ଦେଖାଦେଇଛି। ସମ୍ପୃକ୍ତ ରାଜ୍ୟଗୁଡ଼ିକରେ ପ୍ରଶାସନ ପକ୍ଷରୁ ସତର୍କତା ଜାରି ରଖାଯାଇଛି।

## ୟୁପିର ୪୨ ଜିଲ୍ଲାକୁ ବର୍ଷା ସତର୍କତା, ବିହାରର ୪୬୬ ଗାଁ ବନ୍ୟାଘେରରେ



**ଅନୁଗୋଳରେ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ**

# ଗଡ଼ିଲାନି ଗାଡ଼ି, ବନ୍ଦ ରହିଲା ଦୋକାନ ବଜାର










ଅନୁଗୋଳ,୮ ।୧୦(ସମିସ):

ଇଣ୍ଡିଆ ମେଣ୍ଟ ଆହ୍ୱାନରେ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦର ପ୍ରଭାବ ଅନୁଗୋଳ ଜିଲ୍ଲାରେ ପରିଲକ୍ଷିତ ହୋଇଛି। ବନ୍ଦ ଯୋଗୁଁ ଜିଲ୍ଲାର ବିଭିନ୍ନ ରାସ୍ତାରେ ଯାନବାହାନ ଚଳାଚଳ ପ୍ରଭାବିତ ହୋଇଥିବା ବେଳେ ଅନୁଗୋଳ ସହରର ଦୋକାନବଜାର ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଟ୍ରକ୍, ବସ୍ ଓ ଅନ୍ୟାନ୍ୟ ଭାରୀଯାନ ଚଳାଚଳ ମଧ୍ୟ ବନ୍ଦ ରହିଥିଲା। ବନ୍ଦ ପାଳନକୁ ସଫଳ କରିବା ପାଇଁ ଜିଲ୍ଲା କଂଗ୍ରେସ କମିଟି ସଭାପତି ସୁନୀଲ ପ୍ରଧାନ, ପୂର୍ବତନ ବିଧାୟକ ତଥା ଅନୁଗୋଳ ଜିଲ୍ଲା ପ୍ରଭାରୀ କୃଷ୍ଣଚନ୍ଦ୍ର ସଗରିଆଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ସହରର ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ। ସହରର ମୁଖ୍ୟ ପ୍ରବେଶପଥ ହୁଲୁରିସିଂହା, ପିଟିସି ଛକ, ଭଣ୍ଡୁବର, ହାଟଛକ ସମେତ ବିଭିନ୍ନ ଛକରେ ରାସ୍ତା ଅବରୋଧ କରି କର୍ମୀମାନେ ସରକାର ବିରୋଧୀ ସ୍ଲୋଗାନ ଦେବା ସହ ପ୍ରତିବାଦ ଜଣାଇଥିଲେ। ଜରୁରୀକାଳୀନ ସେବା ଆମ୍ବୁଲାନ୍ସ, କ୍ଷୀରଗାଡ଼ି, ମେଡିକାଲ ଯାଉଥିବା ରୋଗୀ, ପରୀକ୍ଷାର୍ଥୀଙ୍କୁ ବିନା ପ୍ରତିବନ୍ଧକରେ ଯାତାୟାତ କରିବାକୁ ଛାଡ଼ି ଦିଆଯାଇଥିଲା। ସ୍ୱତଃପ୍ରବୃତ୍ତ ଭାବେ ସହରରେ ବ୍ୟବସାୟୀମାନେ ଦୋକାନବଜାର ବନ୍ଦ ରଖି ବନ୍ଦ ପାଳନକୁ ସମର୍ଥନ କରିଥିଲେ।

ତେବେ ରେଳରୋକ କରିବା ପାଇଁ କଂଗ୍ରେସ କର୍ମୀମାନେ ରେଳଷ୍ଟେସନରେ ପହଞ୍ଚିଥିବା ବେଳେ ଆରପିଏଫ୍ ଯବାନମାନେ ସେମାନଙ୍କୁ ଅଟକାଇଥିଲେ। ଏହି ସମୟରେ ଉଭୟ ପକ୍ଷ ମଧ୍ୟରେ ଧସ୍ତାଧସ୍ତି ହୋଇଛି। ଅନ୍ୟପକ୍ଷରେ ସର୍କିଟ୍ ହାଉସ୍‌ଠାରେ ପ୍ରଶାସନର ଏକ ବୈଠକ ଚାଲିଥିବା ଜାଣି ଆନ୍ଦୋଳନକାରୀ ସେଠାରେ ପହଞ୍ଚି ପ୍ରତିବାଦ କରିଥିଲେ। ବିଭିନ୍ନ ସ୍ଥାନରେ ପିକେଟିଂ ଓ ରାସ୍ତା ଅବରୋଧ ଯୋଗୁଁ ଯାତାୟାତ ପ୍ରଭାବିତ ହୋଇଥିଲା। ନାଲକୋ ଟାଉନସିପ ମାର୍କେଟ ଅଞ୍ଚଳରେ ଆନ୍ଦୋଳନକାରୀମାନେ ପିକେଟିଂ କରିଥିଲେ। ନାଲକୋ ସ୍ମେଲଟର ପ୍ଲାଣ୍ଟ ଓ ସିପିପି ପ୍ଲାଣ୍ଟ ଅଞ୍ଚଳରେ ସ୍ୱାଭାବିକ ଅବସ୍ଥା ଥିଲା। ପରିବର୍ତ୍ତିତ ଏମ୍ଏମଡିଆର୍ ଆଇନ



ପ୍ରତ୍ୟାହାର, ଏସ୍ଆଇଆର୍ ପ୍ରକ୍ରିୟାରେ ହୋଇଥିବା ତ୍ରୁଟି ପାଇଁ ମୁଖ୍ୟ ନିର୍ବାଚନ କମିଶନରଙ୍କ ଇସ୍ତଫା ଏବଂ ରାଜ୍ୟ ସରକାରଙ୍କ ଶିକ୍ଷାନୀତିର ବିରୋଧ କରି ଏହି ବନ୍ଦ ଡାକରା ଦିଆଯାଇଥିଲା। ଆନ୍ଦୋଳନକାରୀ ନେତାମାନଙ୍କ କହିବା ଅନୁଯାୟୀ, ଦାବିଗୁଡ଼ିକ ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ବନ୍ଦ ପାଳନ ସମୟରେ ଅନୁଗୋଳ ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ପୁଲିସ ଓ ପ୍ରଶାସନ ପକ୍ଷରୁ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖାଯାଇଥିଲା। ବନ୍ଦ ପାଳନରେ ପିସିସି ସମ୍ପାଦକ ସୁଦୀପ ମିଶ୍ର, ରାଜ୍ୟ ଆଦିବାସୀ କଂଗ୍ରେସ ସାଧାରଣ ସମ୍ପାଦକ ତପନ ପ୍ରଧାନ, ଚିତ୍ତରଞ୍ଜନ ନାଏକ, ଜିଲ୍ଲା ମହିଳା କଂଗ୍ରେସ

## ରେଳରୋକ ବେଳେ ଆରପିଏଫ୍-କଂଗ୍ରେସ କର୍ମୀ ଧସ୍ତାଧସ୍ତି

ସଭାନେତ୍ରୀ ସବିତା ଧିର, ଛାତ୍ର କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ସାହୁ, ଯୁବ କଂଗ୍ରେସ ସଭାପତି ଲୁଲୁ ପାଣିଗ୍ରାହୀ, ବଲବୀର ସିଂ, ଅନୁଗୋଳ ବ୍ଲକ ସଭାପତି ରାକେଶ ମିଶ୍ର, ପ୍ରଦେଶ ପଛୁଆ ବର୍ଗ କଂଗ୍ରେସ ଅଧ୍ୟକ୍ଷ ସରୋଜ ପ୍ରଧାନ, ଜିଲ୍ଲା କଂଗ୍ରେସ କମିଟିର ସମସ୍ତ ପଦାଧିକାରୀ, ସମସ୍ତ ବ୍ଲକ୍ କଂଗ୍ରେସ ସଭାପତି ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

# ୯ ରୁ ୨ୟ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା




ଅନୁଗୋଳ,୮ ।୧୦(ସମିସ): ସ୍ଥାନୀୟ ବିଜୁ ମଇଦାନରେ ଆସନ୍ତା ୯ରୁ ୧୮ ତାରିଖ ଯାଏ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ଓ କଟକ ବୈଶାଖୀ ମେଳା ଆନୁକୂଲ୍ୟରେ ଆୟୋଜିତ ହେବ ୨ୟ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା। ଏ ନେଇ ସମସ୍ତ ପ୍ରସ୍ତୁତି ସରିଥିବା ବେଳେ ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ମେଳା କମିଟିର କର୍ମକର୍ତ୍ତା। ମେଳାରେ ଏସି ପାଭିଲିୟନ ବ୍ୟବସ୍ଥା ରହିବ। ଫଳରେ କ୍ରେତାମାନେ ଉତ୍ତମ ପରିବେଶରେ କାରବାର କରିପାରିବେ। ମେଳାରେ ୨୨ ରାଜ୍ୟ ଓ ୧୦ ଦେଶର ଏକ ଲକ୍ଷରୁ ଅଧିକ ଉତ୍ପାଦ ଉପଲବ୍ଧ ରହିବ। କଶ୍ମୀରୀ ଫର୍ଣ୍ଣିଚର୍, କାର୍ଭିଂ ଫର୍ଣ୍ଣିଚର୍, ସୋଫା ସେଟ୍, ଡାଇନିଂ ସେଟ୍, ଇରାନ ଓ ଆଫଗାନିସ୍ଥାନର ଡ୍ରାଏ ଫ୍ରୁଟ୍ସ, ଦୁବାଇ ଏ ପର୍ଫ୍ୟୁମ୍, ଥାଇଲାଣ୍ଡର ଗହଣା, ଜୋତା ଓ ପୋଷାକ, ଭାରତର ବିଭିନ୍ନ ଅଞ୍ଚଳର ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀ, ଇରାନୀ କାର୍ପେଟ, ଆଣ୍ଟିକ ପିତ୍ତଳ ଓ ତମ୍ବା ସାମଗ୍ରୀ, ପଶ୍ଚିମବଙ୍ଗ ଓ ଉତ୍ତରପ୍ରଦେଶର ଚମଡ଼ା ସାମଗ୍ରୀ, ଦେଶର ବିଭିନ୍ନ ଅଞ୍ଚଳର ପାରମ୍ପରିକ ଶାଢ଼ି, ବୈଦ୍ୟୁତିକ ତଥା ଅନ୍ୟାନ୍ୟ ଉପଭୋକ୍ତା ସାମଗ୍ରୀ ମେଳାରେ ବିକ୍ରି ହେବ। ମେଳାର ଅନ୍ୟତମ ଆକର୍ଷଣ ରହିବ ଫୁଡ୍ ଜୋନ୍ ଯେଉଁଠାରେ ଗ୍ରାହକମାନେ ସୁସ୍ୱାଦୁ ଚଟ୍‌ପଟା ଖାଦ୍ୟ ପାଇପାରିବେ। ମେଳାକୁ ଅନୁଗୋଳବାସୀ ବେଶ୍ ପସନ୍ଦ କରିବେ ବୋଲି କମିଟି ଆଶା ରଖିଛି। ସାମ୍ବାଦିକ ସମ୍ମିଳନୀରେ ମେଳାର ଇଭେଣ୍ଟ ପରିଚାଳକ ସୁଜିତ୍ ଗୁପ୍ତା, ପାୟଲ ଗୁପ୍ତା, ବିକେ ସିଂହ ଏବଂ ବୈଶାଖୀ ମେଳା କମିଟି ପକ୍ଷରୁ ଜୟନ୍ତ କୁମାର କର ଓ ପ୍ରତାପ ମହାପାତ୍ର ଉପସ୍ଥିତ ଥିଲେ।

- ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ଜିଲ୍ଲା କାର୍ଯ୍ୟାଳୟ କାର୍ଯ୍ୟକାରିତା ସମୀକ୍ଷା

## ପ୍ରକଳ୍ପଗୁଡ଼ିକୁ ଠିକ୍ ସମୟରେ ସାରିବାକୁ ନିର୍ଦ୍ଦେଶ

ଅନୁଗୋଳ,୮ ।୧୦(ସମିସ): ଗୁରୁବାର ପୂର୍ବାହ୍ନରେ ସ୍ଥାନୀୟ ସର୍କିଟ ହାଉସ୍‌ରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଂଗ୍ରାମ କେଶରୀ ମହାପାତ୍ର ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗର କାର୍ଯ୍ୟକାରିତା ସମୀକ୍ଷା କରିଥିଲେ। ବିଭିନ୍ନ ବିଭାଗର ପ୍ରକଳ୍ପ ଓ ଯୋଜନାଗୁଡ଼ିକର ସମୀକ୍ଷା କରି ବିଭାଗୀୟ ଅଧିକାରୀଙ୍କୁ ସମୟ ସୀମା ମଧ୍ୟରେ ସେଗୁଡ଼ିକ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜସ୍ୱରେ ହାଇଟେକ୍ ସର୍ଭେକୁ ଅନ୍ତର୍ଭୁକ୍ତ କରିବାକୁ ପରାମର୍ଶ ଦେଇଥିଲେ। ସେହିଭଳି ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଡିଜିଟାଇଜେସନକୁ ପ୍ରାଧାନ୍ୟ ଦେଇ ପେପରଲେସ୍ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ କହିଥିଲେ। ଜିଲ୍ଲାର ପ୍ରଶାସନିକ କାର୍ଯ୍ୟକୁ ଆହୁରି ସ୍ୱଚ୍ଛ, ତ୍ୱରାନ୍ୱିତ ଓ ଲୋକାଭିମୁଖୀ କରିବା ନିମନ୍ତେ ତତ୍ପର ହେବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟ ସମୀକ୍ଷା ବୈଠକରେ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ପ୍ରତାପ ପ୍ରୀତିମୟ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

- ଇଣ୍ଟରନେଟ ସେବା ନାହିଁ

## ସରକାରୀ ରାସନରୁ ୯୦୪ ହିତାଧିକାରୀ ବଞ୍ଚିତ

ପାଲଲହଡ଼ା,୮ ।୧୦(ସମିସ): ଇଣ୍ଟରନେଟ ବିନା ମେସିନ ଯୋଗେ ଅନଲାଇନ ପଞ୍ଜୀକରଣ ହୋଇପାରୁ ନ ଥିବାରୁ ୯୦୪ ହିତାଧିକାରୀ ୩ ମାସ ହେଲା ସରକାରୀ ରାସନ ସାମଗ୍ରୀ ପାଇବାରୁ ବଞ୍ଚିତ। ପାଲଲହଡ଼ା ବ୍ଲକ ଝରାବେଡ଼ା ପଞ୍ଚାୟତରେ ଏପରି ଘଟଣା ଘଟିଛି। ପଞ୍ଚାୟତରେ ୩ ମାସର ରାସନ ସାମଗ୍ରୀ ଗଚ୍ଛିତ ଥିବା ସତ୍ତ୍ୱେ ଅନଲାଇନ ପଞ୍ଜୀକରଣ ଅସୁବିଧା ହେତୁ ହିତାଧିକାରୀଙ୍କୁ ଦିଆଯାଇ ପାରୁନାହିଁ। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଯୋଗାଣ ବିଭାଗର ଉଦାସୀନତା ପାଇଁ ହତାଧିକାରୀମାନେ ରାସନ ପାଉ ନ ଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଗୁରୁବାର ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ହିତାଧିକାରୀଙ୍କୁ ଅଫଲାଇନରେ ରାସନ ସାମଗ୍ରୀ ଯୋଗାଣ କରିବା ପାଇଁ ଉପଖଣ୍ଡ ଯୋଗାଣ ଅଧିକାରୀଙ୍କୁ କହିଥିଲେ। ଉପଖଣ୍ଡ ଯୋଗାଣ ଅଧିକାରୀ ହେମନ୍ତ କୁମାର ବେହେରାଙ୍କ କହିବା ଅନୁଯାୟୀ, ଅଫ୍‌ଲାଇନରେ ରାସନ ସାମଗ୍ରୀ ଯୋଗାଣ ପାଇଁ ସରକାରଙ୍କ କୌଣସି ବ୍ୟବସ୍ଥା ନାହିଁ। ସମସ୍ୟା ସମ୍ପର୍କରେ ବିଭାଗକୁ ଅବଗତ କରାଯାଇଛି। ଖୁବଶୀଘ୍ର ଏହାର ସମାଧାନ କରାଯିବ ବୋଲି ସେ କହିଛନ୍ତି।

## ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ସଚେତନତା

କିଶୋରନଗର,୮ ।୧୦(ସମିସ): କିଶୋରନଗର ବ୍ଲକ ସଭାଗୃହରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ଓ ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ବ୍ଲକ ଶିଳ୍ପ ଅଧିକାରୀ ଯଶୋବନ୍ତ ଦାସଙ୍କ ଅଧ୍ୟକ୍ଷତାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ସରୋଜ ସାହୁ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ କୃଷି ଅଧିକାରୀ ଦେବୀପ୍ରସାଦ ପୃଷ୍ଟି, ବ୍ଲକ ଶ୍ରମ ଅଧିକାରୀ ଅଶ୍ୱିନୀ ମୁଦୁଲି, ଓଏଲଏମ୍ ବିଭାଗ ବ୍ଲକ ପୋଗ୍ରାମ ଅଧିକାରୀ ମମତା ମିଶ୍ର, ସହକାରୀ ବ୍ଲକ ମତ୍ସ୍ୟ ଅଧିକାରୀ ଶୁଭାଷିନୀ ବେହେରା, ସହକାରୀ ଉଦ୍ୟାନ କୃଷି ଅଧିକାରୀ ନିଶିପ୍ରଭା ବେହେରା ଯୋଗଦେଇ ନିଜ ବିଭାଗ ଦ୍ୱାରା ଉପଲବ୍ଧ ହେଉଥିବା ବିଭିନ୍ନ ଯୋଜନା ଉପରେ ସଚେତନ କରାଇବା ସହ ଯୁବପିଢ଼ି ବିଭିନ୍ନ ଉଦ୍ୟୋଗ କରି ଲାଭବାନ ହୋଇ କିପରି ଆତ୍ମନିର୍ଭରଶୀଳ ହେବେ ସେ ସମ୍ପର୍କରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ୧୦୦ଜଣ ବେରୋଜଗାର ଯୁବକ ଯୁବତୀ ଅଂଶଗ୍ରହଣ କରିଥିଲେ।

## ଔଷଧ ଦୋକାନରେ ଚଢ଼ଉ

ଛେଣ୍ଡିପଦା,୮ ।୧୦(ସମିସ): ଅନୁଗୋଳ ଡ୍ରଗସ୍ ଡିପାର୍ଟମେଣ୍ଟ ଓ ପୁଲିସ ପ୍ରଶାସନ ପକ୍ଷରୁ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଥିବା ଔଷଧ ଦୋକାନ, ଘରୋଇ ନର୍ସିଂହୋମ, ହସ୍ପିଟାଲରେ ଚଢ଼ଉ କରାଯାଇଛି। ଔଷଧ ଦୋକାନଗୁଡ଼ିକର ପଞ୍ଜିକୃତ ଲାଇସେନ୍ସ, କାଗଜପତ୍ର,



ଫାର୍ମାସିଷ୍ଟଙ୍କ ଉପସ୍ଥିତି, ଔଷଧ କ୍ରୟ ବିକ୍ରୟ ରେକର୍ଡପତ୍ର, ଉନ୍ନତ ମାନ ତଥା ଉଚିତ ମୂଲ୍ୟରେ ଔଷଧ ବିକ୍ରି ଆଦି ସମ୍ପର୍କରେ ସବିଶେଷ ଯାଞ୍ଚ କରାଯାଇଛି। ଜିଲ୍ଲାର ଛେଣ୍ଡିପଦା, କୋଶଳା, ବାଗେଡ଼ିଆ, ଜରପଡ଼ା, ଅନୁଗୋଳ ସଦର, ବନ୍ତଳା, ତାଳଚେର, ନାଲକୋନଗର, ବଣରପାଳ ଆଦି ଅଞ୍ଚଳରେ ସମସ୍ତ ଔଷଧ ଦୋକାନରେ ଚଢ଼ଉ କରାଯାଇଥିଲା। ଚଢ଼ଉରେ ଡ୍ରଗ୍‌ସ ଡିପାର୍ଟମେଣ୍ଟ ଅନୁଗୋଳ ରେଞ୍ଜ (୧) ଇନ୍ସପେକ୍ଟର ମନସ୍ୱିନୀ ବିଶ୍ୱାଳ, ରେଞ୍ଜ (୨) ଇନ୍ସପେକ୍ଟର ସୌରଭ ଗୌତମଙ୍କ ସମେତ ସ୍ଥାନୀୟ ପୁଲିସ ଅଧିକାରୀ କର୍ମଚାରୀ ସାମିଲ ଥିଲେ।

## ସର୍ବସାଧାରଣ ରାସ୍ତା ଅବରୋଧ, ଲୋକଙ୍କ ମଧ୍ୟରେ ଅସନ୍ତୋଷ



ବଣରପାଳ,୮ ।୧୦(ସମିସ): ବଣରପାଳ ବ୍ଲକ ତୁଳସୀପାଳ ଗ୍ରାମରେ ସର୍ବସାଧାରଣ ରାସ୍ତା ଅବରୋଧକୁ ନେଇ ଅଞ୍ଚଳବାସୀ ତଥା ଏହି ରାସ୍ତା ଉପରେ ନିର୍ଭର କରୁଥିବା ଗାଡ଼ି ଚାଳକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆଲୁମିନିୟମ ପାର୍କଠାରୁ ଗଡ଼ସନ୍ତ୍ରୀକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାକୁ ପ୍ରାୟ ୧୦ ଦିନ ହେଲା ସ୍ଥାନୀୟ ଜଣେ ବ୍ୟକ୍ତି ଚଉଦୋଳ ମଣ୍ଡପ ଛକରେ ବାଉଁଶ ଦେଇ ଅର୍ଦ୍ଧାଧିକ ବନ୍ଦ କରି ଦେଇଛନ୍ତି। ଫଳରେ ରାସ୍ତା ସଙ୍କୁଚିତ ହୋଇ ଗାଡ଼ି ଚଳାଚଳରେ ସମସ୍ୟା ଦେଖାଯାଉଛି। ଉକ୍ତ ରାସ୍ତା ହିନ୍ଦୋଳ ଉପଖଣ୍ଡକୁ ଯୋଗାଯୋଗର ମାଧ୍ୟମ ହୋଇଥିବାରୁ ଦୈନନ୍ଦିନ ଏଥିରେ ବହୁ ଗାଡ଼ିମଟର ଯାତାୟାତ କରିଥାନ୍ତି। ସ୍କୁଲ ଛାତ୍ରଛାତ୍ରୀଙ୍କୁ ନେବା ଆଣିବା ପାଇଁ ସ୍କୁଲ ବସ ଚଳାଚଳ କରିଥାଏ। ଅବରୋଧ କରାଯାଇଥିବା ସ୍ଥାନ ଛକ ଓ ବୁଲାଣି ହୋଇଥିବାରୁ ଯିବାଆସିବା ନିରାପଦ ହେଉନି। ଅବରୋଧ ବାଉଁଶରେ କିଛି ସଙ୍କେତ ନ ଥିବାରୁ ରାତିରେ ହଠାତ ଜାଣି ହେଉନି। ଫଳରେ କିଛି ବାଇକ ଓ ସାଇକଲ ଆରୋହୀ ଦୁର୍ଘଟଣାର ଶିକାର ହୋଇ ଆହତ ହେଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ଅବରୋଧ ହଟାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

- ଶ୍ରୀ ମେଟାଲିକ୍ସ କାରଖାନାରେ ଅଘଟଣ

## ଟ୍ରକ ତଳେ ଚାପିହୋଇ ଶ୍ରମିକଙ୍କ ମୃତ୍ୟୁ

ଛେଣ୍ଡିପଦା,୮ ।୧୦(ସମିସ): ଅନୁଗୋଳ ପରଙ୍ଗସ୍ଥିତ ଶ୍ରୀ ମେଟାଲିକ୍ସ କାରଖାନାରେ ଗୁରୁବାର ସକାଳେ ଘଟିଛି ଦୁର୍ଘଟଣା। ଟ୍ରକ ତଳେ ଚାପି ହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ହେଲେ ପରଙ୍ଗ ଗ୍ରାମର ମଙ୍ଗୁଲୁ ଭୋଇ। ପ୍ଲାଣ୍ଟର ଆର୍ଏମ୍‌ପି ସାଇଟ୍‌ରେ ମଙ୍ଗୁଲୁ କାମ କରୁଥିଲେ। ଏହି ସମୟରେ ଏକ ଟ୍ରକ୍ ଭାରସାମ୍ୟ ହରାଇ କାମ ମଙ୍ଗୁଲୁଙ୍କ ଉପରେ ମାଡ଼ି ବସିଥିଲା। ଟ୍ରକ ତଳେ ଚାପି ହୋଇ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ପରେ କାରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ଅଭିଯୋଗ କରି ଶ୍ରମିକ ଓ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ଆନ୍ଦୋଳନ କରିଥିଲେ। ତେବେ ଏ ନେଇ ପ୍ଲାଣ୍ଟ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ। ଏହା ପୂର୍ବରୁ ଗତ ମେ ମାସରେ ମଧ୍ୟ ଶ୍ରୀ ମେଟାଲିକ୍ସରେ ଦୁର୍ଘଟଣା ଘଟି ୩ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। କମ୍ପାନୀ ପରିସରରେ କାର୍ଯ୍ୟରତ ଶ୍ରମିକଙ୍କ ନିମନ୍ତେ କୌଣସି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ଭାବେ ଗ୍ରହଣ କରାଯାଉ ନ ଥିବାରୁ ଏଭଳି ଅଘଟଣ ଏବଂ ଦୁର୍ଘଟଣା ବାରମ୍ବାର ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

- ଥଇଥାନ ଓ ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା କମିଟି ବୈଠକ

## ବିସ୍ଥାପିତଙ୍କୁ କ୍ଷତିପୂରଣ, ସ୍ଥାୟୀ ନିଯୁକ୍ତି ଓ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ




ଅନୁଗୋଳ,୮ ।୧୦(ସମିସ): ଜିଲ୍ଲାର ପ୍ରମୁଖ କମ୍ପାନୀ କେପିସିଏଲ୍ (ମନ୍ଦାକିନୀ-ଏ), ଜିଏମ୍‌ଡିସି (ବୈତରଣୀ-ୱେଷ୍ଟ), ନାଲ୍‌କୋ (ଉତ୍କଳ-ଇ), ନାଲକୋ (ବ୍ରାଉନଫିଲ୍ଡ ଏକ୍ସପାନସନ)ର ଥଇଥାନ ଓ ପାରିପାଶ୍ୱର୍ିକ ଉନ୍ନୟନ ପରାମର୍ଶଦାତା କମିଟି (ଆର୍‌ପିଡିଏସି) ବୈଠକ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଜନସାଧାରଣଙ୍କ ସମସ୍ୟା, ଜମି ଅଧିଗ୍ରହଣ, ବିସ୍ଥାପିତଙ୍କୁ ଉଚିତ୍ କ୍ଷତିପୂରଣ, ଥଇଥାନ ଓ ରିହାବିଲିଟେସନ୍ କଲୋନୀଗୁଡ଼ିକର ସୁପରିଚାଳନା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ପବ୍ଲିକ୍ ସ୍କୁଲ ସହ ସ୍କିଲ ସେଣ୍ଟର ଏବଂ ନର୍ସିଂ କଲେଜ ନିମନ୍ତେ କମ୍ପାନୀଗୁଡ଼ିକ ବିଶେଷ ଧ୍ୟାନ ଦେବାକୁ ବୈଠକରେ ସ୍ଥିର କରାଯାଇଥିଲା। ଖଣି ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ପରିବାରଗୁଡ଼ିକୁ ଉଚିତ୍ ପୁନର୍ବାସ, କ୍ଷତିପୂରଣ, ଯୁବକଯୁବତୀଙ୍କୁ ସ୍ଥାୟୀ ନିଯୁକ୍ତି ସହ ଆନୁଷଙ୍ଗିକ ଶିକ୍ଷା, ସ୍ୱାସ୍ଥ୍ୟ ତଥା ପରିବେଶ ସୁରକ୍ଷା ନିମନ୍ତେ ବୈଠକରେ ରାଜସ୍ୱ କମିଶନର ନିର୍ଦ୍ଦେଶ ଦେଇଥିଲେ। ନୂତନ ଜମି ଅଧିଗ୍ରହଣ ନିୟମ ଅନୁସାରେ ପ୍ରକଳ୍ପ ବିସ୍ଥାପିତ ପରିବାର, କ୍ଷତିଗ୍ରସ୍ତ ଓ ସମ୍ପ୍ରସାରିତ ପ୍ରକଳ୍ପ ପ୍ରଭାବିତ ପରିବାରକୁ ଉଚିତ୍ ସୁବିଧା ଓ ସହାୟତା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସବ-କମିଟି ବୈଠକ ଓ ସର୍ଭେ କରାଯାଇ ସ୍ଥାନୀୟ ସମସ୍ୟାଗୁଡ଼ିକର ତ୍ୱରିତ ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ପ୍ରାରମ୍ଭରେ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ବୈଠକରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ କୁମାର ସିଂହ, ଆଇଏଏସ୍ ପ୍ରୋବେସନର ଅଭି ଜୈନ୍, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ପ୍ରତାପ ପ୍ରୀତିମୟ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ତାଳଚେର ଉପଜିଲ୍ଲାପାଳ ପ୍ରଜ୍ଞାନାନ୍ଦନ ଗିରି, ପଞ୍ଚାୟତ ସମିତି ଅଧ୍ୟକ୍ଷ, ବିସ୍ଥାପିତ ପରିବାରଙ୍କ ପ୍ରତିନିଧି, ବିଭାଗୀୟ ଅଧିକାରୀ, କମ୍ପାନୀ କର୍ତ୍ତୃପକ୍ଷ ପ୍ରମୁଖ ଯୋଗଦେଇଥିଲେ।

# ବିଭିନ୍ନ ସ୍ଥାନରେ ଓଡ଼ିଶା ବନ୍ଦ ସଫଳ









ଛେଣ୍ଡିପଦା,୮ ।୧୦(ସମିସ):

ଇଣ୍ଡିଆ ମେଣ୍ଟ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ଭାବେ ସଫଳ ହୋଇଛି। ବ୍ଲକ କଂଗ୍ରେସ ସଭାପତି ଅଜୟ କୁମାର ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନରେ ଭୋଟ ଜାଲିଆତି ଏବଂ ଭୋଟର ତାଲିକା ପ୍ରସ୍ତୁତିରେ ବ୍ୟାପକ ଅନିୟମିତତା ପ୍ରତିବାଦରେ କେନ୍ଦ୍ର ମୁଖ୍ୟ ନିର୍ବାଚନ କମିଶନରଙ୍କ ଅବିଳମ୍ବେ ଇସ୍ତଫା ଦାବି କରାଯାଇଛି। ଏଥିସହ କେନ୍ଦ୍ର ସରକାର ଆଣିଥିବା ଏମ୍ଏମଡିଆର୍ ସଂଶୋଧନ ବିଲ୍ ପ୍ରତ୍ୟାହାର, ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ଆଦି ଦାବି ନେଇ ସ୍ଥାନୀୟ ଦେବଗଡ଼ ଛକରେ ରାସ୍ତାରୋକ କରାଯାଇଥିଲା। କର୍ମୀମାନେ ପିକେଟିଂ କରିବା ସହ ସ୍ଥାନୀୟ ଜନସାଧାରଣ ଏହାକୁ ସମର୍ଥନ ଜଣାଇଥିଲେ। ସମସ୍ତ ଦୋକାନ ବଜାର, ସରକାରୀ, ବେସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ବ୍ୟାଙ୍କ ଏବଂ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା। ଯାନବାହାନ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା। ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।

ସେହିପରି କୋଶଳା ଗ୍ରାମଠାରେ ବରିଷ୍ଠ ନେତା ଗୋବିନ୍ଦ ନାଏକଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। ଜରପଡ଼ା ଥାନା ଅନ୍ତର୍ଗତ ଜରପଡ଼ା, ତୁବେ ଗ୍ରାମଠାରେ ୫୫ ନମ୍ବର ଜାତୀୟ ରାଜପଥ ଉପରେ ସ୍ଥାନୀୟ ଅଞ୍ଚଳର କଂଗ୍ରେସ କର୍ମୀମାନେ ବସିରହି ସରକାର ବିରୋଧୀ ନାରାବାଜି କରିଥିଲେ। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ଆନ୍ଦୋଳନ କରିଥିଲେ।

**କିଶୋରନଗର:** କିଶୋରନଗରରେ ବ୍ଲକ କଂଗ୍ରେସ ସଭାପତି ଆଲୋକ ପ୍ରଧାନଙ୍କ ନେତୃତ୍ୱରେ କିଶୋରନଗର ବଜାର, ବ୍ଲକ ଅଫିସ, ତହସିଲ ଅଫିସରେ ପିକେଟିଂ କରି ବନ୍ଦ କରାଯାଇଥିଲା। ଅଞ୍ଚଳରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଏଥିରେ କଂଗ୍ରେସ ନେତା ଶୁକଦେବ ସାହୁ, ବୀରେନ୍ ସ୍ୱାଇଁଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ। ସେହିପରି ବାମୁର ଓ ବଇଣ୍ଡାରେ ମଧ୍ୟ କଂଗ୍ରେସ କର୍ମୀମାନେ ବନ୍ଦ ପାଳନରେ ସାମିଲ ହୋଇଥିଲେ।

**ତାଳଚେର:** ତାଳଚେର ଉପଖଣ୍ଡରେ ବନ୍ଦ ସଫଳ ହୋଇଛି। ସକାଳୁ କଂଗ୍ରେସ କର୍ମୀମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରି ଖଣି ବନ୍ଦ କରିଥିବା ବେଳେ ରାସ୍ତାରେ ଯାନବାହାନ ଚଳାଚଳକୁ ନିଷେଧ କରିଥିଲେ। ଦୋକାନ ବଜାର, ବ୍ୟାଙ୍କ ଇତ୍ୟାଦି ବନ୍ଦ ରହିଥିଲା। ବନ୍ଦ ପାଳନ ପାଇଁ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ବନ୍ଦ ଯୋଗୁଁ ଖଣିରୁ କୋଇଲା ଉତ୍ତୋଳନ ଓ ପରିବହନ ଦୀର୍ଘ ସମୟ ବନ୍ଦ ରହିବା ପରେ ପୁନଶ୍ଚ ସ୍ୱାଭାବିକ ହୋଇଥିଲା। ବସ ଚଳାଚଳ ବନ୍ଦ ଯୋଗୁଁ ଯାତ୍ରୀମାନେ ହଇରାଣ ହୋଇଥିଲା। ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କରାଯାଇଥିବା ଜଣାପଡ଼ିଛି।

**ପାଲଲହଡ଼ା:** ପାଲଲହଡ଼ା ଉପଖଣ୍ଡରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। ବ୍ଲକ୍ କଂଗ୍ରେସ ସଭାପତି ସରୋଜ ସାହୁ ଓ ଜିଲ୍ଲା ସମ୍ପାଦକ ସୁରେନ୍ଦ୍ର ନାୟକଙ୍କ ନେତୃତ୍ୱରେ ବନ୍ଦ ପାଳନ ହୋଇଥିଲା। ସକାଳ ୬ଟାରେ ଜାତୀୟ ରାଜପଥ ୪୯ ଏବଂ ୧୪୯କୁ କଂଗ୍ରେସ ଓ ଇଣ୍ଡିଆ ମେଣ୍ଟ କର୍ମୀମାନେ ଅବରୋଧ କରିଥିଲେ। ଫଳରେ ଶହ ଶହ ଗାଡ଼ି ଅଟକି ରହିଥିଲା। ବସ୍ ସେବା ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ କର୍ମୀମାନେ ପିକେଟିଂ କରି ଦୋକାନ ବଜାର ବନ୍ଦ କରାଇଥିଲେ। ସମସ୍ତ ବିଦ୍ୟାଳୟ ଓ ବ୍ୟାଙ୍କ ମଧ୍ୟ ବନ୍ଦ କରାଇଥିଲେ। ବନ୍ଦ ପାଳନରେ କଂଗ୍ରେସ ଏସସି ସେଲ ବ୍ଲକ୍ ସଭାପତି ଜୟ ବେହେରା, କିଷାନ୍ ସେଲ ବ୍ଲକ୍ ସଭାପତି ଆଇନଜୀବୀ ପ୍ରଶାନ୍ତ ପ୍ରଧାନ, ଜିଲ୍ଲା ସାଧାରଣ ସମ୍ପାଦକ ମିହିର ପାଳ, ପ୍ରତାପ ପାଳ, ରାଜ୍ୟ ସମ୍ପାଦିକା ଲିପିକା ପାଳ, ରଞ୍ଜନ ଜିତ୍, ପୂର୍ବତନ ବ୍ଲକ୍ କଂଗ୍ରେସ ସଭାପତି ଦୋଳଗୋବିନ୍ଦ ସାହୁ, କଂଗ୍ରେସ ନେତା ପୂର୍ଣ୍ଣଚନ୍ଦ୍ର ବେହେରା, ସୁମନ ନାଏକ, କ୍ଷେତ୍ରବାସୀ ରାଜହଂସ, ପବିତ୍ର ପ୍ରଧାନ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ, ପଦାଧିକାରୀ ସାମିଲ ହୋଇଥିଲେ। ପାଲଲହଡ଼ା ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

**ଇଣ୍ଡିଆ ମେଣ୍ଟର ଓଡ଼ିଶା ବନ୍ଦ**

# ଅଖଚକ, ବଜାର ବନ୍ଦ; ପ୍ରଭାବିତ ଜୀବନଯାତ୍ରା

କେନ୍ଦ୍ରାପଡ଼ା,୮।୧୦(ସମିସ): ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଏମ୍‌ଏମ୍‌ଡିଆର ଆଇନ ରଦ୍ଦ ଦାବିରେ ଇଣ୍ଡିଆ ବ୍ଲକ ଆହ୍ୱାନରେ କେନ୍ଦ୍ରାପଡା ଜିଲ୍ଲାରେ ବନ୍ଦ ଡାକରା ଦିଆଯାଇଥିବାବେଳେ ତାହା ସଫଳ ହୋଇଥିବା ମେଣ୍ଟକୁ ସମର୍ଥନ କରୁଥିବା ରାଜନୈତିକ ଦଳ ଦାବି କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରବେଶ ପଥ ତିନିମୁହାଣି ନିକଟରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ରାସ୍ତା ଅବରୋଧ କରି ଧାରଣା ଦେଇଥିଲେ। ଆନ୍ଦୋଳନରେ ସାମିଲ ହୋଇ ବନ୍ଦର ନେତୃତ୍ୱ ନେଇଥିବା ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ତଥା କେନ୍ଦ୍ରାପଡ଼ାର ବରିଷ୍ଠ କଂଗ୍ରେସ ନେତା ହଳଧର ସେଠୀ କହିଥିଲେ, ଏସଆଇଆର ଆଳରେ ଦେଶରେ ୧୩ କୋଟି ଓ ଓଡ଼ିଶାରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ବୈଧ ଭୋଟରଙ୍କୁ ବାଦ ଦିଆଯାଇଛି। ଏହାଦ୍ୱାରା ପରୋକ୍ଷରେ ଗଣତନ୍ତ୍ରକୁ ହତ୍ୟା କରାଯାଉଛି। ଯଦି କୌଣସି ବ୍ୟକ୍ତି ବା ଶକ୍ତି ଭାରତୀୟ ନାଗରିକଙ୍କ ମୌଳିକ ଅଧିକାର କ୍ଷୁର୍ଣ୍ଣ କରିବାକୁ ଉଦ୍ୟମ କରିବ, ତାହା ହେଲେ ସଂପୃକ୍ତ ବ୍ୟକ୍ତି କିମ୍ବା ଶକ୍ତି ବିରୋଧରେ ଜଣେ ଭାରତୀୟ ନାଗରିକ ଭାବେ ସମ୍ବିଧାନର ଧାରା ୩୨ ବଳରେ ସୁପ୍ରିମକୋର୍ଟରେ ଓ ଧାରା ୨୨୬ ବଳରେ ହାଇକୋର୍ଟରେ ମକଦ୍ଦମା ରୁଜୁ କରିପାରିବ। ଏ ନେଇ ସୁପ୍ରିମକୋର୍ଟ ଓ ବିଭିନ୍ନ ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ଏହାକୁ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ଭୟ କରୁନାହାଁନ୍ତି। କାରଣ ତାଙ୍କ ପଛରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହାଙ୍କ ପ୍ରଚ୍ଛନ୍ନ ହାତ ରହିଛି। ସେହିପରି ଭୋଟ ଚୋରି କରି କେନ୍ଦ୍ରରେ ମୋଦି ଓ ରାଜ୍ୟରେ ମୋହନ ସରକାର ଗଠନ କରାଯାଇଛି ବୋଲି ସେ ଅଭିଯୋଗ କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଦାସ କହିଲେ, ଏଭଳି କାର୍ଯ୍ୟର ମାଷ୍ଟରମାଇଣ୍ଡ ହେଉଛନ୍ତି ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର। ତେଣୁ ତାଙ୍କ ଇସ୍ତଫା ପାଇଁ କୋଟି କୋଟି ଭାରତୀୟ ଦାବି କରିଛନ୍ତି। ସେହିପରି ଓଡ଼ିଶାର ଖଣିଜ ସମ୍ପଦ ଓ ରାଜସ୍ୱ ଉପରେ ରାଜ୍ୟର ଅଧିକାର, ଆଦିବାସୀ ଓ ଖଣି ଶ୍ରମିକଙ୍କ ସ୍ୱାର୍ଥ, ଛାତ୍ରଛାତ୍ରୀଙ୍କ ଶିକ୍ଷା ଅଧିକାର, ବନ୍ୟା ପ୍ରଭାବିତ ଲୋକଙ୍କ ଜୀବିକାର ସୁରକ୍ଷା, ତୁରନ୍ତ କେନ୍ଦ୍ରାପଡା ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା, ଘୋଷିତ ସରକାରୀ ବିଶ୍ୱବିଦ୍ୟାଳୟର କାମ ଆରମ୍ଭ କରିବା, ଜିଲ୍ଲାରେ ମରଣଜନ୍ତା ପାଲଟିଥିବା ସମସ୍ତ ରାସ୍ତାକୁ ମରାମତି କରିବା ପାଇଁ ଦାବି ହୋଇଥିଲା।

ଜିଲ୍ଲାର ୯ଟି ବ୍ଲକ ଓ ୨ଟି ମ୍ୟୁନିସିପାଲିଟି ସମେତ କେନ୍ଦ୍ରାପଡା ସହରରେ ଓଡିଶା ବନ୍ଦ ସଫଳ ହେଇଥିବା ମେଣ୍ଟ ଦାବି କରିଛି। ସକାଳ ୬ଟାରୁ କଟକ-ଚାନ୍ଦବାଲି ରାସ୍ତାର ତିନିମୁହାଣିକୁ ବନ୍ଦ କରିବା ସହିତ ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ କରାଯାଇଥିଲା। ଫଳରେ ରାସ୍ତାରେ ଶହ ଶହ ଭାରୀଯାନ ସମେତ ଛୋଟ ଚାରିଚକିଆ ଯାନ ଛିଡା ହେଇଥିଲା। ଏହାଦ୍ୱାରା ଅର୍ଥନୀତି ବାଧାପ୍ରାପ୍ତ ହୋଇଥିଲା ବୋଲି ଅର୍ଥନୀତି ବିଶେଷଜ୍ଞ ମତ ଦେଇଛନ୍ତି। କେନ୍ଦ୍ରାପଡା ସହରରେ ଜିଲ୍ଲାପାଳ ଅଫିସି, କୋର୍ଟ, ବ୍ୟାଙ୍କ, ବୀମା ସମେତ ସମସ୍ତ ଦପ୍ତର ବନ୍ଦ ରହିଥିଲା। ଏହି ବନ୍ଦରେ କଂଗ୍ରେସର ସିପିଆଇ(ଏମ) ଜିଲ୍ଲା ସମ୍ପାଦକ ଗୟାଧର ଧଳ, ସିପିଆଇ ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ରମଣୀରଞ୍ଜନ ରାଉତରାୟ, ନଗର କଂଗ୍ରେସ ସଭାପତି ଦିଲ୍ଲୀପ ପ୍ରଧାନ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ, ଜିଲ୍ଲା କଂଗ୍ରେସ ସମ୍ପାଦକ ତଥା ପର୍ଯ୍ୟବେକ୍ଷକ ଅଶ୍ୱିନୀ ପାତ୍ର, ବିଭ୍ରାଂଶୁ ଲେଙ୍କା, ହରିଶ ପଟ୍ଟନାୟକ, ଆକବର ଅଲ୍ଲୀ, ଫକୀର ଚରଣ ଖଟୁଆ, ବିଜୟ ଶତପଥୀ, ସନ୍ତୋଷ ବେହେରା, ସୟଦ ଅବଦୁଲ ସତ୍ତାର, ସେକ ସାଗିର, ପ୍ରଭାତ ରାଉତ, ଛାତ୍ର କଂଗ୍ରେସ ସଭାପତି ଦିବ୍ୟରଞ୍ଜନ ରାଉତ, ସିପିଆଇ(ଏମ)ରୁ ଜଗତଜୀବନ ଦାଶ, ମାଧବ ଦାସ, ବିନୟ ଭୂଷଣ ମଲ୍ଲିକ, ଅଶୋକ ନାଥ, ସିପିଆଇ ନେତା ଆଦିକନ୍ଦ ରାଉଳ, ଅଜୟ ସାମଲ ପ୍ରମୁଖ ନେତୃତ୍ୱ ନେଇଥିଲେ।

**ପଟ୍ଟାମୁଣ୍ଡାଇ:** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଓ ଇଣ୍ଡିଆ ବ୍ଲକ ଆହ୍ୱାନରେ ପାଳିତ ଓଡ଼ିଶା ବନ୍ଦର ପ୍ରଭାବ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଦେଖିବାକୁ ମିଳିଥିଲା। ନଗର କଂଗ୍ରେସ କମିଟି ପକ୍ଷରୁ ପଟ୍ଟାମୁଣ୍ଡାଇ ସହର ସମେତ ପୌରାଞ୍ଚଳରେ ବନ୍ଦ ପାଳନ କରାଯାଇଥିଲା। ନଗର କଂଗ୍ରେସ କମିଟି ସଭାପତି ଯୁବନେତା ତପନ ପାତ୍ରଙ୍କ ନେତୃତ୍ୱରେ କଂଗ୍ରେସ ନେତା ଓ କର୍ମୀ ପଟ୍ଟାମୁଣ୍ଡାଇ ସହରର ବିଭିନ୍ନ ସ୍ଥାନରେ ପିକେଟିଂ କରି ଦୋକାନବଜାର ଓ ଅନ୍ୟାନ୍ୟ ସରକାରୀ ବେସରକାରୀ ପ୍ରତିଷ୍ଠାନ ବନ୍ଦ କରିବା ସହ ଏମଏମଡିଆର ଆକ୍ଟ ପ୍ରତ୍ୟାହାର, ଏସଆଇଆର ସଂଶୋଧନ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ସମେତ ବିଭିନ୍ନ ଦାବି କରିଥିଲେ। ଏଥିରେ ଜିଲ୍ଲା କଂଗ୍ରେସର ସାଙ୍ଗଠନିକ ଉପସଭାପତି ସତ୍ୟପ୍ରିୟ ସାମଲ, ପୂର୍ବତନ ପିସିସି ସଦସ୍ୟ ମଳୟ ଦାସ, ବରିଷ୍ଠ ନେତା ରାମକାନ୍ତ ଦାଶ, ପ୍ରଭାତ ସେଠୀ, କୁଳମଣି ମଲ୍ଲିକ, ଦିଲ୍ଲୀପ ସେଠୀ, ଅଶ୍ୱିନୀ ପାତ୍ର, ସ୍ନେହଲତା ରାୟଚୌଧୁରୀ, ବିଶ୍ୱନାଥ ସାହୁ, ନକୁଳ ଦାସ, ରାଜକିଶୋର ବେହେରା, ପ୍ରିନ୍ସ ଜେନା, ବିଶ୍ୱନାଥ ସାମନ୍ତରାୟ, ସିଦ୍ଧାର୍ଥ ଜେନା, ଟାପନ ମଲ୍ଲିକ ଓ ପ୍ରକାଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ କଂଗ୍ରେସ ନେତା କର୍ମକର୍ତ୍ତା ଓ କର୍ମୀ ସାମିଲ ପଟ୍ଟାମୁଣ୍ଡାଇ ବାଇପାସ ସମେତ ସହର ଓ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ବନ୍ଦ ସଫଳ ପାଇଁ ପିକେଟିଂ କରିଥିଲେ। ପଟ୍ଟାମୁଣ୍ଡାଇ ନଗର କଂଗ୍ରେସ ସହିତ ସିପିଆଇ ନେତା ବାବାଜୀ ଧଳ ଓ ବିଜୟ ଦାସ, ସିପିଏମ ନେତା ଅଭୟ ଦାସ, ସିପିଆରଏମଏଲ ନେତା ଶ୍ରୀକାନ୍ତ ଲେଙ୍କା, ନବ ନିର୍ମାଣ କୃଷକ ସଂଗଠନର ଦାଶ ରଥୀ ସାହୁ ଓ ସମାଜବାଦୀ ପାର୍ଟିର ଅମରେଶ ପାତ୍ର ପ୍ରମୁଖ ବିଭିନ୍ନ



ବିରୋଧୀ ରାଜନୈତିକ ଦଳ ଓ ଗଣ ସଂଗଠନ ସାମିଲ ହୋଇ ଓଡିଶା ବନ୍ଦକୁ ସଫଳ କରିଥିଲେ। ଅନ୍ୟପକ୍ଷରେ ପଟ୍ଟାମୁଣ୍ଡାଇ ବନ୍ଦକୁ ସଫଳ କରିବା ପାଇଁ ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ ସଭାପତି ପ୍ରକାଶ ମହାନ୍ତି, ଜିଲ୍ଲା କଂଗ୍ରେସ ସମ୍ପାଦକ ଅଶ୍ୱିନୀ ପାତ୍ର, ବରିଷ୍ଠ ନେତା ଧନେଶ୍ୱର ଦାସ, ରବିନାରାୟଣ ମିଶ୍ର, ଦୋଳଗୋବିନ୍ଦ ସାହୁ, ପ୍ରକାଶ ମଲିକ, ଅନ୍ତର୍ଯ୍ୟାମୀ କୁଣ୍ଡ ପ୍ରମୁଖ ସାମିଲ ଥିଲେ।

**ଗରଦପୁର:** ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ନେଇ ଆଜି ପାଟକୁରା କଂଗ୍ରେସ ପକ୍ଷରୁ ପାଟକୁରା ବନ୍ଦ କରାଯାଇଛି। ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ତଥା ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନଗୋଙ୍କ ନେତୃତ୍ୱରେ ଗରଦପୁର ବ୍ଲକକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ଚକ୍‌ଅଖ ବନ୍ଦ ରହିଥିଲା। ପ୍ରଥମେ ମାହାଳ ବଜାରରୁ ବନ୍ଦ ଆରମ୍ଭ ହୋଇଥିଲା। ଉକ୍ତ ବଜାରରେ ଜିଲ୍ଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ରମାକାନ୍ତ ସ୍ୱାଇଁ, ପ୍ରଦୀପ ଲେଙ୍କା, ଶ୍ୟାମସୁନ୍ଦର ଲେଙ୍କା, ରଶ୍ମିରଞ୍ଜନ ସାହୁ, ପ୍ରଦୀପ ମହରଣା, ଗୋଲକ ସେଠୀ, ପ୍ରମୋଦ ନାୟକ, ଦୋଳଗୋବିନ୍ଦ ମିଶ୍ର ପ୍ରମୁଖ ଟାୟାର ଜାଳି ବଜାର ବନ୍ଦ



କରିବା ସହ ଷ୍ଟେଟ୍ ବ୍ୟାଙ୍କ, କୋରୁଆ ଷ୍ଟେଟ ବ୍ୟାଙ୍କ, ସମବାୟ ବ୍ୟାଙ୍କ, ଡାକଘର, ପଶୁସମ୍ପଦ ବିଭାଗ ପ୍ରଭୃତି ବନ୍ଦ କରିଥିଲେ। ସେହିପରି ଲୋକନାଥ ମହାବିଦ୍ୟାଳୟ ଛକରେ କୋରୁଆ ବଜାର, ବିଭିନ୍ନ ମହାବିଦ୍ୟାଳୟକୁ କଂଗ୍ରେସ କର୍ମୀ ଶିବପ୍ରସାଦ କୁଣ୍ଡୁ, ଶଙ୍କର୍ଷଣ ମଲ୍ଲିକ, ପ୍ରଫୁଲ୍ଲ ଦାସ, ଚଗଲା ଦାସ ପିକେଟିଂ କରିବା ସହ ରାସ୍ତା ଅବରୋଧ କରିଥିଲେ। କଂଗ୍ରେସ ନେତା ରତିକାନ୍ତ କାନୁନଗୋ, ବ୍ଲକ କଂଗ୍ରେସ କମିଟି ସଭାପତି ଜ୍ୟୋତି ପରିଡ଼ା, କୁମର ପାଣି, ରଞ୍ଜନ ପରିଜାଙ୍କ ସମେତ ବହୁ କଂଗ୍ରେସ କର୍ମୀ ଗରଦପୁର ବ୍ଲକ, ତହସିଲ, କଳାବୁଦା ବଜାର, ପାଟକୁରା ବଜାର ବନ୍ଦ କରିଥିଲେ।

**ପଞ୍ଚୁପାଣ୍ଡବ:** ପାଟକୁରା ନିର୍ବାଚନମଣ୍ଡଳୀ ଡେରାବିଶ ବ୍ଲକର ୧୨, ୧୩ ଓ ୧୪ନଂ ଜୋନରେ ଓଡିଶା ବନ୍ଦକୁ ସଫଳ କରାଯାଇଛି। ଆଜି ସକାଳ ପ୍ରାୟ ଦଶଟା ବେଳକୁ ଡେରାବିଶ ଅଞ୍ଚଳର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଖୋଲାଥିବା ଅଭିଯୋଗ ହୋଇଥିଲା। ଖବର ପାଇ ଡେରାବିଶ ବ୍ଲକ କର୍ଯ୍ୟାଳୟ, ତହସିଲ, ଛତା ପଲିଟେକନିକ୍ କଲେଜ, ଷ୍ଟେଟ ବ୍ୟାଙ୍କ ଓ ବିଭିନ୍ନ ସ୍କୁଲ କଲେଜ ଓ ଦୋକାନ ବଜାର କୁ କଂଗ୍ରେସ ନେତା ମାନେ ଯାଇ ବନ୍ଦ କରି ଥିବା ଦେଖିବାକୁ ମିଳିଥିଲା। ପାଟକୁରା ନିର୍ବାଚନମଣ୍ଡଳୀର କଂଗ୍ରେସ ଦଳ ପକ୍ଷରୁ ଆଜି ଛତାଠାରେ ବନ୍ଦ ପାଳନ କରାଯାଇଥିଲା। ରାସ୍ତା ଏକପ୍ରକାର ଯିବାଆସିବା ଠପ୍ ହୋଇଯାଇଥିଲା। ଶାନ୍ତିଶୃଙ୍ଖଳା ସହ ବନ୍ଦ ପାଳନ ହୋଇଥିବାବେଳେ ପୁଲିସ ଅଧିକାରୀ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସାଧାରଣ



ସଂପାଦକ ରତିକାନ୍ତ କାନୁନ୍‌ଗୋଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ ନେତା କର୍ମୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ସେକ୍ରେଟେରୀ ଅଶୋକ ଜେନା, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଉମେଶ ତ୍ରିପାଠୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା କୃଷ୍ଣପ୍ରିୟା ବାରିକ, ବ୍ଲକ ସଭାପତି ରାଜିବଲୋଚନ ମିଶ୍ର, ଜିଲ୍ଲା କିଷାନ ସଂଘ ସଭାପତି ଜୟଦେବ ପରିଡ଼ା, ନାରାୟଣ ବଳ, ରଶ୍ମିତା ମହାନ୍ତି, ମନ୍ମଥ ସାହୁ, ମେହେବୁବ ଅଲ୍ଲୀ ଖାଁ ପ୍ରମୁଖ ସାମିଲ ଥିଲେ।

**ରାଜନଗର:** ଏମଏମଡିଆର ଆଇନ ପ୍ରତ୍ୟାହାର, ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଓ ମୁଖ୍ୟ ନିର୍ବାଚନ କମିସନରଙ୍କ ବହିଷ୍କାର ଦାବିରେ ଆଜି କଂଗ୍ରେସ ପକ୍ଷରୁ ଓଡିଶା ବନ୍ଦ ଡାକରା ଦିଆଯାଇଥିଲା। ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ପ୍ରଶାନ୍ତ ରାଉତଙ୍କ ନେତୃତ୍ୱରେ ରାଜନଗରରେ ବନ୍ଦ ପାଳନ କରାଯାଇଥିଲା। ରାଜଙ୍ଗାର ହଂସୁଆ ସେତୁ ନିକଟରେ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଥିଲା। ଫଳରେ ଗାଡି ଚଳାଚଳ ବନ୍ଦ ରହିଥିଲା। କଂଗ୍ରେସ କର୍ମୀ ପକେଟିଂ କରି ସରକାରୀ କାର୍ଯ୍ୟାଳୟ ବନ୍ଦ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଦାମୋଦର ବିଶ୍ୱାଳ, ରାଜନଗର ବ୍ଲକ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରଗତି ସେଠୀ, ଆଶିଷ ମହତା, ଉପସଭାପତି ରାଜଶ୍ରୀ ନାୟକ,



ଯୁବ କଂଗ୍ରେସ ସଭାପତି ସୁଶୀଲ ପ୍ରଧାନ, ଛାତ୍ର କଂଗ୍ରେସ ସଭାପତି ଅଭିକ୍ ଦାସ, ୩୦ ନମ୍ବର ଜୋନ ସଭାପତି ଚିତ୍ତରଞ୍ଜନ କୁଣ୍ଡ, ୩୧ନଂ ସଭାପତି ମହେଶ୍ୱର ରାଉତ, ଜିଲ୍ଲା ଯୁବ କଂଗ୍ରେସ ଉପସଭାପତି ରଶ୍ମିରଞ୍ଜନ ରାଉତ, ବ୍ଲକ କଂଗ୍ରେସ ସମ୍ପାଦକ ଖଗେଶ୍ୱର ବାରିକ, ରାଜପୁର ପଞ୍ଚାୟତ ସଭାପତି କପିଳାସ ସ୍ୱାଇଁ, ବେଲପାଳ କଂଗ୍ରେସ ସଭାପତି କର୍ଣ୍ଣଚନ୍ଦ୍ର ବିଶ୍ୱାଳ, ମହିଷାସୁର ପଞ୍ଚାୟତ ସଭାପତି ଶରତ ସ୍ୱାଇଁ, ଡେରା ପଞ୍ଚାୟତ ସଭାପତି ଅଲେଖ ବାରିକ, ବାଲିସାହିପାଟଣା ସଭାପତି ଅମୂଲ୍ୟ ଜେନା, ଓସ୍ତିଆ କଂଗ୍ରେସ ସମ୍ପାଦକ କମଳଲୋଚନ ରାଉତ, ବରିଷ୍ଠ ନେତା ଶରତ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

**ଡେରାବିଶ:** ଇଣ୍ଡି ମେଣ୍ଟ ଡକରାରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଓଡ଼ିଶା ବନ୍ଦ ଡେରାବିଶ ବ୍ଲକ୍‌ରେ ସଫଳ ହୋଇଛି। ପାଟକୁରା ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ତଥା ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ଡଃ ରତିକାନ୍ତ କାନୁନ୍‌ଗୋଙ୍କ ନେତୃତ୍ୱରେ କଟକ-ଚାନ୍ଦବାଲି ରାଜରାସ୍ତାର ଚାନ୍ଦୋଳ ଫାଣ୍ଡି ଛକରେ ରାଜରାସ୍ତାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡେରାବିଶ ବ୍ଲକ କଂଗ୍ରେସ ସଭାପତି ରାଜୀବଲୋଚନ ମିଶ୍ର, ଜିଲ୍ଲା ଉପସଭାପତି ଉମେଶ ତ୍ରିପାଠୀ, ବରିଷ୍ଠ ଯୁବ କଂଗ୍ରେସ ନେତା ସୁଖଦାନନ୍ଦ ପ୍ରଧାନ, ଜୟଦେବ ପରିଡ଼ା, ବିଧୁଭୂଷଣ ମହାପାତ୍ର, ବିଧାନ ସାମଲ, ଗୋଲଖ ସ୍ୱାଇଁ, ହରିହର ଜେନା, କୈଳାସ କର, ସୁଧିର ରାଉତ, ରଶ୍ମିତା ମହାନ୍ତି, ମାନସ ଜେନା, ପ୍ରମୋଦ ରାଉତ, ବଳରାମ ସାହାଣୀ, ଦେବେନ୍ଦ୍ର ବାରିକ, ଗୋପିନାଥ ଯେନା, ବଂଶିଧର ବେହେରା,




କୃଷ୍ଣପ୍ରିୟା ବାରିକଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ। ସେହିପରି ୫୩ନଂ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର ଛତାଠାରେ ଆୟୋଜିତ ପ୍ରତିବାଦ ସଭାରେ ବ୍ଲକ କଂଗ୍ରେସ ସଭାପତି ରାଜୀବଲୋଚନ ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ଡ. ରତିକାନ୍ତ କୁନୁନ୍‌ଗୋ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତା ଓ ଜନମାରଣ ନୀତି ଉପରେ ଗୁରୁତ୍ୱାରୋପ କରିଥିଲେ। କେବଳ ଲୋକଙ୍କୁ ଭଣ୍ଡାଇ ଡବଲ୍‌ଇଞ୍ଜିନ ସରକାର ଚଳାଇଥିବା ବିଜେପି ସରକାର ଛାତ୍ରଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପାଇଁ ଥିବା ଯୋଜନାକୁ କିଭଳି ବାଟମାରଣା କରାଯିବ, ସେଥିରେ ବ୍ୟସ୍ତ ରହିବା ସହ ଏସ୍‌ଆଇଆର ଭୋଟର ତାଲିକାରେ ରାଜ୍ୟ ତଥା ପାଟକୁରା ନିର୍ବାଚନମଣ୍ଡଳୀର ବହୁ ଯୋଗ୍ୟ ଭୋଟରଙ୍କୁ କିପରି ବାଦ୍ ଦିଆଯାଇଛି ତାର ଅବତାରଣ କରିଥିଲେ। ଏ ଅବସରରେ କର୍ମୀ ଡେରାବିଶ ବ୍ଲକ ଅଂଚଳରେ ଥିବା ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସମେତ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଆଜି ଡେରାବିଶ ବ୍ଲକ୍ କାର୍ଯ୍ୟାଳୟ, ଶିକ୍ଷା କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ ସମେତ ବିଭିନ୍ନ ରାଷ୍ଟ୍ରାୟତ ବ୍ୟାଙ୍କ ସମ୍ମୁଖରେ ଦଳୀୟ କର୍ମୀ ପିକେଟିଂ କରିଥିବାରୁ କୌଣସି କର୍ମଚାରୀ କାର୍ଯ୍ୟାଳୟ ଭିତରକୁ ଯାଇପାରି ନ ଥିଲେ। ସେହିପରି ବ୍ଲକ ଅଞ୍ଚଳର ସମସ୍ତ ବଜାର ଓ ଗାଁ ଗହଳି ଭିତରେ ଥିବା ସମସ୍ତ ଦୋକାନ ଆଜି ସମ୍ପୂର୍ଣ୍ଣ ବନ୍ଦ ରହିଥିଲା।

**ମହାକାଳପଡ଼ା:** ଓଡ଼ିଶାର ସ୍ୱାର୍ଥ, ସ୍ୱାଭିମାନ ଓ ହକ୍ ସହ ଆଦିବାସୀଙ୍କ ଅଧିକାର ରକ୍ଷା ଦାବିରେ ଦିଆଯାଇଥିବା "ଓଡ଼ିଶା ବନ୍ଦ' ଡାକର ପ୍ରଭାବ




ମହାକାଳପଡ଼ାରେ ପରିଲକ୍ଷିତ ହୋଇଛି। କଂଗ୍ରେସ ଓ "ଇଣ୍ଡି' ମେଣ୍ଟର ସହଯୋଗୀ ଦଳର ନେତା ଓ କର୍ମୀ ରାସ୍ତାକୁ ଓହ୍ଲାଇ ପିକେଟିଂ କରିବା ସହ ବନ୍ଦ ପାଳନ କରିଥିଲେ। ସକାଳ ୬ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ମହାକାଳପଡ଼ା ଅଞ୍ଚଳରେ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ବ୍ୟାଙ୍କ, ବିଭିନ୍ନ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ ମଧ୍ୟ ବନ୍ଦ ରହିଥିଲା। ତେବେ ଆମ୍ବୁଲାନ୍ସ, ରୋଗୀ ବାହନ, ପରୀକ୍ଷାର୍ଥୀଙ୍କ ଯାନ ଓ ଦୁଗ୍ଧ ଯୋଗାଣ ଭଳି ଜରୁରୀ ସେବାକୁ ବନ୍ଦରୁ ବାଦ୍ ଦିଆଯାଇଥିଲା। ମାର୍ଶାଘାଇ-ଜମ୍ବୁ ରାସ୍ତାର ମହାକାଳପଡ଼ା ଛକରେ ଶତାଧିକ କଂଗ୍ରେସ କର୍ମୀ ଓ "ଇଣ୍ଡି' ମେଣ୍ଟର ସହଯୋଗୀ ଦଳର ନେତା ରାସ୍ତାରୋକ କରିଥିଲେ। ପରେ ବ୍ଲକ, ତହସିଲ ଓ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ପିକେଟିଂ କରି ବନ୍ଦ ପାଳନରେ ସାମିଲ ହେବାକୁ ନିବେଦନ କରିଥିଲେ। ପ୍ରଦେଶ କଂଗ୍ରେସ କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାସଙ୍କ ନିର୍ଦ୍ଦେଶକ୍ରମେ ଓ ବରିଷ୍ଠ କଂଗ୍ରେସ ନେତା ତଥା ଶିକ୍ଷାବିତ୍ ବେଣୁଧର ସାହୁଙ୍କ ତତ୍ତ୍ୱାବଧାନରେ ବନ୍ଦ ପାଳନ ହୋଇଥିଲା। ମହାକାଳପଡ଼ା ବ୍ଲକ କଂଗ୍ରେସ ସଭାପତି ଚିତ୍ତରଞ୍ଜନ ତରାଇ, ଜିଲ୍ଲା କଂଗ୍ରେସ ସମ୍ପାଦକ ପ୍ରମୋଦ ସ୍ୱାଇଁ, ପ୍ରବୀଣ ନାୟକ, ସିପିଆଇ(ଏମ୍) ନେତା ନରୋତ୍ତମ ପାର୍ଥସାରଥୀ, ନିରାକାର ଜେନା, ବସନ୍ତ ସେଠୀ, ରଘୁନାଥ ସେଠୀ, ତନ୍ମୟ ମହାପାତ୍ର, ସୁବ୍ରତ ସେଠୀଙ୍କ ସମେତ ୩ ଶହରୁ ଊର୍ଦ୍ଧ୍ୱ କର୍ମୀ ଓ ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ।

**ଗରଦପୁର:** ସମିସ ପାଟକୁରାରେ ବନ୍ଦ ଡାକରା ବେଳେ ଗରଦପୁର ବ୍ଲକସ୍ଥ ଲୋକନାଥ ମହାବିଦ୍ୟାଳୟ ନିକଟସ୍ଥ କୋରୁଆ ଛକରେ ବିଜେପି ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜି ଦୀର୍ଘ ସମୟ ଧରି ଉତ୍ତେଜନା



ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ କୁଦାନଗରୀ ଥାନା ପୁଲିସ ଉପସ୍ଥିତ ଥିବାରୁ ଉତ୍ତେଜନାକୁ ଆୟତ୍ତ କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଆଜି କଂଗ୍ରେସ ଦଳ ପକ୍ଷରୁ ବନ୍ଦ ପାଳନ ବେଳେ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଦସ୍ୟ ସୂର୍ଯ୍ୟକାନ୍ତ ଲେଙ୍କା ଓ ବିଜେପି କର୍ମୀ ବବୃବାହନ ଷଡ଼ଙ୍ଗୀ ସତେତ କେତେକ ବିଜେପି କର୍ମୀ ଏକ କାର୍‌ରେ ବିଜେପି ଦଳୀୟ ପତାକା ମାରି ହଠାତ୍ କୋରୁଆ ବଜାର ଛକରେ ପହଞ୍ଚି ନିଜର ଗନ୍ତବ୍ୟ ସ୍ଥଳ କୁ ଯିବାକୁ ଚାହୁଁଥିଲେ। ଏହି ସମୟରେ ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନଗୋଙ୍କ ନେତୃତ୍ୱରେ ଶହ ଶହ କଂଗ୍ରେସ କର୍ମୀ ମହାବିଦ୍ୟାଳୟ ଛକକୁ ବନ୍ଦ କରି ନାରାବାଜି କରୁଥିଲେ। ତେବେ ଉକ୍ତ ଦୁଇ ବିଜେପି କର୍ମୀ ଜବରଦସ୍ତ ଯିବା ପାଇଁ ଜୁଲୁମ କରିବା ସହ କଂଗ୍ରେସ ଦଳ ଓ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ତଥା ପାଟକୁରା କଂଗ୍ରେସ ନେତା ରମାକାନ୍ତ କାନୁନଗୋଙ୍କ ବିରୋଧରେ ଅତ୍ୟନ୍ତ କଟୁ ଓ ଅରୁଚିକର ମନ୍ତବ୍ୟ ଦେବା ଫଳରେ କଂଗ୍ରେସ କର୍ମୀ ଉତ୍ୟକ୍ତ ହୋଇ ଉକ୍ତ କାର୍‌କୁ ଅଟକାଇବା ସହ ପରିସ୍ଥିତି ଅଣାୟତ୍ତ ହୋଇପଡ଼ିଥିଲା। କାର୍‌ରେ ଥିବା ଉଭୟ ବିଜେପି କର୍ମୀ ତାଙ୍କ ସମର୍ଥକ ସରକାର ଓ ପୁଲିସ ଭୟ ଦେଖାଇ ଯିବାକୁ ଉଦ୍ୟମ କଲାବେଳେ କଂଗ୍ରେସ କର୍ମୀ ବିଜେପି କର୍ମୀଙ୍କ କାରକୁ ପଛକୁ ଫେରାଇବା ପାଇଁ ଅଡି ବସିବା ବେଳେ ଉଭୟ କଂଗ୍ରେସ ଓ ବିଜେପି କର୍ମୀ ମୁହାଁମୁହିଁ ହୋଇ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଶେଷରେ ବିଜେପି କର୍ମୀ କାର୍‌କୁ ପଛକୁ ନେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

---

● ବେଡାରୀ ପଞ୍ଚାୟତରେ ବିଜେପିର ମନମାନୀ ଅଭିଯୋଗ

## ଗ୍ରାମ୍ୟ ଉନ୍ନୟନ ବିଭାଗ ଟେଣ୍ଡର ରାସ୍ତା ଉପରେ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟ ପାଇଁ ମସୁଧା

ଗରଦପୁର, ୮।୧୦ (ସମିସ): ଗରଦପୁର ବ୍ଲକ ବେଡାରୀ ପଞ୍ଚାୟତରେ ବିଜେପି ମନମାନୀ ସୀମା ଟପିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ପଞ୍ଚାୟତର ହରିଦାସପୁର ଗ୍ରାମରେ କଂକ୍ରିଟ ରାସ୍ତା ନିର୍ମାଣକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି। ଉକ୍ତ ରାସ୍ତା ପାଇଁ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ହରିଦାସପୁର ଶନି ମନ୍ଦିରଠାରୁ ବେଡାରୀ ସ୍କୁଲ ଦେଇ ସୋଲପାଟ ପର୍ଯ୍ୟନ୍ତ ଏକ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ହେଲେ ସେହି ରାସ୍ତାରେ ପୁନର୍ବାର ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ ରାସ୍ତାରେ କଂକ୍ରିଟ ରାସ୍ତା ପାଇଁ ଅର୍ଥ ମଞ୍ଜୁର କରିଛନ୍ତି। ଯାହାକି ବିଜେପି କର୍ମୀ ଏହି କାମକୁ କରିବା ପାଇଁ ଫଳକ ନିର୍ମାଣ କରି କାମ ଆରମ୍ଭ କରିବାକୁ ବସିଛନ୍ତି।

ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଉକ୍ତ ରାସ୍ତା ଉନ୍ନତିକରଣ ପାଇଁ ପାଇଁ ୨ କୋଟି ୯୩ ଲକ୍ଷ ୭୫ ହଜାର ୧୧୭ ଟଙ୍କାରେ ଟେଣ୍ଡର ଡାକି ସାରିବା ପରେ ପ୍ରଭାସ ବେହେରା ନାମକ ଜଣେ ଠିକାଦାର ଏହି କାମ ନେଇଛନ୍ତି। ଏହି କାମ ଆସନ୍ତା ୨୦୨୭ ମାର୍ଚ୍ଚ ମାସରେ ଶେଷ କରିବେ ବୋଲି ଚୁକ୍ତି କରିଛନ୍ତି। ହେଲେ ବ୍ଲକ ପ୍ରଶାସନ ସେହି ରାସ୍ତାରେ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ କାର୍ଯ୍ୟ ପାଇଁ ସରକାରଙ୍କ ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଯୋଜନାରେ ୩ ଲକ୍ଷ ୫୦ ଟଙ୍କା ମଞ୍ଜୁର କରିଛନ୍ତି। ଏହି କାରଣରୁ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଉକ୍ତ ରାସ୍ତା ପାଇଁ ସରକାର ତଥା ଗ୍ରାମ୍ୟ ଉନ୍ନୟନ ବିଭାଗ ଅର୍ଥ ମଞ୍ଜୁର କରିଥିଲେ ବି ସେହି ରାସ୍ତା ପାଇଁ ବ୍ଲକ ପ୍ରଶାସନ କିଭଳି ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଶରତ ସେଠୀଙ୍କ ଘରଠାରୁ ଶନି ମନ୍ଦିର ପର୍ଯ୍ୟନ୍ତ ଅର୍ଥ ମଞ୍ଜୁର କରିଛନ୍ତି। ଏହାଛଡା ଏହି କାମ କରିବାକୁ ବିଜେପି କର୍ମୀ ଫଳକ ନିର୍ମାଣ କରି ରଠ ରାସ୍ତା ନିର୍ମାଣ କରି ଅର୍ଥ ହଡପ କରି ନେବାକୁ ବସିଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଏଭଳି ବେଆଇନ ରାସ୍ତା ନିର୍ମାଣ ପାଇଁ ବ୍ଲକ ପ୍ରଶାସନ ବିରତ ରହିବାକୁ ଗ୍ରାମବାସୀ ଦାବି କରବା ସହ ଯଦି ବ୍ଲକ ପ୍ରଶାସନ ଏହି ରାସ୍ତା ନିର୍ମାଣରୁ ବିରତ ନୁହଁନ୍ତି ତାହାହେଲେ ଗ୍ରାମବାସୀ ରାସ୍ତାରୋକ କରିବାକୁ ପଛାଇବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ବିଡିଓ ଆଲୋକ ସେଠୀଙ୍କୁ ଏ ସମ୍ପର୍କରେ ପଚାରିବାରୁ ଅନୁଧ୍ୟାନ କରି ପଦକ୍ଷେପ ନେବାକୁ କହିଛନ୍ତି।

## ପୀତାମ୍ବର ଓ ହେମଲତାଙ୍କୁ ଶ୍ରଦ୍ଧାଞ୍ଜଳି

ପଟ୍ଟାମୁଣ୍ଡାଇ,୮।୧୦(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ସାମ୍ବାଦିକ ୟୁନିଅନ ଉପସଭାପତି ପଟ୍ଟାମୁଣ୍ଡାଇ ଅଞ୍ଚଳର ଅକ୍ଷୟ ସାହୁଙ୍କ ପିତା ବ୍ୟବସାୟୀ ଓ ସମାଜସେବୀ ପୀତାମ୍ବର ସାହୁ ଓ ମାତା ଧର୍ମପ୍ରାଣା ମହିଳା ହେମଲତା ସାହୁଙ୍କ ସଫଳୀ ଶ୍ରାଦ୍ଧ ଉତ୍ସବ ହରପାର୍ବତୀ ମନ୍ଦିରରେ ପାଳିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁଙ୍କ ପୌରୋହିତ୍ୟ ଓ କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀଙ୍କ ସଂଯୋଜନାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଅତିରିକ୍ତ ଜିଲ୍ଲା ଜଜ ବିଦ୍ୟାଧର ପୃଷ୍ଟି, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଲେଖ ଜେନା, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ପ୍ରାକ୍ତନ ଅଧ୍ୟକ୍ଷ ଅନିରୁଦ୍ଧ ରାଉଳ, ଡା. ଚନ୍ଦ୍ରଶେଖର ଦାଶ, ପୂର୍ବତନ ପୌର ଉପାଧ୍ୟକ୍ଷ ସୁମନ୍ତ ପାତ୍ର, ଜିଲ୍ଲା ବିଜେଡି ଉପସଭାପତି ଅମୂଲ୍ୟ ପ୍ରଧାନ, ନଗର ବିଜେଡି ସଭାପତି ବୁଢା ଲେଙ୍କା, ନଗର କଂଗ୍ରେସ ସଭାପତି ତପନ ପାତ୍ର, ବଣିକ ସଂଘ ଉପସଭାପତି ମୋହନ ଦାସ, ଓକିଲ ସଂଘ ଉପସଭାପତି ଗୋପୀନାଥ ତ୍ରିପାଠୀ ଓ ସମ୍ପାଦକ ରବୀନ୍ଦ୍ର ଦାଶ, ଅଣ୍ଡରା ସମବାୟ ସମିତି ସଭାପତି ବୃନ୍ଦାବନ ମଲ୍ଲିକ, ବିଜେପି ନେତା ମିଟୁ ମନୋଜ ନାୟକ ପ୍ରମୁଖ ଯୋଗଦେଇ ଦିବଂଗତ ପୀତାମ୍ବର ସାହୁ ଓ ହେମଲତା ସାହୁଙ୍କ ସ୍ମୃତିଚାରଣ କରିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଫାର୍ମା ଅଫିସର ଅବିନାଶ ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ସୁମିତ୍ରା ସାହୁ, ନମିତା ପୃଷ୍ଟି, ସସ୍ମିତା ମହଲା, ବବିତା ପୃଷ୍ଟି, ଶୁଭଲକ୍ଷ୍ମୀ ପାତ୍ର, ଇଂ କୌଶିକ ମହଲା, ଅନୁଷ୍କା ସାହୁ, ଶୁଭମ ପୃଷ୍ଟି ପ୍ରମୁଖ ପରିଚାଳନା କରିଥିଲେ।

● ରାଜନଗରରେ ଶାରଦୀୟ ଦୁର୍ଗାପୂଜା

## ମୂର୍ତ୍ତି ନିର୍ମାଣରେ ବ୍ୟସ୍ତ କାରିଗର

ରାଜନଗର,୮।୧୦(ସମିସ):

ଚଳଚଞ୍ଚଳ ରାଜନଗର.. ଉତ୍କଣ୍ଠାରେ ଶ୍ରଦ୍ଧାଳୁ ଭକ୍ତ। ପାଖେଇ ଆସୁଛି ଶାରଦୀୟ ଦଶହରା ପାର୍ବଣର



ରତୁ। ଜଗତର କଲ୍ୟାଣ ପାଇଁ ଧରାଧାମକୁ ଓହ୍ଲେଇ ଆସିବେ ମା' ଦୁର୍ଗେ। ମା'ଙ୍କୁ ଆବାହନୀ ଓ ଭାବଭକ୍ତିରେ ସ୍ୱାଗତ ପାଇଁ ସଭିଏଁ ଅପେକ୍ଷାରତ। ଚଳିତ ଦୁର୍ଗାପୂଜାରେ ୨୮ଟି ମେଢ଼ ସ୍ଥାନ ପାଇବ। ସେଥିପାଇଁ ବିଭିନ୍ନ ପୀଠରେ କୁଶଳୀ ବିଶ୍ୱକର୍ମା ଦେବାଦେବୀଙ୍କ ମୂର୍ତ୍ତି ଗଢିବା ଦିନରାତି ଏକ କରିଦେଇଛନ୍ତି। ଶିଳ୍ପୀଙ୍କ କଳାକୌଶଳରେ ନିର୍ମାଣ ହେଉଥିବା ଦେବାଦେବୀ ଅତ୍ୟନ୍ତ ସୁନ୍ଦରତମ ଦେଖିବାକୁ ମିଳିଛି। ବିଭିନ୍ନ ପୂଜା କମିଟି ପକ୍ଷରୁ ପୂଜା ମଣ୍ଡପକୁ ଅଧିକ ଆକର୍ଷଣ କରିବାପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଗଲାଣି।

ସେହିପରି ଚଳିତ ବର୍ଷ ପୂଜା ପାର୍ବଣକୁ ଶାନ୍ତିଶୃଙ୍ଖଳାର ସହ ସମାପନ ପାଇଁ ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ପ୍ରଥମେ ରାଜନଗର ତହସିଲଦାର ଯୀଶୁକୃଷ୍ଣ ଦାସଙ୍କ ପୌରାହିତ୍ୟରେ ଏକ ଶାନ୍ତି କମିଟି ବସି ବିଭିନ୍ନ ଘଟଣା ଉପରେ ଆଲୋଚନା କରାଯାଇଛି। ପୂଜା ସମୟରେ ରାଜନଗର, ଜରିମୂଳ, ତ୍ରିନାଥ ବଜାର ଓ ବୀଣାପାଣି ବଜାରରେ ଟ୍ରାଫିକ ସମସ୍ୟା, ନିଶା କାରବାର, ଅପମିଶ୍ରିତ ଖାଦ୍ୟ ପ୍ରସ୍ତୁତି, ପରିମଳ ଓ ଉଜ୍ଜଳ ଆଲୋକ ଉପରେ ଏହି ଶାନ୍ତି ବୈଠକରେ ଆଲୋଚନା ହୋଇଥିଲା। ମୋଟାମୋଟି ଭାବେ ପରିସ୍ଥିତିକୁ ଆଖିଆଗରେ ରଖାଯାଇଛି, ଆବଶ୍ୟକ ପଡିଲେ ଆଇନ ଶୃଙ୍ଖଳା ପାଇଁ କଡା ପଦକ୍ଷେପ ନିଆଯିବ ବୋଲି ଇନ୍ସପେକ୍ଟର ରତି ରଞ୍ଜନ ନାୟକ ସୂଚନା ଦେଇଛନ୍ତି।


### ଅତିରିକ୍ତ ବିଜ୍ଞପ୍ତି

ଭାରତର ଗେଜେଟ୍ (DL-୩୩୦୦୪/୯୯), ଭାଗ-II, ବିଭାଗ-୩, ଉପ-ବିଭାଗ (ii) ନଂ. ୨୭୧୭ (ନୂଆଦିଲ୍ଲୀ, ବୁଧବାର, ୧୬ ଡିସେମ୍ବର ୨୦୧୫ / ଅଗ୍ରହାୟଣ ୨୫, ୧୯୩୭) ରେ ପ୍ରକାଶିତ JSW Energy (Utkal) Limited (ପୂର୍ବନାମ Ind-Barath Energy (Utkal) Limited) ର ସାର୍ବଜନୀନ ବିଜ୍ଞପ୍ତି ପାଇଁ ଏହି ଅତିରିକ୍ତ ବିଜ୍ଞପ୍ତି -

**ଟ୍ରାନ୍ସମିସନ୍ (ବିଦ୍ୟୁ ସଞ୍ଚାରଣ) ଯୋଜନାର ନାମ:** 400 kV Ind-Barath TPS - 765/400kV Jharsuguda Pooling Station D/C (Twin Moose) ଏବଂ ଝାରସୁଗୁଡ଼ା ଷ୍ଟେସନରେ ଆନୁଷଙ୍ଗିକ ଲାଇନ୍ ବେ (line bays) - ଯାହା ଉତ୍ପାଦନକାରୀ ସଂସ୍ଥା ଦ୍ୱାରା ଏକ ସ୍ୱତନ୍ତ୍ର ଲାଇନ୍ ଭାବରେ ବିକଶିତ କରାଯିବ ।

**ଯୋଜନା ଅନ୍ତର୍ଗତ ଟ୍ରାନ୍ସମିସନ୍ ଲାଇନ୍ / କାର୍ଯ୍ୟର ନାମ:** 400 kV Ind-Barath TPS - 765/400kV Jharsuguda Pooling Station D/C (Twin Moose) ସ୍ୱତନ୍ତ୍ର ଟ୍ରାନ୍ସମିସନ୍ ଲାଇନ୍ (DTL) ନିର୍ମାଣ ପାଇଁ ପଥ ପରିବର୍ତ୍ତନ । ଏହି ପଥ ସାରଣ୍ଡାମାଲ ଗ୍ରାମ (ତହସିଲ- ଲଖନପୁର, ଜିଲ୍ଲା- ଝାରସୁଗୁଡ଼ା, ଓଡ଼ିଶା) ସ୍ଥିତ (400 kV D/C OPGC - PGCIL Sundargarh ଟ୍ରାନ୍ସମିସନ୍ ଲାଇନ୍) LILO ପଏଣ୍ଟରୁ ଆରମ୍ଭ ହୋଇ ରାଜପୁର ଗ୍ରାମ (ତହସିଲ- ଝାରସୁଗୁଡ଼ା, ଜିଲ୍ଲା- ଝାରସୁଗୁଡ଼ା, ଓଡ଼ିଶା) ପର୍ଯ୍ୟନ୍ତ ଯିବ । ପଥ ପରିବର୍ତ୍ତନ କରାଯାଇଥିବା ଏହି ଅଂଶର ଦୈର୍ଘ୍ୟ ପ୍ରାୟ ୨୩.୪୩୧ କିଲୋମିଟର ଅଟେ ।

ସ୍ୱତନ୍ତ୍ର ଟ୍ରାନ୍ସମିସନ୍ ଲାଇନ୍ ପାଇଁ ପ୍ରଥମେ ଅନୁମୋଦିତ ପଥର ଏକ ଅଂଶରେ କୋଇଲା ଖଣିର ସମ୍ପ୍ରସାରଣ କାରଣରୁ ଉପରୋକ୍ତ ପଥ ପରିବର୍ତ୍ତନ ଆବଶ୍ୟକ ହୋଇପଡ଼ିଛି ।

ଏହି ଯୋଜନା ଅନ୍ତର୍ଗତ ଟ୍ରାନ୍ସମିସନ୍ ଲାଇନର ସଂଶୋଧିତ ପଥ ନିମ୍ନଲିଖିତ ଗ୍ରାମ, ସହର ଏବଂ ନଗରଗୁଡ଼ିକ ମଧ୍ୟ ଦେଇ, ଉପର ଦେଇ, ଚାରିପାଖେ ଏବଂ ମଧ୍ୟଭାଗ ଦେଇ ଗତି କରିବ ।

| କ୍ର.ସଂ. | ଗ୍ରାମର ନାମ | ତହସିଲ | ଜିଲ୍ଲା |
|---|---|---|---|
| ୧ | ସରଣ୍ଡାମାଲ, ଗୁରୁହିଲି (ଗୁଡିଆଲି) (ଗୁରହିଆଲି) | ଲଖନପୁର | ଝାରସୁଗୁଡ଼ା |
| ୨ | ବାଲାପୁଟ (ବାଲପୁଟ) (ବାଲିପୁଟ), ଅଇଲାପାଲି (ଅଇଁଲାପାଲି), ବୁଣ୍ଡିଆ (ବୁନ୍ଦିଆ) ରାମପୁର, ବ୍ରଜରାଜନଗର (ବ୍ରଜରାଜନଗର ଟାଉନ ୟୁନିଟ ନଂ-୧), ଖଏଟ (ଖଇଟା), ସିଂହାବଗା (ସିଙ୍ଗବଗା), ଜମୁଆପାଲି, ଜମେରା, ବୁଡିପଦର (ବୁଢ଼ିପଦର), ହଂସାମୁରା-କଟାପାଲି (ହଂସାମୁରା- କାଟାପାଲି), ଦେଗାଁ (ଦେଓଗାଁ), ରାଜପୁର (ରାଜପୁରା) | ଝାରସୁଗୁଡ଼ା | ଝାରସୁଗୁଡ଼ା |

ରୁଟ ଆଲାଟମେଣ୍ଟ ର ଏକ କପି ନିମ୍ନ ରେ ପ୍ରଦତ୍ତ ସ୍ୱାକ୍ଷରକାରୀଙ୍କ ଅଫିସ ରେ ଉପଲବ୍ଧ ଅଛି । ଏହି ବିଜ୍ଞପ୍ତି ପ୍ରକାଶ ପାଇବା ଦିନଠାରୁ ଦୁଇ (୨) ମାସ ମଧ୍ୟରେ ପ୍ରସ୍ତାବିତ ଟ୍ରାନ୍ସମିସନ ସିଷ୍ଟମ ଉପରେ ପର୍ଯ୍ୟବେକ୍ଷଣ / ଉପସ୍ଥାପନା କରିବାକୁ ଜନସାଧାରଣଙ୍କୁ ନୋଟିସ୍ ଲିଖିତ ଆକାରରେ ଦିଆଯାଇଛି ଅଧିକ ବିଶେଷତା ଏବଂ ସ୍ପଷ୍ଟୀକରଣ ପାଇଁ ଦୟାକରି ଯୋଗାଯୋଗ କରନ୍ତୁ ।

**ନାମ: - ବିଜୟ ଇଂଗୁଲେ, ପଦବୀ: - ଉପ-ସଭାପତି, ଅଫିସ୍ ଠିକଣା: - ସାହାଜବାହଲ୍, ଝାରସୁଗୁଡ଼ା, ଓଡ଼ିଶା, ଇମେଲ୍ ଠିକଣା: -vijay.ingole@jsw.in, ମୋବାଇଲ୍ ନଂ: -୯୮୯୩୫୯୯୨୪୯**

ସକାଳ
THE SAKALA

# ସମ୍ପାଦକୀୟ



ଭୋଟ ଏକ ବନ୍ଧୁକ ପରି। ଏହାର ଉପଯୋଗିତା ବ୍ୟବହାରକାରୀର ଚରିତ୍ର ଉପରେ ନିର୍ଭର କରେ।

-ଟି. ରୁଜଭେଲ୍ଟ

## ଖାଉଟି ଥାଳିରେ ଚାଷୀର ଭାଗ?

ଚାଷୀଙ୍କ କ୍ଷେତରୁ ଖାଉଟିଙ୍କ ଥାଳି ପର୍ଯ୍ୟନ୍ତ ଯାତ୍ରା ଦିନକୁ ଦିନ ମହଙ୍ଗା ହୋଇଚାଲିଛି। ଅଥଚ ତା'ର ବାସ୍ତବ ମୂଲ୍ୟ ଚାଷୀ ବା ଉତ୍ପାଦକ ପାଉନାହିଁ। ଆମେ ବଜାରରୁ କୌଣସି କୃଷିଜାତ ସାମଗ୍ରୀ କିଣିବା ବେଳେ ଯେତିକି ଟଙ୍କା ଦେଉ ସେହି ଟଙ୍କାରୁ ଚାଷୀଙ୍କ ହାତକୁ ବାସ୍ତବରେ କେତେ ଯାଉଛି - ଏହା ଭାରତୀୟ କୃଷି ବ୍ୟବସ୍ଥାର ଏକ ଅସମାହିତ ପ୍ରଶ୍ନ। ଏହା କେବଳ ଭାରତର ସମସ୍ୟା ନୁହେଁ। ନିକଟରେ ୬୧ଟି ଦେଶରେ ହୋଇଥିବା ସର୍ବେକ୍ଷଣ ଅନୁଯାୟୀ ଖାଉଟି ଖାଦ୍ୟ ପାଇଁ ଖର୍ଚ୍ଚ କରୁଥିବା ଅର୍ଥର ମାତ୍ର ୨୭% ଚାଷୀ ପାଖକୁ ଯାଏ। ଏହି ପ୍ରଶ୍ନରେ ଚାଷୀଙ୍କ ଆୟ ସହିତ କୃଷି ଅର୍ଥନୀତି ଓ ଖାଦ୍ୟ ନିରାପତ୍ତା ଭଳି ନ୍ୟାୟସଙ୍ଗତ ପ୍ରସଙ୍ଗ ଯୋଡ଼ି ହୋଇ ରହିଛି।

ଆମ ଦେଶର ପ୍ରଚଳିତ ବ୍ୟବସ୍ଥାରେ ଚାଷୀ ଉତ୍ପାଦନ କରେ, କିନ୍ତୁ ମୂଲ୍ୟ ନିର୍ଦ୍ଧାରଣରେ ତା'ର ଭୂମିକା ପ୍ରାୟତଃ ସୀମିତ। ଅପରପକ୍ଷରେ ମଧ୍ୟସ୍ଥି, ଦଲାଲ, ପରିବହନକାରୀ, ମହଜୁଦକାରୀ, ଖୁଚୁରା ବ୍ୟବସାୟୀଙ୍କ ହାତ ଦେଇ ଉତ୍ପାଦ ବଜାରରେ ପହଞ୍ଚିବା ସମୟରେ ଦର ବହୁଗୁଣିତ ହୋଇଯାଏ। ଚାଷୀ ପ୍ରାୟତଃ ନିଜ ଉତ୍ପାଦ ବିକ୍ରି କରିବା ପାଇଁ ତତ୍କାଳ ଓ ଆଞ୍ଚଳିକ ବଜାର ଉପରେ ନିର୍ଭର କରେ। ଉତ୍ପାଦ ନଷ୍ଟ ହେବାର ଭୟ, ଋଣ ଶୁଝିବାର ଚାପ, ଗୋଦାମ ଅଭାବ ଓ ତୁରନ୍ତ ନଗଦ ଆବଶ୍ୟକତା ଚାଷୀକୁ କମ୍ ଦରରେ ବିକ୍ରି କରିବାକୁ ବାଧ୍ୟ କରେ। ଏହାର ବିପରୀତ ଚିତ୍ର ଖୁଚୁରା ବଜାରରେ ଦେଖାଯାଏ। ସହରର ଖାଉଟି ପନିପରିବା ଓ ଅନ୍ୟ ଖାଦ୍ୟ ଶସ୍ୟ ଯେଉଁ ଦରରେ କିଣେ ତାହାର ଏକ ବଡ଼ ଅଂଶ ପରିବହନ, ସଂରକ୍ଷଣ, ପ୍ରକ୍ରିୟାକରଣ, ବ୍ୟବସାୟୀଙ୍କ ଲାଭାଂଶରେ ସାମିଲ୍ ହୋଇଯାଏ। ଚାଷୀ ଓ ଖାଉଟିଙ୍କ ମଧ୍ୟରେ ଥିବା ଏହି ବିରାଟ ଦୂରତ୍ୱ ହିଁ ଉଭୟ ଖାଉଟି ଓ ଚାଷୀଙ୍କୁ ଶୋଷଣ କରୁଛି ଏବଂ ମଧ୍ୟସ୍ଥି ମାଲେମାଲ୍ ହେଉଛନ୍ତି। ଏହାର ପ୍ରଭାବ ମଧ୍ୟ ଅର୍ଥନୀତି ଉପରେ ପଡୁଛି।

କୃଷି ଉତ୍ପାଦକୁ ଖେତରୁ ବଜାରକୁ ନେବା ପାଇଁ ପରିବହନ, ଗୋଦାମ, ଶୀତଳ



ଭଣ୍ଡାର, ପ୍ୟାକେଜିଂ ଓ ବିତରଣର ଆବଶ୍ୟକତା ରହିଛି। ସମସ୍ୟା ହେଉଛି - ଏହି ମୂଲ୍ୟ ଶୃଙ୍ଖଳାରେ ଉତ୍ତରଭାରତର କେତେକ ବଡ଼ ଚାଷୀଙ୍କୁ ଛାଡ଼ି ଦେଲେ ବାକି ଚାଷୀଙ୍କ ମୂଲଚାଲ୍ କ୍ଷମତା ଅତ୍ୟନ୍ତ ଦୁର୍ବଳ। କ୍ଷୁଦ୍ର ଓ ଭାଗଚାଷୀମାନେ ଯଦି ସମବାୟ, କୃଷକ ଉତ୍ପାଦକ ସଂଗଠନ କିମ୍ବା ସିଧାସଳଖ ବଜାର ବ୍ୟବସ୍ଥା ମାଧ୍ୟମରେ ସାମୂହିକ ଭାବେ ବିକ୍ରି କରିବାର ବ୍ୟବସ୍ଥା ହୁଅନ୍ତା ତେବେ ସମସ୍ୟା କିଛିମାତ୍ରାରେ ହ୍ରାସ ପାଇପାରନ୍ତା। ଆହୁରି ମଧ୍ୟ ଆମ ଦେଶର କୃଷିନୀତିରେ ଦୀର୍ଘବର୍ଷ ଧରି ଉତ୍ପାଦନ ବୃଦ୍ଧିକୁ ଅଧିକ ଗୁରୁତ୍ୱ ଦିଆଯାଇଛି। କିନ୍ତୁ ଅଧିକ ଉତ୍ପାଦନ ହେଲେ ଚାଷୀଙ୍କ ଆୟ ବଢ଼ିବ - ଏହି ଧାରଣା ଭୁଲ୍। ଉତ୍ପାଦନ ପରେ ଯଦି ଠିକ୍ ଦରରେ ବିକ୍ରି କରିବାର ସୁଯୋଗ ନଥାଏ, ତେବେ ତାହା ଚାଷୀଙ୍କ ପାଇଁ କ୍ଷତିର କାରଣ ହୋଇପାରେ ଏବଂ ଅଭାବୀ ବିକ୍ରି ବଢ଼ିପାରେ। ତେଣୁ ଗୋଦାମ ଓ ଶୀତଳ ଭଣ୍ଡାର ଭଳି ଭିତ୍ତିଭୂମିର ବିକାଶ, ଗ୍ରାମୀଣ ସଡ଼କ ଓ ପରିବହନ ସୁବିଧା, ଡିଜିଟାଲ ବଜାର, ସ୍ୱଚ୍ଛ ମୂଲ୍ୟ ସୂଚନା ଏବଂ ପ୍ରକ୍ରିୟାକରଣ ଶିଳ୍ପର ବିକାଶ ନିତାନ୍ତ ଆବଶ୍ୟକ। ଚାଷୀମାନେ ଯଦି ନିଜ ଉତ୍ପାଦକୁ କିଛିଦିନ ସଂରକ୍ଷିତ ରଖିପାରିବେ, ବଜାର ଦର ବିଷୟରେ ଜାଣିପାରିବେ ଓ ବିକଳ୍ପ ବଜାରରେ ପହଞ୍ଚିପାରିବେ, ତେବେ ସେମାନଙ୍କର ମୂଲଚାଲ୍ କ୍ଷମତା ବଢ଼ିବ।

ସିଧାସଳଖ କୃଷକ ବଜାର, କୃଷକ ସମବାୟ, ଉତ୍ପାଦକ ସଂଗଠନ ଓ ସ୍ଥାନୀୟ ବଜାରକୁ ପ୍ରୋତ୍ସାହନ ଦେଲେ ଚାଷୀ ଓ ଖାଉଟି ଉଭୟ ଲାଭବାନ ହୋଇପାରିବେ। ଏ କ୍ଷେତ୍ରରେ ସରକାରଙ୍କ ଦାୟିତ୍ୱ ଓ ଭୂମିକା ନିର୍ଣ୍ଣାୟକ ଓ ସ୍ପଷ୍ଟ ହେବା ଉଚିତ। କେବଳ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) ଘୋଷଣା କରି ସରକାର ତାଙ୍କ କର୍ତ୍ତବ୍ୟ ସାରି ଦେଉଛନ୍ତି। ବାସ୍ତବ ବଜାରର ସ୍ଥିତି ନିୟମିତ ଅନୁଧ୍ୟାନ ନ କଲେ ଏମ୍ଏସ୍‌ପିରୁ ସବୁଚାଷୀଙ୍କୁ ଫାଇଦା ମିଳିବ ନାହିଁ। ନୀତିନିର୍ଦ୍ଧାରକମାନେ ମଧ୍ୟ ଜାଣିବା ଦରକାର ଯେ ଏକ ସୁସ୍ଥ କୃଷି ଅର୍ଥନୀତିର ପରିମାପକ କେବଳ ଖାଦ୍ୟ ଉତ୍ପାଦନର ପରିମାଣ ଓ ରପ୍ତାନୀ ମୂଲ୍ୟ ଉପରେ ନିର୍ଭର କରେ ନାହିଁ। ପ୍ରକୃତ ପରିମାପକ ହେଉଛି ଦେଶରେ ଉତ୍ପାଦିତ ମୋଟ ଖାଦ୍ୟ ଶସ୍ୟର ସାମଗ୍ରିକ ମୂଲ୍ୟରେ ଚାଷୀଙ୍କ ଅଂଶ କେତେ? ଖାଉଟି ଯଦି ଅଧିକ ଦର ଦେଉଛନ୍ତି; କିନ୍ତୁ ଚାଷୀ ଲାଭ ପାଉନାହାନ୍ତି, ତେବେ ବ୍ୟବସ୍ଥାରେ ଚରମ ତ୍ରୁଟି ରହିଛି। ଏହି ତ୍ରୁଟି ସୁଧାରିବା ପାଇଁ 'ଚାଷୀଙ୍କ ଆୟ ଦ୍ୱିଗୁଣିତ' ଭଳି ଲକ୍ଷ୍ୟ ଠାରୁ ଆଗକୁ ବଢ଼ି 'ଚାଷୀଙ୍କ ମୂଲ୍ୟ ଅଂଶ ବୃଦ୍ଧି'କୁ କୃଷିନୀତିର କେନ୍ଦ୍ରରେ ରଖିବା ଆବଶ୍ୟକ। ମନେ ରଖିବାକୁ ହେବ ଯେ ଆମ ଥାଳିରେ ଖାଦ୍ୟ ପହଞ୍ଚିବା ପୂର୍ବରୁ ଯେତେ ହାତ ତାହାକୁ ଛୁଏଁ, ସେଥିରେ ପ୍ରଥମ ହାତଟି ହେଉଛି ଚାଷୀଙ୍କର। ତେଣୁ ଆମେ ଯେତିକି ଖର୍ଚ୍ଚ କରୁଛୁ, ସେଥିରୁ ଚାଷୀଙ୍କ ହାତରେ ଯଦି ନ୍ୟାୟସଙ୍ଗତ ଅଂଶ ନ ପହଞ୍ଚେ, ତେବେ ଖାଦ୍ୟ ବଜାରର ସମୃଦ୍ଧି ଅଧୁରା ରହିଯିବ। ଚାଷୀଙ୍କୁ କେବଳ ଉତ୍ପାଦକ ନୁହେଁ, ମୂଲ୍ୟ ଶୃଙ୍ଖଳାର ଯଥାର୍ଥ ଅଂଶୀଦାର କରିବା ହିଁ ହେଉ ଆଗାମୀ କୃଷିନୀତିର ପ୍ରମୁଖ ଲକ୍ଷ୍ୟ।

# ଏଆଇ ବିପର୍ଯ୍ୟୟ ଆଣିବ କି?

ଇଂ ମାୟାଧର ସ୍ୱାଇଁ

ଏଆଇ ବା କୃତ୍ରିମ ବୁଦ୍ଧିମତ୍ତା ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ କାୟା ବିସ୍ତାର କଲାଣି। ଏହାଦ୍ୱାରା ଆମର ଅନେକ ଉପକାର ହେଉଥିଲେ ସୁଦ୍ଧା ଏହାର କ୍ରମବର୍ଦ୍ଧମାନ ଶକ୍ତିକୁ ନେଇ ଅନେକ ବୁଦ୍ଧିଜୀବୀ ଆଶଙ୍କା ପ୍ରକାଶ କଲେଣି। ଯେଉଁ କାମକୁ ମନୁଷ୍ୟ ନିଜ ବୁଦ୍ଧି ଖଟାଇ କରିଥାଏ ତାହାକୁ ଯଦି କମ୍ପ୍ୟୁଟର କିମ୍ବା ଅନ୍ୟ କୌଣସି ବ୍ୟବସ୍ଥା କରିପାରେ, ତାକୁ କୃତ୍ରିମ ବୁଦ୍ଧିମତ୍ତା କୁହାଯାଏ। ଏହା ହେଉଛି ଗୋଟିଏ କମ୍ପ୍ୟୁଟର ସଫଟଓୟାର, ଯାହା ବିପୁଳ ପରିମାଣର ତଥ୍ୟ(ଡାଟା)ରୁ ଶୈଳୀ ଶିକ୍ଷା ଲାଭ କରେ ଏବଂ ସେହି ଶୈଳୀଗୁଡ଼ିକୁ ବ୍ୟବହାର କରି ପୂର୍ବାନୁମାନ କରିଥାଏ। ପୂର୍ବରୁ ପାରମ୍ପରିକ ସଫ୍ଟଓୟାରଗୁଡ଼ିକ ଏହାକୁ ଦିଆଯାଇଥିବା ଡାଟା ଓ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରନ୍ତି। ମାତ୍ର ଏଆଇ ଏହି ଡାଟା ଓ ଅଭିଜ୍ଞାତରୁ ଅଧିକ ଶିକ୍ଷା କରେ।

ଗୋଟିଏ କଳ ମନୁଷ୍ୟ ଭଳି କାର୍ଯ୍ୟ କରିପାରିବାର ଧାରଣା ବହୁତ ପୁରୁଣା। ମାତ୍ର ଏହାର କାର୍ଯ୍ୟକାରିତା ଗତ ଶତାବ୍ଦୀର ଶେଷ ଭାଗରେ ଆରମ୍ଭ ହେଲା। ଆମେରିକାର କମ୍ପ୍ୟୁଟର ବିଜ୍ଞାନୀ ଜନ୍ ମାକ୍‌କାର୍ଥ ୧୯୫୬ ମସିହାରେ ଡାର୍ଟମାଉଥ ସମ୍ମିଳନୀରେ ପ୍ରଥମେ ଏଆଇ ଶବ୍ଦ ବ୍ୟବହାର କରିଥିଲେ। ଗତ ଦଶ ବର୍ଷ ଭିତରେ ଏଆଇ ଅନେକ ଅଗ୍ରସର କରିଛି। ଆଜି ଏହା ସାହାଯ୍ୟରେ ଗୋଟିଏ ଭାଷାରୁ ଅନ୍ୟ ଭାଷାକୁ ଅନୁବାଦ କରାଯାଇପାରୁଛି। ଏହା ଗଳ୍ପ, ଉପନ୍ୟାସ, କବିତା ଆଦି ଲେଖିପାରୁଛି। ଯେକୌଣସି ପ୍ରକାର ପ୍ରଶ୍ନର ଉତ୍ତର ଦେଇ ପାରୁଛି ଏବଂ ଏହା ସାହାଯ୍ୟରେ ମାନବବିହୀନ କାର, ଡ୍ରୋନ ଆଦି ଗତି କରିପାରୁଛି। ଏହା ଆଜି ସ୍ୱାସ୍ଥ୍ୟସେବା, ପରିବହନ, ଗ୍ରାହକ ସେବା, ପ୍ରଶାସନ, ବିଜ୍ଞାନ ଗବେଷଣା ସମେତ ଅନେକ କ୍ଷେତ୍ରରେ ପ୍ରୟୋଗ ହେଉଛି।

ଏଆଇର ମୁଖ୍ୟ ଉପାଦାନ ହେଉଛି ମେସିନ ଲର୍ଣ୍ଣିଂ, ଯାହା ଅଭିଜ୍ଞତାରୁ ଆଲଗୋରିଦିମ୍ ବିକାଶ କରେ ଏବଂ ଏହା ସାହାଯ୍ୟରେ କମ୍ପ୍ୟୁଟର ଶିକ୍ଷା ଲାଭ କରିବା ସହିତ ଡାଟା ଆଧାରରେ ପୂର୍ବାନୁମାନ କିମ୍ବା ନିଷ୍ପତ୍ତି ନେଇଥାଏ। ଏହାର ଅନ୍ୟ ଏକ ଉପାଦାନ ହେଉଛି ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ, ଯାହା ସାହାଯ୍ୟରେ ଭାଷା ବା କଥନ ମାଧ୍ୟମରେ କମ୍ପ୍ୟୁଟର ଓ ମନୁଷ୍ୟ ମଧ୍ୟରେ ଆନ୍ତଃକ୍ରିୟା ଘଟିଥାଏ। କମ୍ପ୍ୟୁଟର କିମ୍ବା ମୋବାଇଲ ଫୋନ କିବୋର୍ଡରେ ଟାଇପ୍ ନ କରି ଏହାକୁ ପାଟିରେ ପ୍ରଶ୍ନ ପଚାରିଲେ ମଧ୍ୟ ତାହା ବୁଝିପାରି ଉତ୍ତର ଦେଇଥାଏ। ପୁନଶ୍ଚ ଏହି ଉତ୍ତରକୁ ମନୁଷ୍ୟ ଭଳି କହିଥାଏ କିମ୍ବା ପରଦାରେ ଲେଖିକରି ଦେଇଥାଏ। ଜେନେରେଟିଭ୍ ଏଆଇ ବିଶାଳ ଡାଟାପୁଞ୍ଜିରୁ ପୂର୍ବ ଶୈଳୀକୁ ବ୍ୟବହାର କରି ପାଠ୍ୟ ଚିତ୍ର, ଅଡିଓ ଏବଂ ଭିଡିଓ ପ୍ରସ୍ତୁତ କରିଥାଏ।

ଏଆଇକୁ ତିନିପ୍ରକାରରେ ଭାଗ କରାଯାଇଛି। ପ୍ରଥମ ହେଉଛି 'ସଂକୀର୍ଣ୍ଣ ଏଆଇ', ଯାହା କଥନକୁ ଚିହ୍ନଟ ଭଳି ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବା ପାଇଁ ଡିଜାଇନ ହୋଇଥାଏ। ଏହାର ଉଦାହରଣ ହେଉଛି ଆଲେକ୍ସା ଓ ସିରି। ଆଲେକ୍ସାକୁ କୌଣସି ଗୀତ ଗାଇବାକୁ କହିଲେ ସେ ସାଙ୍ଗେ ସାଙ୍ଗେ ଶୁଣାଇଦିଏ। ଦ୍ୱିତୀୟ ପ୍ରକାର ହେଉଛି 'ସାଧାରଣ ଏଆଇ'। ଏହା ବିଭିନ୍ନ କ୍ଷେତ୍ରରେ ମନୁଷ୍ୟ ଭଳି କାର୍ଯ୍ୟ କରିପାରେ। ଏହା ସମୟକ୍ରମେ ନିଜେ ନିଜେ ଶିଖିଥାଏ ଏବଂ ନିଜର ଅଧିକ ବିକାଶ କରିଥାଏ। ତୃତୀୟ ପ୍ରକାର ହେଉଛି 'ଅତି ବୁଦ୍ଧିମାନ ଏଆଇ', ଯାହା ବିଜ୍ଞାନଠାରୁ ଆରମ୍ଭ କରି କଳା ଓ ଦକ୍ଷତା ଆଦି ସମସ୍ତ କ୍ଷେତ୍ରରେ ମନୁଷ୍ୟ ବୁଦ୍ଧିଠାରୁ ବଳିଯିବ। ଆମେମାନେ ବର୍ତ୍ତମାନ ଦ୍ୱିତୀୟ ପ୍ରକାର ଏଆଇରେ ପହଞ୍ଚିଛେ ଏବଂ ତୃତୀୟପ୍ରକାର ଏଆଇ ପାଇଁ ବିଭିନ୍ନ ସ୍ଥାନରେ ଗବେଷଣା ଚାଲିଛି। ପୂର୍ବରୁ ବିଜ୍ଞାନ ଗପ ଓ ଉପନ୍ୟାସରେ ଏଆଇ ସ୍ଥାନ ପାଇଥିଲେ ସୁଦ୍ଧା ଏହାର ଅଗ୍ରଗତିକୁ ଲକ୍ଷ୍ୟ କଲେ ଜଣାପଡ଼େ ଯେ ଆଉ ଦଶବର୍ଷ ଭିତରେ ଆମେ ଏହା ହାସଲ କରିପାରିବା। ମନୁଷ୍ୟ ସମାଜ ପ୍ରତି ତୃତୀୟ ପ୍ରକାର ଏଆଇର ସମ୍ଭାବ୍ୟ ବିପଦ ଭୟଭୀତ କରୁଛି। ଏହି ଶତାବ୍ଦୀର ପ୍ରଥମ ଦଶକରେ ଶ୍ରେଷ୍ଠ ପଦାର୍ଥ ବିଜ୍ଞାନୀ ଷ୍ଟିଫେନ ହକିଙ୍ଗ ପ୍ରକାଶ କରିଥିଲେ ଯେ ଏଆଇ ଯେପରି ଅଗ୍ରଗତି କରୁଛି ତାହା ଦିନେ ମାନବ ସମାଜକୁ ଦାସ କରି ରଖିବ।

ଏଆଇର ଭବିଷ୍ୟତ ବିପଦକୁ ହୃଦୟଙ୍ଗମ କରି ଏହା ଉପରେ ଅଧିକ ଗବେଷଣା ନ କରିବା ପାଇଁ ଅନେକ କମ୍ପ୍ୟୁଟର ବିଜ୍ଞାନୀ ମତ ଦେଇଛନ୍ତି। ଏପରିକି କେତେଜଣ ସ୍ୱନାମଧନ୍ୟ ଗବେଷକ ଏହାର ଗବେଷଣା ଛାଡ଼ି ଦେଇଛନ୍ତି। ଗବେଷକ ପିଟର ବାର୍ନେଟ ପ୍ରକାଶ କରିଛନ୍ତି ଯେ ଯଦି ଏଆଇ ମନୁଷ୍ୟଠାରୁ ଅଧିକ ଚାଲାଖ ହୁଏ, ତା'ହେଲେ ଏହା ମନୁଷ୍ୟ ଜାଣି ନଥିବା କୌଣସି ଆକ୍ରମଣକାରୀ ରୋଗବାହକକୁ ପାଇପାରେ ଏବଂ ଏହାକୁ ମନୁଷ୍ୟ ବିରୁଦ୍ଧରେ ବିଦ୍ରୋହ ସୃଷ୍ଟି କରିପାରେ। ଏଆଇକୁ ବ୍ୟବହାର କରି କେତେକ ଦେଶର ନିର୍ବାଚନକୁ ପ୍ରଭାବିତ କରାଯାଇଥିବାର ଦୋଷାରୋପ କରାଯାଇଛି। ପୁନଶ୍ଚ ଏହାକୁ ବ୍ୟବହାର କରି ମିଥ୍ୟା ଓ ଚାଞ୍ଚଲ୍ୟକର ତଥ୍ୟ ଦେଇ ନିର୍ବାଚିତ ସରକାରକୁ ଭାଙ୍ଗିବାକୁ ଚେଷ୍ଟା କରାଯାଇଛି। ଏହାବ୍ୟତୀତ ଏଆଇ ନିଯୁକ୍ତି ସୁଯୋଗ ହ୍ରାସ କରୁଛି ଏବଂ ବ୍ୟକ୍ତିଗତ ଗୋପନୀୟତା ଅଧିକାର ଉପରେ ହସ୍ତକ୍ଷେପ କରୁଥିବା ଅଭିଯୋଗ ଆସିଛି।

ଆନ୍ଥ୍ରେପିକ, ଓପନଏଆଇ ଏବଂ ମେଟା ଭଳି ଏଆଇ କମ୍ପାନୀଗୁଡ଼ିକ ନିକଟରେ ପ୍ରକାଶ କରିଛନ୍ତି ଯେ ଏଆଇ ବ୍ୟବସ୍ଥା ବର୍ତ୍ତମାନ ମନୁଷ୍ୟର ନିର୍ଦ୍ଦେଶକୁ ନମାନି କେତେକ କ୍ଷେତ୍ରରେ ନିଜେ ନିଜେ ଅନ୍ୟ କମ୍ପାନୀଗୁଡ଼ିକର ସଫ୍ଟଓୟାରରେ ଅନୁପ୍ରବେଶ କଲାଣି, ଯାହା କମ୍ପାନୀଗୁଡ଼ିକୁ ଓ ସାଧାରଣ ଲୋକଙ୍କୁ ଚିନ୍ତାରେ ପକାଇଛି। ମନୁଷ୍ୟ ଏଆଇ ଉପରେ ନିୟନ୍ତ୍ରଣ ହରାଇଲେ ଏହା ଅତି ବିପଜ୍ଜନକ ହେବ। ଏଥିପାଇଁ ଏହାର ଗବେଷଣାକୁ ନିୟନ୍ତ୍ରଣ କରିବାକୁ ହେବ। ମାତ୍ର ଦେଖାଯାଉଛି ଯେ ଏହା ଉପରେ ଅଧିକ ଗବେଷଣା କରିବା ପାଇଁ ବିଭିନ୍ନ କମ୍ପାନୀ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ଟେସ୍‌ଲା ଓ ସ୍ପେସଏକ୍ସର ପ୍ରତିଷ୍ଠାତା ଏଲନ ମସ୍କ ଓ ଏକହଜାର ବୈଜ୍ଞାନିକ ୨୦୨୩ ମସିହାରେ ଏକ ଖୋଲା ଚିଠି ଲେଖି ବଡ଼ ଏଆଇ ପରୀକ୍ଷାରେ ବିରତି ଦେବା ପାଇଁ ଗୁରୁତ୍ୱ ଦେଇଥିଲେ। ଗତମାସରେ ଅନେକ ରାଜନେତା, ବୈଜ୍ଞାନିକ, ଧର୍ମଗୁରୁ ଏବଂ ନୀତିନିର୍ଦ୍ଧାରକମାନେ ଅତିବୁଦ୍ଧିମାନ ଏଆଇକୁ ନିଷେଧ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି। ୨୦୨୩ ମସିହାରେ ତତ୍କାଳୀନ ପୋପ୍ ଫ୍ରାନ୍ସିସ ଏଆଇର ବିକାଶ ଓ ବ୍ୟବହାରକୁ ନିୟନ୍ତ୍ରଣ କରିବା ପାଇଁ ଗୋଟିଏ ଅନ୍ତର୍ଜାତୀୟ ଚୁକ୍ତି ପ୍ରସ୍ତାବ ସହ ଏହାର କଡ଼ାକଡ଼ି ପାଳନ କରିବା ପାଇଁ ବିଭିନ୍ନ ଦେଶକୁ ବାର୍ତ୍ତା ଦେଇଥିଲେ।

ଦୁଇଟି ବଡ଼ ଏଆଇ କମ୍ପାନୀରେ କାର୍ଯ୍ୟ କରିଥିବା ଜାକୋବ କୋକସୋନ୍ ସତର୍କ କରିଛନ୍ତି ଯେ ଏଆଇ ଅଳ୍ପ ବର୍ଷ ମଧ୍ୟରେ ସମଗ୍ର ମାନବ ଜାତିକୁ ହତ୍ୟା କରିପାରେ। ସେ ପ୍ରକାଶ କରିଛନ୍ତି ଯେ ନିୟନ୍ତ୍ରଣ ନ କଲେ ଅତି ଶୀଘ୍ର 'ଅତି ବୁଦ୍ଧିମାନ ଏଆଇ' ବିକଶିତ ହେବ, ଯାହା ଅତିମାନବ ଭଳି କାର୍ଯ୍ୟ କରି ପୃଥିବୀର ସମସ୍ତ କ୍ଷମତା ଓ ସମ୍ବଳକୁ ହାସଲ କରିବ। ମାଇକ୍ରୋସଫ୍ଟ କମ୍ପାନୀର ସହ-ପ୍ରତିଷ୍ଠାତା ବିଲ୍ ଗେଟ୍ସ ମଧ୍ୟ ସତର୍କ କରିଛନ୍ତି ଯେ ଏଆଇ ଯେଉଁ ପରିବର୍ତ୍ତନ ଆଣୁଛି ଏବଂ ଭବିଷ୍ୟତରେ ଆଣିବାକୁ ଯାଉଛି, ତାହାର ସମ୍ମୁଖୀନ ହେବା ପାଇଁ କୌଣସି ଦେଶ ପ୍ରସ୍ତୁତ ନାହାନ୍ତି। ଗୋଟିଏ ଏଆଇ ବ୍ୟବସ୍ଥା ମନୁଷ୍ୟର ବିନା ସାହାଯ୍ୟରେ ପରବର୍ତ୍ତୀ ପିଢ଼ିର ଏଆଇର ଡିଜାଇନ ଓ ବିକାଶ କରିପାରିବ। ଯଦିଓ ଅନ୍ତିମ ପ୍ରକାରର ଏଆଇ ଏପର୍ଯ୍ୟନ୍ତ ବିକଶିତ ହୋଇନାହିଁ, ବର୍ତ୍ତମାନର ଗବେଷଣାକୁ ଲକ୍ଷ୍ୟ କଲେ ଏହା ଅତିଶୀଘ୍ର ହାସଲ ହୋଇପାରିବ ବୋଲି ଜଣାପଡୁଛି ଏବଂ ଏହାପରେ ଏହାକୁ ନିୟନ୍ତ୍ରଣ କରିବା ମନୁଷ୍ୟ ପକ୍ଷେ ଅସମ୍ଭବ ହୋଇପଡ଼ିବ। ଏଣୁ ବେଳ ହୁଁ ସାବଧାନ ହେବା ଉଚିତ।

(ସମ୍ପାଦକ, ସାଇନସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮ ୬୯୩୭୨୪

# ନୋବେଲ୍ ଦୌଡ଼ରେ ଆନ୍ତର୍ଜାତିକ ମହାକାଶ କେନ୍ଦ୍ର

ଡ. ବିଜୟ କେତନ ପଟ୍ଟନାୟକ

ନିକଟରେ ଏକ ଦୈନିକ ଖବରକାଗଜରେ ଖବର ପ୍ରକାଶ ପାଇଛି ଯେ ଚଳିତ ବର୍ଷ (୨୦୨୬) ନୋବେଲେ ଶାନ୍ତି ପୁରସ୍କାର ପାଇଁ ଆନ୍ତର୍ଜାତିକ ମହାକାଶ ଗବେଷଣା କେନ୍ଦ୍ର (ଆଇ.ଏସ୍.ଏସ୍.) ର ନାମ ସମ୍ଭାବ୍ୟ ତାଲିକାରେ ରହିଛି। ଆନ୍ତର୍ଜାତିକ ମହାକାଶ କେନ୍ଦ୍ର ପୃଥିବୀ ଚାରିପଟେ ଘୂରି ବୁଲୁଥିବା ଏକ ସୁନିୟନ୍ତ୍ରିତ, ସୁସଂଯୋଜିତ ଫୁଟବଲ୍ ପଡ଼ିଆ ଆକୃତିର ବିଶାଳକାୟ କେନ୍ଦ୍ର, ଯେଉଁଠି ମହାକାଶଚାରୀମାନେ ସେଠାରେ ଥିବା ଅତ୍ୟାଧୁନିକ ବିଜ୍ଞାନଗାରରେ ଅବିରତ ଗବେଷଣା ଚଳାଇଛନ୍ତି। ନୋବେଲ ଶାନ୍ତି ପୁରସ୍କାର ଚଳିତ ବର୍ଷ କାହାକୁ ପ୍ରଦାନ କରାଯିବ ତାହା ଶାନ୍ତି କମିଟିର ବିଚାର କରିବେ। କିନ୍ତୁ ପ୍ରସ୍ତାବଟି ସ୍ୱାଗତଯୋଗ୍ୟ। କାରଣ ବିଶ୍ୱର କେତେକ ଉନ୍ନତ ବିତ୍ତଶାଳୀ ରାଷ୍ଟ୍ର ନିଜନିଜର ଜାତୀୟ ସ୍ୱାର୍ଥ ଉପରେ ଗୁରୁତ୍ୱ ନଦେଇ ମହାକାଶ ଗବେଷଣା କ୍ଷେତ୍ରରେ କାର୍ଯ୍ୟରତ ଏହି କେନ୍ଦ୍ରର ପରିଚାଳନାରେ ମିଳିତ ଭାବେ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି।

ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା' ପ୍ରଥମ ଆନ୍ତର୍ଜାତିକ ମହାକାଶ ଷ୍ଟେସନ 'ସ୍କାଇଲାବ' ୧୯୭୩ ମସିହା ମେ' ମାସରେ ସ୍ଥାପନା କରିଥିଲା। ଏହାର ଲମ୍ବ ଥିଲା ୧୧୮ ଫୁଟ ଏବଂ ଓଜନ ୭୫, ୦୦୦ କିଲୋଗ୍ରାମ। ମେ' ୧୯୭୩ ରୁ ଫେବୃୟାରୀ ୧୯୭୪ ପର୍ଯ୍ୟନ୍ତ ତିନି ଜଣ ମହାକାଶଚାରୀ ଏହି କେନ୍ଦ୍ରରେ ରହି ବିଜ୍ଞାନ ଓ ବୈଷୟିକ ପରୀକ୍ଷା ନିରୀକ୍ଷା ଚଳାଇଥିଲେ। ସେମାନଙ୍କର ମୂଳ ଲକ୍ଷ୍ୟ ଥିଲା ସୌର ଜ୍ୟୋତିର୍ବିଜ୍ଞାନ ଏବଂ ଶୂନ୍ୟ ମାଧ୍ୟାକର୍ଷଣ ସ୍ଥିତିରେ ମନୁଷ୍ୟ ଶରୀର ପାଇଁ ଆବଶ୍ୟକୀୟ ମେଡିକାଲ ଡାଟା ବା ତଥ୍ୟ ସଂଗ୍ରହ। ତେବେ ୧୯୭୯ ମସିହା ଜୁଲାଇ ମାସରେ 'ନାସା' ତରଫରୁ ଘୋଷଣା କରାଗଲା ଯେ ଆଉ ମାତ୍ର ବର୍ଷକ ଭିତରେ 'ସ୍କାଇଲାବ'ର କାର୍ଯ୍ୟକାଳ ପୂରିଯିବ। ସେତେବେଳେ ସାରା ବିଶ୍ୱରେ ଭୟ ଓ ଆଶଙ୍କାର ବାତାବରଣ ଖେଳିଯାଇଥିଲା। ଯାହା ହେଉ ୧୯୭୯ ନଭେମ୍ବରରେ ଏହି ମହାକାଶ ଯାନଟି ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିବା ପରେ ଖଣ୍ଡବିଖଣ୍ଡିତ ହୋଇ ଭାରତ ମହାସାଗର ଓ ପଶ୍ଚିମ ଅଷ୍ଟ୍ରେଲିଆ ଉପକୂଳରେ ପଡ଼ିଥିଲା।

ପୁନର୍ବାର ୨୦୦୦ ମସିହା ନଭେମ୍ବର ମାସରେ ଅନ୍ୟ ଏକ ମହାକାଶ କେନ୍ଦ୍ର ପୃଥିବୀର ନିକଟବର୍ତ୍ତୀ କକ୍ଷପଥରେ ସ୍ଥାପନ କରାଗଲା। ଭୂପୃଷ୍ଠରୁ ୪୦୦ କିଲୋମିଟର ଉଚ୍ଚତାରେ ଅବସ୍ଥାପିତ ଏହି କେନ୍ଦ୍ରଟି ପୃଥିବୀ ଚାରିପଟେ ଘଣ୍ଟାକୁ ୨୮, ୮୦୦ କି.ମି. ବେଗରେ ଘୂରିବୁଲୁଛି ଏବଂ ପୃଥିବୀକୁ ଥରେ ପ୍ରଦକ୍ଷିଣ କରିବା ପାଇଁ ଏହାକୁ ୯୦ ମିନିଟ୍ ବା ଦେଢ଼ଘଣ୍ଟା ସମୟ ଲାଗୁଛି। ପାଞ୍ଚଟି ରାଷ୍ଟ୍ରର ମହାକାଶ ସଂସ୍ଥା ଯଥା- ଆମେରିକାର ନାସା, ରୁଷିଆର 'ରୋମକୋମସ୍' ୟୁରୋପୀୟାନ ସ୍ପେଶ ଏଜେନସି, ଜାପାନର ଜାକ୍‌ସା ଏବଂ କାନାଡ଼ାର କାନାଡିଆନ ସ୍ପେଶ ଏଜେନ୍ସି ଏହାକୁ ମିଳିତ ଭାବେ ସ୍ଥାପନା କରିଛନ୍ତି। ଏହି ବିଶାଳ ଆକୃତିର ମହାକାଶ କେନ୍ଦ୍ର ଭିତରେ ୬ଟି ପ୍ରଶସ୍ତ ଶୟନକକ୍ଷ, ଦୁଇଟି ଶୌଚାଳୟ, ବ୍ୟାୟାମକୋଠରି ଏବଂ ଏକ ସଂଲଗ୍ନ ଶୂନ୍ୟ ମାଧ୍ୟାକର୍ଷଣ ଶକ୍ତି ବିଶିଷ୍ଟ ଗବେଷଣାଗାର ରହିଛି। ୧୯୮୪ ରୁ ୧୯୯୩ ମଧ୍ୟରେ ଏହି ମହାକାଶ କେନ୍ଦ୍ରଟି ନିର୍ମାଣ କରାଯାଇଥିଲା, ଯାହାର ଲମ୍ବ ଥିଲା ୩୫୬ ଫୁଟ, ଓସାର ୨୩୯ ରୁ ୨୪୦ ଫୁଟ ଏବଂ ଓଜନ ୪୨୦ ରୁ ୪୪୫ ମେଟ୍ରିକ ଟନ୍।

ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ହେଉଥିବା ପରୀକ୍ଷଣର ପ୍ରମୁଖ ଉଦ୍ଦେଶ୍ୟ, ମହାକାଶଚାରୀ ବା ଅନ୍ତରୀକ୍ଷ ଯାତ୍ରୀମାନେ ଅନେକଦିନ ପର୍ଯ୍ୟନ୍ତ ଶୂନ୍ୟ ମାଧ୍ୟାକର୍ଷଣ ଶକ୍ତି ମଧ୍ୟରେ ରହିଲେ ସେମାନଙ୍କର ଶରୀର ଉପରେ କି ପ୍ରକାର ପ୍ରଭାବ ପଡ଼ିବ। ଏହି ଫଳାଫଳ ଭବିଷ୍ୟତରେ ଚନ୍ଦ୍ର କିମ୍ବା ମଙ୍ଗଳ ପୃଷ୍ଠକୁ ମନୁଷ୍ୟମାନଙ୍କୁ ପଠାଇବାକୁ ଚାହୁଁଥିବା ବିଭିନ୍ନ ସରକାରୀ ଓ ବେସରକାରୀ ମହାକାଶ ସଂସ୍ଥାଗୁଡ଼ିକୁ ଆବଶ୍ୟକୀୟ ତଥ୍ୟ ଯୋଗାଇବ। ମହାକାଶ କେନ୍ଦ୍ରଟି ଏଦିଗରେ ମଧ୍ୟବର୍ତ୍ତୀ ପାହାଚର ଭୂମିକା ତୁଲାଇବ। ଏହାବ୍ୟତୀତ ଖଗୋଳ ବିଜ୍ଞାନ, ଜୀବ ବିଜ୍ଞାନ, ମେଡିସିନ୍, ପାଣିପାଗ ବିଜ୍ଞାନ ଉପରେ ମଧ୍ୟ ସେଠାରେ ଗବେଷଣା କରାଯାଉଛି। ବ୍ୟାୟମ କୋଠରିରେ ଅନ୍ତରୀକ୍ଷ ଯାତ୍ରୀମାନେ ନିଜର ହାଡ଼ ଓ ମାଂସପେଶୀକୁ ଶକ୍ତ ତଥା ସବଳ ରଖିବା ପାଇଁ ଦୈନିକ ଦୁଇଘଣ୍ଟା ବ୍ୟାୟାମ କରିଥା'ନ୍ତି ଏବଂ ସମୟେ ସମୟେ କେନ୍ଦ୍ର ଭିତରୁ ବାହାରି ମହାଶୂନ୍ୟରେ ବିଚରଣ ବା 'ସ୍ପେଶୱାକ୍' ମଧ୍ୟ କରିଥା'ନ୍ତି।

୨୦୩୦ ମସିହାରେ 'ଆନ୍ତର୍ଜାତିକ ମହାକାଶ କେନ୍ଦ୍ର' ଅବସର ନେବାର ଅଛି। ଯଦିଓ ପ୍ରଥମେ ମାତ୍ର ୧୫ ବର୍ଷ କାର୍ଯ୍ୟକାଳ ରହିବା ଲକ୍ଷ୍ୟରେ ଏହା ନିର୍ମିତ ହୋଇଥିଲା; କିନ୍ତୁ ଅଦ୍ୟାବଧି ପ୍ରାୟ ୨୫ ବର୍ଷ ହେଲା ଏହି କେନ୍ଦ୍ରଟି ଦକ୍ଷ ଓ ନିରାପଦ ଭାବରେ କାର୍ଯ୍ୟ କରିଚାଲିଛି। ଖଞ୍ଜାଯାଇଥିବା ଇଲେକ୍ଟ୍ରୋନିକ ଯନ୍ତ୍ରପାତିର ଓ ବିଭିନ୍ନ ଅଂଶବିଶେଷର ବୟସାଧିକ୍ୟ ହେତୁ ଆସିଥିବା ଅବସନ୍ନତା ଏବଂ ମହାକାଶରେ ଘୂରି ବୁଲୁଥିବା ଉଲ୍‌କା ସହିତ ବାରମ୍ବାର ଧକ୍କା ଖାଇବା କାରଣରୁ ଦିନକୁ ଦିନ ଏହାର ରକ୍ଷଣାବେକ୍ଷଣ ଖର୍ଚ୍ଚ ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ୨୦୨୪ ମସିହା ନଭେମ୍ବର ମାସରେ ଏମିତି ଏକ ବିରଳ ଘଟଣା ଘଟିଥିଲା, ଯେଉଁଥିରେ ଖଣ୍ଡେ ବିରାଟକାୟ ମହାକାଶ ବର୍ଜ୍ୟ ଆନ୍ତର୍ଜାତିକ ମହାକାଶ କେନ୍ଦ୍ର ଆଡ଼କୁ ମାଡ଼ି ଆସିଥିଲା। ଗବେଷଣାରତ ମହାକାଶଚାରୀମାନଙ୍କ ଉଦ୍ୟମରେ ବିପଦ ଟଳିଗଲା।

ଏହି ବିରାଟ ୪୭୦ ମେଟ୍ରିକଟନ ଓଜନବିଶିଷ୍ଟ ପ୍ରୟୋଗଶାଳାକୁ ସୁନିୟନ୍ତ୍ରିତ ଭାବେ ପୃଥିବୀପୃଷ୍ଠକୁ ଫେରେଇ ଆଣିବା ଏବେ ଆଉ କଷ୍ଟକର ବ୍ୟାପର ନୁହେଁ। ଆମେରିକାର ନାସା ଏଥିପାଇଁ ଏଲନ ମସ୍କଙ୍କ 'ସ୍ପେଶଏକ୍ସ'ର ସହାୟତା ନେଉଛି। ପୃଥିବୀର ବାୟୁମଣ୍ଡଳକୁ ପ୍ରବେଶ କଲା ବେଳକୁ ଏହି ଷ୍ଟେସନଟି ଖଣ୍ଡଖଣ୍ଡ ହୋଇ ଭାଙ୍ଗିଯିବ ଏବଂ ସେତେବେଳେକୁ ଏହାର ବେଗ ଥିବ ଘଣ୍ଟା ପ୍ରତି ୨୮, ୦୦୦ କିଲୋମିଟର। ବାୟୁମଣ୍ଡଳ ସହିତ ସଂଘର୍ଷରେ ଏହି ବିଭକ୍ତ ବର୍ଜ୍ୟ ଜଳିଯାଇ ପ୍ରଶାନ୍ତ ମହାସାଗରର ଏକ ନିର୍ଜନ ଓ ନିର୍ଦ୍ଦିଷ୍ଟ ସ୍ଥାନ 'ନେମୋ'ରେ ଅବତରଣ କରିବ। ଦୀର୍ଘ ୨୫ ବର୍ଷ ଧରି ଅବିରତ କାର୍ଯ୍ୟରତ ଏହି ମହାକାଶ ଷ୍ଟେସନଟି ବିଭିନ୍ନ ଦେଶର ମହାକାଶ ବିଜ୍ଞାନୀମାନଙ୍କୁ ଏକାଠି ରହି ଓ ମିଳିମିଶି କାର୍ଯ୍ୟ କରିବା ପାଇଁ ଏକ ସୁଯୋଗ ପ୍ରଦାନ କରିଛି। ମାନବ ଇତିହାସରେ ଏଭଳି ସମ୍ମିଳିତ ଉଦ୍ୟମ ଅତ୍ୟନ୍ତ ପ୍ରଶଂସନୀୟ।

(ପୂର୍ବତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

## ଜୀବନରକ୍ଷା ପାଇଁ ମାଛ ପୂଜା

### ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ଭାରତର ଆଦିମ ଅଧିବାସୀମାନେ ବର୍ତ୍ତମାନ ସମୟରେ ମଧ୍ୟ ପ୍ରକୃତି ପୂଜକ ଭାବେ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିଛନ୍ତି। ଏହି ଧାରାରେ ଛତିଶଗଡ଼ ବସ୍ତରର ଆଦିବାସୀ ସମୂହ ଇନ୍ଦ୍ରାବତୀ ନଦୀରେ ଥିବା 'ବୋଧ' ନାମକ ମାଛକୁ 'ରାଜା ମାଛ' ଭାବେ ମାନ୍ୟତା ଦେବା ସହ ପୂଜାର୍ଚ୍ଚନା କରୁଛନ୍ତି। ପ୍ରକୃତରେ ଏହି ମାଛ 'କ୍ୟାଟ୍‌ଫିସ୍' ଭାବେ ଜଣାଶୁଣା। କିନ୍ତୁ ଛୋଟମାଛମାନଙ୍କୁ 'ବୋଧ' ବା 'ଗୁଞ୍ଜ୍' କୁହାଯାଉଥିବା ବେଳେ ବଡ଼ ମାଛଗୁଡ଼ିକୁ 'ଭେଁସା ବୋଧ' ବୋଲି କୁହାଯାଏ। ସେଠାରେ ଗୋଟିଏ ଗାଁ, ଜଗଦଲପୁର ସହରର ଗୋଟିଏ କଲୋନୀ ଓ ଗୋଟିଏ ଥାନାର ନାମ ମଧ୍ୟ 'ବୋଧ' ନାମରେ ନାମିତ। ଏହି ମାଛକୁ ଦେବତୁଲ୍ୟ ମାନ୍ୟ କରି ପୂଜାର୍ଜନା କରିବାର ପରମ୍ପରା କାହିଁ କେଉଁକାଳରୁ ଏଠାରେ ଚାଲିଆସିଛି। ଏହା ଏକ ଆକ୍ରାମକ ମାଛ ଭାବେ ଜଣାଶୁଣା। ବିଶେଷକରି ଭୋକ ସମୟରେ ଏହା ଅଧିକ ଆକ୍ରାମକ ହୁଏ ଏବଂ ନଦୀ ଭିତରେ ଥିବା ଯେକୌଣସି ପ୍ରାଣୀକୁ ଆକ୍ରମଣ କରିଥାଏ। ତେଣୁ ଜୀବନରକ୍ଷା ପାଇଁ ଗ୍ରାମବାସୀମାନେ ଏହି ମାଛକୁ ପୂଜା କରନ୍ତି। 'ବୋଧ' ମାଛଙ୍କ ପୂଜାର୍ଚ୍ଚନା ନିମନ୍ତେ ଚିତ୍ରକୁଟ ଜଳପ୍ରପାତ ନିକଟରେ 'ବୋଧ' ନାମକ ଗୋଟିଏ ମନ୍ଦିର ମଧ୍ୟ ରହିଛି, ଯାହାକି ଶତାଧିକ ବର୍ଷ ପୁରୁଣା ବୋଲି ଇତିହାସରୁ ଜଣାପଡ଼େ। ଏଠାରେ 'କୁଡ଼କ' ଜନଜାତିର ଲୋକେ ପ୍ରତିବର୍ଷ ଏକ ଯାତ୍ରାର ଆୟୋଜନ କରି 'ବୋଧ' ମାଛକୁ ପୂଜା କରନ୍ତି। ଭାରତର ଅନେକ ଆଦିବାସୀ ସମ୍ପ୍ରଦାୟଙ୍କ କୁଳଚିହ୍ନ ବା ଗୋତ୍ର ଭାବେ ମାଛକୁ ପୂଜା କରିବାର ପରମ୍ପରା ମଧ୍ୟ ଅଛି।

ଭାରତରେ ଏଭଳି ଆହୁରି ଅନେକ ମନ୍ଦିର ଅଛି, ଯେଉଁଠି ମାଛକୁ ଅତ୍ୟନ୍ତ ପବିତ୍ର ମନେକରି ଦେବଦେବୀଙ୍କୁ ନୈବେଦ୍ୟ ଭାବେ ଅର୍ପଣ କରାଯାଏ। ପଶ୍ଚିମବଙ୍ଗର କାଳୀ ମନ୍ଦିର, ବିଶେଷକରି ଦକ୍ଷିଣେଶ୍ୱର କାଳୀ ମନ୍ଦିର ଏବଂ ଚୁନୋ-ବିଲେ କାଳୀ ମନ୍ଦିରରେ ଦେବୀଙ୍କୁ ଭୋଗ ଭାବରେ ଅନେକ ପ୍ରକାରର ମାଛ ଅର୍ପଣ କରାଯାଏ। ପଶ୍ଚିମବଙ୍ଗର ତାରାପୀଠରେ ମଧ୍ୟ ମାଛ ଭୋଗର ପରମ୍ପରା ରହିଛି, ଯାହାକୁ 'ଜଳପୁଷ୍ପ' କୁହାଯାଏ। ବଙ୍ଗୀୟ ସଂସ୍କୃତି ଓ ଧର୍ମୀୟ ଧାରଣାରେ ରୋହି ମାଛ ଅତ୍ୟନ୍ତ ପବିତ୍ର। ତେଣୁ ମଙ୍ଗଳ ବିଧାନ ଓ ସୁଖମୟ ଜୀବନଯାପନ ପାଇଁ ବିବାହ ସମୟରେ ଗୋଟିଏ ରୋହି ମାଛକୁ ବୋହୂ ବେଶରେ ସଜାଇ ଝିଅ ସହିତ ଶାଶୂଘରକୁ ପଠାଯାଏ। ଦଶହରା ସମୟରେ ମଧ୍ୟ ଘରେଘରେ ମାଛର ବ୍ୟଞ୍ଜନ ପ୍ରସ୍ତୁତ ହୋଇଥାଏ। ବଙ୍ଗୀୟ ରୀତିରେ ବିବାହ ସମୟରେ ଗୋଟିଏ ଜୀବନ୍ତ ମାଛକୁ ବୋହୂମାନେ ଧରିବାର ପରମ୍ପରା ରହିଛି। ମାଛ ଧରିବାର କୌଶଳରୁ ବୋହୂର କାର୍ଯ୍ୟକୁଶଳତା ଏବଂ ବୁଦ୍ଧିମତାର ପରୀକ୍ଷା ହୁଏ। ସେ ଶାଶୂଘର ପରିବାରକୁ କିଭଳି ସେବାଯତ୍ନ କରିବ ଏବଂ ବିଭିନ୍ନ ବିଷମ ପରିସ୍ଥିତିର ମୁକାବଲା କିଭଳି କରିବ, ତାହା ଜଣାପଡ଼ିଥାଏ।

ବିହାରର ମିଥିଳା ଅଞ୍ଚଳରେ ମାଛକୁ ଶୁଭ ଓ ସମୃଦ୍ଧିର ପ୍ରତୀକ ଭାବେ ପୂଜା କରାଯିବାର ପରମ୍ପରା ଅଛି। ବିବାହ, ବ୍ରତ, ଶିଶୁ ଜନ୍ମ ସମ୍ପର୍କିତ କୌଣସି ଅନୁଷ୍ଠାନ କିମ୍ବା କୌଣସି ମାଙ୍ଗଳିକ କାର୍ଯ୍ୟରେ ହେଉଥିବା ବିଧିବିଧାନ ସର୍ବପ୍ରଥମେ ମାଛରୁ ଆରମ୍ଭ ହୋଇଥାଏ। ବୋହୂ ପ୍ରଥମଦିନ ଶାଶୂଘରେ ମାଛବ୍ୟଞ୍ଜନ ପ୍ରସ୍ତୁତ କରିଥାଏ, ଯାହାକି ସୁଖସମୃଦ୍ଧି ଓ ବଂଶବୃଦ୍ଧିର ପ୍ରତୀକ ବୋଲି ବିଶ୍ୱାସ ରହିଛି। ଶକ୍ତି ଉପାସନା ଓ କୁଳଦେବୀଙ୍କ ପୂଜାରେ ଶ୍ରଦ୍ଧା ଓ ଭକ୍ତିର ପ୍ରତୀକ ଭାବେ ମାଛକୁ ନୈବେଦ୍ୟ ଭାବେ ଅର୍ପଣ କରାଯାଏ। ମିଥିଳାରେ ପାଳିତ 'ଜିତିୟା ବ୍ରତ' ମାଛର ବ୍ୟଞ୍ଜନରୁ ଆରମ୍ଭ ହୁଏ ଏବଂ ମାଛବ୍ୟଞ୍ଜନ ଭୋଗ ଭାବରେ ଅର୍ପଣ କରାଯାଏ। ସେଠାରେ ଶ୍ରାଦ୍ଧକର୍ମର ୧୩ ଦିନରେ ମାଛ ଖାଇବା ଓ ଖୁଆଇବା ପରମ୍ପରା ରହିଛି। ମିଥିଳାର ପ୍ରସିଦ୍ଧ 'ମଧୁବନୀ' ଚିତ୍ରକଳାରେ ମାଛକୁ ପ୍ରାଧାନ୍ୟ ଦିଆଯାଇଛି, ଯାହାକି ଐଶ୍ୱର୍ଯ୍ୟ, ଉର୍ବରତା ଓ ସକାରାତ୍ମକ ଶକ୍ତିର ପ୍ରତୀକ।

ଓଡ଼ିଶାର ରାମଚଣ୍ଡୀ ମନ୍ଦିର ଏବଂ ବାଲିହରଚଣ୍ଡୀ ମନ୍ଦିରରେ ମାଛ ଭୋଗର ପରମ୍ପରା ରହିଛି। ଶ୍ରଦ୍ଧାଳୁମାନେ ଏହାକୁ ମା'ଙ୍କର ପ୍ରସାଦ ଭାବେ ଗ୍ରହଣ କରିଥା'ନ୍ତି। ଚିଲିକାରେ ଅବସ୍ଥିତ ମା' କାଳିଜାଇଙ୍କ ମନ୍ଦିର ଏବଂ ରାମଚଣ୍ଡୀ ମନ୍ଦିରରେ ମାଛର ଗୋଟିଏ ବିଶାଳ ହାଡ଼କୁ ପୂଜା କରାଯାଉଛି। ଏହାବ୍ୟତୀତ ଦକ୍ଷିଣ ଓଡ଼ିଶା ଅନ୍ତର୍ଗତ ରାୟଗଡ଼ାରେ ମୀନାଝୋଲା ନାମକ ଗୋଟିଏ ସୁନ୍ଦର ଶୈବପୀଠ ରହିଛି। ଏଠାକାର ବୈଶିଷ୍ଟ ହେଉଛି, ଶ୍ରୀବିଷ୍ଣୁଙ୍କ ପରିବର୍ତ୍ତେ ଦେବ ଦେବ ମହାଦେବ ମୀନ ବା ମାଛ ସ୍ୱରୂପରେ ପୂଜା ପାଉଛନ୍ତି। ଓଡ଼ିଶାର ଲୋକସଂସ୍କୃତି ଅନୁସାରେ ଝିଅ ଶାଶୂଘରେ ପ୍ରବେଶ କରିବା ସମୟରେ ନିଜ ସହିତ ଦହି-ମାଛ ନେଇ ଆସିଥାଏ। ସିନ୍ଧି ସଂସ୍କୃତି ଓ ଧାର୍ମିକ ପରମ୍ପରାରେ ପୂଜିତ ଝୁଲେଲାଲ୍ 'ପଲ୍ଲା' ବା 'ହିଲ୍‌ସା' ମାଛ ଉପରେ ଥିବା ଗୋଟିଏ ପଦ୍ମଫୁଲ ଉପରେ ଉପବିଷ୍ଟ ଥିବାରୁ ସିନ୍ଧିମାନେ ସେହି ମାଛକୁ ପୂଜା କରିଥା'ନ୍ତି। (କ୍ରମଶଃ...)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପରପାରିରେ 'କ୍ରାନ୍ତିବୀର'...

ନିଆଯାଇଥିଲା। ପ୍ରାୟ ୪୫ ମିନିଟ୍‌ରୁ ଏକ ଘଣ୍ଟା ପର୍ଯ୍ୟନ୍ତ ତାଙ୍କୁ ପୁନର୍ଜୀବିତ କରିବାକୁ ଚେଷ୍ଟା ହୋଇଥିଲେ ମଧ୍ୟ ସଫଳତା ମିଳିନଥିଲା। ମଣିପାଲ ହସ୍ପିଟାଲର ଅଙ୍କୋଲୋଜି ବିଭାଗ ମୁଖ୍ୟ ଡାକ୍ତର ଶେଖର ସଲକର ନାନାଙ୍କ ଶେଷ ସମୟ ସମ୍ପର୍କରେ ସୂଚନା ଦେଇଥିଲେ। ହସ୍ପିଟାଲରେ ନାନା ପଞ୍ଜୀକୃତ ରୋଗୀ ନଥିବାରୁ ନିୟମ ଅନୁସାରେ ପୁଲିସକୁ ତାଙ୍କ ମୃତ୍ୟୁ ବିଷୟରେ ଜଣାଇ ଦିଆଯାଇଥିଲା। ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଗୋଆ ମେଡିକାଲ କଲେଜକୁ ନିଆଯାଇଥିବା ଜଣାପଡ଼ିଛି। ନାନାଙ୍କ ଶେଷ ଇଚ୍ଛା ଅନୁଯାୟୀ ପୁଣେସ୍ଥିତ ତାଙ୍କ ଫାର୍ମହାଉସ୍‌ରେ ଗୁରୁବାର ରାତିରେ ଶେଷକୃତ୍ୟ କରାଯାଇଛି। ମହାରାଷ୍ଟ୍ରର ସାଂସ୍କୃତିକ ବ୍ୟାପାର ମନ୍ତ୍ରୀ ଆଶିଷ ଶେଲାର ଘୋଷଣା କରିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସଙ୍କ ନେତୃତ୍ୱାଧୀନ ସରକାର ନାନାଙ୍କୁ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ବିଦାୟ ଦିଆଯାଇଛି। ମରାଠୀ ରଙ୍ଗମଞ୍ଚ, ମରାଠୀ ଓ ହିନ୍ଦୀ ସିନେମା ପ୍ରତି ତାଙ୍କ ଅବଦାନକୁ ସମ୍ମାନ ଜଣାଇ ଏହି ନିଷ୍ପତ୍ତି ନିଆଯାଇଛି।

### ଆନ୍ କାର୍ସନ୍‌ଙ୍କୁ...

ପ୍ରାଚୀନ ଗ୍ରୀକ୍ ସାହିତ୍ୟ ଆଧାରରେ ସେ ପ୍ରେମ ଓ ଆକାଂକ୍ଷାର ସୁଖ ଏବଂ ଯନ୍ତ୍ରଣାର ଦ୍ୱନ୍ଦ୍ୱକୁ ଅନୁସନ୍ଧାନ କରିଥିଲେ। ତାଙ୍କର 'ଦ ଗ୍ଲାସ୍ ଏସେ', 'ଅଟୋବାୟୋଗ୍ରାଫି ଅଫ୍ ରେଡ୍' ଓ 'ନକ୍ସ' ଭଳି କୃତି ବିଶେଷ ଭାବେ ପ୍ରଶଂସିତ। 'ଦ ଗ୍ଲାସ୍ ଏସେ'ରେ କବିତା, ଗଳ୍ପ ଓ ପ୍ରବନ୍ଧର ଶୈଳୀକୁ ଏକାଠି କରାଯାଇଛି। 'ଅଟୋବାୟୋଗ୍ରାଫି ଅଫ୍ ରେଡ୍'ରେ ପ୍ରାଚୀନ ଗ୍ରୀକ୍ ପୌରାଣିକ ଚରିତ୍ର ଗେରିଅନ୍‌ଙ୍କ କାହାଣୀକୁ ଆଧୁନିକ ପ୍ରେମ ଓ ସମ୍ପର୍କର ଗଳ୍ପରେ ପରିଣତ କରିଛନ୍ତି। ୨୦୧୦ର 'ନକ୍ସ' କୃତିଟି ତାଙ୍କ ଭାଇ ମାଇକେଲଙ୍କ ସ୍ମୃତିରେ ଲିଖିତ। ପାରମ୍ପରିକ ପୁସ୍ତକ ବଦଳରେ ଏହାକୁ ଫଟୋ, ଚିଠି ଓ ବିଭିନ୍ନ ଦଲିଲ ଥିବା ଏକ ବାକ୍ସ ଆକାରରେ ପ୍ରସ୍ତୁତ କରାଯାଇଥିଲା। ଏଥିରେ ରୋମୀୟ କବି କାଟୁଲସ୍‌ଙ୍କ ଭାଇଙ୍କ ମୃତ୍ୟୁ ସମ୍ପର୍କିତ କବିତାର ଅନୁବାଦ ମଧ୍ୟ ରହିଛି। କାର୍ସନ୍‌ଙ୍କ ୨୦୧୬ର 'ଫ୍ଲୋଟ୍'ରେ ୨୨ଟି ଛୋଟ ପୁସ୍ତକ ରହିଛି, ଯାହାକୁ ଇଚ୍ଛାନୁସାରେ ପଢ଼ାଯାଇପାରେ। ତାଙ୍କ ସାହିତ୍ୟର ବିଶେଷତା ହେଉଛି ପ୍ରାଚୀନ ଓ ଆଧୁନିକ ସାହିତ୍ୟ, କବିତା, ଅନୁବାଦ ଓ ବିଭିନ୍ନ କଳାରୂପକୁ ଏକାଠି କରି ନୂଆ ଅଭିବ୍ୟକ୍ତି ସୃଷ୍ଟି କରିବା।

### ପୁଲିସ ଛାଉଣିରେ...

ଜର୍ମାନୀରୁ ଆସି ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ତାଙ୍କ ଦ୍ୱାରା ପ୍ରଭାବିତ ହୋଇ ହଜାର ହଜାର ଯୁବକଯୁବତୀ ପାର୍କରେ ଏକାଠି ହୋଇ ଜ୍ଞାନେଶ-ବିରୋଧୀ ନାରା ଦେଇଥିଲେ। ଗଣତନ୍ତ୍ରର ସୁରକ୍ଷା ପାଇଁ ଦିଲ୍ଲୀ ଯନ୍ତରମନ୍ତରରେ ଅଧିକ ସଂଖ୍ୟାରେ ସାମିଲ ହେବାଲାଗି ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ କକ୍ରୋଚ ପାର୍ଟି ନେତା କହିଛନ୍ତି ଯେ ବେଙ୍ଗାଲୁରୁ କାର୍ଯ୍ୟକ୍ରମ ଏକ ଟ୍ରେଲର ମାତ୍ର। ପ୍ରକୃତ ସିନେମା ଯନ୍ତରମନ୍ତରରେ ଦେଖିବାକୁ ମିଳିବ।

ଅନ୍ୟପକ୍ଷରେ ମୁଖ୍ୟ ନିର୍ବାଚନ କମିସନର ପଦରୁ ଜ୍ଞାନେଶଙ୍କୁ ହଟାଇବା ଲାଗି ଇଣ୍ଡିଆ ମେଣ୍ଟ ପକ୍ଷରୁ ତିନି ଦିନ ଧରି ବ୍ୟାପକ ଆନ୍ଦୋଳନ ଚଳାଇଛନ୍ତି। ଆଜି ଏହାର ସାଂସଦ ଓ ନେତା ରାଜଘାଟରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଛନ୍ତି। ତେବେ ଗତ ଦୁଇ ଦିନ ଭଳି ପୁଲିସ ଆଜି ସେମାନଙ୍କୁ ଅଟକାଇ ନଥିଲା। କନ୍ନଟ୍ ପ୍ଲେସ୍‌ରେ ମଧ୍ୟାହ୍ନ ଭୋଜନ ବୈଠକ ପରେ ସେମାନେ ରାଜଘାଟ ଅଭିମୁଖେ ଯାଇଥିଲେ। ସେଠାରେ ସନ୍ଧ୍ୟା ବେଳେ କିଛି ସମୟ ପାଇଁ ଧାରଣା ଦେବାପରେ ଫେରିଯାଇଥିଲେ। ଏହି ପ୍ରତିବାଦ ଧାରଣାରେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖଡ଼ଗେ ସମେତ ରାହୁଲ, ପ୍ରିୟଙ୍କା ଗାନ୍ଧୀ, ଟିଏମସି, ସମାଜବାଦୀ ପାର୍ଟି, ଆରଜେଡି, ଉଦ୍ଧବ ସେନା, ଶରଦ ପାୱାରଙ୍କ ସମାଜବାଦୀ ପାର୍ଟି ଓ ଅନ୍ୟ ଦଳର ନେତାମାନେ ସାମିଲ ହୋଇଥିଲେ। ଏହି ଅବସରରେ ସେମାନେ ଘୋଷଣା କରିଥିଲେ ଯେ ଜ୍ଞାନେଶ କୁମାର ନହଟିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ, ଆରଏସଏସ୍ ମୁଖ୍ୟଙ୍କ ସହ ମିଶି ଜ୍ଞାନେଶ କୁମାର ଗଣତନ୍ତ୍ରର ହତ୍ୟା କରୁଛନ୍ତି ବୋଲି ରାହୁଲ ତାଙ୍କର ପୁରୁଣା ଅଭିଯୋଗକୁ ଦୋହରାଇଥିଲେ। ତେବେ ଆଜିର ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ଭାବେ ସମାପ୍ତ ହୋଇଥିଲା। ପୁଲିସ ସେମାନଙ୍କୁ ଗତ ଦୁଇ ଦିନ ଭଳି ଆଜି ଅଟକାଇନଥିଲା। ଇତିମଧ୍ୟରେ ଆସନ୍ତା ୧୦ ତାରିଖରେ ଯନ୍ତରମନ୍ତରରେ ପୁଣି ଆନ୍ଦୋଳନ କରିବାକୁ କକ୍ରୋଚ୍ ଜନତା ପାର୍ଟି ଘୋଷଣା କରିଥିବାରୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଏହି ଧାରଣା ପଇଁ ଅନୁମତି ମିଳିନଥିଲେ ମଧ୍ୟ ଆନ୍ଦୋଳନ ଜିଦରେ ଅଟଳ ରହିଛି କକ୍ରୋଚ୍ ପାର୍ଟି। ଏଥିରେ ସାମିଲ ହେବାଲାଗି ଶହ ଶହ ସଂଖ୍ୟାରେ ଆନ୍ଦୋଳନକାରୀ ଦିଲ୍ଲୀ ଆଡ଼କୁ ମାଡ଼ିଆସୁଥିବାରୁ ଏହାର ମୁକାବିଲା ଲାଗି ଦିଲ୍ଲୀ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ବିଭିନ୍ନ ସ୍ଥାନରେ ବ୍ୟାରିକେଡ୍ ଲଗାଇବା ସହିତ ୨୬ ହଜାର ପୁଲିସ ଫୋର୍ସ ମୁତୟନ କରିଛି।

### ଅଟକିଲା ଅଖ-ଚକ...

ଜ୍ଞାନେଶ କୁମାରଙ୍କୁ ହଟାଇବା, ଏମ୍ଏମ୍‌ଡିଆର୍ ସଂଶୋଧନ ଆଇନ-୨୦୨୬ ରଦ୍ଦ, ଓଡ଼ିଶାର ସ୍ୱାର୍ଥ ଓ ସମ୍ବିଧାନର ସଂଘୀୟ ବ୍ୟବସ୍ଥାର ସୁରକ୍ଷା ଏବଂ ବନ୍ୟା ପ୍ରଭାବିତ ଲୋକଙ୍କୁ ତୁରନ୍ତ ସହାୟତା ଦେବା ଆଦି ଦାବି ନେଇ ଏହି ପ୍ରତିବାଦ କରାଯାଇଥିଲା। ଭୁବନେଶ୍ୱରରେ ମଧ୍ୟ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ରାଜଧାନୀରେ ପିସିସି ସଭାପତିଙ୍କ ସମେତ ଇଣ୍ଡିଆ ମେଣ୍ଟର ବରିଷ୍ଠ ନେତୃବୃନ୍ଦମାନେ ବାଇକ୍ ରାଲିରେ ପିକେଟିଂ କରିବା ସହ ପ୍ରଥମେ ଏଜି ଛକଠାରେ ବିରୋଧ ପ୍ରଦର୍ଶନ କରିବା କରିଥିଲେ। ପରେ ମାଷ୍ଟର କ୍ୟାଣ୍ଟିନଠାରେ ମଧ୍ୟ ଜୋର୍‌ଦାର୍ ବିରୋଧ ପ୍ରଦର୍ଶନ ହୋଇଥିଲା। ମାଷ୍ଟର କ୍ୟାଣ୍ଟିନ୍ ଛକରୁ ଇଣ୍ଡିଆ ବ୍ଲକ୍‌ର ନେତୃବୃନ୍ଦ ଓ କର୍ମୀମାନେ ଏକତ୍ରିତ ହୋଇ ଲୋକସେବା ଭବନ ଅଭିମୁଖେ ମିଳିତ ପଦଯାତ୍ରା କରିଥିଲେ। ଏହି ସମୟରେ ବିଭିନ୍ନ ଦାବି ନେଇ ସ୍ଲୋଗାନ ଦେଇ ନେତା ଓ କର୍ମୀମାନେ ପ୍ରତିବାଦ ଜଣାଇଥିଲେ। ପଦଯାତ୍ରା ସମୟରେ ବହୁ ସଂଖ୍ୟକ ନେତା ଓ କର୍ମୀଙ୍କୁ ପୁଲିସ ଅଟକ ରଖିଥିଲା। ଏହି ଅବସରରେ ଇଣ୍ଡିଆ ମେଣ୍ଟ ପକ୍ଷରୁ କୁହାଯାଇଛି, ଓଡ଼ିଶାର ସମସ୍ତ ଜିଲ୍ଲାରେ ବନ୍ଦକୁ ବ୍ୟାପକ ଜନସମର୍ଥନ ମିଳିଛି। ଏହା ରାଜ୍ୟବାସୀଙ୍କ ମଧ୍ୟରେ ବଢୁଥିବା ଅସନ୍ତୋଷ ଓ ଗଣତାନ୍ତ୍ରିକ ପ୍ରତିବାଦର ଏକ ଶକ୍ତିଶାଳୀ ପରିପ୍ରକାଶକୁ ପ୍ରଦର୍ଶିତ କରିଛି। ଇଣ୍ଡିଆ ମେଣ୍ଟର ଦାବିଗୁଡ଼ିକ ପ୍ରତି ଜନସାଧାରଣଙ୍କ ଦୃଢ଼ ସମର୍ଥନ ଏହି ବନ୍ଦ ମାଧ୍ୟମରେ ପ୍ରକାଶ ପାଇଛି। ଶ୍ରମିକ, କୃଷକ, କୃଷି ଶ୍ରମିକ, ଯୁବକ-ଯୁବତୀ, ଛାତ୍ରଛାତ୍ରୀ, ମହିଳା, କର୍ମଚାରୀ, ବ୍ୟବସାୟୀ ଓ ସମାଜର ବିଭିନ୍ନ ବର୍ଗର ଲୋକମାନେ ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦରେ ସାମିଲ ହୋଇଥିବାରୁ ରାଜ୍ୟବାସୀଙ୍କୁ ଇଣ୍ଡିଆ ମେଣ୍ଟ କୃତଜ୍ଞତା ଜଣାଇଛି। ଓଡ଼ିଶାର ଅଧିକାର, ରାଜ୍ୟର ସମ୍ପଦ, ଗଣତାନ୍ତ୍ରିକ ଅଧିକାର, ସଂଘୀୟ ବ୍ୟବସ୍ଥା ଓ ଜନସାଧାରଣଙ୍କ ଜୀବିକାର ସୁରକ୍ଷା ପାଇଁ ରାଜ୍ୟବାସୀ ଏକଜୁଟ ହୋଇ ଲଢ଼ିବାକୁ ପ୍ରସ୍ତୁତ ହୋଇଥିବା ଓଡ଼ିଶା ବନ୍ଦର ସଫଳତା ପ୍ରମାଣ କରିଛି। ଏହି ସଫଳତା ଆଗାମୀ ଦିନରେ ଜନସ୍ୱାର୍ଥ ଓ ଓଡ଼ିଶାର ଅଧିକାର ପାଇଁ ଚାଲିଥିବା ଐକ୍ୟବଦ୍ଧ ଗଣଆନ୍ଦୋଳନକୁ ଆହୁରି ଶକ୍ତିଶାଳୀ କରିବ ବୋଲି ଇଣ୍ଡିଆ ମେଣ୍ଟ କହିଛି। ଆଜିର ବନ୍ଦ ଆନ୍ଦୋଳନରେ କଂଗ୍ରେସ, ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍‌ଏଲ୍)-ଲିବରେସନ, ଫରୱାର୍ଡ ବ୍ଲକ୍, ଏନ୍‌ସିପି-(ଶରଦ ପୱାର), ସମାଜବାଦୀ ପାର୍ଟି, ଆର୍‌ଜେଡି ଏବଂ ଜେଏମ୍‌ଏମ୍ ସମେତ ଇଣ୍ଡିଆ ବ୍ଲକ୍‌ର ସମସ୍ତ ଅଂଶୀଦାର ଦଳଗୁଡ଼ିକର ରାଜ୍ୟ ନେତୃବୃନ୍ଦ ଯୋଗଦେଇଥିଲେ। କଂଗ୍ରେସ ରାଜ୍ୟ ସଭାପତି ଭକ୍ତ ଚରଣ ଦାସ, ସିପିଆଇ ରାଜ୍ୟ ସମ୍ପାଦକ ଡଃ ପ୍ରଶାନ୍ତ କୁମାର ମିଶ୍ର, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସିପିଆଇ(ଏମ୍‌ଏଲ୍)-ଲିବରେସନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଫରୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ଏନ୍‌ସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ସମାଜବାଦୀ ପାର୍ଟି ରାଜ୍ୟ ସମ୍ପାଦକ ରମାକାନ୍ତ ହାତୀ ଏବଂ ଆର୍‌ଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାରଙ୍କ ସମେତ ବିଭିନ୍ନ ଦଳର ରାଜ୍ୟ ନେତୃବୃନ୍ଦ ଏଥିରେ ନେତୃତ୍ୱ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟଦେବ ଜେନା, ରାମଚନ୍ଦ୍ର ଖୁଣ୍ଟିଆ, ଶରତ ରାଉତ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, କିଶୋର ଜେନା, ଅରବିନ୍ଦ ଦାସ ପ୍ରମୁଖ ବନ୍ଦରେ ସାମିଲ ହୋଇଥିଲେ।

### ଅକ୍ସିଜେନ୍ ସିଲିଣ୍ଡର...

ଘରୋଇ ହସ୍ପିଟାଲକୁ ନେବା ନିମନ୍ତେ ପରିବାର ଲୋକେ ଏକ ଘରୋଇ ଆମ୍ବୁଲାନ୍ସ ଡକାଇଥିଲେ। ରୋଗୀଙ୍କୁ ଆମ୍ବୁଲାନ୍ସ ଭିତରେ ଶୁଆଇ ଅକ୍ସିଜେନ୍ ଲଗାଉଥିବା ସମୟରେ ହଠାତ୍ ଅକ୍ସିଜେନ୍ ସିଲିଣ୍ଡରରୁ ନିଆଁ ଲାଗିଯାଇଥିଲା। ପରେ ପ୍ରଚଣ୍ଡ ଶବ୍ଦରେ ଅକ୍ସିଜେନ୍ ଟାଙ୍କିଟି ବ୍ଲାଷ୍ଟ ହୋଇଥିଲା ଓ ହୁ ହୁ ହୋଇ ସମଗ୍ର ଗାଡ଼ିକୁ ନିଆଁ କବଳିତ କରିଥିଲା। ବିସ୍ଫୋରଣର ତୀବ୍ରତା ଏତେ ଭୟଙ୍କର ଥିଲା ଯେ ଆମ୍ବୁଲାନ୍ସର ଛାତ ସମ୍ପୂର୍ଣ୍ଣ ଉଡ଼ିଯାଇ ପାଖରେ ଥିବା ଅନ୍ୟ ରୋଗୀ ଓ ଲୋକଙ୍କ ଉପରେ ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ଥିବା ଦୁଇଜଣ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ସେପଟେ ସ୍ଥାନୀୟ ଲୋକେ ତୁରନ୍ତ ଧାଇଁଆସି ସାହସିକତାର ସହ ଆମ୍ବୁଲାନ୍ସ ଭିତରୁ ରୋଗୀ ସୁଯୋଶ ବାରିକଙ୍କୁ ବାହାର କରି ଆଣିଥିଲେ ସୁଦ୍ଧା ସେତେବେଳକୁ ସେ ଅଗ୍ନିକାଣ୍ଡରେ ଗୁରୁତର ଭାବେ ପୋଡ଼ି ହୋଇ ପ୍ରାଣ ହରାଇସାରିଥିଲେ। ଏହି ଭୟଙ୍କର ବିସ୍ଫୋରଣ ଓ ନିଆଁ ଯୋଗୁଁ ସମଗ୍ର ହସ୍ପିଟାଲ ପରିସରରେ ଆତଙ୍କ ଖେଳିଯାଇଥିଲା। ରୋଗୀ, ଡାକ୍ତର ଓ ସମ୍ପର୍କୀୟ ଭୟଭୀତ ହୋଇ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। ଖବର ପାଇ ସ୍ଥାନୀୟ ଅଗ୍ନିଶମ ବାହିନୀ ତୁରନ୍ତ ପହଞ୍ଚି ବହୁ ଚେଷ୍ଟା ପରେ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିଥିଲେ। ପୁଲିସ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଉଦ୍ଧାର କାର୍ଯ୍ୟ ତଦାରଖ କରିଛି ଓ ଅଗ୍ନିକାଣ୍ଡର ତଦନ୍ତ ଜାରି ରଖିଛି। ଏହି ଦୁଃଖଦ ଘଟଣା ସମଗ୍ର ଉଦଳା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

### ବାଣ ବିସ୍ଫୋରଣରେ...

ଏଥିରେ ଅଗ୍ନି ସଂଯୋଗ ଘଟି ଏଭଳି ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ଏହି ବିସ୍ଫୋରଣରେ ମନୋରଞ୍ଜନ ସ୍ୱାଇଁ ଏବଂ ତାଙ୍କ ପୁଅ ସୌମ୍ୟ ସାହିଲ ସ୍ୱାଇଁଙ୍କର ମୃତ୍ୟୁ ହୋଇଥିଲାବେଳେ ମନୋରଞ୍ଜନଙ୍କ ପତ୍ନୀ ଶୁଭଲକ୍ଷ୍ମୀ ସ୍ୱାଇଁ ଏବଂ ଭାଇବୋହୂ ଭାଗ୍ୟଲକ୍ଷ୍ମୀ ସ୍ୱାଇଁ ଆହତ ଅବସ୍ଥାରେ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ତେବେ ଦୁର୍ଘଟଣା ସମୟରେ ମନୋରଞ୍ଜନଙ୍କ ଘରକୁ ଆସିଥିବା ତାଙ୍କ ଝିଅର ଶିକ୍ଷକ ରାହୁଲ ମହନ୍ତ ମଧ୍ୟ ଏହି ବିସ୍ଫୋରଣରେ ଗୁରୁତର ଆହତ ହୋଇ କଟକ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ବିସ୍ଫୋରଣରେ ଘରର କାନ୍ଥ ଫାଟିଯାଇଥିବା ବେଳେ ଭିତରେ ଥିବା ଆସବାବପତ୍ର ଛିନ୍‌ଛତ୍ର ହୋଇପଡ଼ିଛି। ଘର ବାହାରେ ଥିବା ଏକ ଅଟୋ ମଧ୍ୟ ଭାଙ୍ଗିରୁଜି ଯାଇଛି। ତିର୍ତ୍ତୋଲ ଥାନା ପୁଲିସ ଏବଂ ଅଗ୍ନିଶମ ସେବା ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ସାଇଣ୍ଟିଫିକ ଟିମ୍ ମଧ୍ୟ ଅନୁସନ୍ଧାନ ଆରମ୍ଭ କରିଛନ୍ତି। ତେବେ ଏତେ ପରିମାଣରେ ବାଣ ଘର ଭିତରେ କାହିଁକି ରଖାଯାଇଥିଲା ଏବଂ ବିସ୍ଫୋରଣ କେଉଁ ପରିସ୍ଥିତିରେ ଘଟିଲା ସେ ସମ୍ପର୍କରେ ପୁଲିସ ଛାନ୍‌ଭିନ୍ ଚଳାଇଛି।

### ସିବିଆଇ ଜାଲରେ...

ଚାକିରି କରିଛନ୍ତି। ତାଙ୍କ କାର୍ଯ୍ୟକାଳ ବୃଦ୍ଧି ସୁପାରିସ ପାଇଁ ସେ ପ୍ରଧାନ ଶିକ୍ଷକ ଶ୍ରୀ ନାଇଡୁଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ଶ୍ରୀ ନାଇଡୁ ତାଙ୍କୁ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ମିନତି ମୂଲଚାଲ୍ କରିବା ପରେ ୧୨ ହଜାର ଟଙ୍କା ଦେବାକୁ ସ୍ଥିର ହୋଇଥିଲା। ମିନତି ଏନେଇ ଭୁବନେଶ୍ୱର ସିବିଆଇରେ ଅଭିଯୋଗ କରିବା ପରେ ମାମଲା ରୁଜୁ କରାଯାଇଥିଲା। ପୂର୍ବ ଯୋଜନା ମୁତାବକ ଗତକାଲି ମିନତି ଲାଞ୍ଚ ବାବଦକୁ ୧୨ ହଜାର ଟଙ୍କା ଶ୍ରୀ ନାଇଡୁଙ୍କୁ ଦେଇଥିଲେ। ଶ୍ରୀ ନାଇଡୁ ୧୨ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବାବେଳେ ଛକି ରହିଥିବା ସିବିଆଇ ଟିମ୍ ତାଙ୍କୁ ମାଡ଼ି ବସିଥିଲା।

### ବଜ୍ରପାତରେ ୨...

ସନ୍ଧ୍ୟା ହେବାରୁ ପୁଲିସ ତଦନ୍ତ ସଂପୂର୍ଣ୍ଣ ନ ହେବାରୁ ଜିଲ୍ଲା ଶବାଗାରରେ ମୃତଦେହ ସଂରକ୍ଷିତ ରଖାଯାଇଛି। ଶୁକ୍ରବାର ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଆଇଆଇସି ବିମଳ କୁମାର ନାୟକ ପ୍ରକାଶ କରିଛନ୍ତି।

### ଗାଡ଼ି ଧକ୍କାରେ ଦମ୍ପତି...

ଅଜଣା ଚାରିଚକିଆ ଗାଡ଼ି ସେମାନଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ଗୋଟିଏ ଝିଅ ସବିତାର ବିବାହ ସରିଥିବାବେଳେ ୧୮ ବର୍ଷର ଝିଅ ମଞ୍ଜୁଳା ଓ ୧୬ବର୍ଷର ପୁଅ ପ୍ରଦ୍ୟୁମ୍ନ ଏବେ ବାପ-ମା' ଛେଉଣ୍ଡ ହୋଇଯାଇଛନ୍ତି। ଦୁଇ ଅସହାୟ ଭାଇ ଭଉଣୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ଦାବିରେ ଉତ୍ତ୍ୟକ୍ତ ଲୋକେ କିଛି ସମୟ ଧରି ଖଡ଼ିଆଳ-ନୂଆପଡା ୩୫୩ ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ଖଡ଼ିଆଳ ତହସିଲଦାର ନରସିଂ ଗଦବା ଓ ଖଡ଼ିଆଳ ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନ ଓ ଥାନା ଅଧିକାରୀ ସୁମନ୍ତ ନାଏକ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ଅବରୋଧ ହଟାଇଥିଲେ। ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ରେଳ ଓଭରବ୍ରିଜ୍...

ଥିବା ଏକ ଲାଇଟ୍ ଖୁଣ୍ଟରେ ଧକ୍କା ହୋଇଥିଲା। ଫଳରେ ଉଭୟ ଗୁରୁତର ଆହତ ହୋଇ ରାସ୍ତା ଉପରେ ପଡ଼ିରହିଥିଲେ। ଘଟଣା ଦେଖି ସ୍ଥାନୀୟ ଲୋକେ ଓ ସେହି ରାସ୍ତାରେ ଯାଉଥିବା ଲୋକେ ଚନ୍ଦନପୁର ଥାନାକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପୁରୀ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ତେବେ ଡାକ୍ତର ସେଠାରେ ଉଭୟଙ୍କୁ ପରୀକ୍ଷା କରି ମୃତ ଘୋଷଣା କରିଥିଲେ। ପ୍ରାରମ୍ଭିକ ଭାବେ ମୃତକଙ୍କ ପରିଚୟ ମିଳି ନ ଥିଲା। ପରେ ପୁଲିସ ତଦନ୍ତରୁ ଉଭୟଙ୍କ ପରିଚୟ ସ୍ପଷ୍ଟ ହୋଇଥିଲା। ପୁଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଚନ୍ଦନପୁର ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଦୁର୍ଘଟଣାର କାରଣ ସମ୍ପର୍କରେ ଅଧିକ ତଦନ୍ତ ଚଳାଇଛି। ଉଭୟଙ୍କ ପରିବାରକୁ ଘଟଣା ସମ୍ପର୍କରେ ଖବର ଦିଆଯାଇଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ କହିଛି।

## ୩୭ ବର୍ଷ ହେଲା କୃଷ୍ଣଙ୍କୁ ଖୋଜୁଛନ୍ତି ଦୁର୍ଯ୍ୟୋଧନ

**କଟକ,୮।୧୦(ସମିସ):** ସାନ ଭାଇକୁ ଭଲ ମଣିଷ କରିବେ, ବାପାମାଆଙ୍କର ନାଁ ରଖିବ, ଏମିତି ଅନେକ ଶୁଭ ଚିନ୍ତା କରି ତାକୁ ପାଖରେ ରଖି ପାଠ ପଢ଼ାଉଥିଲେ। କଟକର ଖ୍ରୀଷ୍ଟ ମହାବିଦ୍ୟାଳୟରେ ଚାକିରି କରୁଥିବା ଦୁର୍ଯ୍ୟୋଧନ ସାନ ଭାଇ କୃଷ୍ଣକୁ ବହୁତ ଆଦରଯତ୍ନରେ ରଖିଥିବା ବେଳେ ୧୯୮୯ ମସିହା ଜୁନ୍ ମାସରେ ହଠାତ୍ ସେ ନିଖୋଜ



ହୋଇଗଲେ। ସେବେଠୁ ଆଜିକୁ ଦୀର୍ଘ ୩୭ ବର୍ଷ ହେଲା ସାନ ଭାଇ କୃଷ୍ଣକୁ ଖୋଜୁଛନ୍ତି ଦୁର୍ଯ୍ୟୋଧନ; ହେଲେ ତାଙ୍କର କୌଣସି ପତ୍ତା ମିଳୁନି। କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅଧୀନ ବାତୋ ଗ୍ରାମର ଶୁକଦେବ ପାତ୍ରଙ୍କ ଦୁଇ ପୁଅ ଦୁର୍ଯ୍ୟୋଧନ ଓ କୃଷ୍ଣ। ଦୁର୍ଯ୍ୟୋଧନଙ୍କ ପାଖରେ ରହି କୃଷ୍ଣ ଏବଂ ତାଙ୍କର ଦୁଇ ସାନ ଭଉଣୀ କଟକ ମହମଦିଆ ବଜାରରେ ଭଡ଼ା ଘରେ ରହି କଲେଜରେ ପଢୁଥିଲେ। ଖ୍ରୀଷ୍ଟ ମହାବିଦ୍ୟାଳୟରେ ଯୁକ୍ତ ତିନି ପଢୁଥିବା କୃଷ୍ଣ୧୯୮୯ ମସିହା ଜୁନ୍ ମାସରେ ହଠାତ୍ କେଉଁଆଡ଼େ ନିଖୋଜ ହୋଇଗଲେ। ବନ୍ଧୁବାନ୍ଧବ ଓ ପରିଚିତ ସ୍ଥାନରେ ବହୁ ଖୋଜାଖୋଜି କଲାପରେ କୃଷ୍ଣଙ୍କୁ ନ ପାଇବା ପରେ ଦୁର୍ଯ୍ୟୋଧନ ଏ ସଂପର୍କରେ କଟକ ଲାଲବାଗ ଥାନା, ରାମଚନ୍ଦ୍ରପୁର ଥାନାରେ ଲିଖିତ ଜଣାଇଲେ। କୌଣସି ଖବର ମିଳିଲା ନାହିଁ। ଶେଷରେ ଦୁର୍ଯ୍ୟୋଧନ କଟକର କ୍ରାଇମ ବ୍ରାଞ୍ଚରେ ଲିଖିତ ସଂପୂର୍ଣ୍ଣ ବିବରଣୀ ସହ ଲିଖିତ ଅଭିଯୋଗ କଲେ। ଏହା ଭିତରେ ବାପାମାଆ ଆରପାରିକୁ ଚାଲିଗଲେଣି। ସାନ ଭାଇ କୃଷ୍ଣଙ୍କୁ ନ ପାଇ ମନସ୍ତାପରେ ଥିବା ଦୁର୍ଯ୍ୟୋଧନ ଲାଲବାଗ ଥାନାରେ ୨୦୧୯ ମସିହା ଜୁଲାଇ ୧୦ ତାରିଖରେ ପୁଣିଥରେ ଲିଖିତ ଜଣାଇ ମଧ୍ୟ କୌଣସି ସୁଫଳ ମିଳି ନାହିଁ।


**NOTICE INVITING TENDER** 13001/2108/2627

**OFFICE OF THE MUNICIPAL COUNCIL, NAYAGADA**

NAYAGADA (ODISHA), PIN-752069

e-Mail :- nacNayagada@yahoo.co.in

**Tender Call Notice No. 2816 / Dt. 07.10.26**

**E-Procurement Notice No. MUNLNGD-22/2026**

| | | | |
|---|---|---|---|
| 1 | Name of the Work | : | Civil with Beautification Works. |
| 2 | No of Works | : | 10 Nos. |
| 3 | Value of Work | : | Rs.2,14,620/- to Rs.12,71,832/- |
| 4 | Class of Contractor | : | D and C |
| 5 | Period of Completion | : | As per DTCN |
| 6 | Date of Publication | : | Dt.09.10.2026 |
| 7 | Date and Time of availability of document in the portal. | : | From Dt.09.10.2026 at 10.00 AM to Dt.23.10.2026 up to 5.00 PM |
| 8 | Last Date/Time for receipt of bids in portal | : | Dt.23.10.2026 up to 5.00 PM |
| 9 | Last date of Submission of original documents in this Office | : | On or before 5.00 P.M. on Dt.28.10.2026 by Register Post / Speed Post / Courier Service (No Tender Box) at Municipal Office, Nayagada. |
| 10 | Date and Time of opening Tender Box & Technical Bid | : | Dt.30.10.2026 at 11.00 AM onwards at Municipality Office, Nayagada |
| 11 | Date and Time of Financial Bid | : | Dt.03.11.2026 at Municipality Office, Nayagada |
| 12 | Name and address of the officer inviting bid | : | Sd/- Executive officer, Nayagada Municipality |

Further-details can be seen from e-Procurement portal: **https://tendersodisha.gov.in**

Executive Officer
Nayagada Municipality

OIPR-13001/13134/1/26-27/0021



**ପୌର ପରିଷଦ ହିଞ୍ଜିଳିକାଟୁ**
**HINJILIKATU MUNICIPAL COUNCIL**

At-Hinjilikatu, Dist.-Ganjam, Pin-761102
Contact: 06811-280022, Toll Free No.: 1800 123 004 567
Email- hinjilicutmunicipality@gmail.com
Facebook- Hinjilikatu Municipality, X-Hinjilikatumunicipality

ପତ୍ର ସଂଖ୍ୟା ୪୪୭୩/୨୦୨୬ — ତା.୦୭.୧୦.୨୬

13001/2109/2627

**ବିଜ୍ଞାପନ ଆହ୍ୱାନ**

ହିଞ୍ଜିଳିକାଟୁ ପୌରପରିଷଦ ସାଉଥ୍ ବ୍ଲକ୍ ମାର୍କେଟ୍ କମ୍ପ୍ଲେକ୍ସ ଉପର ୩ ଗୋଟି ମହଲା ନିମନ୍ତେ ଦୋକାନ ଗୃହ ନିଲାମ ଆହ୍ୱାନ କରଯାଇ ସର୍ବୋଚ୍ଚ ଦର ଦାଖଲ କରିଥିବା ଦରଖାସ୍ତକାରୀଙ୍କୁ ଦୋକାନ ଗୃହ ଆବଣ୍ଟନ କରାଯିବ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି। ଯେଉଁ ବ୍ୟକ୍ତି ବିଶେଷ ଉକ୍ତ ବଜାର ଦୋକାନ ଗୃହରେ ବ୍ୟବସାୟ କରିବା ପାଇଁ ଇଚ୍ଛୁକ ଅଟନ୍ତି, ସେମାନେ ପୌରପରିଷଦ କାର୍ଯ୍ୟାଳୟରୁ ଆବେଦନ ଫର୍ମ ଟ.୨୦୦/- (ଦୁଇ ଶହ ଟଙ୍କା) ରେ କ୍ରୟ କରି ଧାର୍ଯ୍ୟ ତାରିଖ ମଧ୍ୟରେ ଆବେଦନ କରିପାରିବେ।

ସର୍ତ୍ତାବଳୀ:-

୧. ଆବେଦନକାରୀଙ୍କ ବୟସ ୧୮ ବର୍ଷରୁ ଉର୍ଦ୍ଧ୍ୱ ୬୦ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ।
୨. ଆବେଦନକାରୀ ହିଞ୍ଜିଳିକାଟୁ ପୌରପରିଷଦର ସ୍ଥାୟୀ ବାସିନ୍ଦା ହୋଇଥିବେ। (ଟେଣ୍ଡର ପକାଇବା ସମୟରେ ନିଜର ଭୋଟ ପରିଚୟ ପତ୍ର / ଆଧାର କାର୍ଡ / ପାନ୍ କାର୍ଡ ଓ ଡ୍ରାଇଭିଂ ଲାଇସେନ୍ସ ଇତ୍ୟାଦି ପ୍ରମାଣ ପତ୍ରର ଅବିକଳ ନକଲ ଆବେଦନ ପତ୍ରରେ ସଲଗ୍ନ କରିବେ)
୩. ଜଣେ ଆବେଦନକାରୀ ଏକାଧିକ ଆବେଦନ ଫର୍ମ ଗୋଟିଏ ଦୋକାନ ଗୃହ ନିମନ୍ତେ କ୍ରୟ କରିପାରିବେ ନାହିଁ।
୪. ସମସ୍ତ ନିଲାମ ଦରଖାସ୍ତ ମଧ୍ୟରୁ ସର୍ବୋଚ୍ଚ ଟେଣ୍ଡର ଦରକୁ ଉକ୍ତ ଦୋକାନ ଗୃହ ବଂଟନ ନିମନ୍ତେ ଗ୍ରହଣ କରାଯିବ।
୫. ଆବେଦନକାରୀ ପରିଷଦ ତରଫରୁ ଧାର୍ଯ୍ୟ ହୋଇଥିବା ଅମାନତ ରାଶିକୁ ବୃଦ୍ଧି କରି ଟେଣ୍ଡର ଦର ଧାର୍ଯ୍ୟ କରିବେ ଓ ନିଲାମ ଦରଖାସ୍ତରେ ପ୍ରଦାନ କରିଥିବା ସର୍ବୋଚ୍ଚ ଦରକୁ ଅନୁମୋଦନ ହେବାର ୧୫ ଦିନ ମଧ୍ୟରେ ପରିଷଦରେ ସମୁଦାୟ ଟଙ୍କା ଦାଖଲ କରିବେ।
୬. ନିଲାମ ରାଶିର ୫୦% ଅର୍ଥ ଅଣ ଫେରସ୍ତ ଯୋଗ୍ୟ ଭାବେ ଗ୍ରହଣ କରାଯାଇ ନିଲାମକୁ ସ୍ୱୀକୃତ କରାଯିବ। ଯେଉଁ ପରିବାରର ବ୍ୟକ୍ତିମାନେ ପୂର୍ବରୁ ପରିଷଦ ତରଫରୁ ଦୋକାନ ଗୃହ ଭଡ଼ା ସୂତ୍ରରେ ପାଇଛନ୍ତି ସେମାନେ ଆବେଦନ କରିପାରିବେ ନାହିଁ।
୭. ପୌରପରିଷଦ କର୍ତ୍ତୃପକ୍ଷଙ୍କର ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ ସର୍ବୋଚ୍ଚ ନିଲାମକୁ ଗ୍ରହଣ, ଖାରଜ ଓ ନିଲାମକୁ ସମ୍ପୂର୍ଣ୍ଣ ଭାବେ ରଦ୍ଦ କରିବାର ସମ୍ପୂର୍ଣ୍ଣ ଅଧିକାର ରହିଅଛି।
୮. ଧାର୍ଯ୍ୟ ତାରିଖ ଓ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କିମ୍ବା ବିଚାରକୁ ନିଆଯିବ ନାହିଁ।
୯. ପ୍ରତି ଦୋକାନ ଗୃହ ପ୍ରତି ବର୍ଷରେ ଥରେ ୫% ବୃଦ୍ଧି ହାରରେ ଦୋକାନ ଲାଇସେନ୍ସ ଫି ଆଦାୟ କରାଯିବ।
୧୦. ଟେଣ୍ଡର ଖୋଲିବା ତାରିଖ ଓ ସମୟରେ ଦରଖାସ୍ତକାରୀ କିମ୍ବା ଦରଖାସ୍ତକାରୀଙ୍କ ଦ୍ୱାରା ମନୋନିତ ବ୍ୟକ୍ତି ବିଶେଷଙ୍କ ସମ୍ମୁଖରେ ଦୋକାନ ଗୃହ ନିମନ୍ତେ କରାଯାଇଥିବା ଦରଖାସ୍ତ ଗୁଡ଼ିକ ଖୋଲାଯିବ।

ଆବେଦନ ଫର୍ମ ବିକ୍ରି ତାରିଖ:- ତା. ୦୮.୧୦.୨୦୨୬ ଠାରୁ ୧୬.୧୦.୨୦୨୬ ରିଖ ଅପରାହ୍ନ ୫.୩୦ ଘଟିକା
ଟେଣ୍ଡର ଦାଖଲ ତାରିଖ:- ତା. ୦୮.୧୦.୨୦୨୬ ଠାରୁ ୨୧.୧୦.୨୦୨୬ ରିଖ ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ
ଟେଣ୍ଡର ପେପର ଦାଖଲ ମାଧ୍ୟମ:- (ଟେଣ୍ଡର ବାକ୍ସ/ସ୍ପିଡ୍ ପୋଷ୍ଟ/ରେଜିଷ୍ଟ୍ରି ପୋଷ୍ଟ ଧାର୍ଯ୍ୟ ତାରିଖ ମଧ୍ୟରେ ଗ୍ରହଣଯୋଗ୍ୟ)
ଟେଣ୍ଡର ଖୋଲିବା ତାରିଖ:- ତା. ୨୨.୧୦.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକା

କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପରିଷଦ, ହିଞ୍ଜିଳିକାଟୁ

OIPR-13001/13105/1/26-27/0003



**LOST**

I, Smt. Usharani Pradhan, At/P.O. Kerandatangi, Dist. Nayagarh, Odisha, hereby inform the general public that I have purchased land situated at Mouza-Madenpur, P.S./Tahasil-Jatni, District-Khurda, under Khata No. 300/666, Plot No. 679/2661, measuring Ac. 0.002 dec., and Plot No. 677/2662, measuring Ac. 0.050 dec., from Aron Prasad Sahu, vide Regd. Sale Deed No. 11122601100, ID No. 1122601146, dated 27.02.2026. The original Sale Deed executed by Aroon Prasad Sahu in his favour which is linked document of Usharani Pradhan has been lost and not traceable. Any person having any objection, claim or interest in respect of the said document may bring the same to the notice of the undersigned authority within the prescribed period.

Sd/- Usharani Pradhan



**LOST**

By virtue of an affidavit sworn before Notary Public, Bhubaneswar on dt. 06.10.2026, I, Hara Mohan Dash age about 60 years, S/O Fakir Mohan Dash at Kalvic, Gajapati Palace, Jagamohan Nagar, Near ITER College, Jagamara, Bhubaneswar, Dist-Khurda, Odisha, Pin -752030, solemnly affirm that my original ROR over Khata No.309/201, plot No.89/609, Mouza - Haduota, Tehsil- Tangi Choudwar, Katak has been completely damaged by termites which is beyond recovery on my part.

Hara Mohan Dash



**AVAILABLE FOR SALE**

We have 1 nos repossessed Mahindra Tractor for sale : (1). MAHINDRA 585 YUVO TECH + 2024 (OD-15-AE-8907), in it's as is where is condition. Contact: Sundaram Finance Limited, Sambalpur Branch, Mob no : 9437059593, 9437355617 within 3 days.



**ADMISSION OPEN**
**2026 - 27**

**B.SC NURSING & GNM NURSING**

SAI SRUSHTI SCHOOL & COLLEGE OF NURSING
AT-KAMAGARH, PO/DIST-JAJPUR
PIN-755001

**ADMISSION ON SELECTION BASIS OF +2 SCIENCE & OJEE RANK HOLDER MARKS**

**STIPEND FOR**
1. S.C/ ST STUDENT
2. P.M KISSAN STUDENT
3. OBC/SCBC

**FACILITIES**
1. SEPARATE HOSTEL
2. COLLEGE BUS
3. SMART CLASS ROOM
4. WI-FI CAMPUS

CONTACT NO- 933782253, 7205239211, 7337503600

NB:- ADMISSION ON GOVT. APPROVED PRICE



**AFFIDAVIT**

I, Sabnam Khan, W/o- Niyajuddin Gafrulla Khan, Resident At- MQ- 214, Hiltop Colony, Rampur Koliary, Ps- Brajrajnagar, Dist- Jharsuguda Pin-768225, Odisha. Declare by this Affidavit No- 1422, dt 24.04.2026. That now on wards I shall be known as **Sabnam Niyaz** for all future purposes.



**GOVERNMENT OF ODISHA** 34001/979/2627

OFFICE OF THE SUPERINTENDING ENGINEER,
PARALAKHEMUNDI(R&B) DIVISION, PARALAKHEMUNDI.
**e-Procurement Notice**
Bid Identification No. S.E., PKD. R&B DIVN.-16 /2026-27

No. 5386 — Date. 05.10.2026

**INVITATION FOR BIDS**

1. The Superintending Engineer, Paralakhemundi (R&B) Division on behalf of Governor of Odisha Invites Percentage rate bid in Single Cover system to be received in on ONLINE MODE only for the construction of works as detailed in the table below:

| | | |
|---|---|---|
| 2. | Nature of works | Electrical Work |
| 3. | No. of works | 01 [One] no. of work. |
| 4. | Estimated cost (Approximately) | Rs. 22.60 Lakhs |
| 5. | Bid cost | Rs.6.000/- |
| 6. | Class of contractor | "HT" class |
| 7. | Availability of Bid Documents in the website | 10.00 Hrs of Dt. 13.10.2026 To 17.00 Hrs. of Dt.21.10.2026. |
| 8. | Date of opening of the Bid | 12.00 Hrs. of Dt.22.10.2026. |
| 9. | The Bidders have to participate in ONLINE bidding only. Further details can be seen from the website http://tendersorissa.gov.in Any Addendum /Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Superintending Engineer
Paralakhemundi(R&B) Division

OIPR-34001/34186/1/26-27/0012



**OFFICE OF THE DEPUTY DIRECTOR, NANDANKANAN ZOOLOGICAL PARK**
P.O-BARANG, DIST-KHURDA, PIN-754005
PHONE NO-9437022023
Email: deputydirector.kanan@gmail.com
Web: www.nandankanan.org

NANDANKANAN — CONSERVE | EDUCATE | INSPIRE

8001/369/2627

**TENDER NOTICE**

Notice No. 42 /NKZP/2026-27 Date: 06.10.2026

The Nandankanan Zoological Park Authority, Bhubaneswar invites Tender in sealed cover from reputed distributor/ stockists/ firms for Supply of Veterinary Medicine, drug, surgical equipments and other accessories for the period of five months for the year, 2026-27 for use in Zoo Veterinary Hospital for treatment of Zoo animals. The detailed terms and conditions alongwith tender documents shall be available at the website; www.nandankanan.org from **08.10.2026 onwards.**

The last date of submission of bid is **22.10.2026 at 05.00 PM** and date of opening of Bid will be on **23.10.2026 at 11.30 AM.**

Deputy Director
Nandankanan Zoological Park

OIPR-8001/8070/1/26-27/0012



**AFFIDAVIT**

By virtue of an affidavit sworn before Notary Public Bhubaneswar, affidavit No.760 on dated 21.09.2026, I Mahaprasad Kar resident of Plot No. 60, Satyanagar, Po-Saheed Nagar, Ps- Kharvel Nagar, Bhubaneswar-751007, Dist- Khurdha, Odisha, declare that I have changed the name of my son from Aloikik Kar to Aloukik Kar, Henceforth, he shall be known as **ALOUKIK KAR** for all future purposes.



**Notice (for Minor)**

By virtue of an affidavit sworn before Executive Magistrate, Udala, Mayurbhanj, dated 06-10-2026 I, Sarala Biswal, Address AT- Gadigaon, PO-Gadigaon, PS- Khunta, Dist- Mayurbhanj, PIN-757087 declare that I have changed the name of my son from Dibyaprakash Bisw to Dibyaprakash Biswal. Henceforth, he shall be known as **Dibyaprakash Biswal** for all purposes.

Sarala Biswal



**AFFIDAVIT**

By virtue of an affidavit sworn before The Notary Public, Katak, Affidavit Sl.No. 8207 on dated 03/09/2026, I **LABANYABATI BARIK**, W/o Late Bharat Charan Barik residing At/Po- Baragadia, PS- Kalinga Nagar, Dist- Jajpur, Odisha, PIN: 755026, declare that I have changed my name from **LABANYA LATA BARIK (Old Name)** to **LABANYABATI BARIK (New Name)**. Henceforth, I shall be known as **LABANYABATI BARIK** for all future purposes.

(Sd/- **LABANYABATI BARIK**)



**AFFIDAVIT**

By virtue of an affidavit (Sl No. 4966, dtd- 07.10.2026) sworn before The Executive Magistrate, Chandbali, Bhadrak. I, **Santanu Kumbhakar,** S/o Late Nrupati Kumbhakar, permanent resident of Seledi, PS- Binka, Dist- Subarnapur, State: Odisha, PIN-767019 declare that I have changed the name of my minor son from **Harshit Kumbhakar to SK Harshit.** Henceforth, he shall be known as **SK Harshit** (new name) for all purposes.

**Santanu Kumbhakar**



**AFFIDAVIT**

By virtue of an affidavit (Sl No. 4965, dtd- 07.10.2026) sworn before The Executive Magistrate, Chandbali, Bhadrak. I, **Santanu Kumbhakar,** S/o Late Nrupati Kumbhakar, permanent resident of Seledi, PS- Binka, Dist- Subarnapur, State: Odisha, PIN-767019 declare that I have changed the name of my minor son from **Harjeet Kumbhakar to SK Harjeet.** Henceforth, he shall be known as **SK Harjeet** (new name) for all purposes.

**Santanu Kumbhakar**



**AFFIDAVIT**

By virtue of an affidavit (SL No. 1384, dtd- 27.09.2022) sworn before The Executive Magistrate, Karanjia, Mayurbhanj. I, **Baburam Naik,** S/o Debananda Nayak, resident of Vill/PO: Righa, PS: Ghagarbeda, Dist: Mayurbhanj, Odisha declare that I have changed my name from **Baburam Naik** to **Baburam Nayak.** Henceforth, I shall be known as **Baburam Nayak** (new name) for all purposes.

**Baburam Nayak**



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCTEECOR BBS202602, ତା.01.10.2026ରିଖ

**କାର୍ଯ୍ୟର ନାମ :** ସଦ୍ୟତମ ସଂଶୋଧନ ସ୍ଲିପ୍ ସହିତ ରେଲ ଲାଇନ୍ ଏବଂ ୱେଲ୍ଡଗୁଡ଼ିକର ଅଲଟ୍ରାସୋନିକ ପରୀକ୍ଷଣ ନିମନ୍ତେ ଭାରତୀୟ ରେଳପଥ ମାନକ ବିନିର୍ଦ୍ଦେଶ (ସଂଶୋଧିତ-2020) ତଥା ସଦ୍ୟତମ ସଂଶୋଧନ ସ୍ଲିପଗୁଡ଼ିକ ସହିତ ରେଲ ଲାଇନ୍ ଏବଂ ୱେଲ୍ଡଗୁଡ଼ିକର ଅଲଟ୍ରାସୋନିକ ପରୀକ୍ଷଣ ନିମନ୍ତେ ମାନୁଆଲ୍ (ସଂଶୋଧିତ-2022) ଅନୁଯାୟୀ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼, ସମ୍ବଲପୁର ଓ ରାୟଗଡ଼ା ମଣ୍ଡଳରେ ବିଭିନ୍ନ ଚିହ୍ନିତ ମାର୍ଗ / ସେକ୍ସନରେ ଆଉଟସୋର୍ସିଙ୍ଗ କରିଆରେ ଡିଜିଟାଲ ଅଲଟ୍ରାସୋନିକ ଫ୍ଲ ଡିଟେକ୍ଟର (USFD) ଦ୍ୱାରା ରେଲ ଲାଇନ ଏବଂ ୱେଲ୍ଡଗୁଡ଼ିକରେ ଅଲଟ୍ରାସୋନିକ ପରୀକ୍ଷଣ କରିବା ଏବଂ ତାହାର ରିପୋର୍ଟ ପ୍ରସ୍ତୁତ କରିବା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 29,01,76,587.68, EMD : ₹ 58,03,500/-, କାର୍ଯ୍ୟ ଶେଷ ହେବା ଅବଧି: 24 (ଚବିଶି) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.26.10.2026ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ସମସ୍ତ ଟେଣ୍ଡର ନଥିପତ୍ରକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଟେଣ୍ଡର ନଥିପତ୍ର ଅନୁଯାୟୀ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ଯନ୍ତ୍ରୀ (ଟ୍ରାକ୍)/ ଭୁବନେଶ୍ୱର

PR-485/R/26-27

ସକାଳ THE SAKALA



# ବନ୍ଦବେଳେ ଆନ୍ଦୋଳନକାରୀ-ପୁଲିସ ଠେଲାପେଲା

ଏରସମା,୮।୧୦(ସମିସ)



୪ ଦଫା ଦାବି ନେଇ ଇଣ୍ଡିଆ ମେଣ୍ଟର ଓଡ଼ିଶା ବନ୍ଦ ଡାକରା ଏରସମାରେ ମଧ୍ୟ ପ୍ରଭାବ ପକାଇଛି। ବନ୍ଦ ପାଳନକୁ ନେଇ ଏରସମା ବ୍ଲକ୍ କଂଗ୍ରେସ ଓ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ବ୍ଲକ୍ ସଦର ମହକୁମାରେ ବିକ୍ଷୋଭ କରାଯାଇଥିଲା। ମୁଖ୍ୟ ରାସ୍ତା ଅବରୋଧ କରି ଆନ୍ଦୋଳନକାରୀମାନେ ନାରାବାଜି କରିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।ଅବରୋଧ ହଟାଇବା ପାଇଁ ପୁଲିସ ପହଞ୍ଚିବା ପରେ ଆନ୍ଦୋଳନକାରୀଙ୍କ ସହ ପୁଲିସର ଠେଲାପେଲା ହୋଇଥିଲା। ଫଳରେ ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା। ପରେ ପୁଲିସ ପକ୍ଷରୁ ପରିସ୍ଥିତି ନିୟନ୍ତ୍ରଣ କରାଯାଇଥିଲା।ବନ୍ଦ ଯୋଗୁଁ ଏରସମା ବଜାର ସମେତ ବିଭିନ୍ନ ସ୍ଥାନରେ ଦୋକାନବଜାର ବନ୍ଦ ରହିଥିଲା। ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଓ ବିଦ୍ୟାଳୟ ମଧ୍ୟ ବନ୍ଦ ରହିଥିଲା। ଫଳରେ ସାଧାରଣ ଜନଜୀବନ ପ୍ରଭାବିତ ହୋଇଥିଲା। ବିଭିନ୍ନ ଛକ ଓ ସମ୍ବେଦନଶୀଳ ସ୍ଥାନରେ ପୁଲିସ ମୁତୟନ ରହିଥିଲା।ବନ୍ଦ ପାଳନରେ ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ଇଂ. ନଳିନୀ କୁମାର ସ୍ୱାଇଁ, ବ୍ଲକ୍ କଂଗ୍ରେସ ସଭାପତି ପିନାକୀ ନାରାୟଣ ଦାସ, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଦୀପ୍ତିରାଣୀ ପ୍ରଧାନ, ଧ୍ୱଜରାଜ ଖଣ୍ଡୁଆଳ, ନିତ୍ୟାନନ୍ଦ ଦାସ, ରବୀନ୍ଦ୍ର ମୁଦୁଲି, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ନଳିନୀ ରଞ୍ଜନ ବେହେରା, ଯଶୋବନ୍ତ ବର୍ଦ୍ଧନ ଓ ସୁଧାକର ଖଟୁଆ ପ୍ରମୁଖ ସାମିଲ ହୋଇଥିଲେ।ସିପିଆଇ ପକ୍ଷରୁ କୃଷକ ସଭାର ରାଜ୍ୟ ସଭାପତି ଶଶିଭୂଷଣ ସ୍ୱାଇଁ, ଯୁବନେତା ଦେବାଶିଷ ପରିଜା, ରାମଚନ୍ଦ୍ର ମୁଦୁଲି, ପ୍ରଶନ୍ନ କୁଅଁର, ସର୍ବେଶ୍ୱର ବେଉରା, ଅମରେନ୍ଦ୍ର ଦାସ, ପ୍ରବୀର ପଣ୍ଡା ଓ ରବୀନ୍ଦ୍ର ପାଇଟାଳ ପ୍ରମୁଖ ଯୋଗ ଦେଇଥିଲେ।"ସେହିପରି ବାଲିତୁଠ ଓ ଅନ୍ଧାରୀ ଛକରେ ମଧ୍ୟ ବନ୍ଦ ପାଳନ କରାଯାଇଥିଲା। ବାଲିତୁଠ ସରପଞ୍ଚ ତଥା ସିପିଆଇ ନେତା ପ୍ରଫୁଲ୍ଲ ଦାସ, ବାଲିତୁଠ ଜୋନ୍ କଂଗ୍ରେସ ସଭାପତି ଅଖିଳ ବଲ୍ଲଭ ସ୍ୱାଇଁ, ପୂର୍ବତନ ସରପଞ୍ଚ କାଳନ୍ଦୀ ମାଝୀ ଓ ବିଚିତ୍ରାନନ୍ଦ ବିଶ୍ୱାଳଙ୍କ ସମେତ ଦଳୀୟ ନେତା ଓ କର୍ମୀମାନେ ବନ୍ଦ ପାଳନରେ ସାମିଲ ହୋଇଥିଲେ।

# ବାଲିକୁଦା କଂଗ୍ରେସ ପକ୍ଷରୁ ବନ୍ଦ ପାଳନ



ବାଲିକୁଦା,୮।୧୦(ସମିସ): ଓଡ଼ିଶା ବନ୍ଦ ଡାକରା ପରିପ୍ରେକ୍ଷୀରେ ବାଲିକୁଦା କଂଗ୍ରେସ ପକ୍ଷରୁ ବନ୍ଦ ପାଳନ କରାଯାଇଛି। କଂଗ୍ରେସ ନେତା ଓ କର୍ମୀମାନେ କଟକ-ମାଛଗାଁ ମୁଖ୍ୟ ରାସ୍ତା ଅବରୋଧ କରିବା ସହ ଖୋଲାଥିବା ବିଭିନ୍ନ ସ୍କୁଲ, କଲେଜ, ତହସିଲ କାର୍ଯ୍ୟାଳୟ, ପେଟ୍ରୋଲ ପମ୍ପକୁ ବନ୍ଦ କରାଇ ବନ୍ଦ ପାଳନ ସଫଳ କରାଇଥିଲେ। ଫଳରେ ରାସ୍ତାରେ ଯାନବାହନ ଚଳାଚଳ ପ୍ରଭାବିତ ହୋଇଥିଲା। ଏହି ଅବସରରେ ବ୍ଲକ କଂଗ୍ରେସ ସଭାପତି ମହନୀ ଚରଣ ରାଉତ, ସରପଞ୍ଚ ରାଜକିଶୋର ସାହୁ, କଂଗ୍ରେସ ନେତା ବିଭୁତି ଭୂଷଣ ସ୍ୱାଇଁ, ତପନ ବେହେରା, ନାଥ କାଣ୍ଡି, ଦିଲ୍ଲୀପ କାନୁନଗୋ, ଯୁଧିଷ୍ଠିର ପରିଡ଼ା, ସୁଶାନ୍ତ ଦାସ, ପୂର୍ବତନ ସରପଞ୍ଚ ବାବାଜୀ ଚରଣ ସେଠୀ, ସରପଞ୍ଚ ସ୍ମୃତି ରଞ୍ଜନ ମଲ୍ଲ, ସରପଞ୍ଚ ପବନି ମଲ୍ଲିକ, ସତ୍ୟବ୍ରତ ଦାସ, ରାଜେଶ ମହାପାତ୍ର, ପୂର୍ବତନ ସରପଞ୍ଚ ସାଧୁ ଚରଣ ସାହୁ, ବାବାଜୀ ସେଠୀ, ବାବାଜୀ ଜେନା, ଉପେନ୍ଦ୍ର ବିଶ୍ୱାଳ, ପୂର୍ବତନ ସମିତି ସଭ୍ୟ ଆର୍ତ୍ତବନ୍ଧୁ ବିଶ୍ୱାଳ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁ, ବରିଷ୍ଠ କଂଗ୍ରେସ ନେତା ବୈରାଗୀ ରାଉତ, ପୂର୍ଣ୍ଣ ମହାରଣା, କୈଳାଶ ପରିଡ଼ା, ରମେଶ ପରିଡ଼ା, ଅମୀୟ ସାହୁ, ଲକ୍ଷ୍ମୀକାନ୍ତ ରାଉତ, ଗଙ୍ଗାଧର ଖଟୁଆ, ମିଳନ ମହାରଣା ଓ ଅନିଲ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।ବନ୍ଦ ପାଳନରେ ଶତାଧିକ କଂଗ୍ରେସ କର୍ମୀଙ୍କ ସମେତ ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ କର୍ମୀମାନେ ସାମିଲ ହୋଇଥିଲେ। କଂଗ୍ରେସ କର୍ମୀମାନେ ରାସ୍ତାରେ ପିକେଟିଂ କରି ବନ୍ଦକୁ ସଫଳ କରିବା ସହ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ।

# କୁଜଙ୍ଗରେ ବନ୍ଦ ଶାନ୍ତିପୂର୍ଣ୍ଣ




କୁଜଙ୍ଗ,୮।୧୦(ସମିସ): କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ବ୍ଲକ୍ ତରଫରୁ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବନ୍ଦ ଡାକରା କୁଜଙ୍ଗରେ ଶାନ୍ତି ପୂର୍ଣ୍ଣ ହୋଇଛି। କୁଜଙ୍ଗ ବ୍ଲକ କଂଗ୍ରେସ ସଭାପତି ଶ୍ରୀକାନ୍ତ ଦାସଙ୍କ ନେତୃତ୍ୱରେ ହୋଇଥିବା ଏହି ପ୍ରତିବାଦରେ କଂଗ୍ରେସ ନେତା ନିରଞ୍ଜନ ନାୟକ, ଜାନକୀ ମହାରଥା, ପ୍ରିୟମ୍ବଦା ପାଣି, ମଞ୍ଜୁଲତା ରାଉତ, ସିପିଆଇ ନେତା ସୁବାଷ ମହାପାତ୍ର, ଜିନମୟୀ ସାହାଣୀ ପ୍ରମୁଖ ଉପସ୍ଥିତ ରହି ଏମ୍‌ଏମ୍‌ଡିଆର୍ ସଂଶୋଧିତ ଆଇନ ତୁରନ୍ତ ରଦ୍ଦ, ଏସ୍‌ଆଇଆର୍ ପ୍ରସଙ୍ଗରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କୁ ବହିଷ୍କାର, ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ଛାପାକୁ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ବନ୍ୟା ବିପତ୍ତି ଓ ସରକାରୀ ଉଦାସୀନତାର ପ୍ରତିବାଦ ସହ ପର୍ଯ୍ୟାପ୍ତ ରିଲିଫ୍ ଓ କ୍ଷତିପୂରଣ ଦାବି ନେଇ ଏହି ବନ୍ଦ ଡାକରା ଦିଆଯାଇଛି। କଂଗ୍ରେସ ଓ ମେଣ୍ଟର ଅନ୍ୟ ସହଯୋଗୀ ଦଳର ନେତୃବୃନ୍ଦ ରାସ୍ତାରେ ପିକେଟିଂ କରି ଦୋକାନ-ବଜାର, ବିଭିନ୍ନ ଅନୁଷ୍ଠାନ, ଗାଡ଼ିମୋଟର ଚଳାଚଳ ବନ୍ଦ କରିବା ସହ ଷ୍ଟେସନରେ ମଧ୍ୟ ଟ୍ରେନ୍ ଅଟକାଇ ଥିଲେ। ତେବେ ଜରୁରୀ ସେବାକୁ ବନ୍ଦରୁ ବାଦ୍ ଦିଆଯାଇଛି। ରାଜ୍ୟ ତଥା ରାଜ୍ୟବାସୀଙ୍କ ଅଧିକାର ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ଶାନ୍ତିପୂର୍ଣ ଭାବେ ଓଡ଼ିଶା ବନ୍ଦକୁ ପୂର୍ଣ୍ଣ ସମର୍ଥନ କରିବା ପାଇଁ ଇଣ୍ଡିଆ ବ୍ଲକ୍ ପକ୍ଷରୁ ଓଡ଼ିଶାବାସୀଙ୍କୁ ନିବେଦନ କରାଯାଇ ଥିଲା ଯାହାକୁ ଅଞ୍ଚଳ ବାସୀ ସହଯୋଗ ସହ କାଗଜ ପତ୍ର ସରକାର ପାଇଁ ଏକ ଜବାବ୍ ବୋଲି କଂଗ୍ରେସ ନେତା ନିରଞ୍ଜନ ନାୟକ କହିଛନ୍ତି। ସେହି ପରି ଜୋନ୍ ଦୁଇ ସଭାପତି ପ୍ରଦୀପ କୁମାର ବେଉରାଙ୍କ ପୌରୋହିତ୍ୟରେ ରାହାମାରେ ଓଡ଼ିଶା ବନ୍ଦ ରେ ବ୍ଲକ କଂଗ୍ରେସ ସଭାପତି ଶ୍ରୀକାନ୍ତ ଦାସ ଙ୍କ ସହ ବହୁ କଂଗ୍ରେସ ନେତା କର୍ମୀ ସାମିଲ ହୋଇ ଥିଲେ।

## ପାରାଦୀପରେ ବନ୍ଦ ପାଳନ

# ବନ୍ଦର ସମେତ ଶିଳ୍ପ ସଂସ୍ଥା ପ୍ରଭାବିତ




ପାରାଦ୍ୱୀପ, ୮।୧୦(ସମିସ): ଜାତୀୟକଂଗ୍ରେସ ପକ୍ଷରୁ ଆଜି ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରାରେ ପାରାଦୀପରେ ବନ୍ଦ ପାଳନ କରାଯାଇଥିଲା। ଯଦିଓ ସମ୍ପୂର୍ଣ୍ଣ ବନ୍ଦ ନଥିଲା ତଥାପି ପାରାଦୀପ କଂଗ୍ରେସ ସମର୍ଥକଙ୍କ ସହର ପରିକ୍ରମା ଯୋଗୁଁ ଦିନ ୧୦ଟା ପରେ କେତେକ ଅନୁଷ୍ଠାନ ବନ୍ଦ କରିବାକୁ ବାଧ ହୋଇଥିଲେ। ଶିଳ୍ପ ସଂସ୍ଥାରେ କର୍ମଚାରୀମାନେ ସକାଳ ୬ ପୂର୍ବରୁ ଡ୍ୟୁଟିରେ ପଳାଇଥିବା ବେଳେ ପରେ ଆସିଥିବା କର୍ମଚାରୀଙ୍କୁ ଭିତରକୁ କଂଗ୍ରେସ ସମର୍ଥକ ମାନେ ଛାଡି ନଥିଲେ। ବ୍ୟାଙ୍କ ଗୁଡିକରେ ବ୍ୟାଙ୍କ ବନ୍ଦ ପାଇଁ ସମର୍ଥକ ମାନେ ଜିଦ୍ ଧରି ବସିଥିବା ବେଳେ ଶିକ୍ଷାନୁଷ୍ଠାନ ଗୁଡିକ ପ୍ରାୟ ଖୋଲା ରହିଥିଲା।ତେବେ ସମଗ୍ର ପାରାଦ୍ୱୀପ ଅଞ୍ଚଳ ପ୍ରଭାବିତ ହୋଇଥିବା କୁହାଯାଇପାରେ। ସକାଳ ୬ ଟା ଠାରୁ କଂଗ୍ରେସ ନେତା ଓ କର୍ମୀମାନେ ପାରାଦ୍ୱୀପ ବନ୍ଦର ୪ ନମ୍ବର ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଥିଲେ କିନ୍ତୁ ନିୟୋଜିତ ସିଆଇଏସଫ ସୁରକ୍ଷା କର୍ମୀମାନେ ସେମାନଙ୍କୁ ବିରୋଧୀ କରିଥିଲେ। ଫଳରେ ସେଠାରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା ଏବଂ ଉଚ୍ଚ ଅଧିକାରୀ ପହଞ୍ଚି ସମସ୍ୟାର ସମାଧାନ କରିଥିଲେ।କେତେକ ଯାନବାହନ ମଧ୍ୟ ଚଳାଚଳ କରୁଥିବା ଦେଖିବାକୁ ମିଳିଥିଲା।ଏବଂ ଯେଉଁମାନେ ସ୍ୱତପ୍ରବୃତ ଭାବେ ବନ୍ଦ କରିଥିଲେ ସନ୍ଧ୍ୟାରେ ଚଳାଚଳ ସ୍ୱାଭାବିକ ହୋଇ ଥିଲା।ଏହି ବନ୍ଦ ଡାକରା ରେ ପାରାଦ୍ୱୀପ କଂଗ୍ରେସ ପକ୍ଷରୁ ନିରଞ୍ଜନ ନାୟକଙ୍କ ନେତୃତ୍ୱରେ ନଗର କଂଗ୍ରେସ ସଭାପତି କେଦାର ବିଶ୍ୱାଳ, ନାରାୟଣ ସ୍ୱାଇଁ, ତ୍ରିନାଥ ମହାନ୍ତି, ଜ୍ୟୋତି ରଞ୍ଜନ ଦାସ, କୃପାସିନ୍ଧୁ ଦାସ, ପଦ୍ମ ଶମ୍ଭୁ ମହାନ୍ତି, ବିଜୟ କୁମାର ସେଠୀ, ସୁନାକର ସେଠୀ, ପ୍ରସନ୍ନଜିତ ମାଇତି, ଧରିତ୍ରୀ ସାମଲ, ସ୍ନେହ ଲତା ମହାନ୍ତି, ସସ୍ମିତା ମହାନ୍ତି ଓ ପୁଷ୍ପା ଦାସ ପ୍ରମୁଖ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।ଓ ଡବଲ ଇଞ୍ଜିନ ସରକାର ର ବିଫଳତା କୁ ଲୋକଙ୍କ ସମ୍ମୁଖରେ ଉତ୍ଥାପନ କରି ବନ୍ଦ କୁ ସଫଳ କରିବାକୁ ସମସ୍ତଙ୍କୁ ନିବେଦନ କରିଥିଲେ।

# ବ୍ରାଉନ ସୁଗାର ଜବତ, ଜଣେ ଗିରଫ

ପାରାଦୀପ, ୮।୧୦ (ସମିସ) : ପାରାଦୀପ ଆଦର୍ଶ ଥାନା ସୁକୁଆଖଳା ଶିବ ମନ୍ଦିର ନିକଟରୁ ଗତକାଲି ରାତିରେ ଜଣେ ବ୍ରାଉନ୍‌ସୁଗର୍ ବେପାରୀକୁ ପୁଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ତା' ନିକଟରୁ ୭ ଗ୍ରାମର ବ୍ରାଉନ୍‌ସୁଗର୍ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୭୦ହଜାର ଟଙ୍କା ହେବ। ଅଭିଯୁକ୍ତର ନାମ ସନ୍ତୋଷ କୁମାର ନାୟକ ହୋଇଥିବା ବେଳେ ତାର ଘର ପୁରୀ ଜିଲ୍ଲା ଅଲସାହି ଥାନା ଅନ୍ତର୍ଗତ ଅନନ୍ତ ଗ୍ରାମରେ। ସେ ପାରାଦୀପ ଅଞ୍ଚଳରେ ରହି ରୀତିମତ ଚୋରା ନିଶାଦ୍ରବ୍ୟ ବେପାର କରୁଥିଲା ବୋଲି ପୁଲିସ ସୂଚନା ଦେଇଛି। ଗତକାଲି ରାତି ସମୟରେ ବ୍ରାଉନ୍‌ସୁଗର୍ ବିକ୍ରି ପାଇଁ ସେ ସୁକୁଆଖଳା ଶିବ ମନ୍ଦିର ନିକଟରେ ପ୍ରସ୍ତୁତ ହୋଇଥିବା ବେଳେ ପାରାଦୀପ ଆଦର୍ଶ ଥାନାର ପାଟ୍ରୋଲିଂ ଗାଡି ହାବୁଡ଼ରେ ପଡିଥିଲା। ତେବେ ଏ ନେଇ ପାରାଦୀପ ଆଦର୍ଶ ଥାନାରେ ୨୫୧/୨୬ ଏକ ମାମଲା ରୁଜୁ କରାଯାଇଛି।

# ଜିଲ୍ଲାସ୍ତରୀୟ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ




ଜଗତସିଂହପୁର,୮।୧୦(ସମିସ): ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନୂତନ ଓପିଡି ସମ୍ମିଳନୀ କକ୍ଷରେ ଆଜି ପୂର୍ବାହ୍ନ ୧୧:୦୦ ଘଟିକାରେ ଜୋସ ଟିମ୍'ର ଜାତୀୟ ସ୍ତରୀୟ ଶୁଭାରମ୍ଭ (ଭର୍ଚୁଆଲ୍ ମାଧ୍ୟମରେ) ଏବଂ ଜିଲ୍ଲା ସ୍ତରୀୟ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜଗତସିଂହପୁରର ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସ୍ନିଗ୍ଧା ମୟୀ ମହାନ୍ତି ଏବଂ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡାକ୍ତର ରଶ୍ମି ରଞ୍ଜନ ପଟ୍ଟନାୟକଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ କର୍ମଚାରୀ ଯଥା ସୁବ୍ରତ କୁମାର ମହାପାତ୍ର, ବିପିନ୍ ବିହାରୀ ପାତ୍ର, ମହମ୍ମଦ ୱାକାର୍ ଅଲି,ସୁଶୀଲ କୁମାର ସ୍ୱାଇଁ ଓ ହେମନ୍ତ କୁମାର ମୁଦୁଲିଙ୍କ ସମେତ ସମସ୍ତ ବ୍ଲକର ଏସଟିଏସ, ଜିଲ୍ଲା ଯୁବ କାର୍ଯ୍ୟାଳୟର କର୍ମଚାରୀ, ମାଇଁ ଭାରତର'ର ସ୍ୱେଚ୍ଛାସେବୀ, ଏନ୍‌ସିସି କ୍ୟାଡେଟ୍ ଏବଂ ଜିଲ୍ଲାର ଯକ୍ଷ୍ମା ରୋଗରୁ ଆରୋଗ୍ୟ ଲାଭ କରିଥିବା ବ୍ୟକ୍ତିବିଶେଷ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସ୍ତରୀୟ ଜୋସ ଶୁଭାରମ୍ଭ କାର୍ଯ୍ୟକ୍ରମ ରେ ଯୋଗଦେଇଥିବା ଏନସିସି କ୍ୟାଡେଟ୍ ଏବଂ ମାଇଁ ଭାରତ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଯକ୍ଷ୍ମା ରୋଗ ସମ୍ପର୍କରେ ଏକ ସଚେତନତା ଏବଂ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅବସରରେ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଯକ୍ଷ୍ମା ବିଜେତାଙ୍କୁ ସେମାନଙ୍କର ସଂଘର୍ଷ, ସାହସ ଓ ଯକ୍ଷ୍ମା ସଚେତନତା କ୍ଷେତ୍ରରେ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ଉପସ୍ଥିତ ସମସ୍ତ ଅଂଶଗ୍ରହଣକାରୀ ଯକ୍ଷ୍ମା ମୁକ୍ତ ଭାରତ ଗଠନ ପାଇଁ ଶପଥ ଗ୍ରହଣ କରିଥିଲେ। ଯକ୍ଷ୍ମା ବିରୋଧରେ ସଚେତନତା, ସହଯୋଗ ଓ ସାମୂହିକ ପ୍ରୟାସର ସଂକଳ୍ପ ସହିତ କାର୍ଯ୍ୟକ୍ରମର ସଫଳ ସମାପ୍ତି ଘୋଷଣା କରାଯାଇଥିଲା।

## କଳିଙ୍ଗ ବାଲିଯାତ୍ରାର ପ୍ରଥମ ପ୍ରସ୍ତୁତି ବୈଠକ

# ପୂର୍ବ ଆୟ ବ୍ୟୟ ହିସାବ ନେଇ ଅସନ୍ତୋଷ




ପାରାଦୀପ, ୮।୧୦(ସମିସ): ନଭେମ୍ବର ୨୩ ରୁ କଳିଙ୍ଗ ବାଲିଯାତ୍ରା ଆୟୋଜିତ ହେବାକୁ ଯାଉଛି। ଏ ନେଇ ଆଜି ଅପରାହ୍ନରେ ସ୍ଥାନୀୟ ମଧୁବନ ସ୍ଥିତ ଅଫିସରସ କ୍ଲବ ଠାରେ କଳିଙ୍ଗ ବାଲିଯାତ୍ରାର ପ୍ରଥମ ପ୍ରସ୍ତୁତି ବୈଠକର ଆୟୋଜନ କରାଯାଇଥିଲା। କଳିଙ୍ଗ ବାଲିଯାତ୍ରା କମିଟିର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଜେ ସୋନାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ବିଭୁ ପ୍ରସାଦ ତରାଇ, ଏସ୍ପି ଅଙ୍କିତ କୁମାର ବର୍ମା, ପାରାଦୀପ ଏଡିଏମ ନିରଞ୍ଜନ ବେହେରା, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ସମେତ କମିଟିର ସଦସ୍ୟ/ସଦସ୍ୟା ଓ ଶିଳ୍ପ ସଂସ୍ଥାର ପ୍ରତିନିଧି, ସହରର ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।ଏହି ବାଲିଯାତ୍ରା ପ୍ରତିବର୍ଷ ଭଳି ପାରାଦୀପ ସାଗର ବେଳାଭୂମିରେ ୭ ଦିନ ଧରି ଅନୁଷ୍ଠିତ ହେବ। ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ ଓ ଉଦ୍‌ଯାପନୀ ସମାରୋହରେ ମହାମହିମ ରାଜ୍ୟପାଳ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଜିଲ୍ଲାପାଳ ଜେ ସୋନାଲ ସୂଚନା ଦେଇଥିଲେ। ମଞ୍ଚରେ ଉପସ୍ଥିତ ଅତିଥିମାନେ କଳିଙ୍ଗ ନୌବାଣିଜ୍ୟର ପ୍ରତୀକ କଳିଙ୍ଗ ବାଲିଯାତ୍ରା ମହୋତ୍ସବ କୁ ଭବ୍ୟ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିବା ସହିତ ସମସ୍ତ ବିଭାଗକୁ ଦାୟିତ୍ୱ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ଅଧିକ ସୁନ୍ଦର ଭାବେ ବାଲିଯାତ୍ରା ଆୟୋଜନ ଉପରେ ଗୁରୁତ୍ୱାରୋପ କରିଥିଲେ।ଏସ୍ପି ଶ୍ରୀ ବର୍ମା ଆଇନ୍ ଶୃଙ୍ଖଳା ଦାୟିତ୍ୱ ସଫଳତାର ସହ କରାଯିବା ନେଇ ସୂଚନା ଦେଇଥିଲେ।ମୁନିସିପାଲିଟି ଦ୍ୱାରା କରାଯାଉଥିବା ପରିମଳ ବ୍ୟବସ୍ଥା ଓ ଅନାନ୍ୟ କାର୍ଯ୍ୟକ୍ରମକ ର ଦାୟିତ୍ୱ ପୌରାଧ୍ୟକ୍ଷ ଶ୍ରୀ ବିଶ୍ୱାଳ ବୁଝିବା ନେଇ କହିଥିଲେ। ସମସ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରି ଚଳିତ ବର୍ଷର ବାଲିଯାତ୍ରା ସଫଳ ଆୟୋଜନ କରାଯିବା ନେଇ କମିଟିର ଉପାଧ୍ୟକ୍ଷ ତଥା ପାରାଦୀପ ଏଡିଏମ୍ ନିରଞ୍ଜନ ବେହେରା ସୂଚନା ଦେଇଥିଲେ। ଅନ୍ୟ ପକ୍ଷରେ ୨୦୧୯ ମସିହା ରୁ ବାଲିଯାତ୍ରା ର ଅୟବ୍ୟର ର ହିସାବ ଦିଆ ନଯିବାରୁ ଗଣମାଧ୍ୟମ ପ୍ରତିନିଧିମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ପୂର୍ବରୁ ବାଲିଯାତ୍ରା କମିଟି ପ୍ରସ୍ତୁତି ବୈଠକ ରେ ଏହି ହିସାବ ସମସ୍ତ କମିଟି ମେମ୍ବରଙ୍କ ଉପସ୍ଥିତ ରେ ଦିଆଯାଉଥିବା ବେଳେ ୨୦୧୯ ରୁ (କୋଭିଡ ତିନି ବର୍ଷ କୁ ଛାଡି ଦେଲେ) ୨୦୨୪ ଓ ୨୦୨୫ ରେ ଏହି ହିସାବ କୁ ସର୍ବ ସମ୍ମୁଖରେ କାହିଁକି ସାର୍ବଜନୀନ କରାଯାଉନାହିଁ ବୋଲି ଗଣମାଧ୍ୟମ ପ୍ରଶ୍ନ କରିଥିଲା ବେଳେ କମିଟି ପକ୍ଷରୁ କୌଣସି ଉତ୍ତର ରଖାଯାଇ ନଥିଲା।ନିଜେ କମିଟିର ଅଧ୍ୟକ୍ଷ, ଉପାଧ୍ୟକ୍ଷ ଙ୍କ ସମେତ ମନ୍ତ୍ରୀ, ସାଂସଦ ଏବଂ ଏସ୍ପି ଉପସ୍ଥିତ ଥିଲେ ମଧ୍ୟ କେହି ମୁହଁ ଖୋଲି ନଥିଲେ।ଯାହା ଫଳରେ ଗଣମାଧ୍ୟମ ପ୍ରତିନିଧି ଓ ବୁଦ୍ଧିଜୀବୀ ମାନଙ୍କ ମଧ୍ୟରେ କ୍ଷୋଭ ଦେଖାଦେଇଛି।ବାଲିଯାତ୍ରା ର ହିସାବ ସାର୍ବଜନୀନ କରାଯାଉ ନଥିବାରୁ ବର୍ତ୍ତମାନର ମନ୍ତ୍ରୀ ସମ୍ପଦ ସ୍ୱାଇଁ ୨୦୧୯ ରେ ଯେତେବେଳେ ବିରୋଧୀ ଦଳରେ ଥିଲେ ୮ ଦିନ ଧରି ମୁନିସିପାଲିଟି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଥିବା ବେଳେ ଏବେ ମନ୍ତ୍ରୀ ଶାସକ ଦଳ ରେ ଥାଇ କିଭଳି ସେହି ଭୁଲ କରୁଛନ୍ତି ବା ହିସାବ ଦେବାପାଇଁ କାହିଁକି କମିଟିକୁ କହୁନାହାନ୍ତି ବୋଲି କମିଟି ରେ ଥିବା ବିରୋଧୀ ଦଳର କିଛି ସଦସ୍ୟ/ସଦସ୍ୟା କହିଛନ୍ତି। ଦୁଇ ବର୍ଷ ହେବ ସରକାର ପରିବର୍ତ୍ତନ ପରେ କିମିଟି ରୁ କେତେ ଜଣକ ନାଁ ବାଦ ଦିଆଯାଇଥିବାରୁ ସେମାନେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ବାଲିକୁଦା କଲେଜର ଛାତ୍ର ସଂସଦ ନିର୍ବାଚନ ପାଇଁ ଛାତ୍ର କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଚୟନ



ବାଲିକୁଦା,୮।୧୦(ସମିସ): ବାଲିକୁଦା କଲେଜର ଛାତ୍ର ସଂସଦ ନିର୍ବାଚନକୁ ନେଇ ଛାତ୍ର କଂଗ୍ରେସ ପକ୍ଷରୁ ପାର୍ଥୀ ଚୟନ କାର୍ଯ୍ୟକ୍ରମ ବାଲିକୁଦା ବ୍ଲକ ନାଗପୁର ପଞ୍ଚାୟତସ୍ଥିତ ମା' ଜାଗୁଳାଇ ପୀଠରେ ଅନୁଷ୍ଠିତ ହୋଇଯାଇଛି। ସୁଶାନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଲିକୁଦାର ପୂର୍ବତନ ବିଧାୟକ ଡାକ୍ତର ଲଲାଟେନ୍ଦୁ ମହାପାତ୍ର, ସରପଞ୍ଚ ରାଜକିଶୋର ସାହୁ, ଲକ୍ଷ୍ମୀଧର ମଲ୍ଲିକ, ବାବୁଲି ମାହାର, ଆର୍ତ୍ତବନ୍ଧୁ ବିଶ୍ୱାଳ, ବ୍ଲକ କଂଗ୍ରେସ ସଭାପତି ମହନୀ ଚରଣ ରାଉତ, ବିଭୁତି ଭୂଷଣ ସ୍ୱାଇଁ, ସତ୍ୟବ୍ରତ ଦାସ, ଯୁବ ସଂଗଠକ ମିଳନ ମହାରଣା ଓ ପ୍ରବୀଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଛାତ୍ର କଂଗ୍ରେସ ସଭାପତି ଚିନ୍ମୟ ବିଶ୍ୱାଳ ବାଲିକୁଦା କଲେଜ ଛାତ୍ର ସଂସଦ ନିର୍ବାଚନ ପାଇଁ ଛାତ୍ର କଂଗ୍ରେସ ସମର୍ଥିତ ପାର୍ଥୀମାନଙ୍କ ନାମ ଘୋଷଣା କରିଥିଲେ। ସଭାପତି ପାର୍ଥୀ ଭାବେ ଆଶୁତୋଷ ବିଶ୍ୱାଳ, ଉପସଭାପତି ପାଇଁ ଅଭିଷେକ ବିଶ୍ୱାଳ, ସାଧାରଣ ସମ୍ପାଦିକା ଭାବେ ସ୍ୱାତିକା ନାୟକ, ସହ ସମ୍ପାଦକ ଭାବେ କିଶୋର ଦାସ, ନାଟ୍ୟ ସମ୍ପାଦକ ଭାବେ କାଜଲ ସ୍ୱାଇଁ, କ୍ରୀଡ଼ା ସମ୍ପାଦକ ଭାବେ ମଳୟ ନାୟକ, କ୍ରୀଡ଼ା ସହ ସମ୍ପାଦକ ଭାବେ ନୃସିଂହ ଚରଣ ବେହେରା ଏବଂ ଡିଏସଏ ସେକ୍ରେଟେରୀ ଭାବେ ପିକୁନ ବେହେରାଙ୍କୁ ପାର୍ଥୀ ଘୋଷଣା କରାଯାଇଥିଲା।ଏହି ଅବସରରେ ଉପସ୍ଥିତ ଛାତ୍ରଛାତ୍ରୀମାନେ ଛାତ୍ର କଂଗ୍ରେସ ସମର୍ଥିତ ସମସ୍ତ ପାର୍ଥୀଙ୍କୁ ବିଜୟୀ କରାଇବା ପାଇଁ ଶପଥ ନେଇଥିଲେ।ଆଗାମୀ ଛାତ୍ର ସଂସଦ ନିର୍ବାଚନକୁ ନେଇ ଏହି କାର୍ଯ୍ୟକ୍ରମ ପରେ କଲେଜ ପରିସରରେ ରାଜନୈତିକ ଚଳଚଞ୍ଚଳତା ଆହୁରି ବଢ଼ିଛି।

# ସଫା କରିବା ଆଳରେ ସୁନା ମୁଦି ନେଇଗଲେ

ରଘୁନାଥପୁର,୮।୧୦(ସମିସ): ରଘୁନାଥପୁର ଥାନା ଅନ୍ତର୍ଗତ ହରିଶପୁର ଗ୍ରାମର ଜନୈକା ମହିଳାଙ୍କ ସୁନା ମୁଦିକୁ ସଫା କରିବା ଆଳରେ ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅନ୍ତର୍ଗତ ବଡବାରିସାହି ଗ୍ରାମର କାହ୍ନୁ ସାହୁଙ୍କ ପୁଅ ଠକ ଦୁର୍ଯୋଧନ ସାହୁ (୫୧) ଙ୍କୁ ଆଜି ରଘୁନାଥପୁର ପୋଲିସ କେସ ନଂ ୮୧/୨୫ ମୁତାବକ ଗିରଫ କରି କୋର୍ଟ ଚାଲାଣ କରିଛି। ଦୁର୍ଯୋଧନ ପୋଲିସ ନିକଟରେ ନିଜର ଦୋଷ ସ୍ୱୀକାର କରି ଥିବା ବେଳେ ତା ନିକଟରୁ ଓଡି ୦୪ଏନ ୨୫୯୮ନଂ ବିହିନ ଏକ ଟିଭିଏସ ଏକ୍ସଏଲ ମୋଟରସାଇକେଲ ଜବତ କରାଯାଇଛି ବୋଲି ଥାନା ଆଇଆଇସି ପ୍ରକାଶ କରିଛନ୍ତି।

# ଜଗତସିଂହପୁରରେ ସେବା ଜ୍ୟୋତି ଯାତ୍ରା



ଜଗତସିଂହପୁର,୮।୧୦(ସମିସ): ଜଗତସିଂହପୁରରେ ସେବା ସଂକଳ୍ପ ଅଭିଯାନ ପରିପ୍ରେକ୍ଷୀରେ ଆଜି ସେବା ଜ୍ୟୋତି ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ବିଜେପି ସଭାପତି ପ୍ରତାପ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଜନସାଧାରଣ ଯୋଗ ଦେଇଥିଲେ। ଜିଲ୍ଲାରେ ହଜାରେ ହଜାରେ ସଂଖ୍ୟାରେ ଜନସାଧାରଣ ଙ୍କ ଯୋଗ ଦାନ ରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସାଧାରଣ ସମ୍ପାଦକ ଗଣେଶ ପ୍ରସାଦ ମହାନ୍ତି ଙ୍କ ମଞ୍ଚ ପରିଚାଳନା ରେ ମୁଖ୍ୟ ଅତିଥି ଭାବରେ ମନ୍ତ୍ରୀ ଶିଳ୍ପ ଓ ଦକ୍ଷତା ବିକାଶ ସମ୍ପଦ କୁମାର ସ୍ୱାଇଁ, ସଦର ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅମରେନ୍ଦ୍ର ଦାସ, ସାଂସଦ ଡ଼ ବିଭୁ ପ୍ରସାଦ ତାରାଇ, ଜିଲ୍ଲା ପ୍ରଭାରୀ ସୁବାଷ ଜେନା ଏଥିରେ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟବ୍ରତ ମହାପାତ୍ର, ଉପେନ୍ଦ୍ର ନାଥ ବିଶ୍ୱାଳ, ଅମିତା ଦାସ, ସତ୍ୟସାରଥି ମହାନ୍ତି, ତିର୍ତୋଲ ନେତା ରାଜକିଶୋର ବେହେରା, ବାଲିକୁଦା ନେତା ସଞ୍ଜୟ ମହାନ୍ତି ପ୍ରଭୃତି ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ପରେ ମୁଖ୍ୟଅତିଥିଙ୍କ ଦ୍ୱାରା ସେବା ଜ୍ୟୋତିରେ ଅଗ୍ନି ସଂଯୋଗ କରାଯାଇ, ଏକ ବିରାଟ ପଟୁଆରରେ ସହର ପରିକ୍ରମା କରି ସରକାରୀ ବାଳିକା ବିଧାଳୟ ସଂମୁଖ ମାଛଗାଁ କେନାଲ ଉପରେ ନୂତନ ପୌପରିଷଦ ପାର୍କରେ ପ୍ରତିଷ୍ଠା କରାଯାଇଥିଲା। ଏଥିରେ ପୌର ପରିଷଦ ଉପକ୍ଷଧକ୍ଷ ରାଜେନ୍ଦ୍ର ବିଶୋଇ, ଜିଲ୍ଲା ସମ୍ପାଦକ ରୂପକ ଖୁଣ୍ଟିଆ, ତରୁଣ ଦାସ, ସୁବ୍ରତ ପ୍ରଧାନ ଜିଲ୍ଲା ର ସମସ୍ତ ପଦାଧିକାରୀ, ମୋର୍ଚ୍ଚା ର ସଭାପତି ଓ କାର୍ଯ୍ୟକର୍ତ୍ତା, ମଣ୍ଡଳ ସଭାପତି, ସମ୍ପାଦକ ଓ ସମସ୍ତ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ଚାଷୀଙ୍କ ସମସ୍ୟା ନେଇ ଅଖିଳ ଭାରତ କୃଷକ ସଂଗଠନ ସକ୍ରିୟ

ରଘୁନାଥପୁର,୮।୧୦(ସମିସ)




ଜଗତସିଂହପୁର ହେଉଛି ଏକ କୃଷି ପ୍ରଧାନ ଜିଲ୍ଲା ଓ ଲୋକମାନଙ୍କର ମୁଖ୍ୟ ଜୀବିକା ହେଉଛି କୃଷି। କିନ୍ତୁ ବହୁ ଚାଷୀ ସରକାରଙ୍କ ବିଭିନ୍ନ ଯୋଜନା ରୁ ବାଦ ପଡିଯାଉଛନ୍ତି। କିଛି ମୁନାଫାଖୋର ବ୍ୟକ୍ତି ଓ ରାଜନେତା ମାନଙ୍କ ବନ୍ଧୁ, ସମ୍ପର୍କୀୟମାନେ ସରକାରଙ୍କ ବିଭିନ୍ନ ଯୋଜନା ସବୁକୁ ହାତେଇ ନେଉଥିବା ବେଳେ ପ୍ରକୃତ ଚାଷୀ କୁ ଏଥିରୁ ବାଦ ଦିଆଯାଉ ଥିବାରୁ ଚାଷୀ ମାନଙ୍କ ସୁରକ୍ଷା ପାଇଁ ଅଖିଳ ଭାରତ କୃଷକ ସଂଗଠନ ପଦାର୍ପଣ କରିଛି। ସେଥିପାଇଁ ରଘୁନାଥପୁର ସ୍ଥିତ ମଦନ ମୋହନ ମଠ ପ୍ରାଙ୍ଗଣରେ ଏକ ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମ ମଙ୍ଗଳବାର ମଧ୍ୟାହ୍ନ ସମୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ସଂଗଠନ ସଭାପତି କୈଳାସ ଚନ୍ଦ୍ର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି ବିଷ୍ଣୁ ଚରଣ ସ୍ୱାଇଁ ଓ ଜିଲ୍ଲା ସଭାପତି ଅଭୟ କୁମାର ସ୍ୱାଇଁ ଯୋଗଦେଇ ଚାଷୀଙ୍କ ବିଭିନ୍ନ ସମସ୍ୟା ଓ ସେମାନଙ୍କ କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକ ଗ୍ରସ୍ତ କରି ଚାଷୀଙ୍କୁ ଏକତ୍ରିତ କରି ସେମାନଙ୍କ ସମସ୍ୟା ସମ୍ପର୍କ ରେ ଆଲୋଚନା କରି ସରକାରୀ ଅଧିକାରୀ ମାନଙ୍କ ସହିତ ଏ ନିମନ୍ତେ ସମୟ ଦେଇ ପ୍ରତିକାର କରିବା ମୋର ଲକ୍ଷ୍ୟ ବୋଲି ରାଜ୍ୟ ସଭାପତି ଶ୍ରୀ ସ୍ୱାଇଁ କହିବା ସହିତ ଉଚ୍ଚ କୋଟିର ଚାଷୀଙ୍କୁ ବିଭିନ୍ନ କ୍ଷେତ୍ରରେ ସମ୍ମାନିତ କରିବା ପାଇଁ ଏକ ପ୍ରସ୍ତାବ ସରକାରଙ୍କ ନିକଟରେ ଦିଆଯିବ ବୋଲି ପ୍ରକାଶ କରିଥିଲେ। ସେହିପରି ଜିଲ୍ଲା ସଭାପତି ଅଭୟ କୁମାର ସ୍ୱାଇଁ ଭାଷଣ ପ୍ରସଙ୍ଗରେ କହିଥିଲେ ଯେ ବର୍ତ୍ତମାନ ଚାଷୀଙ୍କ ମୁଖ୍ୟ ସମସ୍ୟା ହେଉଛି ଷଣ୍ଢଙ୍କ ଉପଦ୍ରବ, ମାଙ୍କଡ଼ଙ୍କ ଅହେତୁକ ବୃଦ୍ଧି ଓ ଘୁଷୁରୀ ମାନେ ରାତ୍ରରେ ଚାଷ କ୍ଷେତ୍ରରେ ଅହେତୁକ ଆକ୍ରମଣ ଘଟଣା ଚାଷୀଙ୍କ ଜୀବନ ଜୀବିକା କୁ ବୁଡାଇ ଦେବାକୁ ବସିଥିବା ବେଳେ ଜିଲ୍ଲା ପ୍ରଶାସନ ଶୁଣୁ ନାହାନ୍ତି। ଏ ଦିଗରେ ଚାଷୀ ମାନେ ଏକତ୍ରିତ ହୋଇ ଲଢ଼ିବା ପାଇଁ ପ୍ରୟାସ କରିବା ନିତ୍ୟାନ୍ତ ଆବଶ୍ୟକ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମ ରେ ବ୍ଲକ ଉପ ସଭାପତି ବାସୁଦେବ ନାୟକ, ସମ୍ପାଦକ ଧୂରଜିଟି ମହାନ୍ତି, ସଂଯୋଜକ ନିଗମାନନ୍ଦ ଦାସ, କୋଷାଧକ୍ଷ ଅକ୍ଷୟ ନାରାୟଣ ପଣ୍ଡା, ସୁରେଶ ପଟ୍ଟନାୟକ, ସନ୍ତୋଷ କୁମାର ପାତ୍ର, ଅଭୟ କୁମାର ସେଣ, ମନ୍ମଥ କୁମାର ଜେନା, ଗୋବିନ୍ଦ ଖୁଣ୍ଟିଆ, ଶରତ ମହାପାତ୍ର, ଆଲୋକ ସ୍ୱାଇଁ , ଦେବେନ୍ଦ୍ର ମହାନ୍ତି, ସାରଦା ପ୍ରସନ ନାୟକ, ସଚିକାନ୍ତ ଜେନା ଓ ରାଜକିଶୋର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମ ଶେଷରେ ତିର୍ତୋଲ ଅଂଚଳର ସୁନାମ ଧନ୍ୟ ଚାଷୀ ଦେବବ୍ରତ ମହାନ୍ତି ସଭାସାଙ୍ଗ କରିବା ସହିତ ଯୋଗଦେଇଥିବା ସମସ୍ତ ଚାଷୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଢେଙ୍କାନାଳରେ ବନ୍ଦ ପାଳନ; ଜୀବନଯାତ୍ରା ପ୍ରଭାବିତ





ଢେଙ୍କାନାଳ,୮ ।୧୦(ସମିସ)

ଢେଙ୍କାନାଳ ସହର ସମେତ ଜିଲ୍ଲାର ପରଜଙ୍ଗ, କାମାକ୍ଷାନଗର ଓ ଓଡ଼ାପଡ଼ାରେ ଓଡ଼ିଶା ବନ୍ଦର ମିଶ୍ରିତ ପ୍ରଭାବ ଦେଖିବାକୁ ମିଳିଛି। ତିନି ଦଫା ଦାବି ନେଇ ଗୁରୁବାର ଇଣ୍ଡିଆ ମେଣ୍ଟ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ଏମଏମଡିଆର ବିଲ୍, ଏସଆଇଆର ଏବଂ ପାଠ୍ୟପୁସ୍ତକରେ ଥିବା ତ୍ରୁଟି ଆଦି ପ୍ରମୁଖ ପ୍ରସଙ୍ଗ ନେଇ ବନ୍ଦ ପାଳନ କରାଯାଇଛି। ସହରର ବିଭିନ୍ନ ଅଞ୍ଚଳରେ ଦୋକାନ ବଜାର ବନ୍ଦ ରହିଥିବା ବେଳେ ରାସ୍ତାରେ ଗାଡ଼ି ଚଳାଚଳ ସାମାନ୍ୟ ପ୍ରଭାବିତ ହୋଇଥିଲା। ସରକାରୀ କାର୍ଯ୍ୟାଳୟ, ପୋଷ୍ଟ ଅଫିସ, ବ୍ୟାଙ୍କ ସହ ସହରର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା। କଂଗ୍ରେସ ନେତା ଓ କର୍ମୀମାନେ ବିଭିନ୍ନ ବଜାରରେ ପିକେଟିଂ କରିବା ସହ ଦୋକାନ ବଜାର ବନ୍ଦ କରିଥିଲେ। ଜିଲ୍ଲା କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳନଙ୍କ ନେତୃତ୍ୱରେ କର୍ମୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପଶି କାର୍ଯ୍ୟ ବନ୍ଦ କରିବାକୁ ଅନୁରୋଧ କରିବା ସହିତ ବିଭିନ୍ନ କାର୍ଯ୍ୟାଳୟକୁ ଯାଇ ବନ୍ଦ କରିଥିଲେ।

ସକାଳୁ କର୍ମୀମାନେ ଶ୍ୟାମାଚରଣପୁର ବାଇପାସଠାରେ ଟାୟାର ଜାଳି ରାସ୍ତ ଅବରୋଧ କରିଥିଲେ। ଫଳରେ ୫୫ନଂ ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। କିନ୍ତୁ କିଛି ସମୟ ପରେ ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ କମ ଥିବା ବେଳେ ଲକ୍ଷ୍ମୀ ବସ୍ ଚଳାଚଳ ସ୍ୱାଭାବିକ ଥିଲା। ବନ୍ଦ ପାଳନକୁ ସମର୍ଥନ ଦେଇଥିବାରୁ ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱାଳତା ଢେଙ୍କାନାଳବାସୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଏଥିସହ ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ ପ୍ରତ୍ୟାହାର, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଏବଂ ପାଠ୍ୟପୁସ୍ତକରେ ତ୍ରୁଟି ଯୋଗୁଁ ରାଜ୍ୟ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ପ୍ରଦାନ କରନ୍ତୁ ବୋଲି ଦାବି କରିଥିଲେ। କଂଗ୍ରେସ ନେତ୍ରୀ ସୁସ୍ମିତା ସିଂହଦେଓ ମଧ୍ୟ ସମାନ ଦାବି ଉପସ୍ଥାପନ କରିଥିଲେ।

**କାମାକ୍ଷାନଗର:** ଓଡ଼ିଶା ବନ୍ଦର ପ୍ରଭାବ କାମାକ୍ଷାନଗରରେ ଦେଖିବାକୁ ମିଳିଛି। ତିନି ଦଫା ଦାବି ନେଇ ଇଣ୍ଡିଆ ମେଣ୍ଟ ପକ୍ଷରୁ ଗୁରୁବାର ଓଡ଼ିଶା ବନ୍ଦ ପାଳନ କରାଯାଇଛି। ଏମ୍‌ଏମ୍‌ଡିଆର୍ ସଂଶୋଧନ ବିଲ୍ ପ୍ରତ୍ୟାହାର, ଏସ୍‌ଆଇଆର୍ ପ୍ରସଙ୍ଗ ଏବଂ ପାଠ୍ୟପୁସ୍ତକରେ ଥିବା ତ୍ରୁଟି ଆଦି ପ୍ରମୁଖ ପ୍ରସଙ୍ଗ ନେଇ ଏହି ବନ୍ଦ ପାଳନ କରାଯାଇଛି। ବନ୍ଦ ଡାକରା ପ୍ରଭାବରେ ସହରର ବିଭିନ୍ନ ଅଞ୍ଚଳରେ ଦୋକାନ ବଜାର ବନ୍ଦ ରହିଥିବା ବେଳେ ରାସ୍ତାରେ ଗାଡ଼ି ଚଳାଚଳ ମଧ୍ୟ ପ୍ରଭାବିତ ହୋଇଛି। କଂଗ୍ରେସ ନେତା ଓ କର୍ମୀମାନେ ସହରର ବିଭିନ୍ନ ବଜାରରେ ପିକେଟିଂ କରି ଦୋକାନ ବଜାର ବନ୍ଦ କରିଥିଲେ। ସ୍ଥାନୀୟ ଜଗନ୍ନାଥ ବଜାର ଓ ହନୁମାନ ବଜାର ନିକଟରେ ରାସ୍ତା ଅବରୋଧ କରିଥିଲେ। ବନ୍ଦ ପାଇଁ ପୁଲିସ ପକ୍ଷରୁ ବ୍ୟାପକ ସତର୍କତା ଅବଲମ୍ବନ କରାଯାଇଥିଲା। କାମାକ୍ଷାନଗର ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ବିପ୍ରବର ସାହୁ, ଜିଲ୍ଲା କଂଗ୍ରେସ ଉପସଭାପତି ପ୍ରଭୁଦତ୍ତ ଭଞ୍ଜ, ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦିକା ବନ୍ଦିତା ମହାପାତ୍ର, ଏନଏସି ସଭାପତି କାମାକ୍ଷାପ୍ରସାଦ ପଣ୍ଡା, ରାନୁ ମିଶ୍ରଙ୍କ ସମେତ ଶତାଧିକ କର୍ମୀ ଏଥିରେ ସାମିଲ ହୋଇଥିଲେ।

**ଖଜୁରିଆକଟା:** ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ଓଡ଼ିଶା ବନ୍ଦ ସଫଳ ହୋଇଛି। ସକାଳୁ କଂଗ୍ରେସ କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ହିନ୍ଦୋଳ ଏନଏସି, ସାତମାଇଲ ଛକ, ତେଲିଭୂଇଁ, ଖଜୁରିଆକଟା, ଗୁଡ଼ିଆକାଟେଣୀ ଆଦି ପ୍ରମୁଖ ଛକରେ ରାସ୍ତାରୋକ କରିଥିଲେ। ବ୍ୟବସାୟୀମାନେ ସ୍ୱତଃପ୍ରବୃତ୍ତ ଭାବେ ଦୋକାନ ବଜାର ବନ୍ଦ କରିଥିଲେ। ସ୍କୁଲ, କଲେଜ ଓ ସମସ୍ତ ସରକାରୀ, ବେସରକାରୀ ଅଫିସ, ବ୍ୟାଙ୍କ ଆଦି ବନ୍ଦ ରହିଥିଲା। ତେବେ ଜନସାଧାରଣ



ସେମାନଙ୍କ ଜରୁରୀ କାର୍ଯ୍ୟରେ ବାହାରିଥିବା ବେଳେ ବନ୍ଦପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଜରୁରୀ ସେବା ଅବ୍ୟାହତ ରହିଥିଲା। କଂଗ୍ରେସ ଜିଲ୍ଲା ସଭାପତି ଛବିରାଜ ବିଶ୍ୱାଳଙ୍କ ନେତୃତ୍ୱରେ ବରିଷ୍ଠ ନେତା ତ୍ରିନାଥ ବେହେରା ଓ ଗୋବର୍ଦ୍ଧନ ଶେଖର ନାୟକ, ସୁବାସ ପାଲ, ରସାନନ୍ଦ ବେହେରା, ସାଦତ ଖାଁ, ବିଶ୍ୱେଶ୍ୱର ସେଠୀ, ପ୍ରକାଶ ପରିଡ଼ା, ସୁରେନ୍ଦ୍ର ପଟ୍ଟନାୟକ, ଏକ୍ରାହିମ ଖାଁ, ଭରତ ବେହେରା, ପ୍ରସନ୍ନ ସାହୁ ପ୍ରମୁଖଙ୍କ ସହ ଶତାଧିକ କାର୍ଯ୍ୟକର୍ତ୍ତା ଓ କର୍ମୀ ଏଥିରେ ସାମିଲ ହୋଇଥିଲେ।

**ଭୁବନ:** ଭୁବନରେ ଓଡ଼ିଶା ବନ୍ଦ ସଫଳ ହୋଇଛି। ସକାଳ ୬ଟାରୁ ଆରମ୍ଭ ହୋଇଥିବା ବନ୍ଦ ପ୍ରଭାବରେ ସରକାରୀ ଓ ଘରୋଇ ଗାଡ଼ିମଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। କାଳୀବଜାର ଓ କୋର୍ଟ ଛକରେ ଦୋକାନବଜାର ବନ୍ଦ ରହିଥିଲା। ଅଷ୍ଟମ ଓ ନବମ ଶ୍ରେଣୀ ପରୀକ୍ଷା ଚାଲିଥିଲେ ମଧ୍ୟ ଏଥିରେ ବିଶେଷ ଅସୁବିଧା ହୋଇ ନ ଥିଲା। କଂଗ୍ରେସ କର୍ମୀମାନେ ବିଭିନ୍ନ ସ୍ଲୋଗାନ ଦେଇ ଜନସାଧାରଣଙ୍କୁ ବନ୍ଦ ପାଳନରେ ସାମିଲ ହେବାକୁ ଅନୁରୋଧ କରିଥିଲେ। ଭୁବନ ଏନ୍‌ଏସି କଂଗ୍ରେସ ସଭାପତି ମନୋଜ କୁମାର ସାହୁ ଓ ସମ୍ପାଦକ ବିନୋଦ କୁମାର ମହାରଣାଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ଓ କର୍ମୀ ବନ୍ଦ ପାଳନରେ ସାମିଲ ହୋଇଥିଲେ। ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଥିବା ବେଳେ ସଫଳ ହୋଇଥିବା କଂଗ୍ରେସ ପକ୍ଷରୁ କୁହାଯାଇଛି।

**ଗଁଦିଆ:** ଗଁଦିଆ ବ୍ଲକ କଂଗ୍ରେସ ସଭାପତି ଡ. ବନମାଳୀ ଦାସଙ୍କ ନେତୃତ୍ୱରେ ଶତାଧିକ କର୍ମୀଙ୍କୁ ନେଇ ଏଠାରେ ୧୨ ଘଣ୍ଟିଆ ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି। ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ବିଭୂତି ଭୂଷଣ ମହାନ୍ତି, ଜିଲ୍ଲା ମହିଳା ସଭାନେତ୍ରୀ ସସ୍ମିତା ସ୍ୱାଇଁ, ପୂର୍ବତନ ଜିଲ୍ଲା ଉପସଭାପତି ଡମ୍ବରୁଧର ସେଠୀ, ବରିଷ୍ଠ କର୍ମୀ ବେଣୁଧର ଧଳ, ବନମାଳୀ ବାରିକ ଏଥିରେ ଅଂଶଗ୍ରହଣ କରିଥିଲେ। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସମଗ୍ର ଗଁଦିଆ ବ୍ଲକରେ ଦୋକାନ ବଜାର, ସରକାରୀ ଓ ବେସରକାରୀ ଅନୁଷ୍ଠାନ ସହ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା।

ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। କର୍ମୀମାନେ ବ୍ଲକ ଛକରେ ରାସ୍ତା ଉପରେ ବସି ଅବରୋଧ କରିଥିଲେ। ବିଭିନ୍ନ ଛକରେ ଟାୟାର ଜାଳି ରାସ୍ତାରୋକ କରିବା ସହ କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ନାରାବାଜି କରିଥିଲେ। ମୁଖ୍ୟ ନିର୍ବାଚନ କମିଶନର ଓ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳୀୟ କର୍ମୀ ବଂଶୀଧର ମହାରଣା, ଶ୍ରୀକାନ୍ତ ପରିଡ଼ା, ହଳଧର ନାୟକ, ବୀରବର ମହାନ୍ତି, କୃଷ୍ଣଚନ୍ଦ୍ର ଦେହୁରୀ, ଅଜୟ ଧୀର, ଜାନକୀ ବଲ୍ଲଭ ପ୍ରଧାନ, ଆଶିଷ ସାହୁ, ପ୍ରଦୀପ ସାହୁ, ଚନ୍ଦ୍ରମଣି ପ୍ରଧାନ, ବଟକୃଷ୍ଣ ପ୍ରଧାନ, ଭରତ ମଲିକ, ସୁବାସ ମଲିକ, ରଥି ଦେହୁରୀ, ଭାଗୀରଥି ଦେହୁରୀଙ୍କ ସମେତ ବିଭିନ୍ନ ପଞ୍ଚାୟତର ସଭାପତି ଓ ଶତାଧିକ କର୍ମୀ ଏଥିରେ ସାମିଲ ହୋଇଥିଲେ।




## ଟିଏସ୍‌ଏଫ୍ ପକ୍ଷରୁ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ



ଢେଙ୍କାନାଳ,୮ ।୧୦(ସମିସ): ଟାଟା ଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ ଓଡ଼ାପଡ଼ା ବ୍ଲକ ମଙ୍ଗଳପୁର, ବଳରାମପୁର, ସିମିନଇ, ନାଧରା ଓ କଳଙ୍ଗା ପଞ୍ଚାୟତରେ ନବମ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ହୋଇଛି। 'ଆମ ଅଙ୍ଗନବାଡ଼ି, ଆମ ଦାୟିତ୍ୱ' ବିଷୟବସ୍ତୁ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ମାତୃ, ଶିଶୁ ଓ କିଶୋରୀମାନଙ୍କ ପୋଷଣରେ ସମୁଦାୟର ଭାଗିଦାରୀ ଓ ଦାୟିତ୍ୱବୋଧକୁ ସୁଦୃଢ଼ କରିବା। ଏଥିରେ ପ୍ରାୟ ୫୪୦ ଜଣ ଗର୍ଭବତୀ, ପ୍ରସୂତି ମହିଳା, କିଶୋରୀ ଅଂଶଗ୍ରହଣ କରିଥିଲେ। କଳଙ୍ଗା ପଞ୍ଚାୟତ ଜୁଆଙ୍ଗ ସମ୍ପ୍ରଦାୟର ଲୋକଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇ ପୋଷଣ, ସ୍ୱାସ୍ଥ୍ୟସେବା ଏବଂ ପ୍ରାରମ୍ଭିକ ଶିଶୁ ବିକାଶ ସମ୍ପର୍କରେ ସଚେତନ କରାଯାଇଥିଲା। ଖାଦ୍ୟ ବିବିଧତା, ସଠିକ୍ ପୋଷଣ, ସ୍ତନ୍ୟପାନ ଓ ପ୍ରଥମ ୧୦୦୦ ଦିନର ଗୁରୁତ୍ୱ, ପ୍ରାରମ୍ଭିକ ଯତ୍ନ, ଠିକ୍ ସମୟରେ ଟିକାକରଣ ଏବଂ ସ୍ୱଚ୍ଛତା ଉପରେ ଆଲୋଚନା କରାଯାଇଥିଲା। ଅପପୁଷ୍ଟିର ନିରାକରଣ ଓ ଆରୋଗ୍ୟ ସହ ସମୟୋପଯୋଗୀ ସ୍ଥାନାନ୍ତରଣ ଏବଂ ଆବଶ୍ୟକ ସ୍ୱାସ୍ଥ୍ୟସେବାର ଉପଯୋଗିତା ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ଅପପୁଷ୍ଟି ନିରାକରଣ ଓ ନ୍ୟୁଟ୍ରିସନ ରିହାବିଲିଟେସନ ସେଣ୍ଟର ସେବାର ଉପଯୋଗିତାକୁ ନେଇ ଏକ ନାଟକ ପରିବେଷଣ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ପନିପରିବା, ଫଳ, କ୍ଷୀର ଜାତୀୟ ଦ୍ରବ୍ୟ ଓ ଅଣ୍ଡାକୁ ନେଇ ପୋଷଣ ପ୍ରଦର୍ଶନୀ ସହ ଫୋକସ୍ ଥିମ୍ ଉପରେ କୁଇଜ୍ ଓ ରଙ୍ଗୋଲି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ କଳଙ୍ଗାର ଭାରପ୍ରାପ୍ତ ମଲ୍ଟି ପର୍ପସ ହେଲଥ୍ ସୁପରଭାଇଜର ସନ୍ତୋଷ କୁମାର ମହାରଣା, ମଲ୍ଟି ପର୍ପସ ହେଲଥ୍ ୱାର୍କର ମାତୃପ୍ରସାଦ ମହାପାତ୍ର, ଏଏନ୍‌ଏମ୍, ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ, ସୁପରଭାଇଜର ଏବଂ ଗ୍ରାମସଭା ମୁଖ୍ୟମାନେ ସହଯୋଗ କରିଥିଲେ।

## ଢେଙ୍କାନାଳରେ ପରିବେଶ ଓ ବନ୍ୟପ୍ରାଣୀ ସପ୍ତାହ

ଢେଙ୍କାନାଳ,୮ ।୧୦(ସମିସ): ସ୍ଥାନୀୟ ଜିଲ୍ଲା ପରିଷଦ ହଲ୍‌ରେ ଢେଙ୍କାନାଳ ବନଖଣ୍ଡ ପକ୍ଷରୁ ପରିବେଶ ଓ ବନ୍ୟପ୍ରାଣୀ ସପ୍ତାହ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବନ୍ୟପ୍ରାଣୀ ସୁରକ୍ଷା ଓ ପରିବେଶ ସଂରକ୍ଷଣ ଉପରେ ସଚେତନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବନ୍ୟପ୍ରାଣୀ ସମ୍ପର୍କିତ କୁଇଜ୍ ପ୍ରତିଯୋଗିତା କରାଯାଇ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇଥିବା ରାଜେଶ କୁମାର ଦେହୁରୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଗୋଳ ସର୍କଲ ଆରସିସିଏଫ୍-କମ୍-ଏଫ୍‌ଡି ଡ. ସଞ୍ଜୟ କୁମାର ସ୍ୱାଇଁ, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଏସ୍‌ପି ଆଜିଙ୍କ୍ୟ ବାବୁରାଓ ମାଣେ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଡିଏଫ୍‌ଓ ଲଳିତ କୁମାର ପାତ୍ର, ପରିବେଶବିତ୍ ଦୀପ୍ତିମୟୀ ଲେଙ୍କା, ପ୍ରଦ୍ୟୁମ୍ନ ରଥ ଓ ବିଜୟ କୁମାର ଦାଶଙ୍କ ସମେତ ବନ ବିଭାଗ ଅଧିକାରୀ, ବନସୁରକ୍ଷା ସମିତି ସଦସ୍ୟ ଓ ଜନସାଧାରଣ ଉପସ୍ଥିତ ଥିଲେ। ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ସଂରକ୍ଷଣ ସହ ମଣିଷ ଓ ବନ୍ୟପ୍ରାଣୀଙ୍କ ସହାବସ୍ଥାନ ଉପରେ ଗୁରୁତ୍ୱ ଦିଆଯାଉଛି। ଢେଙ୍କାନାଳରେ ହାତୀ ସମେତ ବିଭିନ୍ନ ବନ୍ୟପ୍ରାଣୀ ଥିବା ଆମ ପାଇଁ ଗର୍ବର ବିଷୟ ବୋଲି ଡିଏଫ୍‌ଓ ଲଳିତ କୁମାର ପାତ୍ର କହିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଆଇଆଇଏମ୍‌ସି ଛାତ୍ରଛାତ୍ରୀମାନେ ଯୋଗଦେଇ ଏହାର ରିପୋର୍ଟିଂ କରିବା ସହ ସାମାଜିକ ଗଣମାଧ୍ୟମ ପାଇଁ କଣ୍ଟେଣ୍ଟ ପ୍ରସ୍ତୁତ କରିଥିଲେ।




■ ହିନ୍ଦୋଳରେ ଏମିତି ଚାଲିଛି ସରକାରୀ ତଦନ୍ତ

## ମଦ ପିଇ ତଦନ୍ତ କରିବାକୁ ଆସିଲେ ଅଧିକାରୀ !

ହିନ୍ଦୋଳ,୮ ।୧୦(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଜରଡ଼ା ପଞ୍ଚାୟତରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଦୃଶ୍ୟ। ଲୋକଙ୍କ ଅଭିଯୋଗ କ୍ରମେ ସରକାରୀ ତଦନ୍ତ ପାଇଁ ଆସିଥିବା ଅଧିକାରୀ ମଦ ପିଇ ଆସିଥିବା ଅଭିଯୋଗ ହୋଇଛି। ଜରଡ଼ା ଗ୍ରାମବାସୀଙ୍କ ଅଭିଯୋଗକୁ ଆଧାର କରି ତଦନ୍ତ ପାଇଁ ବ୍ଲକ ପ୍ରଶାସନ ସମ୍ପୃକ୍ତ ଅଧିକାରୀଙ୍କୁ ତଦନ୍ତ ପାଇଁ ପଠାଯାଇଥିଲା। ସ୍ଥାନୀୟ ରିପୋର୍ଟର ତଥା ଏସିବିଆଇ କର୍ମୀ ରଜତ କୁମାର ପାଳଙ୍କୁ ଭେଟ କରିବାକୁ ସେ ମଦ୍ୟପାନ କରି ଆସିଥିବା ଖବର ଅଭିଯୋଗ ହୋଇଛି। ଘଟଣା ସମୟର ଭିଡିଓରେ ଅଧିକାରୀଙ୍କ ଆଚରଣ ଓ ପରିସ୍ଥିତିକୁ ନେଇ ସେ ମଦ୍ୟପାନ କରିଥିବା ସ୍ପଷ୍ଟ ବାରି ହୋଇପଡୁଛି। ମଦ୍ୟପାନ କରି ତଦନ୍ତ କରିବାକୁ କାହିଁକି ଆସିଛ ବୋଲି ପଚାରିବାରେ ଅଧିକାରୀ ଜଣକ ବଡ଼ ବଡ଼ ଆଖିରେ ଚାହିଁ ଯୁକ୍ତିତର୍କ କରିବା ପରେ ସ୍ଥାନ ଛାଡ଼ି ଚାଲିଯାଇଥିବା ଅଭିଯୋଗ ମଧ୍ୟ ରହିଛି। ସ୍ଥାନୀୟ ଲୋକ ଓ ଗାଁ ପ୍ରତିନିଧିମାନଙ୍କ ଉପସ୍ଥିତିରେ ଘଟଣା ଘଟିଥିବା ସୂଚନା ମିଳିଛି। ତଦନ୍ତ ପାଇଁ ଆସିଥିବା ଜଣେ ସରକାରୀ ଅଧିକାରୀ ଯଦି ମଦ ପିଇ ଆସନ୍ତି ତେବେ ଜନସାଧାରଣ ସରକାରୀ ବ୍ୟବସ୍ଥା ଉପରେ କିପରି ଭରସା କରିବେ ବୋଲି ପ୍ରଶ୍ନ ଉଠିଛି। ଘଟଣାର ଭିଡିଓ ଯାଞ୍ଚ, ଉପସ୍ଥିତ ବ୍ୟକ୍ତିଙ୍କ ବୟାନ ଏବଂ ଆବଶ୍ୟକ ହେଲେ ଆଇନସମ୍ମତ ମେଡିକାଲ ଯାଞ୍ଚ କରି ସମଗ୍ର ଘଟଣାର ନିରପେକ୍ଷ ତଦନ୍ତ କରିବା ସହ ଦୋଷୀ ସାବ୍ୟସ୍ତ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

## ହାତୀ ଆକ୍ରମଣରେ ମାନସିକ ବିକାରଗ୍ରସ୍ତ ଯୁବକ ମୃତ

ହିନ୍ଦୋଳ,୮ ।୧୦(ସମିସ): ହାତୀ ଅକ୍ରମଣରେ ହିନ୍ଦୋଳ ଥାନା ଜୈପାଙ୍ଗ ଗ୍ରାମର ମାନସିକ ବିକୃତ ଯୁବକ ସପ୍ନେଶ୍ୱର ବିଶ୍ୱାଳ (୪୫)ଙ୍କ ମୃତ୍ୟୁ ହୋଇଛି। ଗୁରୁବାର ରାତି ୯ଟାରେ ସପ୍ନେଶ୍ୱର ଗାଁ ଠାକୁରାଣୀ ପୀଠକୁ ଯାଇଥିବା ବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଟେକି ପାଦରେ ଦଳି ଦେଇଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଛି। ହିନ୍ଦୋଳ ବନାଧିକାରୀ ତ୍ରିଲୋଚନ ଦେହୁରୀ ଏବଂ ହିନ୍ଦୋଳ ଥାନା ପୁଲିସ ପହଞ୍ଚି ତଦନ୍ତ କରୁଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଘଟଣାସ୍ଥଳରେ ସପ୍ନେଶ୍ୱରଙ୍କ ମୃତଦେହ ପଡ଼ିରହିଛି।

## ଶିକାର ପାଇଁ ଉଦ୍ଦିଷ୍ଟ ସରଞ୍ଜାମ ଜବତ; ଶିକାରୀ ଅଟକ



ଖଜୁରିଆକଟା,୮ ।୧୦(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳରେ ଜନ୍ତୁଶିକାର ପାଇଁ ଯୋଜନା କରୁଥିବା ଜଣେ ବ୍ୟକ୍ତିଙ୍କୁ ବନ ବିଭାଗ ଅଟକ ରଖିଛି। ତାଙ୍କଠାରୁ ଜନ୍ତୁଶିକାର ପାଇଁ ଉଦ୍ଦିଷ୍ଟ ସରଞ୍ଜାମ ଜବତ କରାଯାଇଛି। ଅଟକ ବ୍ୟକ୍ତି ଜଣକ ହେଲେ ହିନ୍ଦୋଳ ଥାନା କଂସରା ଗ୍ରାମର ଶାନ୍ତନୁ ଅମାନ୍ତ (୪୦)। ଶାନ୍ତନୁ ଶିକାର ପାଇଁ ସଜବାଜ ହେଉଥିବା କୌଣସି ସୂତ୍ରରୁ ଖବର ପାଇ ହିନ୍ଦୋଳ ରେଞ୍ଜର ତ୍ରିଲୋଚନ ଦେହୁରୀ ସଦଳବଳ ହିନ୍ଦୋଳ ବନାଞ୍ଚଳ କଂସରା ଅଞ୍ଚଳରେ ଚଢ଼ଉ କରିଥିଲେ।

## ୱାରେଣ୍ଟି ଗିରଫ



ଢେଙ୍କାନାଳ,୮ ।୧୦(ସମିସ): ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅନ୍ତର୍ଗତ ତାଳବରକୋଟ ଗ୍ରାମର ଜିତେନ୍ଦ୍ର ସାମଲ ଓରଫ ଜିତୁକୁ ଆଜି ସଦର ପୁଲିସ ଗିରଫ କରି କୋର୍ଟ ଚାଲଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତ ପଠାଇ ଦିଆଯାଇଛି। ୨୦୨୫ ଅକ୍ଟୋବର ୧୨ ରାତି ସାଢ଼େ ୮ଟାରେ ତାଳବରକୋଟ ଗ୍ରାମରେ ଲକ୍ଷ୍ମୀପୂଜା ଭସାଣି ପାଇଁ ବୈ÷ଠକ ଚାଲିଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜିତୁ ସେଠାରେ ପହଞ୍ଚି ଗ୍ରାମର ଶଶଧର ରାଉତଙ୍କୁ ଲୁହା ରଡ୍‌ରେ ଆକ୍ରମଣ କରିଥିଲେ। ପରଦିନ ଶଶଧର ଏ ନେଇ ଗୋବିନ୍ଦପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ସେବେଠାରୁ ଜିତୁ ଫେରାର ହୋଇ ଯାଇଥିବା ବେଳେ ଉଚ୍ଚ ନ୍ୟାୟାଳୟରୁ ଆଗୁଆ ଜାମିନ ପାଇଁ ଆବେଦନ କରିଥିଲେ। ତେବେ ଉଚ୍ଚ ନ୍ୟାୟଳୟ ତାଙ୍କୁ ଜିଲ୍ଲା ନ୍ୟାୟାଳୟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିତୁ ତାହାକୁ ଅଣଦେଖା କରି ଆଜିପର୍ଯ୍ୟନ୍ତ ଫେରାର ଥିଲେ। ଜିଲ୍ଲା କୋର୍ଟ ତରଫରୁ ଏ ନେଇ ଜିତୁଙ୍କ ନାମରେ ୱାରେଣ୍ଟ ବାହରି ଥିଲା। ବୁଧବାର ସଦର ଥାନା ପୁଲିସ ଜିତୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୂର୍ବରୁ ଜିତୁ ନାମରେ ୧୫ରୁ ଊର୍ଦ୍ଧ୍ୱ ମାମଲା ରହିଥିବା ବେଳେ ସେ ବେଆଇନ ଖଣି ଖନନ ଓ ପାଲି ଖେଳରେ ସମ୍ପୃକ୍ତ ଥିବା ଆଭିଯୋଗ ମଧ୍ୟ ରହିଛି। ଏକ ହତ୍ୟା ମାମଲାରେ ମଧ୍ୟ ସେ ପୂର୍ବରୁ ଜେଲ ଯାଇଥିବା ଜଣାପଡ଼ିଛି।

## ୨ ଅଭିଯୁକ୍ତ କୋର୍ଟଚାଲାଣ




ଢେଙ୍କାନାଳ,୮ ।୧୦(ସମିସ): ଢେଙ୍କାନାଳ ସଦରଥାନା ଓ ଟାଉନ ଥାନା ପୁଲିସ ଭିନ୍ନ ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ଆକ୍ରମଣ ଘଟଣାରେ ସଦରଥାନା ବେଶାଳିଆ ଗ୍ରାମର ଅରୁଣ କୁମାର ପଟ୍ଟନାୟକଙ୍କ ପୁଅ ଅଶ୍ୱିନୀ କୁମାର ପଟ୍ଟନାୟକ (୪୩)ଙ୍କୁ ପୁଲିସ ଗିରଫ କରିଛି।

ଅଶ୍ୱିନୀ ଉଠା ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ଏବଂ କନିଷ୍ଠ ଯନ୍ତ୍ରୀଙ୍କୁ ମାଡ଼ ମାରିବା ଅଭିଯୋଗରେ ତାଙ୍କ ବିରୋଧରେ ଥାନାରେ ମାମଲା ରୁଜୁ କରାଯାଇଥିଲା। ସେହିପରି ଗତ ସେପ୍ଟେମ୍ବର ୨୦ ତାରିଖ ଟାଉନ ଥାନା ବନମାଳୀପ୍ରସାଦର ନରୋତ୍ତମ ରାଉତଙ୍କ ପୁଅ ଖଗେଶ୍ୱର ରାଉତ ସ୍ଥାନୀୟ କାଉନସିଲରଙ୍କୁ ଆକ୍ରମଣ କରିବା ଘଟଣାରେ ଥାନାରେ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ସେ ଫେରାର ହୋଇଯାଇଥିବା ବେଳେ ପୁଲିସ ତାଙ୍କୁ ଗିରଫ କରିବାରେ ସଫଳ ହୋଇଛି।

# ଅଙ୍ଗନବାଡ଼ି କେନ୍ଦ୍ରରେ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ



ଗଁଦିଆ,୮ ।୧୦(ସମିସ): ଗଁଦିଆ ବ୍ଲକ ସୋରିଶିଆପଦା ପଞ୍ଚାୟତ ରମେଇ ଖମାର-ଖ ଅଙ୍ଗନବାଡ଼ି କେନ୍ଦ୍ରରେ ଅବ୍ୟବସ୍ଥାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଶିଶୁମାନଙ୍କୁ ପୋଷଣଯୁକ୍ତ ଖାଦ୍ୟ ଯୋଗାଇବା ପାଇଁ ସରକାରୀ ଯୋଜନା ଥିବା ବେଳେ ବୁଧବାର ଶିଶୁଙ୍କୁ ଅଣ୍ଡା ଦିଆଯାଇ ନ ଥିଲା। ଗୁରୁବାର ଓଡ଼ିଶା ବନ୍ଦର ସୁଯୋଗ ନେଇ ମଧ୍ୟାହ୍ନ ପ୍ରାୟ ୧୨ଟା ପର୍ଯ୍ୟନ୍ତ ରୋଷେଇ ହୋଇ ନ ଥିବା ଅଭିଯୋଗ ହୋଇଛି। ଏହି ଅଙ୍ଗନବାଡ଼ି କେନ୍ଦ୍ରରେ ୧୩ ଶିଶୁ ପଢୁଛନ୍ତି। ଗୁରୁବାର ସକାଳେ ରୋଷେଇ ହୋଇ ନ ଥିବା ନେଇ ଗ୍ରାମବାସୀ ସରପଞ୍ଚ ପ୍ରଦୀପ କୁମାର ରାଉତଙ୍କୁ ଜଣାଇଥିଲେ। ସରପଞ୍ଚ ପୂର୍ବାହ୍ନ ୧୧ଟା ୪୫ରେ କେନ୍ଦ୍ରରେ ପହଞ୍ଚିଥିଲେ। ଶିଶୁଙ୍କ ଅଭିଭାବକ ଓ ଗ୍ରାମବାସୀ ମଧ୍ୟ ଉପସ୍ଥିତ ଥିଲେ। ସରପଞ୍ଚ ପହଞ୍ଚିବା ପରେ ରୋଷେୟା ହାଣ୍ଡି-କଡ଼େଇ ଧୋଇ ରୋଷେଇ ଘରକୁ ନେଉଥିବା ଦେଖାଯାଇଥିଲା। ଦିନ ପ୍ରାୟ ୧୨ଟାରେ ରୋଷେଇ ଆରମ୍ଭ ହୋଇଥିବା ସରପଞ୍ଚ କହିଛନ୍ତି। ଅନ୍ୟପକ୍ଷରେ ଅଙ୍ଗନବାଡ଼ି କର୍ମୀ ବନିତା ନାୟକ ବିଏଲଓ ଭାବେ ମଧ୍ୟ କାର୍ଯ୍ୟ କରୁଥିବାରୁ କେନ୍ଦ୍ର ଚାଲୁଥିବା ସମୟରେ ସେ ବିଏଲଓ କାର୍ଯ୍ୟରେ ବ୍ୟସ୍ତ ରହୁଥିବା ଅଭିଯୋଗ ହୋଇଛି। ଏହାଦ୍ୱାରା କେନ୍ଦ୍ରରେ ଅବ୍ୟବସ୍ଥା ହେଉଥିବା ଅଙ୍ଗନବାଡ଼ି ସହାୟିକା ଓ କିଛି ଅଭିଭାବକ ଅଭିଯୋଗ କରିଛନ୍ତି। ସହାୟିକା ବେଢ଼ି ସାହୁଙ୍କ କହିବା ଅନୁଯାୟୀ, ବୁଧବାର ଅଣ୍ଡା ଆଣିବାକୁ ଦୋକାନକୁ ଯାଇଥିଲେ। ଦୋକାନୀ ଅଣ୍ଡା ଦେବାକୁ ମନା କରିବାରୁ ସେ ଶିଶୁଙ୍କୁ କେବଳ ଭାତ ଓ ଆଳୁ ଦେଇଥିଲେ। ଗୁରୁବାର କର୍ମୀ ଆସି ତାଙ୍କୁ କିଛି କହି ନ ଥିବାରୁ ସେ ହାଣ୍ଡି ଧୋଇ ବସିଥିଲେ ଏବଂ ଯାହା ସାମଗ୍ରୀ ଦିଆଯିବ, ତାହା ରୋଷେଇ କରିବେ ବୋଲି କହିଛନ୍ତି। ଅଭିଭାବିକା ଯାଜ୍ଞସେନୀ ପରିଡ଼ାଙ୍କ ଅଭିଯୋଗ ଅନୁଯାୟୀ, ବୁଧବାର ମଧ୍ୟ ଶିଶୁଙ୍କୁ ଅଣ୍ଡା ଦିଆଯାଇ ନ ଥିଲା। ଏଭଳି ଘଟଣା ପୂର୍ବରୁ ମଧ୍ୟ ଘଟିଥିବା ସେ କହିଛନ୍ତି। ସରପଞ୍ଚ ପ୍ରଦୀପ କୁମାର ରାଉତ କହିଛନ୍ତି, ଲୋକେ ଖବର ଦେବା ପରେ ମୁଁ ଘଟଣାସ୍ଥଳକୁ ଯାଇଥିଲି। ବୁଧବାର ଅଣ୍ଡା ଦିଆଯାଇ ନ ଥିବା ଏବଂ ଗୁରୁବାର ସକାଳ ୧୧ଟା ୩୦ ସୁଦ୍ଧା ରୋଷେଇ ହୋଇ ନ ଥିବା ଦେଖିଥିଲି। କର୍ମୀଙ୍କୁ ପଚାରିବାରୁ ସେ ନ ଥିବା କଥା କହି ଏବେ ରୋଷେଇ କରିଦେବେ ବୋଲି କହିଥିଲେ। ଅଙ୍ଗନବାଡ଼ି କର୍ମୀ ବନିତା ନାୟକ କହିଛନ୍ତି ଯେ ତାଙ୍କର ବିଏଲଓ ଦାୟିତ୍ୱ ରହିଛି। ବୁଧବାର ବ୍ଲକକୁ ବିଏଲଓ କାମରେ ଯାଇଥିଲେ ଏବଂ ଗୁରୁବାର ମଧ୍ୟ ଗାଁ ଭିତରକୁ କିଛି କାମରେ ଯାଇଥିବା କହିଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ରର ସମସ୍ୟା ସମାଧାନ କରିଦେବେ ବୋଲି ସେ କହିଛନ୍ତି।

ତେବେ ଏହା ଗୋଟିଏ ଦିନର ଘଟଣା ନୁହେଁ, ପୂର୍ବରୁ ମଧ୍ୟ ବିଭିନ୍ନ ଆଳ ଦେଖାଇ କର୍ମୀ କେନ୍ଦ୍ରରୁ ଚାଲିଯାଉଥିବାରୁ ଅବ୍ୟବସ୍ଥା ସୃଷ୍ଟି ହେଉଛି ବୋଲି ଉପସ୍ଥିତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ସରପଞ୍ଚ ସୁପରଭାଇଜର ଓ ସିଡିପିଓଙ୍କୁ ଅବଗତ କରିଥିବା ଜଣାପଡ଼ିଛି। ଏନେଇ ପ୍ରତିନିଧିଙ୍କ ପକ୍ଷରୁ ଦୁଇଥର ସିଡିଏମଓ ସୌରୀନ୍ଦ୍ରି ପଟେଲଙ୍କ ସହ ଯୋଗାଯୋଗ କରାଯାଇଥିବା ବେଳେ ସେ ଟ୍ରେନିଂରେ ଥିବା ଏବଂ ସରପଞ୍ଚ ଏ ବିଷୟରେ ଜଣାଇଥିବା କହିଥିଲେ। ଶିଶୁଙ୍କ ପୋଷଣ ସହ ଜଡ଼ିତ ଏଭଳି ଅଭିଯୋଗର ତଦନ୍ତ କରି ନିୟମିତ ଭାବେ ଖାଦ୍ୟ ଓ ଅଣ୍ଡା ପ୍ରଦାନ ସହ କେନ୍ଦ୍ରର ସୁଚାରୁ ପରିଚାଳନା ନିଶ୍ଚିତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## କମଳାକାନ୍ତଙ୍କ ଚକ୍ଷୁ ଦାନ କଲେ ପରିବାର



**ପଞ୍ଚୁପାଣ୍ଡବ,୮।୧୦(ସମିସ):** ଡେରାବିଶ ବ୍ଲକ ଅନ୍ତର୍ଗତ ବେଣୀପୁର ଗ୍ରାମର ପର୍ଶୁରାମ ସାହୁଙ୍କ ପୁତ୍ର କମଳାକାନ୍ତ ସାହୁ (୪୮)ଙ୍କ ହୃଦଘାତରେ ପରଲୋକ ହୋଇଯାଇଛି। ପରିବାର ଲୋକେ ମୃତ୍ୟୁ ପରେ କମଳାକାନ୍ତଙ୍କ ୨ଟି ଚକ୍ଷୁ ଦାନ କରି ଏକ ମହତ୍ କାମ କରିଥିବାରୁ ଅଞ୍ଚଳବାସୀ ଶୁଭେଚ୍ଛା ଜଣାଇଛନ୍ତି। କମଳାକାନ୍ତ ଖୋର୍ଦ୍ଧା ଜିଲ୍ଲା ବାଲକାଟି ଠାରେ ପୋଷ୍ଟାଲ ଏଜେଣ୍ଟ ଭାବେ କାମ କରୁଥିଲେ। ବାଲକାଟିରେ ଥିବାବେଳେ ଗତ ବୁଧବାର ରାତିରେ ଅସୁସ୍ଥ ହେବାରୁ ପରିବାର ପ୍ରଥମେ ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ରାଜଧାନୀ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁ ପରେ ପରିବାର ଲୋକ ତାଙ୍କ ଚକ୍ଷୁ ଦାନ କରିଛନ୍ତି। ବେଣୀପୁର ଡାଇମଣ୍ଡ ଓ ଯୁବକ ସଂଘ କ୍ଲବ୍ ପକ୍ଷରୁ ଶିଶିର ମଲିକ, ଅଭୟ ଦାସ, ଚିନ୍ମୟ ସାହୁ, ସୁଦୀପ୍ତ ସାମଲ, ପ୍ରଦୀପ ସାମଲ, ନମିତା ସାହୁ, ସରୋଜ ମଣ୍ଡଳ, ପ୍ରବୋଧ ସାହୁ ଓ ଗ୍ରାମବାସୀ ଶୋଭାଯାତ୍ରାରେ ନେଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ପୁଅ ପ୍ରତୀକ ସାହୁ ମୁଖାଗ୍ନି ଦେଇଥିଲେ।

## ଆଇନ ପାଠ ପଢ଼ାଇଲେ ତହସିଲଦାର

**ଗରଦପୁର, ୮।୧୦(ସମିସ):** ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନକ୍ରମେ ଆଜି ମୁଖ୍ୟ ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଏମଏମଡିଆର ବିଲ୍ ପ୍ରତ୍ୟାହୃତ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ପାଟକୁରା କଂଗ୍ରେସ ବନ୍ଦ ବେଳେ ଗରଦପୁର ତହସିଲଦାର ଅମିତ ହୋତା କଂଗ୍ରେସ ନେତା ରତିକାନ୍ତ କାନୁନଗୋଙ୍କ ସମେତ କଂଗ୍ରେସ କର୍ମୀଙ୍କୁ ଆଇନ ପାଠ ପଢ଼ାଇଥିବା ଦେଖାଯାଇଥିଲା। ରତିକାନ୍ତ କାନୁନଗୋଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ତହସିଲ କାର୍ଯ୍ୟାଳୟ ବନ୍ଦ କରିବାକୁ ଯାଇଥିବାବେଳେ ତହସିଲଦାର କାର୍ଯ୍ୟାଳୟ ବନ୍ଦ କରି ନକରି ମୋତେ ସରକାର କୌଣସି ନିର୍ଦ୍ଦେଶ ଦେଇ ନାହାନ୍ତି, ମୁଁ କାର୍ଯ୍ୟାଳୟ ବନ୍ଦ କରିବି ନାହିଁ ବୋଲି ରୋକଠୋକ ମନା କରି ଦେଇଥିଲେ। ଏପରି ଆଇନ ପାଠପଢା ଦେଖି କଂଗ୍ରେସ କର୍ମୀ କାର୍ଯ୍ୟାଳୟ ଭିତରେ ନାରାବାଜି କରିଥିଲେ। ପରିସ୍ଥିତି ଅସମ୍ଭାଳ ହେବାରୁ କଂଗ୍ରେସ ନେତା ଜିଲ୍ଲାପାଳଙ୍କୁ ଫୋନ୍ କରିଥିଲେ। ଜିଲ୍ଲାପାଳ ରଘୁନାଥ ଆର. ଆୟାର ତହସିଲଦାରଙ୍କୁ କାର୍ଯ୍ୟାଳୟରୁ ବାହାରିଯିବାରୁ ତାଗିଦ୍ କରି ଚଢା ଗଳାରେ କହିବା ପରେ ତହସିଲଦାର ଅମିତ୍ ହୋତା ନିଜର କର୍ମଚାରୀଙ୍କୁ ବାହରକୁ ବିଦା କରି କଂଗ୍ରେସ କର୍ମୀଙ୍କ ଦ୍ୱାରା ଅପମାନିତ ହୋଇ ବାହାରକୁ ଆସି ନିକଟସ୍ଥ ଡାକ ବଙ୍ଗଳାକୁ ପଳାଇଥିଲେ।

## ରାଜନଗର କଲେଜରେ ପ୍ରାର୍ଥୀ ଚୟନକୁ ନେଇ ଚାଲିଛି ଅଙ୍କକଷା




**ରାଜନଗର,୮।୧୦(ସମିସ):** ଦୀର୍ଘ ୮ ବର୍ଷ ପରେ ଆସନ୍ତା ୧୫ ତାରିଖରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବ। ଫଳରେ ଶୂନଶାନ ରହିଆସୁଥିବା କଲେଜ କ୍ୟାମ୍ପସ ଏବେ ଚଳଚଞ୍ଚଳ ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟାର ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲାର ସମସ୍ତ ଅଧକ୍ଷଙ୍କୁ ନେଇ ସମୀକ୍ଷା ବୈଠକ କରିବା ସହିତ ଆସନ୍ତା ଛାତ୍ର ସଂସଦ ନିର୍ବାଚନ ଯେପରି ଶାନ୍ତିଶୃଙ୍ଖଳା ସହ ଶେଷ ହୋଇପାରିବ, ସେ ନେଇ ପରାମର୍ଶ ଦେଇଛନ୍ତି। ଏଥିରେ ଏସପି ସିଦ୍ଧାର୍ଥ କଟାରିଆ, ସମସ୍ତ ତହସିଲଦାର, ବରିଷ୍ଠ ଥାନା ଅଧିକାରୀ ଯୋଗଦେଇଥିଲେ। ରାଜନଗର ନିର୍ବାଚନମଣ୍ଡଳୀର ଦ୍ୱିତୀୟ ସର୍ବପୁରାତନ ମହାବିଦ୍ୟାଳୟ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପରିସର ଏବେଠାରୁ ଚଳଚଞ୍ଚଳ ହୋଇପଡିଛି। ଆସନ୍ତାକାଲି ପ୍ରାର୍ଥିପତ୍ର ଦାଖଲ ଥିବାରୁ ଆଜି ରାତି ସୁଦ୍ଧା ଚୂଡାନ୍ତ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପାଇଁ ୩ ଦଳ ପକ୍ଷରୁ କସରତ ଜୋରଦାର ଚାଲିଛି।

### ପ୍ରେମରେ ବାଧକ ଜାତି

## ପ୍ରେମିକାକୁ ଛାଡ଼ି ପ୍ରେମିକ ଛୁ, ଥାନାରେ ମାମଲା

**ରାଜନଗର, ୮।୧୦(ସମିସ):** ପ୍ରେମ ବିବାହରେ ଜାତି ବାଧକ। ୭ ବର୍ଷ ଧରି ଲିଭ୍ ଇନ୍ ସଂପର୍କରେ ରହିବା ପରେ ବିବାହର ପ୍ରତିଶ୍ରୁତି ଦେଇ ପ୍ରେମିକାଙ୍କୁ ନିଜ ଘରକୁ ନେଇ ଆସିଥିଲେ ପ୍ରେମିକ। ୭ ବର୍ଷ ଏକାଠି ରହିବା ପରେ ଛାଡ଼ିଦେଲା ପ୍ରେମିକ। ଥାନାର ଦ୍ୱାରସ୍ଥ ହୋଇଛନ୍ତି ଯୁବତୀ। ପ୍ରେମିକାଙ୍କୁ ଛାଡ଼ି ଦେଇ ପ୍ରେମିକ ଫେରାର ହୋଇଯାଇଛନ୍ତି। ଅନ୍ୟ ଉପାୟ ନ ପାଇ ପ୍ରେମିକା ଶେଷରେ ରାଜନଗର ଥାନାରେ ପହଞ୍ଚି ପ୍ରେମିକ ବିରୋଧରେ ଅଭିଯୋଗ କରିଛନ୍ତି। ରାଜନଗର ଥାନାରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢ଼ଉ ଜାରି ରହିଛି ବୋଲି ଆଇଆଇସି ରତିରଞ୍ଜନ ନାୟକ ସୂଚନା ଦେଇଛନ୍ତି।

କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ୍ ମହିଷାସୁର ପଞ୍ଚାୟତ ଚଣ୍ଡିଆପଲ୍ଲୀ ଗ୍ରାମର ନଳିନୀକାନ୍ତ ଦାଶଙ୍କ ପୁଅ ଅମରେନ୍ଦ୍ର ଭୁବନେଶ୍ୱରରେ ରହୁଥିଲେ। ତାଙ୍କର ରାଜକନିକା ଥାନା ଅଞ୍ଚଳର ଯୁବତୀଙ୍କ ସହିତ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଅମରେନ୍ଦ୍ର ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ଉଭୟ ଲିଭ୍ ଇନ୍ ସଂପର୍କରେ ରହିଥିଲେ। ଅମରେନ୍ଦ୍ର ଦୁଇଦିନ ତଳେ ସଂପୃକ୍ତ ଯୁବତୀଙ୍କୁ ଧରି ନିଜ ଘରକୁ ଚାଲି ଆସିଥିଲେ। ସେ ଉଚ୍ଚ ଜାତିର ହୋଇଥିବାବେଳେ ଯୁବତୀ ଜଣକ ଅନ୍ୟ ଜାତିର ହୋଇଥିବାରୁ ତାଙ୍କ ବାପା-ମା' ବିବାହକୁ ବିରୋଧ କରିଥିଲେ। ପରେ ଅମରେନ୍ଦ୍ର ସଂପୃକ୍ତ ଯୁବତୀଙ୍କୁ ଛାଡ଼ି ଫେରାର ହୋଇଯାଇଛନ୍ତି। ଅନ୍ୟ ଉପାୟ ନ ପାଇ ଯୁବତୀ ରାଜନଗର ଥାନାରେ ଅଭିଯୋଗ କରିଛନ୍ତି। ସେ ଭୁବନେଶ୍ୱରରେ ଏକ କମ୍ପାନୀରେ କାମ କରନ୍ତି। ଅମରେନ୍ଦ୍ର ନିଜ ଭଉଣୀଙ୍କ ବିବାହ ପାଇଁ ତାଙ୍କଠାରୁ ଦେଢ଼ ଲକ୍ଷ ଟଙ୍କା ନେଇଥିବା ସେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।

### ଚୋରି କରିବାକୁ ଆସି ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ

## ସ୍ୱାମୀଙ୍କ ମୁଣ୍ଡକୁ ଆଘାତ; ଏସ୍‌ସିବିରେ ଭର୍ତ୍ତି

**ମହାକାଳପଡ଼ା, ୮।୧୦(ସମିସ):** ଚୋରି କରିବାକୁ ଘରେ ପଶି ଦମ୍ପତିଙ୍କୁ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରି ସୁନା ଅଳଙ୍କାର ଲୁଟି ନେଇଛନ୍ତି ଦୁଇ ଦୁର୍ବୃତ୍ତ। ଏଭଳି ଘଟଣା ଘଟିଛି ତନ୍ତିଆପାଳ ଥାନା ଅନ୍ତର୍ଗତ ଗୋଗୁଆ ପଞ୍ଚାୟତ ବଳିଗଣ୍ଡ ଗ୍ରାମରେ। ଗ୍ରାମର ରାଜେଶ ମହାନ୍ତି (୫୨) ଓ ତାଙ୍କ ପତ୍ନୀ ସ୍ୱର୍ଣ୍ଣଲତା ମହାନ୍ତି (୪୮) ବୁଧବାର ବିଳମ୍ବିତ ରାତିରେ ଘରେ ଶୋଇଥିବାବେଳେ ଦୁଇ ଦୁର୍ବୃତ୍ତ ଘରେ ପଶିଥିଲେ। ଦମ୍ପତିଙ୍କ ନିଦ ଭାଙ୍ଗିଯିବାରୁ ସେମାନେ ପ୍ରତିରୋଧ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଦୁର୍ବୃତ୍ତମାନେ କଟୁରୀରେ ଉଭୟଙ୍କ ମୁଣ୍ଡକୁ ଆକ୍ରମଣ କରି ଗୁରୁତର ଆହତ କରିବା ସହ ସ୍ୱର୍ଣ୍ଣଲତାଙ୍କ ସୁନା ଅଳଙ୍କାର ନେଇ ଫେରାର ହୋଇଯାଇଥିଲେ। ଗୁରୁତର ରାଜେଶଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ଏସ୍‌ସିବି ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି। ସ୍ୱର୍ଣ୍ଣଲତା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଖବର ପାଇ ତନ୍ତିଆପାଳ ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଘଟଣାସ୍ଥଳରୁ ରକ୍ତଭିଜା ପୋଷାକ ସମେତ



କିଛି ସାମଗ୍ରୀ ଜବତ ହୋଇଛି। ଅପରାଧୀଙ୍କ ସୁରାକ୍ ପାଇଁ ସିସିଟିଭି ଫୁଟେଜ୍ ଯାଞ୍ଚ ଚାଲିଛି। ଏନେଇ ତନ୍ତିଆପାଳ ଥାନାରେ କେସ୍ ନଂ ୧୫୪/୨୬ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ନରେଶ କୁମାର ସାହୁ ସୂଚନା ଦେଇଛନ୍ତି।

## ଚୋରା ମଦ ଜବତ, ୧୪ ଅଭିଯୁକ୍ତ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ୮।୧୦(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ନିର୍ଦ୍ଦେଶକ୍ରମେ ଓ ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜକନିକା, କେନ୍ଦ୍ରାପଡ଼ା ଟାଉନ, ସଦର, ଡେରାବିଶ ଓ ଜମ୍ବୁ ମେରାଇନ୍ ଥାନା ଅଧୀନ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ପ୍ରଭାକରପୁର ଗ୍ରାମର ଦୀନବନ୍ଧୁ ରାଉତଙ୍କ ନିକଟରୁ ୨୭ ଲିଟର ଦେଶୀ ରନ୍ଧା ମଦ, ପ୍ରତାପ ଖିଲାରଙ୍କଠାରୁ ୭୨୦ ଲିଟର ଗୁଡ଼ପୋଚ, ବଚନ ଖିଲାରଙ୍କଠାରୁ ୫୮୦ ଲିଟର ଗୁଡ଼ପୋଚ ଜବତ କରାଯାଇଥିଲା। ସେହିପରି, ସାନ୍ତସାହୁ ଗ୍ରାମର ସନ୍ଦୀପ ସୁବ୍ରମଣ୍ୟାମଙ୍କ ନିକଟରୁ ୧୦ ଲିଟର ଦେଶୀ ରନ୍ଧା ମଦ, ଶ୍ୟାମସୁନ୍ଦରପୁର ଗ୍ରାମର ଭିମ୍ବରା ମଲିକଙ୍କ ନିକଟରୁ ୧୯ ଲିଟର ବିଦେଶୀ ମଦ, ଏଣ୍ଡରା ଗ୍ରାମର ଶ୍ରୀଧର ସାହୁଙ୍କଠାରୁ ୧୮ ଲିଟର ଦେଶୀ ମଦ, ଚାଲୁଣିଆ ଗ୍ରାମର ଦେବେନ୍ଦ୍ର ରାୟଙ୍କ ନିକଟରୁ ୨୬ ଲିଟର ଦେଶୀ ମଦ, ଅଛୁତପୁର ଗ୍ରାମର ଶଶୀଧର ମଲିକଙ୍କଠାରୁ ୧୩ ଲିଟର ବିଦେଶୀ ମଦ, ଆଳି ଗ୍ରାମର କାର୍ତ୍ତିକ ମଲିକଙ୍କଠାରୁ ୨୭ ଲିଟର ବିଦେଶୀ ମଦ ଜବତ କରାଯାଇଥିଲା। ବାଘିଲୋ ଗ୍ରାମର ଅକ୍ଷୟ ମଲିକଙ୍କଠାରୁ ୧୮ ଲିଟର ବିଦେଶୀ ମଦ, ବୈଧର ମଲିକଙ୍କଠାରୁ ୨୫ ଲିଟର ବିଦେଶୀ ମଦ, ନେମ୍ବରା ଗ୍ରାମର ଶିବନାରାୟଣ ଲେଙ୍କାଙ୍କଠାରୁ ୧୯ ଲିଟର ଦେଶୀ ମଦ, ସଂଗ୍ରାମପୁର ଶାସନ ଗ୍ରାମର ସୁଲଚନ ସାହୁଙ୍କଠାରୁ ୨୯ ଲିଟର ବିଦେଶୀ ମଦ, ଏଣ୍ଡର ଗ୍ରାମର ପ୍ରମିଳା ଲେଙ୍କାଙ୍କଠାରୁ ୧୫ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ଏହି ଚଢ଼ଉରେ ୨୪୬ ଲିଟର ମଦ ଓ ୧୩୦୦ ଲିଟର ଗୁଡ଼ପୋଚ ଜବତ କରାଯାଇଥିବାବେଳେ ଘଟଣା ସଂକ୍ରାନ୍ତରେ ବିଭିନ୍ନ ଅବକାରୀ ମାମଲା ରୁଜୁ କରାଯାଇଛି। ଏହି ମାମଲାରେ ୧୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ଶ୍ରୀମତୀ ତ୍ରିବେଣୀ ମହନ୍ତ, ଦୀପକ ଜେନା, ରଞ୍ଜନ ପାତ୍ର ପ୍ରମୁଖ ସାମିଲ ଥିଲେ।

### ଛାତ୍ର ସଂସଦ ନିର୍ବାଚନ ଦାବି

## ପଟ୍ଟାମୁଣ୍ଡାଇ ମହିଳା କଲେଜ ଛାତ୍ରୀଙ୍କ ଆନ୍ଦୋଳନ

**ପଟ୍ଟାମୁଣ୍ଡାଇ,୮।୧୦(ସମିସ)**



ରାଜ୍ୟ ସରକାର ଓଡ଼ିଶାର ସମସ୍ତ କଲେଜରେ ଛାତ୍ର ସଂସଦ ନିର୍ବାଚନ କରିବା ପାଇଁ ଘୋଷଣା କରିଛନ୍ତି। ତେବେ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ମହିଳା ଡିଗ୍ରୀ କଲେଜ ନିର୍ବାଚନ ପ୍ରକ୍ରିୟାରୁ ବାଦ ପଡ଼ିଛି। ଫଳରେ ପଟ୍ଟାମୁଣ୍ଡାଇ ମହିଳା ଡିଗ୍ରୀ କଲେଜ ଛାତ୍ରୀ ତୁରନ୍ତ ଛାତ୍ର ସଂସଦ ନିର୍ବାଚନ କରିବା ପାଇଁ ଦାବି କରି କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନ ନେବାରୁ ଆଜି ମହିଳା କଲେଜ ଛାତ୍ରୀ କଲେଜ ମୁଖ୍ୟ ଫାଟକରେ ତାଲା ପକାଇ ଆନ୍ଦୋଳନକୁ ଓହ୍ଲାଇବା ସହିତ ତୁରନ୍ତ ଛାତ୍ର ସଂସଦ ନିର୍ବାଚନ କରିବାକୁ ଦାବି କରି କଲେଜ ସମ୍ମୁଖରେ ଧାରଣା ଦେଇଥିଲେ। ଏହି ଆନ୍ଦୋଳନରେ ପଟ୍ଟାମୁଣ୍ଡାଇ ମହିଳା ଡିଗ୍ରୀ କଲେଜର ଛାତ୍ରୀ ରୋଜାଲିନ ସାହୁ, ଲିତାଲି ଲେଙ୍କା, ସ୍ୱପ୍ନରାଣୀ ମଲିକ, ଶ୍ରଦ୍ଧାଞ୍ଜଳି ପାତ୍ର, ଅର୍ପିତା ପ୍ରଧାନ, ଉପାସନା ବାରିକ, ସୁପ୍ରିୟା ମଲିକ, ପ୍ରିୟଙ୍କା ରାଉତ, ଲିପିକା ବେହେରା, ଅର୍ପିତା ପୃଷ୍ଟି, ରୋଜାଲିନ ପ୍ରଧାନ, ରୁପାଲୀ ଗିରି, କଲ୍ୟାଣୀ ପରିଡା ପ୍ରମୁଖ ବହୁ ଛାତ୍ରୀ ସାମିଲ ହୋଇ କଲେଜ ସମ୍ମୁଖରେ ଆନ୍ଦୋଳନ କରିଥିଲେ।

ପୂର୍ଣ୍ଣ ଅନୁଦାନରୁ ବଞ୍ଚିତ କଲେଜରେ ନିର୍ବାଚନ ଅନୁଷ୍ଠିତ ହେବ ନାହିଁ ବୋଲି ରାଜ୍ୟ ସରକାରଙ୍କ ନୂତନ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ତଦନୁଯାୟୀ ପୂର୍ଣ୍ଣ ଅନୁଦାନରୁ ବଂଚିତ ଥିବା ପଟ୍ଟାମୁଣ୍ଡାଇ ମହିଳା ଡିଗ୍ରୀ କଲେଜ ନିର୍ବାଚନ ପ୍ରକ୍ରିୟାରୁ ବାଦ ପଡିଛି। ଆଜି ପଟ୍ଟାମୁଣ୍ଡାଇ ମହିଳା ଡିଗ୍ରୀ କଲେଜ ଛାତ୍ରୀ ଆନ୍ଦୋଳନ ପାଇଁ ରାସ୍ତାକୁ ଓହ୍ଲାଇଥିବାରୁ ଜିଲ୍ଲା ପ୍ରଶାସନ ଶେଷରେ ଛାତ୍ରୀଙ୍କ ଦାବି ନିକଟରେ ମୁଣ୍ଡ ନୁଆଁଇଛି ଓ ସରକାରୀ ନିର୍ଦ୍ଦେଶନାମାକୁ ବାଦ ଦେଇ କିଛି କରିବା ସମ୍ଭବ ହେଉ ନ ଥିବାରୁ ଛାତ୍ରୀ ପ୍ରତିନିଧି ନିର୍ବାଚନ ନୁହେଁ, ସର୍ବସମ୍ମତିକ୍ରମେ ମନୋନୟନ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

### ଛାତ୍ର ସଂସଦ ନିର୍ବାଚନ

## ଛାତ୍ରଛାତ୍ରୀଙ୍କୁ ଆଦର୍ଶ ଆଚରଣବିଧି ସମ୍ପର୍କରେ ଅବଗତ

**ଡେରାବିଶ, ୮।୧୦(ସମିସ):** ଚାନ୍ଦୋଳସ୍ଥ ହୃଦୟାନନ୍ଦ ସ୍ମାରକୀ ମହାବିଦ୍ୟାଳୟରେ ଆଜି ଛାତ୍ର ସଂସଦ ନିର୍ବାଚନ ପାଇଁ ଛାତ୍ରଛାତ୍ରୀଙ୍କୁ ନିର୍ବାଚନର ଆଦର୍ଶ ଆଚରଣ ବିଧି ସମ୍ପର୍କରେ ସଚେତନ କରାଯାଇଥିଲା। ମହାବିଦ୍ୟାଳୟର ନିର୍ବାଚନ କମିଟିର ମୁଖ୍ୟ ଅଧ୍ୟାପକ ସଂଜୟ ନାୟକ ଓ ସହଯୋଗୀ ଅଧ୍ୟାପକ ମାନସ ଦାସ, ବରଦା ଜେନା ଓ ମିନାକ୍ଷୀ ପ୍ରଧାନ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଆଚରଣ ବିଧି ସମ୍ପର୍କରେ ସୂଚନା ଦେଇଥିଲେ। ନିର୍ବାଚନ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ କରିବା ସମୟରେ ସଠିକ୍ କାଗଜପତ୍ର ଦାଖଲ କରିବା, ହାତଲେଖା ପୋଷ୍ଟର ଓ ପୁସିଙ୍ଗ କାଡର୍ ପ୍ରସ୍ତୁତ କରିବା, ଏଥିନିମନ୍ତେ ଖର୍ଚ୍ଚ କରୁଥିବା ଅର୍ଥ ସପକ୍ଷରେ ରସିଦ୍ ପ୍ରଦାନ ଓ ସର୍ବାଧିକ ୫ ହଜାର ଟଙ୍କା ଭିତରେ ଖର୍ଚ୍ଚ କରିବା ନିୟମ ରହିଛି ବୋଲି ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ।

**ୟୂନିୟନ ବୈଂକ ऑफ इंडिया Union Bank of India** भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ : ବାଲେଶ୍ୱର**
ମାଣିଖମ୍ବ, ଓଟି ରୋଡ଼, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧
ଇମେଲ୍: crld.robalasore@unionbankofindia.bank.in, ମୋ.: ୯୬୬୮୩୭୬୪୧୧

**ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଜଣାଇଦିଆଯାଉଛିଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ **ଗଠନାତ୍ମକ/ସାଙ୍କେତିକ/ଭୌତିକ ଦଖଲ** ନେଇ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ **୨୮.୧୦.୨୦୨୬ରିଖ** ରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି। ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଜାମିନ୍‌ଦାରମାନେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ** ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା। ସଂରକ୍ଷିତ ମୂଲ୍ୟ ଓ ଅମାନତ ଜମା ମଧ୍ୟ ନିମ୍ନରେ ପ୍ରଦାନ କରାଗଲା।

**ଡୁବୁରୀ-୨ ଶାଖା, ସା: ଡୁବୁରୀ ଜଙ୍କସନ୍, ଜିଲ୍ଲା: ଯାଜପୁର, ମୋ.: ୮୭୨୦୯୮୮୪୧୦, ଇମେଲ: ubin0814113@unionbankofindia.bank**

| ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| **ଋଣଗ୍ରହୀତା: ମେସର୍ସ ଏସ୍.ଏମ୍. ଇଲେକ୍ଟ୍ରୋନିକ୍ସ, ସ୍ୱତ୍ତ୍ୱାଧିକାରୀ: ୰ ଶଙ୍କର କୁମାର ଦାସ,** ପିତା: ଶ୍ରୀ ଗୋଲକ ବିହାରୀ ଦାସ / **ସହ-ଆବେଦନକାରୀ ଏବଂ ଜାମିନ୍‌ଦାର: ଶ୍ରୀମତୀ ପ୍ରଭାତୀ ଦାସ,** ସ୍ୱାମୀ: ୰ ଶଙ୍କର କୁମାର ଦାସ, ଉଭୟଙ୍କ ଠିକଣା- ସା/ପୋ: ସୁକିନ୍ଦା, ଥାନା: ସୁକିନ୍ଦା, ଜଗନ୍ନାଥ ମନ୍ଦିର ନିକଟ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୮ | ଟ.୧୫,୮୩,୮୨୦.୪୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ |

**ସମ୍ପତ୍ତି ନଂ.-୧: ୰ ଶଙ୍କର କୁମାର ଦାସ,** ପିତା: ଶ୍ରୀ ଗୋଲକ ବିହାରୀ ଦାସଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୫୬୪/୧୧୪, ପ୍ଲଟ୍ ନଂ.: ୨୧୨୮/୩୧୩୧, କ୍ଷେତ୍ର: ଏକର୦.୧୨୦ଡିସିମିଲି, କିସମ: ଘରବାରି, ମୌଜା: ମାଧପୁର, ଥାନା: ସୁକିନ୍ଦା (ଥାନା ନଂ.-୧୦୩), ତହସିଲ: ସୁକିନ୍ଦା, ଜିଲ୍ଲା: ଯାଜପୁର, ଏହାର ଚତୁର୍ପାର୍ଶ୍ୱରେ- ପୂର୍ବ: ସତ୍ୟନାରାୟଣ ମହାପାତ୍ର, ପଶ୍ଚିମ: ନିଜସ୍ୱ ପ୍ଲଟ୍, ଉତ୍ତର: ରାସ୍ତା, ଦକ୍ଷିଣ: ବିକ୍ରେତା
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୩୦,୬୦,୦୦୦.୦୦ / ଅମାନତ ଜମା ରାଶି: ଟ.୩,୦୬,୦୦୦.୦୦ / ବିଡ୍ ବୃଦ୍ଧି ରାଶି: ଟ.୩୦,୬୦୦.୦୦**

**ବରୁଆଁ ଶାଖା, ଜିଲ୍ଲା: ଯାଜପୁର, ଫୋନ୍ ନଂ.: ୯୪୪୯୦୦୮୨୫୨, ଇମେଲ: ubin0806633@unionbankofindia.bank**

| ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ଜାମିନ୍‌ଦାର/ବନ୍ଧକଦାତା/ଆଇନଗତ ଉତ୍ତରାଧିକାରୀମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| **ଋଣଗ୍ରହୀତା: ମେସର୍ସ ମା ପ୍ୟାଡ଼ି ରାଇସ୍ ପ୍ରୋସେସିଙ୍ଗ ୟୁନିଟ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ସରୋଜିନୀ ରାୟ,** ସ୍ୱାମୀ: ୰ ବ୍ରଜ କିଶୋର ରାୟ / **କୋ-ଓବ୍ଲିଗାଣ୍ଟ/ଜାମିନ୍‌ଦାର/ବନ୍ଧକାଦାତାମାନେ: ୰ ବ୍ରଜ କିଶୋର ରାୟଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀମତୀ କମଳା ରାୟ,** ୰ ବ୍ରଜକିଶୋର ରାୟଙ୍କ ମାତା, **୨) ଶ୍ରୀମତୀ ସରୋଜିନୀ ରାୟ,** ସ୍ୱାମୀ: ୰ ବ୍ରଜ କିଶୋର ରାୟ, **୩) ଶ୍ରୀ ସତ୍ୟବ୍ରତ ରାୟ,** ପିତା: ୰ ବ୍ରଜ କିଶୋର ରାୟ, **୪) ଶ୍ରୀ ସୁବ୍ରତ ରାୟ,** ପିତା: ୰ ବ୍ରଜ କିଶୋର ରାୟ, ସମସ୍ତଙ୍କ ଠିକଣା- ସା/ପୋ: ରୁଦ୍ରପୁର, ଭାୟା: ବ୍ରହ୍ମବରଦା, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୦୫ | ୧୨.୦୧.୨୦୨୬ ସୁଦ୍ଧା ଟ.୪,୧୨,୪୩୮.୭୮ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ |

**ସମ୍ପତ୍ତି ନଂ.-୨: ୰ ବ୍ରଜ କିଶୋର ରାୟଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଆଦି ସ୍ଥାବର ସମ୍ପତ୍ତି ଯାହାର ଖାତା ନଂ.: ୨୨୦, ପ୍ଲଟ୍ ନଂ.: ୨୩୭୭, କ୍ଷେତ୍ର: ଏକର୦.୦୩ ଡିସିମିଲି (କ୍ଷେତ୍ର ଏକର୦.୦୫ଡିସିମିଲିରୁ), ପ୍ଲଟ୍ ନଂ.: ୩୬୪୨, କ୍ଷେତ୍ର: ଏକର୧.୦୭ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୧.୧୦ ଡିସିମିଲି,** ମୌଜା: ରୁଦ୍ରପୁର, ଏସ୍ଆରଓ: ବରୀ, ପୋ: ରୁଦ୍ରପୁର, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ଖାଲି ଜମି, ପୂର୍ବ: ଖାଲି ଜମି, ପଶ୍ଚିମ: ଶ୍ରୀ ବାରିକଙ୍କ ଗୃହ
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୦,୬୨,୬୯୯.୭୫ / ଅମାନତ ଜମା: ଟ.୧,୦୬,୨୬୯.୯୭ / ବିଡ୍ ବୃଦ୍ଧି ରାଶି: ଟ.୧୦,୬୨୭.୦୦**

**ବାମିନିପାଳ ଶାଖା, ଜିଲ୍ଲା: କେନ୍ଦୁଝର, ଫୋନ୍ ନଂ.: ୭୯୭୯୦୬୪୯୧୦, ଇମେଲ: ubin0807541@unionbankofindia.bank**

| ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| **ଋଣଗ୍ରହୀତା: ଶ୍ରୀ ଶ୍ରୀକାନ୍ତ ସେଠୀ,** ପିତା: ଶ୍ରୀ କୁଳମଣି ସେଠୀ, ସା: ଆମ୍ପୋର, ପୋ: ଜଳସୁଆପାଟଣା, ଜିଲ୍ଲା: ଯାଜପୁର, ପିନ୍-୭୫୮୦୮୨ / **ସହ-ଆବେଦନକାରୀ ଏବଂ ଜାମିନ୍‌ଦାର: ଶ୍ରୀ ରତ୍ନାକର ମହାରଣା,** ସା.: ଟୋଲକାନୀ, ପୋ.: ଚିଡୀରି, ଜିଲ୍ଲା: ଯାଜପୁର, ପିନ୍-୭୫୮୦୮୨ | ଟ.୧୫,୩୯,୭୦୧.୮୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ |

**ସମ୍ପତ୍ତିର ବିବରଣୀ-୩: ଶ୍ରୀ ଶ୍ରୀକାନ୍ତ ସେଠୀ,** ପିତା: ଶ୍ରୀ କୁଳମଣି ସେଠୀଙ୍କ ନାମରେ ଥିବା ଜମି ଯାହାର ଖାତା ନଂ.: ୪୮, ପ୍ଲଟ୍ ନଂ.: ୬୭୦, କ୍ଷେତ୍ର: ଏକର୦.୦୫୦ଡିସିମିଲି, କିସମ: ଘରବାରି, ମୌଜା: ଆମ୍ପୋର, ପୋ: ଜଳସୁଆପାଟଣା, ଥାନା: ଟମକା, ଥାନା ନଂ. ୬୭, ତହସିଲ: ଦାନଗଦି, ଜିଲ୍ଲା: କେନ୍ଦୁଝର, ଏହାର ଚତୁର୍ପାର୍ଶ୍ୱରେ- ପୂର୍ବ: କୀର୍ତ୍ତନ ମହାପାତ୍ର, ପଶ୍ଚିମ: ପାଣ୍ଡୁ ସେଠୀ ଏବଂ ରାସ୍ତା, ଉତ୍ତର: କୀର୍ତ୍ତନ ମହାପାତ୍ର, ଦକ୍ଷିଣ: ପାଣ୍ଡୁ ସେଠୀ ଏବଂ ରାସ୍ତା
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୯,୪୧,୧୭୯.୫୦ / ଅମାନତ ଜମା ରାଶି: ଟ.୯୪,୧୧୮.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୦,୦୦୦.୦୦**

| ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| **ଋଣଗ୍ରହୀତା: ଶ୍ରୀମତୀ କଳ୍ପନା ସାହୁ,** ସ୍ୱାମୀ: ଶ୍ରୀ ରଞ୍ଜନ କୁମାର ରାଉତ, ସା: ମଝିପାଳ, ପୋ: ଅଶ୍ୱସ୍ତପାଳ, ଥାନା: ଟମକା, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୯ / **ସହ-ଆବେଦନକାରୀ ଏବଂ ଜାମିନ୍‌ଦାର: ଶ୍ରୀ ରାଜେନ୍ଦ୍ର କୁମାର ପଲେଇ,** ପିତା: ଜଟେଶ୍ୱର ପଲେଇ, ସା/ଗ୍ରାମ: କଳବଗପାଟିଆ, ପୋ: ଅଶ୍ୱସ୍ତପାଳ, ଥାନା: ଟମକା, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୯ | ୧୩.୧୧.୨୦୨୫ ସୁଦ୍ଧା ଟ.୭,୪୮,୮୮୪.୧୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ |

**ସମ୍ପତ୍ତି ନଂ.-୪: ଶ୍ରୀମତୀ କଳ୍ପନା ସାହୁ,** ସ୍ୱାମୀ: ଶ୍ରୀ ରଞ୍ଜନ କୁମାର ରାଉତଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୮୧/୪, ପ୍ଲଟ୍ ନଂ.:୨୬୪, କ୍ଷେତ୍ର: ଏକର୦.୩୯ଡିସିମିଲି, କିସମ: ଘରବାରି, ମୌଜା: ମଝିପାଳ, ତହସିଲ: ଦାନଗଦି, ଥାନା: ଟମକା, ଜିଲ୍ଲା: ଯାଜପୁର, ଏହାର ଚତୁର୍ପାର୍ଶ୍ୱରେ- ପୂର୍ବ: କୁଳମଣି ରାଉତ, ପଶ୍ଚିମ: ନଦୀ ବନ୍ଧ, ଉତ୍ତର: ରଙ୍ଗନାଥ ସାହୁ, ଦକ୍ଷିଣ: ଅନାବାଦୀ
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୮,୭୮,୦୫୦.୦୦ / ଅମାନତ ଜମା ରାଶି: ଟ.୮୭,୮୦୫.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୦,୦୦୦.୦୦**

**ମାଷ୍ଟର ବାବୁ କମ୍ପ୍ଲେକ୍ସ ଶାଖା, ଜିଲ୍ଲା: ଭଦ୍ରକ, ଫୋନ୍ ନଂ.: ୯୯୧୦୧୧୦୬୯୬, ଇମେଲ: ubin0933562@unionbankofindia.bank**

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| **ଋଣଗ୍ରହୀତା: ମେସର୍ସ ମା ବୁଢ଼ୀ ଜାଗୁଳାଇ ଭେରାଇଟି ଷ୍ଟୋର, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ସସ୍ମିତା ମିଶ୍ର / ସହ-ଆବେଦନକାରୀ ଏବଂ ଜାମିନ୍‌ଦାର: ଶ୍ରୀ ମଧୁସୂଦନ ମହାରଣା,** ଉଭୟଙ୍କ ଠିକଣା- ସା: ନୂଆ, ପୋ: ଅନ୍ତରା, ଭାୟା: ସିମୁଳିଆ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୧୩୪ | ଟ.୨୨,୨୬,୪୯୮.୭୮ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ |

**ସମ୍ପତ୍ତି ନଂ.-୫: ଶ୍ରୀ ମଧୁସୂଦନ ମହାରଣାଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୩୨୦, ପ୍ଲଟ୍ ନଂ.:୧୬୩୪, କ୍ଷେତ୍ର: ଏକର୦.୦୮୦ଡିସିମିଲି, ପ୍ଲଟ୍ ନଂ.: ୧୬୩୬, କ୍ଷେତ୍ର: ଏକର୦.୦୨୦ ଡିସିମିଲି ଏବଂ ପ୍ଲଟ୍ ନଂ.: ୧୬୩୭, କ୍ଷେତ୍ର: ଏକର୦.୦୮୦ ଡିସିମିଲି, ମୌଜା: ନୂଆ, ଥାନା: ସିମୁଳିଆ, ତହସିଲ: ଖଇରା ନଂ. ୩୪୯, ଜିଲ୍ଲା: ବାଲେଶ୍ୱର, ସମୁଦାୟ କ୍ଷେତ୍ର: ଏକର୦.୧୮୦ ଡିସିମିଲି, **ପ୍ଲଟ୍ ନଂ. ୧୬୩୪**ର ଚତୁର୍ପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୧୬୩୩, ଦକ୍ଷିଣ: ପ୍ଲଟ୍ ନଂ. ୧୮୪୪, ପୂର୍ବ: ପ୍ଲଟ୍ ନଂ. ୧୬୫୦, ପଶ୍ଚିମ: ରାସ୍ତା, **ପ୍ଲଟ୍ ନଂ. ୧୬୩୬ ଏବଂ ୧୬୩୭**ର ଚତୁର୍ପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୧୬୩୧ ଏବଂ ପ୍ଲଟ୍ ନଂ. ୧୬୩୮, ଦକ୍ଷିଣ: ପ୍ଲଟ୍ ନଂ. ୧୬୩୩ ଏବଂ ପ୍ଲଟ୍ ନଂ. ୧୬୩୫, ପୂର୍ବ: ପ୍ଲଟ୍ ନଂ. ୧୬୪୦, ପଶ୍ଚିମ: ପ୍ଲଟ୍ ନଂ. ୧୬୩୧ ଏବଂ ପ୍ଲଟ୍ ନଂ. ୧୬୩୨
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୦,୯୩,୯୫୦.୦୦ / ଅମାନତ ଜମା: ଟ.୧,୦୯,୩୯୫.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୦,୯୪୦.୦୦**

**ଯାଜପୁର ଟାଉନ୍-୨ ଶାଖା, ୟୁନିଟ୍-୮, ଜଗେଶ୍ୱରପୁର, ଜିଲ୍ଲା: ଯାଜପୁର, ପିନ୍-୭୫୫୦୦୧, ମୋ.: ୯୯୧୮୫୦୧୧୯୯, ଇମେଲ: ubin0828271@unionbankofindia.bank**

| ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| **ଋଣଗ୍ରହୀତା: ଶ୍ରୀ ଭାବଗ୍ରାହୀ ପଣ୍ଡା,** ପିତା: କେଦାରନାଥ ପଣ୍ଡା / **ସହ-ଆବେଦନକାରୀ ଏବଂ ଜାମିନ୍‌ଦାର: ଶ୍ରୀ କେଦାରନାଥ ପଣ୍ଡା,** ପିତା: ଅନାମ ଚରଣ ପଣ୍ଡା, ଉଭୟଙ୍କ ଠିକଣା- ସା: କମାରସାହି, କଟିକଟା, ରାମବାଗ, ମାଂସଡାବିନ୍ଧା, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୪ | ୦୨.୦୨.୨୦୨୬ ସୁଦ୍ଧା ଟ.୪,୦୫,୬୫୮.୨୫ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ |

**ସମ୍ପତ୍ତି ନଂ.-୬: ଶ୍ରୀ କେଦାରନାଥ ପଣ୍ଡାଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୭୯, ପ୍ଲଟ୍ ନଂ.: ୨୦, କ୍ଷେତ୍ର: ଏକର୦.୦୬ ଡିସିମିଲି, ମୌଜା: ମାଂସଡାବିନ୍ଧା, ତହସିଲ: ଦଶରଥପୁର ଏବଂ ତହସିଲ ନଂ. ୨୩୧, ଥାନା: ଯାଜପୁର, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଆଦିତ୍ୟ ପାଣିଗ୍ରାହୀ, ଦକ୍ଷିଣ: ବୈଷ୍ଣବ ପରିଡା ଏବଂ ରାସ୍ତା, ପଶ୍ଚିମ: ବିଷ୍ଣୁ ଚରଣ ପରିଡା ଏବଂ ଅନ୍ୟମାନେ, ପୂର୍ବ: ଆଦିତ୍ୟ ପାଣିଗ୍ରାହୀ
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୪,୨୬,୩୦୦.୦୦ / ଅମାନତ ଜମା ରାଶି: ଟ.୧,୪୨,୬୩୦.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୪,୨୬୩.୦୦**

**ଭଦ୍ରକ ମୁଖ୍ୟ ଶାଖା, ଜିଲ୍ଲା: ଭଦ୍ରକ, ଫୋନ୍ ନଂ.: ୭୬୮୪୯୧୪୪୫୩, ଇମେଲ: ubin0538591@unionbankofindia.bank**

| ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| **ଋଣଗ୍ରହୀତା: ମେସର୍ସ ଲିପିଲେଖା ଇଣ୍ଡଷ୍ଟ୍ରିଜ୍, ସ୍ୱତ୍ତ୍ୱାଧିକାରୀ: ଜୀମୂତ କୁମାର ମିତ୍ର,** ସାପୋ: କେନ୍ଦ୍ରାପଡା, ଜିଲ୍ଲା: କେନ୍ଦ୍ରପଡା, ଓଡ଼ିଶା, ପିନ୍-୭୫୪୨୧୧, **ଆଇନଗତ ଉତ୍ତରାଧିକାରୀମାନେ: ୧) ଜ୍ୟୋତ୍ସ୍ନାରାଣୀ ମିତ୍ର, ୨) ପ୍ରଦୀପ କୁମାର ମିତ୍ର, ୩) ସନ୍ଦୀପ କୁମାର ମିତ୍ର, ୪) ହେମଦୀପ କୁମାର ମିତ୍ର, ୫) କୁଲଦୀପ କୁମାର ମିତ୍ର, ୬) ଚିନ୍ମୟୀ ସେନ୍, ୭) ପୂର୍ଣ୍ଣଶ୍ରୀ ଦାସ, ୮) ଇତିଶ୍ରୀ ଦେ,** ସମସ୍ତଙ୍କ ବାସସ୍ଥାନ ଠିକଣା- ପୁରୁଷୋତ୍ତମ ବିହାର, ପିଏଚ୍‌ଡି କଲୋନୀ, ଗ୍ରାମ: ସାମରାଏପୁର, ପୋ/ଥାନା/ଜିଲ୍ଲା: ଭଦ୍ରକ | ୦୯.୦୬.୨୦୨୬ ସୁଦ୍ଧା ଟ.୯,୭୮,୩୯୫.୬୬ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ |

**ସମ୍ପତ୍ତି ନଂ.-୭: ମେସର୍ସ ଲିପିଲେଖା ଇଣ୍ଡଷ୍ଟ୍ରିଜ୍, ସ୍ୱତ୍ତ୍ୱାଧିକାରୀ: ଜୀମୂତ କୁମାର ମିତ୍ରଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୮୨୧/୭୯୨, ପ୍ଲଟ୍ ନଂ.: ୪୭୨/୩୩୮୮, ସମୁଦାୟ କ୍ଷେତ୍ର: ଏକର୦.୧୪୦ଡିସିମିଲି, ମୌଜା: ସାମରାଏପୁର, ଥାନା: ଭଦ୍ରକ (ନଂ.-୮୬), ତହସିଲ: ଭଦ୍ରକ (ନଂ.-୨୫୯), ଜିଲ୍ଲା: ଭଦ୍ରକ, ଏହାର ଚତୁର୍ପାର୍ଶ୍ୱରେ- ପୂର୍ବ: ପ୍ଲଟ୍ ନଂ. ୨୪୫୯, ପଶ୍ଚିମ: ରାସ୍ତା, ଉତ୍ତର: ବନମାଳୀ ଦାସ, ଦକ୍ଷିଣ: କାଳନ୍ଦୀ ବେହେରା
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୪୩,୨୫,୮୪୫.୫୦ / ଅମାନତ ଜମା ରାଶି: ଟ.୪,୩୨,୫୮୪.୫୫ / ବିଡ୍ ବୃଦ୍ଧି ରାଶି: ଟ.୪୩,୨୫୮.୦୦**

**ମଙ୍ଗଳପୁର ଶାଖା, ଖୁଲଣା ଭବନ ରୋଡ୍, କନିକାପଡ଼ା, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୦୧ ଫୋନ୍ ନଂ.: ୮୬୫୮୪୦୯୬୩୦, ଇମେଲ: ubin0573001@unionbankofindia.bank**

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| **ଋଣଗ୍ରହୀତା: ଶ୍ରୀମତୀ କବିତା ରାଣୀ ପଣ୍ଡା,** ସ୍ୱାମୀ: ରମେଶ ପ୍ରସାଦ ପଣ୍ଡା / **ସହ-ଆବେଦନକାରୀ ଏବଂ ଜାମିନ୍‌ଦାର: ଶ୍ରୀ ରଘୁନାଥ ପଣ୍ଡା,** ପିତା: ବୀରଭଦ୍ର ପଣ୍ଡା, ଉଭୟଙ୍କ ଠିକଣା- ସା/ପୋ: ଦଶରଥପୁର, ଥାନା: ମଙ୍ଗଳପୁର, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୦୬ | ଟ.୧୦,୦୪,୫୦୦.୭୯ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ |

**ସମ୍ପତ୍ତି ନଂ.-୮: ଶ୍ରୀ ରଘୁନାଥ ପଣ୍ଡାଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୭୭୮, ଖାତା ନଂ.: ୧୦୬୭, ଅନୁରୂପ ସାବିକ ପ୍ଲଟ୍ ନଂ.: ୧୭୪୨, ଖାତା ନଂ.: ୩୧୪, କ୍ଷେତ୍ର: ଏକର୦.୨୫ ଡିସିମିଲି, ମୌଜା: ଦଶରଥପୁର, ଏସ୍ଆରଓ: ମଙ୍ଗଳପୁର, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଶଙ୍କର୍ଷଣ ନାୟକ, ଦକ୍ଷିଣ: ରୁକ୍ମଣୀ ପାଣିଗ୍ରାହୀ, ପୂର୍ବ: ଅର୍ଜୁନି ପଣ୍ଡା, ପଶ୍ଚିମ: ଗ୍ରାମ୍ୟ ରାସ୍ତା
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୨,୦୩,୬୦୦.୦୦ / ଅମାନତ ଜମା: ଟ.୧,୨୦,୩୬୦.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୨,୦୩୬.୦୦**

ଇ-ନିଲାମ ତାରିଖ ଏବଂ ସମୟ: ୨୮.୧୦.୨୦୨୬ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ (ପ୍ରତ୍ୟେକ ପାଇଁ ଅସୀମିତ ସ୍ୱତଃ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବସାଇଟ୍: https://baanknet.com

ଅମାନତ ରାଶି ଦାଖଲର ଅନ୍ତିମ ତାରିଖ: ଇ-ନିଲାମ ଆରମ୍ଭ ହେବା ପୂର୍ବରୁ

ପଞ୍ଜୀକରଣ, ଲଗଇନ୍ ଏବଂ ନିଲାମର ନିୟମାବଳୀ ନିମନ୍ତେ ୱେବସାଇଟ୍ : https://baanknet.com, www.unionbankofindia.bank.in ଦେଖନ୍ତୁ।

ସ୍ଥାନ: ବାଲେଶ୍ୱର
ତାରିଖ: ୦୮.୧୦.୨୦୨୬
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ଜିଲ୍ଲାର ତିନୋଟି ବ୍ଲକ୍‌ରେ ନୂଆ ବିଡିଓ ନିଯୁକ୍ତ

**କେନ୍ଦ୍ରାପଡ଼ା,୮।୧୦(ସମିସ):** ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା, ମାର୍ଶାଘାଇ ଓ ରାଜନଗର ବ୍ଲକରେ ନୂତନ ବିଡିଓଙ୍କୁ ନିଯୁକ୍ତ କରାଯାଇଛି। ମହାକାଳପଡ଼ା ବ୍ଲକର ନୂତନ ବିଡିଓ ଭାବେ ମନୋଜ ନାୟକଙ୍କୁ ନିଯୁକ୍ତି ଦିଆଯାଇଛି। ଶ୍ରୀ ନାୟକ ପୂର୍ବରୁ ରଣପୁର ବ୍ଲକର ବିଡିଓ ଥିଲେ। ମାର୍ଶାଘାଇ ବ୍ଲକ୍‌ର ନୂତନ ବିଡିଓ ଭାବେ ଲାବଣ୍ୟେନ୍ଦୁ ମହାନ୍ତିଙ୍କୁ ନିଯୁକ୍ତି ଦିଆଯାଇଛି। ଶ୍ରୀ ମହାନ୍ତି ଗଣିଆ ବ୍ଲକର ବିଡିଓ ଥିଲେ। ସେହିପରି ରାଜନଗର ବ୍ଲକ୍‌ର ନୂତନ ବିଡିଓ ଭାବେ ପ୍ରମୋଦ ବେହେରାଙ୍କୁ ନିଯୁକ୍ତ କରାଯାଇଛି। ଶ୍ରୀ ବେହେରା ମାଥିଲି ବ୍ଲକର ବିଡିଓ ଭାବେ କାର୍ଯ୍ୟରତ ଥିଲେ। ଏହି ୩ଟି ବ୍ଲକରେ ଦୀର୍ଘଦିନ ଧରି ସ୍ଥାୟୀ ବିଡିଓ ନ ଥିବାରୁ ବ୍ଲକର ଉନ୍ନୟନମୂଳକ କାର୍ଯ୍ୟରେ ଅନେକ ସମସ୍ୟା ସୃଷ୍ଟି ହେଉଥିଲା।

## ୨୧ ମାସ ପରେ ମହାକାଳପଡ଼ାକୁ ସ୍ଥାୟୀ ବିଡିଓ

**ମହାକାଳପଡ଼ା, ୮।୧୦ (ସମିସ)**

ଦୀର୍ଘ ୨୧ ମାସର ଅପେକ୍ଷାରେ ଶେଷରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ମହାକାଳପଡ଼ା ବ୍ଲକ ପାଇଛି ସ୍ଥାୟୀ ବିଡିଓ। ପଞ୍ଚାୟତିରାଜ ବିଭାଗ ପକ୍ଷରୁ ନୟାଗଡ଼ ଜିଲ୍ଲା ରଣପୁର ବ୍ଲକର ପୂର୍ବତନ ବିଡିଓ ମନୋଜ ନାୟକଙ୍କୁ ମହାକାଳପଡ଼ାର ନୂତନ ବିଡିଓ ଭାବେ ବଦଳି କରାଯାଇଛି। ଦୀର୍ଘଦିନ ଧରି ଅତିରିକ୍ତ ଦାୟିତ୍ୱରେ ଚାଲିଥିବା ବ୍ଲକ ପ୍ରଶାସନ ଏବେ ସ୍ଥାୟୀ ନେତୃତ୍ୱ ପାଇବାକୁ ଯାଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ନୂଆ ଆଶା ସଞ୍ଚାର ହୋଇଛି। ମହାକାଳପଡ଼ା ବ୍ଲକରେ ବିଡିଓ ପଦବୀର ଅନିଶ୍ଚିତତା ଆଜିର ନୁହେଁ। ତତ୍କାଳୀନ ବିଡିଓ ସାଗର ନନ୍ଦଙ୍କ ବଦଳି ପରେ ୨୦୨୪ ଫେବୃଆରୀ ୧୪ରେ ଶୌମ୍ୟାରଞ୍ଜନ ପାରିଗ୍ରାହୀ ବିଡିଓ ଭାବେ ଦାୟିତ୍ୱ ନେଇଥିଲେ। ମାତ୍ର ନଅ ମାସ ପରେ ତାଙ୍କର ବଦଳି ହୋଇଥିଲା। ତାଙ୍କ ସ୍ଥାନରେ ସଞ୍ଜୀବ ସାହୁଙ୍କୁ ନିଯୁକ୍ତି ମିଳିଥିଲେ ମଧ୍ୟ ସେ ମହାକାଳପଡ଼ାରେ ଯୋଗ ଦେଇନଥିଲେ। ଫଳରେ ବ୍ଲକରେ ପୁଣି ଆରମ୍ଭ ହୋଇଥିଲା ଅତିରିକ୍ତ ଦାୟିତ୍ୱର ଅଧ୍ୟାୟ। ୨୦୨୪

### 'ସକାଳ'ର ପ୍ରଭାବ

ଡିସେମ୍ବର ୩୧ରେ ତହସିଲଦାର ରବିନାରାୟଣ ଆଚାର୍ଯ୍ୟଙ୍କୁ ବିଡିଓ ଦାୟିତ୍ୱ ଦିଆଯାଇଥିଲା। ତହସିଲଦାର ପଦବୀ ସହ ବିଡିଓ, ସବ୍‌ରେଜିଷ୍ଟ୍ରାର ଓ ଦୁଇଟି ମନ୍ଦିର ଟ୍ରଷ୍ଟର ଦାୟିତ୍ୱ ମଧ୍ୟ ସେ ସମ୍ଭାଳୁଥିଲେ। ଏକାଧିକ ଦାୟିତ୍ୱ ଜଣେ ଅଧିକାରୀଙ୍କ କାନ୍ଧରେ ରହିବାରୁ ପ୍ରଶାସନିକ କାର୍ଯ୍ୟର ଗତିକୁ ନେଇ ସମୟେ ସମୟେ ପ୍ରଶ୍ନ ଉଠିଥିଲା। ଏହି ସମୟରେ ବହୁଚର୍ଚ୍ଚିତ ଡିକ୍ଷୀରି ସରପଞ୍ଚ ଚାମେଲି ଓଝାଙ୍କ ଘଟଣାକୁ ନେଇ ମଧ୍ୟ ବ୍ଲକ ପ୍ରଶାସନ ଚର୍ଚ୍ଚାରେ ରହିଥିଲା। ଘଟଣାକୁ ନେଇ ଜାତୀୟ



ମାନବାଧିକାର କମିଶନଙ୍କ ତଦନ୍ତ ହୋଇଥିବା ବେଳେ ବିଡିଓଙ୍କ ଭୂମିକାକୁ ନେଇ ମଧ୍ୟ ଆଲୋଚନା ହୋଇଥିଲା। ବ୍ଲକ ରେ ଅନେକ ଅଫିସର କୁ ଦୁଇଟି ଦାୟିତ୍ୱ ଦିଆଯିବା ମଧ୍ୟ ଚର୍ଚ୍ଚାର ବିଷୟ ହୋଇଥିଲା।"ମହାକାଳପଡ଼ା ବ୍ଲକର ଏହି ପ୍ରଶାସନିକ ଚିତ୍ର ନେଇ "ସକାଳ"ରେ ମଧ ଲଗାତର ଖବର ପ୍ରକାଶ ପାଇଥିଲା। ଏବେ ନୂତନ ବିଡିଓ ଭାବେ ମନୋଜ କୁମାର ନାୟକଙ୍କ ନିଯୁକ୍ତି ସହ ସେହି ଦୀର୍ଘ ପ୍ରତୀକ୍ଷାର ଅବସାନ ଘଟିଛି। ସ୍ଥାୟୀ ବିଡିଓଙ୍କ ଯୋଗଦାନ ପରେ ପଞ୍ଚାୟତ ପ୍ରଶାସନ, ବିକାଶମୂଳକ କାର୍ଯ୍ୟ, ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ଏବଂ ଜନସାଧାରଣଙ୍କ ସମସ୍ୟା ସମାଧାନ ଅଧିକ ଗତିଶୀଳ ହେବ ବୋଲି ଅଞ୍ଚଳବାସୀ ଆଶା ରଖିଛନ୍ତି। ୨୧ ମାସର ଅସ୍ଥାୟୀ ବ୍ୟବସ୍ଥା ପରେ ମହାକାଳପଡ଼ା ଏବେ ସ୍ଥାୟୀ ପ୍ରଶାସନିକ ନେତୃତ୍ୱ ପାଇଛି। ଏହି ନୂଆ ଅଧ୍ୟାୟ ବ୍ଲକର ବିକାଶକୁ କେତେ ଦୂର ନୂଆ ଦିଗ ଦେଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

# ନାନାଙ୍କୁ ନମନ



# ନାନା ପାଟେକର

## ୧୯୫୧-୨୦୨୬

ଭାରତୀୟ ସିନେମା ଜଗତର ସବୁଠାରୁ ପ୍ରଭାବଶାଳୀ ସ୍ୱର ଚିରକାଳ ପାଇଁ ନୀରବି ଯାଇଛି । ନିଜର ବିପ୍ଳବାତ୍ମକ ଅଭିନୟ, ସ୍ୱତନ୍ତ୍ର ସଂଳାପ ଶୈଳୀ ଏବଂ ସରଳ ମାନବିକତା ବଳରେ କୋଟି କୋଟି ଦର୍ଶକଙ୍କ ହୃଦୟରେ ରାଜ୍ କରିଥିବା ପ୍ରଖ୍ୟାତ ଅଭିନେତା ତଥା ମହାନ ସମାଜସେବୀ ନାନା ପାଟେକରଙ୍କର ଆଜି ୭୫ ବର୍ଷ ବୟସରେ ଗୋଆଠାରେ ପରଲୋକ ଘଟିଛି । 'ପରିନ୍ଦା'ର ଆନ୍ନା ହେଉ କି 'କ୍ରାନ୍ତିବୀର'ର ପ୍ରତାପ ତିଲକ କିମ୍ବା 'ୱେଲକମ୍'ର ଉଦୟ ଶେଟ୍ଟି ଭଳି ଭୂମିକା ମାଧ୍ୟମରେ ସେ ନିଜର ଅପ୍ରତିଦ୍ୱନ୍ଦ୍ୱୀ ସ୍ଥାନ ସୃଷ୍ଟି କରିଥିଲେ । କଳାଜଗତ ପ୍ରତି ତାଙ୍କର ଏହି ଅନନ୍ୟ ଅବଦାନ ପାଇଁ ତାଙ୍କୁ ତିନୋଟି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଏବଂ 'ପଦ୍ମଶ୍ରୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା । ସିନେମାର ଷ୍ଟାରଡମ୍ ମଧ୍ୟରେ ସୀମିତ ନ ରହି ସେ ବାସ୍ତବ ଜୀବନରେ ମଧ୍ୟ ହିରୋ ସାଜିଥିଲେ । ନିଜେ ଅତ୍ୟନ୍ତ ସରଳ ଜୀବନ ଜୀଇଁବା ସହ ମହାରାଷ୍ଟ୍ରର ମରୁଡ଼ି ପ୍ରଭାବିତ ଗରିବ ଚାଷୀମାନଙ୍କ କଲ୍ୟାଣ ପାଇଁ ସେ 'ନାମ ଫାଉଣ୍ଡେସନ' ମାଧ୍ୟମରେ ନିଜ ଜୀବନର ସର୍ବସ୍ୱ ଉତ୍ସର୍ଗ କରିଦେଇଥିଲେ । ତାଙ୍କର ଏହି ଆକସ୍ମିକ ବିୟୋଗ ବଲିଉଡ୍ ଏବଂ ମରାଠୀ ସିନେମା ଜଗତରେ ଏକ ଅପୂରଣୀୟ ଶୂନ୍ୟତା ସୃଷ୍ଟି କରିଛି । ନାନାଙ୍କ ବିୟୋଗରେ ସାରା ଦେଶ ତଥା ଚଳଚ୍ଚିତ୍ର ଜଗତରେ ଶୋକର ଛାୟା ଖେଳିଯାଇଛି । ସିନେମା ଜଗତର ଏହି ଅନନ୍ୟ 'କ୍ରାନ୍ତିବୀର'ଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି 'ସକାଳ' ପରିବାର ପକ୍ଷରୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ।

## ବିଶ୍ୱନାଥ ପାଟେକରରୁ ନାନା ପାଟେକର

ବିଶ୍ୱନାଥ ପାଟେକର (ନାନା ପାଟେକର) ଏକ ସାଧାରଣ ପରିବାରରୁ ଆସି ନିଜର ପରିଶ୍ରମ ବଳରେ ଭାରତୀୟ ସିନେମା ଜଗତର ଜଣେ ମହାନ କଳାକାର ହୋଇପାରିଥିଲେ । ନାନା ଚକ୍‌ଲେଟ୍ ହିରୋ କିମ୍ବା ଷ୍ଟାଇଲିଶ୍ ଲୁକ୍‌ର ଚେହେରା ପାଇ ନ ଥିଲେ ସତ କିନ୍ତୁ ନିଜର ଅସାଧାରଣ ଅଭିନୟ ଶୈଳୀ, ଦମ୍‌ଦାର ସଂଳାପ ଏବଂ ଜୀବନ୍ତ ଅଭିନୟ ବଳରେ ସେ ଅଭିନୟ କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ସେ ପ୍ରମାଣ କରିଦେଇଛନ୍ତି ଯେ, ସିନେମାରେ ସଫଳ ହେବା ପାଇଁ କେବଳ ସୁନ୍ଦର ଚେହେରା ନୁହେଁ, ବରଂ ପ୍ରତିଭାର ଆବଶ୍ୟକତା ସବୁଠାରୁ ଅଧିକ । ବଲିଉଡ୍ ଠାରୁ ମରାଠୀ ସିନେମା ପର୍ଯ୍ୟନ୍ତ ସବୁଥିରେ ସେ ତାଙ୍କ ଅଭିନୟର ଛାପ ଛାଡ଼ିଥିଲେ । ନାନାଙ୍କ ଜନ୍ମ ଜାନୁଆରୀ ୧, ୧୯୫୧ ରେ ମହାରାଷ୍ଟ୍ରର ରାୟଗଡ଼ ଜିଲ୍ଲାର ମୁରୁଦ-ଜଞ୍ଜିରାରେ ହୋଇଥିଲା । ୧୯୭୮ ମସିହାରେ 'ଗମନ'ଚଳଚ୍ଚିତ୍ର ମାଧ୍ୟମରେ ସେ ହିନ୍ଦୀ ସିନେମାରେ ପାଦ ଥାପିଥିଲେ । ପ୍ରାରମ୍ଭରେ, ସେ ମରାଠୀ ଏବଂ ହିନ୍ଦୀ ଚଳଚ୍ଚିତ୍ରରେ କାମ କରିଥିଲେ । ୧୯୮୯ ମସିହାରେ 'ପରିନ୍ଦା' ଚଳଚ୍ଚିତ୍ର ତାଙ୍କ କ୍ୟାରିୟରରେ ଏକ ପ୍ରମୁଖ ମୋଡ଼ ଦେଇଥିଲା । 'ପରିନ୍ଦା'ରେ ଜଣେ ମାନସିକ ବିକୃତ ଅଣ୍ଡରୱାର୍ଲ୍ଡ ଡନ୍ 'ଆନ୍ନା' ଭୂମିକାରେ ତାଙ୍କର ଅଭିନୟ ତାଙ୍କୁ ବଡ଼ ସଫଳତା ଦେଇଥିଲା । ଏହାପରେ 'କ୍ରାନ୍ତିବୀର' ରେ ତାଙ୍କର ଦେଶପ୍ରେମୀ ଅଭିନୟ ତଥା ଦମ୍‌ଦାର୍ ଡାଇଲଗ୍ ତାଙ୍କୁ ବଲିଉଡ୍‌ର ସୁପରଷ୍ଟାର ପରିଚୟ ଦେଇଥିଲା । ତାଙ୍କର ସର୍ବୋତ୍ତମ ଚଳଚ୍ଚିତ୍ରଗୁଡ଼ିକ ମଧ୍ୟରେ 'ଅଙ୍କୁଶ', 'ପ୍ରତିଘାତ', 'ପ୍ରହାର', 'ତିରଙ୍ଗା', 'କ୍ରାନ୍ତିବୀର', 'ଖାମୋଶୀ: ଦି ମ୍ୟୁଜିକାଲ୍', 'ଅବ ତକ୍ ଛପ୍ପନ', 'ଅପରନ୍', 'ରାଜନୀତି', 'ୱେଲକମ୍' ଏବଂ 'ୱେଲକମ୍ ବ୍ୟାକ୍' ଆଦି ରହିଛି । ସିନେମା ଜଗତକୁ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ୨୦୧୩ରେ 'ପଦ୍ମଶ୍ରୀ' ପ୍ରଦାନ କରାଯାଇଥିଲା । ଏହା ବ୍ୟତୀତ ସେ ନିଜର ଦମଦାର୍ ଅଭିନୟ ପାଇଁ ୩ଟି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଏବଂ ୫ଟି ଫିଲ୍ମଫେୟାର ପୁରସ୍କାର ଜିତିଥିଲେ ।

## ସଂଳାପର ସମ୍ରାଟ୍



ନାନା ପାଟେକର ଯେତେବେଳେ ପରଦାକୁ ଆସୁଥିଲେ, ତାଙ୍କ କହିବାର ସ୍ୱତନ୍ତ୍ର ଅନ୍ଦାଜ, ସ୍ୱରର ଗାମ୍ଭୀର୍ଯ୍ୟ ଏବଂ ଚେହେରାର ଆକ୍ରୋଶ ସିନେମା ହଲ୍‌ରେ କରତାଳିର ଝଡ଼ ସୃଷ୍ଟି କରୁଥିଲା । ତାଙ୍କର କିଛି ଏମିତି ଦମ୍‌ଦାର୍ ଡାଏଲଗ୍, ଯାହା ଆଜି ବି ପ୍ରତିଟି ସିନେପ୍ରେମୀଙ୍କ ମନରେ ସତେଜ ରହିଛି...

- "ଆ ଗୟେ ମେରୀ ମୌତ୍ କା ତମାସା ଦେଖ୍‌ନେ"(କ୍ରାନ୍ତିବୀର)
- "ୟେ ମୁସଲମାନ କା ଖୁନ୍, ୟେ ହିନ୍ଦୁ କା ଖୁନ୍..." ( କ୍ରାନ୍ତିବୀର)
- "ଏକ୍ ମଚ୍ଛର୍ ଆଦ୍‌ମୀ କୋ..."(ୟଶୱନ୍ତ)
- "ମରାଠା ମରତା ହେଁ ୟା ମାରତା ହେଁ "(ତିରଙ୍ଗା)
- "କଣ୍ଟ୍ରୋଲ୍ ଉଦୟ କଣ୍ଟ୍ରୋଲ୍..."(ୱେଲକମ୍)

## ନିରାଡ଼ମ୍ବର ଜୀବନ

ସିନେମା ଜଗତରେ ବଡ଼ ବଡ଼ ସୁପର୍‌ଷ୍ଟାର୍‌ମାନେ ଆଲିସାନ ବଙ୍ଗଳା ଓ ବ୍ରାଣ୍ଡେଡ୍ ଗାଡ଼ିର ଚମକରେ ରହୁଥିବାବେଳେ, ନାନା ଏକ ବ୍ୟତିକ୍ରମ ଥିଲେ । କୋଟି କୋଟି ଟଙ୍କାର ସମ୍ପତ୍ତି ଥାଇ ମଧ୍ୟ ମୁମ୍ବାଇରେ ସେ ଏକ ସାଧାରଣ ୱାନ୍ ବିଏଚ୍‌କେ ଫ୍ଲାଟ୍‌ରେ ନିଜ ମା'ଙ୍କ ସହ ରହୁଥିଲେ । ସେ ସବୁବେଳେ କହୁଥିଲେ ଯେ, "ମଣିଷକୁ ଶୋଇବା ପାଇଁ କେବଳ ଗୋଟିଏ ବିଛଣା ଦରକାର, ବଡ଼ ପ୍ରାସାଦ ନୁହେଁ ।"



## ଚାଷୀର ଚଳଣି ଓ ରୋଷେଇ ସଉକ

ଫିଲ୍ମ ଦୁନିଆର ଚାକଚକ୍ୟ ଓ ମହଙ୍ଗା ବ୍ରାଣ୍ଡେଡ୍ ପୋଷାକଠାରୁ ନାନା ସମ୍ପୂର୍ଣ୍ଣ ଦୂରେଇ ରହୁଥିଲେ । ସେ ସର୍ବଦା ଧଳା କୁର୍ତ୍ତା-ପାଇଜାମା କିମ୍ବା ଖଦି ସାର୍ଟ ଓ ଜିନ୍ସ ପିନ୍ଧିବାକୁ ପସନ୍ଦ କରୁଥିଲେ । ନାନା ପାଟେକର ରୋଷେଇ କରିବାକୁ ବହୁତ ଭଲ ପାଉଥିଲେ । ସେ ଏକ ସାକ୍ଷାତକାରରେ ମଜାରେ କହିଥିଲେ, "ମୁଁ ଜଣେ ଅଭିନେତା ଅପେକ୍ଷା ଜଣେ ଭଲ ରୋଷେୟା" । ଚଳଚ୍ଚିତ୍ର ସୁଟିଂ ସମୟରେ ସେ ପ୍ରାୟତଃ ନିଜେ ରୋଷେଇ କରି ସେଟ୍‌ର ସମସ୍ତ ସଦସ୍ୟଙ୍କୁ ଖୁଆଉଥିଲେ ।



## ସଂଘର୍ଷପୂର୍ଣ୍ଣ ଜୀବନ

ନାନା ପାଟେକରଙ୍କ ଜନ୍ମ ମହାରାଷ୍ଟ୍ରର ଏକ ମଧ୍ୟବିତ୍ତ ପରିବାରରେ ହୋଇଥିଲା । ତାଙ୍କ ପିତା ଦିନକର ପାଟେକର ଜଣେ କପଡ଼ା ବ୍ୟବସାୟୀ ଥିଲେ ଏବଂ ମାତା ସଞ୍ଜନାବାଈ ପାଟେକର ଗୃହିଣୀ ଥିଲେ । ନାନାଙ୍କର ଅଶୋକ ପାଟେକର ଏବଂ ଦିଲୀପ ପାଟେକର ନାମକ ଦୁଇଜଣ ଭାଇ ଅଛନ୍ତି । ନାନାଙ୍କୁ ମାତ୍ର ୧୩ ବର୍ଷ ବୟସ ହୋଇଥିବା ସମୟରେ ତାଙ୍କ ପିତାଙ୍କ ବ୍ୟବସାୟରେ ବଡ଼ କ୍ଷତି ହୋଇଥିଲା । ଏହି କଠିନ ପରିସ୍ଥିତିରେ ପରିବାରକୁ ଆର୍ଥିକ ସାହାଯ୍ୟ କରିବା ଏବଂ ଦୁଇ ଓଳି ଖାଇବା ପାଇଁ ସେ ମାତ୍ର ୧୩ ବର୍ଷ ବୟସରୁ କାମ କରିବା ଆରମ୍ଭ କରିଦେଇଥିଲେ । ନାନା ୧୯୭୮ ମସିହାରେ ନୀଳକାନ୍ତି ପାଟେକରଙ୍କୁ ବିବାହ କରିଥିଲେ । ପରବର୍ତ୍ତୀ ସମୟରେ ବ୍ୟକ୍ତିଗତ ମନୋମାଳିନ୍ୟ ଯୋଗୁଁ ଦୁହେଁ ପରସ୍ପରଠାରୁ ଅଲଗା ରହିବାକୁ ନିଷ୍ପତ୍ତି ନେଇଥିଲେ । ନୀଳକାନ୍ତି ଓ ନାନା ଅଲଗା ରହୁଥିଲେ ମଧ୍ୟ ସେମାନେ ଆଇନଗତ ଭାବେ ଛାଡ଼ପତ୍ର ନେଇନଥିଲେ । ନାନା ଓ ନୀଳକାନ୍ତିଙ୍କର ଦୁଇଟି ପୁଅ- ଦୁର୍ବାସା ଓ ମଲ୍ହାର । ପ୍ରଥମ ପୁଅ ଦୁର୍ବାସା ମାତ୍ର ଦୁଇ ବର୍ଷର ହୋଇଥିବାବେଳେ ଆଖି ବୁଜିଦେଇଥିଲେ । ମଲ୍ହାର ପ୍ରଯୋଜନାକୁ କ୍ୟାରିୟର କରିଛନ୍ତି ।

## ନିଶବ୍ଦରେ ସମାଜସେବା

ନାନା ପାଟେକର କେବଳ ଜଣେ ମହାନ ଅଭିନେତା ନ ଥିଲେ, ବରଂ ଜଣେ ଅସାଧାରଣ ସମାଜସେବୀ ଥିଲେ । ସେ ତାଙ୍କ ରୋଜଗାରର ପ୍ରାୟ ୯୦% ଭାଗ ଗରିବ ଏବଂ ଚାଷୀମାନଙ୍କ କଲ୍ୟାଣ ପାଇଁ ଦାନ କରିଦେଉଥିଲେ । ମହାରାଷ୍ଟ୍ରର ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳରେ ଚାଷୀମାନଙ୍କ ଆତ୍ମହତ୍ୟା ତାଙ୍କୁ ଗଭୀର ଆଘାତ ଦେଇଥିଲା । ସେଥିପାଇଁ ସେ ନିଜେ 'ନାମ ଫାଉଣ୍ଡେସନ' ଗଠନ କରିଥିଲେ । ଏହା ମାଧ୍ୟମରେ ସେ ନିଜେ ଗାଁ ଗାଁ ବୁଲି ଆତ୍ମହତ୍ୟା କରିଥିବା ଚାଷୀଙ୍କ ପରିବାରକୁ ଆର୍ଥିକ ସହାୟତା ପହଞ୍ଚାଉଥିଲେ । ତାଙ୍କ ଫାଉଣ୍ଡେସନ ମାଧ୍ୟମରେ ମରୁଡ଼ି ପ୍ରପୀଡ଼ିତ ଗାଁଗୁଡ଼ିକରେ ନଦୀର ପୁନରୁଦ୍ଧାର, କୂଅ ଖୋଳାଯିବା ଏବଂ ଚାଷୀଙ୍କ ପାଇଁ ଜଳସେଚନର ବ୍ୟବସ୍ଥା କରାଯାଇଥିଲା । କୌଣସି ପ୍ରଚାର ବା ପବ୍ଲିସିଟି ବିନା ସେ ଏହି ସବୁ କାମ କରୁଥିଲେ ।





## ଅଧୁରା ପ୍ରେମ

ନାନା ପାଟେକର ଯେତିକି ତାଙ୍କର ଦମ୍‌ଦାର୍ ଅଭିନୟ ଏବଂ ସମାଜସେବା ପାଇଁ ଜଣାଶୁଣା, ସେତିକି ତାଙ୍କର ବ୍ୟକ୍ତିଗତ ଜୀବନ ଓ ପ୍ରେମ ସମ୍ପର୍କକୁ ନେଇ ମଧ୍ୟ ଗଣମାଧ୍ୟମରେ ଚର୍ଚ୍ଚାରେ ରହିଛନ୍ତି । ପତ୍ନୀ ନୀଳକାନ୍ତି ପାଟେକରଙ୍କଠାରୁ ଅଲଗା ରହିବା ପରେ ବଲିଉଡ୍‌ର କିଛି ଅଭିନେତ୍ରୀଙ୍କ ସହ ତାଙ୍କର ସମ୍ପର୍କକୁ ନେଇ ଚର୍ଚ୍ଚା ହୁଏ । ୧୯୯୬ ମସିହାରେ 'ଅଗ୍ନି ସାକ୍ଷୀ' ଏବଂ 'ଖାମୋଶୀ: ଦ ମ୍ୟୁଜିକାଲ୍' ଚଳଚ୍ଚିତ୍ରର ସୁଟିଂ ସମୟରେ ନାନା ଓ ଅଭିନେତ୍ରୀ ମନୀଷା କୋଇରାଲାଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ିଉଠିଥିଲା । ମନୀଷାଙ୍କ ପୋଷାକ ତଥା ଅନ୍ୟ ଅଭିନେତାଙ୍କ ସହ ଅନ୍ତରଙ୍ଗ ଦୃଶ୍ୟକୁ ନେଇ ନାନା ଆପତ୍ତି କରୁଥିଲେ । ଅନ୍ୟପକ୍ଷରେ ମନୀଷା ତାଙ୍କୁ ବିବାହ କରିବାକୁ ଚାହୁଁଥିଲେ, ମାତ୍ର ନାନା ପୂର୍ବରୁ ବିବାହିତ ଥିବାରୁ ଏବଂ ନିଜ ପତ୍ନୀଙ୍କୁ ଆଇନଗତ ଛାଡ଼ପତ୍ର ଦେବାକୁ ମନା କରିବାରୁ ଦୁହିଁଙ୍କ ମଧ୍ୟରେ ଦୂରତା ବଢ଼ିଥିଲା । ନାନା ଏବଂ ମନୀଷାଙ୍କ ସମ୍ପର୍କ ଭାଙ୍ଗିବା ପଛରେ ସେ ସମୟର ଲୋକପ୍ରିୟ ଅଭିନେତ୍ରୀ ଆଏଶା ଜୁଲ୍‌କାଙ୍କ ନାମ ସାମ୍ନାକୁ ଆସିଥିଲା । କିଛି ରିପୋର୍ଟ ଅନୁଯାୟୀ, ୨୦୦୩ ମସିହାରେ 'ଆଞ୍ଚ' ଚଳଚ୍ଚିତ୍ର ସୁଟିଂ ସମୟରେ ନାନା ଓ ଆଏଶାଙ୍କ ମଧ୍ୟରେ ସମ୍ପର୍କ ଗଢ଼ିଉଠିଥିଲା । ଥରେ ମନୀଷା ଉଭୟଙ୍କୁ ଏକାଠି ଦେଖିବା ପରେ ଖୁବ୍ ରାଗିଯାଇଥିଲେ ଏବଂ ଏହି ଘଟଣା ପରେ ନାନାଙ୍କ ସହ ତାଙ୍କର ବ୍ରେକଅପ୍ ହୋଇଥିଲା । ନାନାଙ୍କ ପ୍ରେମ ଜୀବନ ଅନେକ ଉତ୍ଥାନ-ପତନ ଏବଂ ବିବାଦ ମଧ୍ୟ ଦେଇ ଗତି କରିଥିଲେ ସୁଦ୍ଧା ଏହି ସମ୍ପର୍କଗୁଡ଼ିକ କେବେ ବିବାହର ରୂପ ନେଇପାରି ନ ଥିଲା ।

## କାର୍ଗିଲ ଯୁଦ୍ଧରେ ଯୋଗଦାନ

କାର୍ଗିଲ ଯୁଦ୍ଧ ସମୟରେ ନାନା ଅଭିନୟ ଛାଡ଼ି ଦେଶ ପାଇଁ ଲଢ଼ିବାକୁ ତତ୍‌କାଳୀନ ପ୍ରତିରକ୍ଷା ମନ୍ତ୍ରୀ ଜର୍ଜ ଫର୍ଣ୍ଣାଣ୍ଡିଜ୍‌ଙ୍କଠାରୁ ବିଶେଷ ଅନୁମତି ଆଣିଥିଲେ । ସେ ଯୁଦ୍ଧ ସମୟରେ ପ୍ରାୟ ୬୦ ଦିନ ସୀମାରେ ସୈନିକମାନଙ୍କ ସହ କାଟିଥିଲେ । ସେ କୁପୱାଡା, ବାରାମୂଲା, ଦ୍ରାସ ଓ ସୋପୋର ଭଳି ଅତ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳରେ 'କ୍ୱିକ୍ ରିଆକ୍ସନ ଟିମ୍'ର ସଦସ୍ୟ ଭାବେ କାର୍ଯ୍ୟ କରିବା ସହ ସେନା ହସ୍ପିଟାଲରେ ମଧ୍ୟ ସାହାଯ୍ୟ କରିଥିଲେ ।

## ଆର୍ମି ଓ ନାନା

ଅଭିନେତା ନାନା ପାଟେକର କେବଳ ଚଳଚ୍ଚିତ୍ର ପରଦାରେ ନୁହେଁ, ବରଂ ବାସ୍ତବ ଜୀବନରେ ମଧ୍ୟ ଭାରତୀୟ ସେନା ସହିତ ଗଭୀର ଭାବେ ଜଡ଼ିତ ଥିଲେ । ୧୯୯୧ ମସିହାରେ ମୁକ୍ତିଲାଭ କରିଥିବା ତାଙ୍କର ସୁପରହିଟ୍ ଫିଲ୍ମ 'ପ୍ରହାର: ଦ ଫାଇନାଲ ଆଟାକ' ରେ ଜଣେ ସେନା ଅଫିସର ଭୂମିକାରେ ଅଭିନୟ କରିବା ପାଇଁ ସେ 'ମରାଠା ଲାଇଟ୍ ଇନଫାଣ୍ଟ୍ରି' ସହିତ ପ୍ରାୟ ୩ ବର୍ଷ ଧରି କଠିନ ମିଲିଟାରୀ ଓ କମାଣ୍ଡୋ ଟ୍ରେନିଂ ନେଇଥିଲେ । ସେନା ପ୍ରତି ତାଙ୍କର ନିଷ୍ଠା ଦେଖି ୧୯୯୦ ମସିହାରେ ତାଙ୍କୁ ଭାରତୀୟ ସେନା ପକ୍ଷରୁ ସମ୍ମାନଜନକ କ୍ୟାପଟେନ୍ ପଦବୀ ଦିଆଯାଇଥିଲା ।



"ନାନାଜୀଙ୍କ ସ୍ୱର, ଅଭିନୟର ତୀବ୍ରତା ଓ ପ୍ରତ୍ୟେକ ପ୍ରଦର୍ଶନରେ ଥିବା ସଚ୍ଚୋଟତା ତାଙ୍କୁ ସମସ୍ତଙ୍କଠାରୁ ସ୍ୱତନ୍ତ୍ର କରିଥିଲା । 'ୱେଲକମ୍' ଓ 'ହାଉସ୍‌ଫୁଲ୍ ୫' ରେ ତାଙ୍କ ସହ କାମ କରିଥିବା ସ୍ମୃତି ସବୁବେଳେ ମୋ ସହ ରହିବ । ନାନାଜୀ ସତରେ ଜଣେ ଅନନ୍ୟ ବ୍ୟକ୍ତିତ୍ୱ ଥିଲେ ।

**ଅକ୍ଷୟ କୁମାର**

ନାନା ଜଣେ ସରଳ ଓ ମାଟି ସହ ଯୋଡ଼ି ରହିଥିବା ମଣିଷ ଥିଲେ । ମରାଠୀ ହେଉ କି ହିନ୍ଦୀ-ସେ ଯେଉଁ ଚରିତ୍ରରେ ଅଭିନୟ କରୁଥିଲେ, ସେଥିରେ ଏକ ବାସ୍ତବତା ଆଣିଦେଉଥିଲେ । ତାଙ୍କ ଅଭିନୟରେ ଥିବା ସଚ୍ଚୋଟତା ସବୁବେଳେ ମନେ ରହିବ ।

**ସଚିନ ତେନ୍ଦୁଲକର**

ମୋ ପ୍ରିୟ ବନ୍ଧୁ ନାନାଜୀ ଆଉ ଆମ ମଧ୍ୟରେ ନାହାନ୍ତି । ଏହା ବିଶ୍ୱାସ କରିବା ମୋ ପାଇଁ କଷ୍ଟକର ।

**ରଜନୀକାନ୍ତ**

ମିସ୍ ୟୁ ମୋ ପ୍ରିୟ ନାନାଜୀ । ଆମେ ଏକାଠି କାଟିଥିବା ସମୟ, କଥାବାର୍ତ୍ତା, ଯୁକ୍ତିତର୍କ, ଆପଣ ରାନ୍ଧିଥିବା ଖାଦ୍ୟ ଓ ଆପଣ ଦେଇଥିବା ଜ୍ଞାନକୁ ସବୁବେଳେ ସାଇତି ରଖିବି ।

**ପ୍ରକାଶ ରାଜ** "

# ବିନୁ ମଙ୍କଡ଼ ଟ୍ରଫିରୁ ଅରୁଣାଞ୍ଚଳ ଯୁବ ଖେଳାଳି ବଞ୍ଚିତ

ଇଟାନଗର, ୮।୧୦ (ଏଜେନ୍ସି): ବିସିସିଆଇ ପକ୍ଷରୁ ଆରମ୍ଭ ହୋଇଥିବା ଘରୋଇ କ୍ରିକେଟ ସିଜନରେ ଅରୁଣାଞ୍ଚଳର ଯୁବ ଖେଳାଳିମାନେ ଖେଳିବାରୁ ବଞ୍ଚିତ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ ଗୁରୁବାରଠାରୁ ଆରମ୍ଭ ହୋଇଥିବା ୧୯ ବର୍ଷରୁ କମ୍ କ୍ରିକେଟ ବିନୁ ମଙ୍କଡ଼ ଟ୍ରଫିରେ ସିକିମ ସହ ଅରୁଣାଞ୍ଚଳର ମୁକାବିଲା ଭୁବନେଶ୍ୱର କିଟ୍ ଷ୍ଟାଡିୟମ୍‌ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ଏହି ମ୍ୟାଚ୍ ଲାଗି ଅରୁଣାଞ୍ଚଳ କୌଣସି ଟିମ୍ ପଠାଇ ନ ଥିଲା। ଯାହା ଫଳରେ ଯୁବ ଖେଳାଳିମାନେ ଏହି ମୁକାବିଲାରୁ ବଞ୍ଚିତ ହୋଇଛନ୍ତି। ନିକଟରେ ଅରୁଣାଞ୍ଚଳ ପ୍ରଦେଶ କ୍ରିକେଟ ସଂଘରେ ହୋଇଥିବା ଅନିୟମିତତା ନେଇ ଏକ ମକଦ୍ଦମା ଗୌହାଟୀ ହାଇକୋର୍ଟର ଇଟାନଗର ଶାଖାରେ ଚାଲିଛି। ଯାହା ଫଳରେ ବର୍ତ୍ତମାନ ସଂଘ କୌଣସି ଟିମ୍ ଚୟନ କରିପାରିବ ନାହିଁ ବୋଲି ହାଇକୋର୍ଟ ପକ୍ଷରୁ ବାରଣ କରାଯାଇଛି। ଯେଉଁଥି ପାଇଁ ଏଭଳି ସ୍ଥିତି ଉପୁଜିଛି। ଏ ସମ୍ପର୍କରେ ଆମେ ଅବଗତ ଅଛୁ ଓ ଖୁବ୍ ଶୀଘ୍ର ଏହାର ସମାଧାନ କରିବାକୁ ଚେଷ୍ଟା କରିବୁ ବୋଲି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି।

# ହୋପ୍ସ ଓ ହାଡିନ୍ ପଞ୍ଜାବ କୋଚ୍ ଦାୟିତ୍ୱ ଛାଡ଼ିଲେ

ମୋହାଲି, ୮।୧୦ (ଏଜେନ୍ସି): ଆଇପିଏଲ୍ ଟିମ୍ ପଞ୍ଜାବ କିଙ୍ଗ୍‌ର ବୋଲିଂ କୋଚ୍ ଜେମ୍ସ ହୋପ୍ସ ଓ ଫିଲ୍ଡିଂ କୋଚ୍ ବ୍ରାଡ ହାଡିନ୍ ସେମାନଙ୍କ ଦାୟିତ୍ୱରୁ ଓହରିଯାଇଛନ୍ତି। ଉଭୟ ଖେଳାଳି ଅଷ୍ଟ୍ରେଲିଆର ଓ ସେମାନେ ଘରୋଇ କ୍ରିକେଟରେ କୋଚିଂ ଦେବାର ସୁଯୋଗ ପାଇବା ପରେ ଆଇପିଏଲ୍ ଦାୟିତ୍ୱ ଛାଡିଦେଇଛନ୍ତି।



ଅଷ୍ଟ୍ରେଲିଆର ଘରୋଇ କ୍ରିକେଟ ଟିମ୍ କ୍ୱିନ୍ସଲାଣ୍ଡ ଓ ବିବିଏଲ୍ ଟିମ୍ ବ୍ରିସ୍‌ବେନ୍ ହିଟ୍ସର ହେଡ୍ କୋଚ୍ ଭାବେ ହୋପ୍ସ ନିଯୁକ୍ତ ହୋଇଛନ୍ତି। ସେହିପରି ହାଡିନଙ୍କୁ ନ୍ୟୁ ସାଉଥୱେଲ୍ସ ହେଡ କୋଚ ଦାୟିତ୍ୱ ମିଳିଛି। ଯାହା ଫଳରେ ସେମାନେ ନିଜ ଦେଶରେ କୋଚିଂ ଦେବା ଲାଗି ବିଦେଶର କୋଚିଂ ଦାୟିତ୍ୱ ଛାଡିଦେଇଛନ୍ତି। ସାଇରାଜ ବାହୁତୁଲେ ଭାରତର ସ୍ପିନ୍ ବୋଲିଂ କୋଚ୍ ଭାବେ ନିଯୁକ୍ତ ହେବା ପରେ ଏବେ ପଞ୍ଜାବ କିଙ୍ଗ୍‌ସର ୩ଜଣ କୋଚ୍ ପଦବୀ ଖାଲି ପଡ଼ିଛି।

# କୁଶାଲ ମେଣ୍ଡିସ୍‌ଙ୍କୁ ଟେଷ୍ଟ ନେତୃତ୍ୱ

କଲମ୍ବୋ, ୮।୧୦ (ଏଜେନ୍ସି): କୁଶାଲ ମେଣ୍ଡିସ୍ ଶ୍ରୀଲଙ୍କାର ନୂଆ ଟେଷ୍ଟ ଅଧିନାୟକ ଭାବେ ମନୋନୀତ ହୋଇଛନ୍ତି। ଟେଷ୍ଟ ଅଧିନାୟକ ଦାୟିତ୍ୱରୁ



ଧନଞ୍ଜୟ ଡି ସିଲଭା ଓହରିଯିବାରୁ ତାଙ୍କ ସ୍ଥାନରେ କୁଶାଲ୍‌ଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ନଭେମ୍ବର ମାସରେ ପାକିସ୍ତାନ ସହ ଶ୍ରୀଲଙ୍କା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବ। ଏହି ସିରିଜ୍‌ରେ କୁଶାଲ ପ୍ରଥମଥର ଟେଷ୍ଟ ଦଳର ନେତୃତ୍ୱ ନେବେ। ଫେବୃଆରୀ ୨୦୨୪ରୁ ଅଗଷ୍ଟ ୨୦୨୬ ମଧ୍ୟରେ ଧନଞ୍ଜୟ ୧୮ଟି ଟେଷ୍ଟରେ ଶ୍ରୀଲଙ୍କାର ନେତୃତ୍ୱ ନେଇଥିଲେ। ଦଳ ବାରମ୍ବାର ବିଫଳ ହେବା ପରେ ତାଙ୍କୁ ନେତୃତ୍ୱରୁ ହଟିବାକୁ ପଡ଼ିଥିଲା। ଦିନିକିଆ ଦଳର ନେତୃତ୍ୱ ନେଉଥିବା କୁଶାଲ ମେଣ୍ଡିସ୍ ଏବେ ଦଳର ସର୍ବାଧିକ ଅଭିଜ୍ଞ ଖେଳାଳି ଭାବେ ଟେଷ୍ଟ ନେତୃତ୍ୱ ନେବାକୁ ମନୋନୀତ ହୋଇଛନ୍ତି। ଅଧିନାୟକ ପଦ ଛାଡିଥିଲେ ମଧ୍ୟ ଟେଷ୍ଟ ମ୍ୟାଚ୍ ଖେଳିବାକୁ ଧନଞ୍ଜୟ ଉପଲବ୍ଧ ହେବେ ବୋଲି କୁହାଯାଉଛି।

■ ବନ୍ଧୁତ୍ୱପୂର୍ଣ୍ଣ ମହିଳା ଫୁଟବଲ୍ ମ୍ୟାଚ୍

# ରୁଷିଆଠାରୁ ହାରିଲା ଭାରତ

କୋଲକାତା, ୮।୧୦ (ଏଜେନ୍ସି): ଭ୍ରମଣକାରୀ ରୁଷିଆ ମହିଳା ଫୁଟବଲ ଦଳ ବିପକ୍ଷରେ ଗୁରୁବାର ଏଠାରେ ଖେଳାଯାଇଥିବା ବନ୍ଧୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଭାରତ ପରାସ୍ତ ହୋଇଛି। ଫିଫା ମାନ୍ୟତାର ୨୭ତମ ସ୍ଥାନରେ ରହିଥିବା ରୁଷିଆ ଏହି ମ୍ୟାଚକୁ ୪-୦ ଗୋଲରେ ଏକପାଖିଆ ଭାବରେ ବିଜୟୀ ହୋଇଛି। ବିଜୟୀ ଦଳ ପକ୍ଷରୁ କିରା ପେଟୁଖୋଭା ସର୍ବାଧିକ ଦୁଇଟି ଗୋଲ୍ ଦେଇଥିଲେ। ଭାରତୀୟ ଡିଫେଣ୍ଡରଙ୍କ ପ୍ରଭାବୀ ପ୍ରଦର୍ଶନ ଯୋଗୁ ମ୍ୟାଚର ୪୧ ମିନିଟ୍ ପର୍ଯ୍ୟନ୍ତ ରୁଷିଆ ଗୋଲ୍ ଖାତା ଖୋଲିବାରେ ବିଫଳ ହୋଇଥିଲା। ବିଶେଷ କରି ଭାରତୀୟ ଗୋଲ୍‌ରକ୍ଷକ ମୋନାଲିସା ଦେବୀ କେତୋଟି ଆକର୍ଷଣୀୟ ସେଭ୍ କରି ରୁଷିଆ ଖେଳାଳିଙ୍କୁ ନିରାଶ କରିଥିଲେ। ଫିଫା ମାନ୍ୟତାର ୬୯ତମ ସ୍ଥାନରେ ଥିବା ଭାରତ ଓ ରୁଷିଆ ମହିଳା ଫୁଟବଲ୍ ଦଳ ମଧ୍ୟରେ ଏହା ଓଭରଅଲ୍ ତୃତୀୟ ମ୍ୟାଚ୍ ଥିଲା। ଏଥିପୂର୍ବରୁ ୨୦୨୧ ଓ ୨୦୨୫ରେ ଅନୁଷ୍ଠିତ ଦୁଇଟିଯାକ ମ୍ୟାଚକୁ ରୁଷିଆ ଯଥାକ୍ରମେ ୮-୦ ଓ ୨-୦ ଗୋଲ୍‌ରେ ବିଜୟୀ ହୋଇଥିଲା। ଭାରତ ପୁଣିଥରେ ଅକ୍ଟୋବର ୧୧ରେ ସମାନ ରୁଷିଆ ବିପକ୍ଷରେ ଆଉ ଏକ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି।

## ରାଞ୍ଚିରେ ଦ୍ୱିତୀୟ ଟି-୨୦ ଆଜି

# ସିରିଜ୍ ଅଗ୍ରଣୀ ଲକ୍ଷ୍ୟରେ ଟିମ୍ ଇଣ୍ଡିଆ

ରାଞ୍ଚି, ୮।୧୦ (ଏଜେନ୍ସି)

ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଚଳିତ ଟି-୨୦ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ସ୍ଥାନୀୟ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଖେଳାଯିବ। ଏହି ମ୍ୟାଚ୍ ପୂର୍ବରୁ ଲକ୍ଷ୍ନୌରେ ଖେଳାଯାଇଥିବା ପ୍ରଥମ ଟି-୨୦କୁ ଭାରତ ୮ୱିକେଟରେ ଜିତି ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି। ଏଠାରେ ମଧ୍ୟ ବିଜୟଧାରା ଜାରି ରଖି ଟିମ୍ ଇଣ୍ଡିଆ ସିରିଜ୍ ୨-୦ରେ ଅଗ୍ରଣୀ ନେବା ଲକ୍ଷ୍ୟରେ ରହିଛି। ବ୍ୟାଟିଂ ହେଉ କିମ୍ବା ବୋଲିଂ ଭାରତ ପ୍ରଥମ ଟି-୨୦ରେ ବେଶ ପ୍ରଭାବୀ ଖେଳ ପ୍ରଦର୍ଶନ କରିଛି। ଏହି ଦଳକୁ ଅଟକାଇବାକୁ ହେଲେ ୱେଷ୍ଟଇଣ୍ଡିଜ୍‌କୁ ତାହାର ଖେଳରେ ଯଥେଷ୍ଟ ଉନ୍ନତି ଆଣିବାକୁ ହେବ। ନଚେତ ଆୟର୍ଲାଣ୍ଡ ଓ ଇଂଲଣ୍ଡଠାରୁ ସିରିଜ୍ ହାରିବା ପରେ ଭାରତର କ୍ରମାଗତ ବିଜୟ ସଂଖ୍ୟା ୧୧ରେ ପହଞ୍ଚିବ।

ଜାପାନରେ ଅନୁଷ୍ଠିତ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ପରେ ଶ୍ରେୟସ ଆୟରଙ୍କ ଟିମ୍ ଭାରତରେ ପହଞ୍ଚି ମାତ୍ର ୩ ଦିନରେ ଦମ୍‌ଦାର ଖେଳିଥିଲା। ନିଜେ ଆୟର ଅପରାଜିତ ଶତକ ହାସଲ କରିବା ସହ ୩୨ଟି ବଲ ଓ ୮ୱିକେଟ ବାକିଥାଇ ଭାରତକୁ ଜିତାଇଥିଲେ। ସମସ୍ତ ଫର୍ମାଟରେ ଶତକ ହାସଲ କରିବାରେ ମାତ୍ର ତୃତୀୟ ଖେଳାଳି ଭାବେ ଆୟର ଏବେ ଭଲ ଫର୍ମରେ ଅଛନ୍ତି। ସେ ରାଞ୍ଚିରେ ଏହାକୁ ପୁଣିଥରେ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ଦଳର ୩ ଜଣ ପ୍ରମୁଖ ଟି-୨୦ ଖେଳାଳିଙ୍କ ଅନୁପସ୍ଥିତି ସତ୍ତ୍ୱେ ଭାରତ ଉନ୍ନତ ପ୍ରଦର୍ଶନ କରିଛି। ଯଶପ୍ରୀତ୍ ବୁମରା, ହାର୍ଦ୍ଦିକ ପାଣ୍ଡ୍ୟା ଓ ବରୁଣ ଚକ୍ରବର୍ତ୍ତୀଙ୍କ ଅନୁପସ୍ଥିତି ଦଳର ପ୍ରଦର୍ଶନରେ କିଛି ପ୍ରଭାବ ପକାଇନାହିଁ। ଅକ୍ଷର ପଟେଲଙ୍କ ନେତୃତ୍ୱରେ ସ୍ପିନ୍ ବାହିନୀ ବେଶ ସୁନ୍ଦର ବୋଲିଂ କରୁଛି। ୱେଷ୍ଟଇଣ୍ଡିଜ୍ ଏହି ବୋଲିଂର ମୁକାବିଲା କରିବାକୁ ନିଶ୍ଚିତ କିଛି ଯୋଜନା କରିବାକୁ ପଡ଼ିବ। ପ୍ରଥମ ମ୍ୟାଚରେ ପେସ୍ ବୋଲର ମୟଙ୍କ ଯାଦବ ପ୍ରଭାବ ବିସ୍ତାର କରିପାରି ନାହାନ୍ତି। ତାଙ୍କ ସ୍ଥାନରେ ଫିଟ୍ ହୋଇଥିବା ପ୍ରିନ୍ସ ଯାଦବଙ୍କୁ ଦ୍ୱିତୀୟ ମ୍ୟାଚ୍‌ରେ ଖେଳିବା ସୁଯୋଗ ମିଳିପାରେ। ଏହା ବ୍ୟତୀତ ଦଳରେ ଅନ୍ୟ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା କମ୍। ଏହାର ଅର୍ଥ ବୈଭବ ସୂର୍ଯ୍ୟବଂଶୀଙ୍କୁ ଏହି ସିରିଜ୍‌ରେ ଏତେ ଶୀଘ୍ର ସୁଯୋଗ ମିଳିବ ନାହିଁ।

ଅନ୍ୟ ପକ୍ଷରେ ୱେଷ୍ଟଇଣ୍ଡିଜ୍ ପକ୍ଷରୁ ପ୍ରଥମ ମ୍ୟାଚ୍‌ରେ କେବଳ ଦୁଇଜଣ ବ୍ୟାଟର ଭଲ କରିଥିଲେ। ଅଧିନାୟକ ସାଇ ହୋପ୍ ଓ ଶେରଫାନ ରଦରଫୋର୍ଡ ଅର୍ଦ୍ଧଶତକ ହାସଲ କରିଥିଲେ। ଦଳର ବ୍ୟାଟିଂକୁ ମଜଭୁତ କରିବା ଲାଗି ଦିନିକିଆ ସିରିଜ୍‌ରେ ସଫଳତା ପାଇଥିବା ଅମିର ଜାଙ୍ଗୁଙ୍କୁ ଖେଳିବାର ସୁଯୋଗ ଦେଇପାରେ। ଦଳରେ କେବଳ ପଦାର୍ପଣକାରୀ କାମିଲ ପୂରନଙ୍କୁ ବାଦ୍ ଦେଲେ ଅନ୍ୟ କେହି ଦଳରେ ବଦଳିବାର ସମ୍ଭାବନା ନାହିଁ। ରାଞ୍ଚିର ଫ୍ଲଡ୍ ଲାଇଟ୍‌ରେ ନିୟମିତ ମ୍ୟାଚ୍ ଆୟୋଜିତ ହେଉନାହିଁ। ୨୦୨୩ରେ ଶେଷଥର ଏଠାରେ ମ୍ୟାଚ୍ ଖେଳାଯାଇଥିଲା। ସେହିପରି ଏଠାରେ ଖେଳାଯାଇଥିବା ଟି-୨୦ ମ୍ୟାଚ୍‌ରେ ଥରେମାତ୍ର ୨୦୦ ରନ୍ ସ୍କୋର ହୋଇଥିଲା।





ରାଞ୍ଚିରେ ପହଞ୍ଚିବା ପରେ ଇଶାନ କିଶାନ ଓ ସଞ୍ଜୁ ସାମ୍‌ସନ୍

**ସମ୍ଭାବ୍ୟ ଦଳ**

**ଭାରତ** - ଅଭିଷେକ ଶର୍ମା, ସଞ୍ଜୁ ସାମସନ (ୱିକେଟରକ୍ଷକ), ଇଶାନ କିଶାନ, ଶ୍ରେୟସ ଆୟର (ଅଧିନାୟକ), ତିଳକ ବର୍ମା, ଶିବମ ଦୁବେ, ନମନ ଧୀର, ଅକ୍ଷର ପଟେଲ, କୁଲଦୀପ ଯାଦବ, ଅର୍ଶଦୀପ ସିଂହ, ମୟଙ୍କ ଯାଦବ/ ପ୍ରିନ୍ସ ଯାଦବ।

**ୱେଷ୍ଟଇଣ୍ଡିଜ୍** - ସାଇ ହୋପ୍ (ଅଧିନାୟକ), କାମିଲ ପୂରନ/ ଆମିର ଜାଙ୍ଗୁ, ସିମରନ ହେଟମାୟର, ରୋଭମାନ ପାୱେଲ, ଶେରଫାନ ରଦରଫୋର୍ଡ, ରୋଷ୍ଟୋନ ଚେଜ୍, ରୋମାରିଓ ସେଫର୍ଡ, ମାଥ୍ୟୁ ଫୋର୍ଡ, ସାମର ସ୍ପ୍ରିଙ୍ଗର, ଆକିଲ ହୋସେନ, ସାମରା ଯୋଶେଫ।

**ଖେଳ ସମୟ- ରାତି ୭ଟା**

**ପ୍ରସାରଣ- ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

**ଲାଇଭ୍ ଷ୍ଟ୍ରିମିଂ- ଜିଓ ହଟ୍‌ଷ୍ଟାର।**

# ମୁଖ୍ୟମନ୍ତ୍ରୀ ସାଇନିଙ୍କ ହେଲିକପ୍ଟର ଯୋଗୁଁ ଖେଳାଳିଙ୍କ ଅଭ୍ୟାସ ବାଧାପ୍ରାପ୍ତ



ଗୁରୁଗ୍ରାମ,୮।୧୦(ଏଜେନ୍ସି): ହରିୟାଣା ମୁଖ୍ୟମନ୍ତ୍ରୀ ନାଏବ ସିଂହ ସାଇନିଙ୍କ ସରକାରୀ ହେଲିକପ୍ଟର ଗତ ୪ ଦିନ ଧରି ଗୁରୁଗ୍ରାମର ତାଉ ଦେବୀଲାଲ ଷ୍ଟାଡିୟମରେ ରହିଛି। ରବିବାରଠାରୁ ବୁଧବାର ପର୍ଯ୍ୟନ୍ତ ହେଲିକପ୍ଟରଟି ଷ୍ଟାଡିୟମରେ ରହିଥିଲା। ସୁରକ୍ଷା ବ୍ୟବସ୍ଥା ଦୃଷ୍ଟିରୁ ଆଥଲେଟିକ୍ସ ଟ୍ରାକ୍ ଓ ଭିତର ସିନ୍ଥେଟିକ୍ ଗ୍ରାଉଣ୍ଡକୁ ବନ୍ଦ ରଖାଯାଇଥିଲା। ଫଳରେ ପ୍ରତିଦିନ ଅଭ୍ୟାସ କରୁଥିବା ଶତାଧିକ ଖେଳାଳି ଅଭ୍ୟାସରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ଅଭିଭାବକ ଓ ପ୍ରଶିକ୍ଷକମାନେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ହେଲିକପ୍ଟର ପାଇଁ ପୃଥକ ସ୍ଥାନ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଷ୍ଟାଡିୟମକୁ ହେଲିକପ୍ଟର ଅବତରଣ ଓ ପାର୍କିଂ ପାଇଁ ବ୍ୟବହାର କରାଯିବା ନୂଆ ଘଟଣା ନୁହେଁ।

୨୦୨୦ରେ ମଧ୍ୟ ତତ୍କାଳୀନ ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କ ହେଲିକପ୍ଟର ପାଇଁ ଷ୍ଟାଡିୟମରେ କ୍ରିକେଟ୍ ଅଭ୍ୟାସ ବନ୍ଦ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ମିଡିଆ ପରାମର୍ଶଦାତା ରାଜୀବ ଜୈଟଲୀ କହିଛନ୍ତି, ଯାନ୍ତ୍ରିକ ତ୍ରୁଟି ଯୋଗୁଁ ହେଲିକପ୍ଟରଟି ୪ ଦିନ ଧରି ସେଠାରେ ରହିଥିଲା। ସାଧାରଣତଃ ଏହା ଷ୍ଟାଡିୟମରେ ଅଧିକ ସମୟ ରହେ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ଜାତୀୟ ଓପନ୍ ଆଥଲେଟିକ୍ସରେ ଶ୍ରାବଣୀଙ୍କୁ ରୌପ୍ୟ ପଦକ

ନୂଆଦିଲ୍ଲୀ, ୮।୧୦ (ଏଜେନ୍ସି): ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିଅନସିପ୍‌ର ୬୫ତମ ସଂସ୍କରଣ ଗୁରୁବାରଠାରୁ ସ୍ଥାନୀୟ ଜବାହରଲାଲ ନେହରୁ ଷ୍ଟାଡିୟମରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଓଡ଼ିଶାର ଅଭିଜ୍ଞ ଧାବିକା ଶ୍ରାବଣୀ ନନ୍ଦଙ୍କୁ ରୌପ୍ୟ ପଦକ ମିଳିଛି। ମହିଳା ୧୦୦ ମିଟର ରେସରେ ଶ୍ରାବଣୀ ଏହି ସଫଳତା ପାଇଛନ୍ତି। ୧୧.୫୫ ସେକେଣ୍ଡ ସମୟ ନେଇ ଶ୍ରାବଣୀ ଏହି ଦୂରତାକୁ ଅତିକ୍ରମ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ୧୧.୪୮ ସେକେଣ୍ଡ ସହ ରେଳବାଇର ଆର୍ ଗିରିଧରାଣୀ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ହାତେଇ ନେଇଥିଲେ। ଅପରପକ୍ଷରେ ପୁରୁଷ ୧୦୦ ମିଟର ହିଟ୍-୧'ରେ ଓଡ଼ିଶାର ମହେନ୍ଦ୍ର ସାନ୍ତା ୧୦.୬୬ ସେକେଣ୍ଡରେ ରେସ୍ ଶେଷ କରି ତୃତୀୟ ସ୍ଥାନରେ ରହିଛନ୍ତି।

# ସିନ୍ଧୁ କ୍ୱାର୍ଟରରେ; ତନଭୀଙ୍କ ଅଭିଯାନ ଶେଷ

ହେଲସିଙ୍କି, ୮।୧୦ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁ ଫିନଲାଣ୍ଡରେ ଚାଲିଥିବା ଆର୍କଟିକ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ରାଉଣ୍ଡ-୧୬ ମୁକାବିଲାରେ ସିନ୍ଧୁ ୨୧-୧୫, ୨୧-୧୫ ସିଧାସଳଖ ଗେମରେ ଜାପାନର ରିକୋ ଗୁଞ୍ଜିଙ୍କୁ ପରାସ୍ତ କରିଥିଲେ। ଷଷ୍ଠ ସିଡ୍



ମାନ୍ୟତା ସିନ୍ଧୁଙ୍କୁ ଏହି ମ୍ୟାଚ୍ ଜିତିବା ଲାଗି ମାତ୍ର ୪୯ ମିନିଟ୍ ସମୟ ଲାଗିଥିଲା। କ୍ୱାର୍ଟର ଫାଇନାଲରେ ସିନ୍ଧୁଙ୍କ ମୁକାବିଲା ଥାଇଲାଣ୍ଡର ରାଚାନୋକ ଇଣ୍ଟାନନଙ୍କୁ ଭେଟିବେ। ଟପ୍ ସିଡ୍ ଇଣ୍ଟାନନ ଅନ୍ୟ ଏକ ପ୍ରି-କ୍ୱାର୍ଟରରେ ୨୧-୧୮, ୨୧-୭ ଗେମରେ ଭାରତୀୟ ସଟଲର୍ ତନଭୀ ଶର୍ମାଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ଇଣ୍ଟାନନଙ୍କ ବିପକ୍ଷରେ ମଧ୍ୟ ସିନ୍ଧୁଙ୍କ ରେକର୍ଡ ମଧ୍ୟ ନୈରାଶ୍ୟଜନକ ରହିଛି। ସିନ୍ଧୁ ଓ ଇଣ୍ଟାନନ ମୋଟ୍ ଉପରେ ୧୪ଥର ସାମ୍ନାସାମ୍ନି ହୋଇଛନ୍ତି। ଯେଉଁଥିରେ ଇଣ୍ଟାନନ ୧୦ଥର ଓ ସିନ୍ଧୁ ୪ଥର ବିଜୟୀ ହୋଇଛନ୍ତି।

## ରଣଜୀ ଟ୍ରଫି

# ଓଡ଼ିଶା ଦଳର ଅହମ୍ମଦାବାଦ ଗସ୍ତ



ଭୁବନେଶ୍ୱର, ୮।୧୦ (ସମିସ): ଭାରତୀୟ ଘରୋଇ କ୍ରିକେଟ୍‌ର ସବୁଠାରୁ ସମ୍ମାନଜନକ ପ୍ରତିଯୋଗିତା ରଣଜୀ ଟ୍ରଫିର ଆଗାମୀ ୯୨ତମ ସଂସ୍କରଣ ଅକ୍ଟୋବର ୧୧ (ରବିବାର)ରୁ ଆରମ୍ଭ ହେବାକୁଯାଉଛି। ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ଓଡ଼ିଶା ଦଳ ଗୁରୁବାର ଅହମ୍ମଦାବାଦ ଅଭିମୁଖେ ଯାତ୍ରା କରିଛି। ଏଲିଟ୍ ଗ୍ରୁପ୍-ସି'ରେ ସ୍ଥାନ ପାଇଥିବା ଓଡ଼ିଶା ଦଳ ଘରୋଇ ଗୁଜରାଟ ବିପକ୍ଷରେ ପ୍ରଥମ ମ୍ୟାଚ ଖେଳି ଅଭିଯାନ ଆରମ୍ଭ କରିବ।

ଭାରତର ସର୍ବାଧିକ ଦର୍ଶକ କ୍ଷମତାବିଶିଷ୍ଟ ଷ୍ଟାଡିୟମ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ଏଥିଲାଗି ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ୧୭ ଜଣିଆ ଓଡ଼ିଶା ଦଳ ନିକଟରେ ଘୋଷଣା କରାଯାଇଥିଲା। ଗତ ସିଜନରେ ପ୍ରଭାବୀ ପ୍ରଦର୍ଶନ କରିଥିବା ବିପ୍ଳବ ସାମନ୍ତରାୟଙ୍କୁ ଏଥର ପ୍ରଥମ ଦୁଇଟି ମ୍ୟାଚ୍ ଲାଗି ଘୋଷିତ ଦଳରେ ସ୍ଥାନ ମିଳିନାହିଁ। ତେଣୁ ଜଣେ ଦକ୍ଷ ଓ ଅଭିଜ୍ଞ ଅଲରାଉଣ୍ଡରଙ୍କ ବିନା ଯୁବ ଖେଳାଳି କିଭଳି ପ୍ରଦର୍ଶନ କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି। ଅପରପକ୍ଷରେ ମୁଖ୍ୟ ପ୍ରଶିକ୍ଷକ ଭାବରେ ଦାୟିତ୍ୱ ଗ୍ରହଣ କରିଥିବା ପ୍ରଭଞ୍ଜନ ମଲ୍ଲିକଙ୍କ ପାଇଁ ମଧ୍ୟ ଏହା ପ୍ରଥମ ପରୀକ୍ଷା ହେବାକୁ ଯାଉଛି।

**ଓଡ଼ିଶା ଦଳ**: ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସ୍ୱସ୍ତିକ ସାମଲ, ଓମ୍ ଟି ମୁଣ୍ଡେ, ଗୌରବ ଚୌଧୁରୀ, ଶ୍ରେୟାଂଶ ଭରଦ୍ୱାଜ, ସନ୍ଦୀପ ପଟ୍ଟନାୟକ, ଶାନ୍ତନୁ ମିଶ୍ର, ଆଶୀର୍ବାଦ ସ୍ୱାଇଁ, ଦୀନେଶ ମାଝୀ (ଉଭୟ ୱିକେଟକିପର), ନିନାଦ ରାଓଭ, ଲଳିତ ଯାଦବ, ରାଜେଶ ମହାନ୍ତି, ପ୍ରଶାନ୍ତ ରଣା, ସୌମ୍ୟ ଲେଙ୍କା, ସମ୍ବିତ ବେଜ, ସୟଦ ତୁଫେଲ ଅହମ୍ମଦ ଓ ବାଦଲ ବିଶ୍ୱାଳ। ମୁଖ୍ୟକୋଚ୍-ପ୍ରଭଞ୍ଜନ ମଲ୍ଲିକ।

## ହକି ଇଣ୍ଡିଆ ଲିଗ୍‌କୁ ନେଇ ଅନିଶ୍ଚିତତା

# ସମାଧାନ ପାଇଁ ଭିନୀଲ କ୍ରିଷ୍ଣାଙ୍କ ନେତୃତ୍ୱରେ କମିଟି ଗଠିତ

ନୂଆଦିଲ୍ଲୀ, ୮।୧୦ (ଏଜେନ୍ସି)



ହକି ଇଣ୍ଡିଆ ଲିଗ୍ (ଏଚଆଇଏଲ୍)କୁ ନେଇ ଅନିଶ୍ଚିତତା ଜାରି ରହିଛି। ଏଭଳି ସମୟରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଏକ ବଡ଼ ନିଷ୍ପତ୍ତି ନେଇଛି। ଏଚଆଇଏଲ୍‌କୁ ଜାରି ରଖିବା ସହ ଗଭର୍ନାନ୍ସ ଷ୍ଟ୍ରକଚର ଓ ଆଗକୁ ବଢ଼ିବା ପାଇଁ କ୍ରୀଡ଼ା ମନ୍ତ୍ରଣାଳୟ ଏକ ୭ଜଣିଆ କମିଟି ଗଠନ କରିଛି। ଓଡ଼ିଶାର ପୂର୍ବତନ କ୍ରୀଡ଼ା ସଚିବ ତଥା ବର୍ତ୍ତମାନ ଖେଲୋ ଇଣ୍ଡିଆ'ର ଯୁଗ୍ମ ସଚିବ ଥିବା ଆର. ଭିନୀଲ କ୍ରିଷ୍ଣାଙ୍କୁ ଏହି କମିଟିର ଅଧ୍ୟକ୍ଷ ରଖାଯାଇଛି। ସରକାରଙ୍କ ପ୍ରତିନିଧି ଭାବରେ ଭିନୀଲଙ୍କ ନେତୃତ୍ୱରେ ଏହି କମିଟିରେ ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ, ସମ୍ପାଦକ ଭୋଲାନାଥ ସିଂହ ଏବଂ କୋଷାଧ୍ୟକ୍ଷ ସେକର ଜେ. ମନୋହରନଙ୍କୁ ସାମିଲ କରାଯାଇଛି। ସେହିଭଳି ଏଚଆଇଏଲ୍ ଫ୍ରାଞ୍ଚାଇଜ୍ ମଧ୍ୟରୁ ନାମିତ ତିନିଜଣ ପ୍ରତିନିଧିଙ୍କୁ ମଧ୍ୟ ଏହି କମିଟିରେ ରଖାଯାଇଛି। ସେମାନେ ହେଲେ ଜେଏସଡବ୍ଲ୍ୟୁ ସ୍ପୋର୍ଟ୍ସର ସିଇଓ ଦିବ୍ୟାଂଶୁ ସିଂହ, ଏସଜି ପାଇପର୍ସର ସିଇଓ ମହେଶ ଭୂପତି ଏବଂ ହାଇଦ୍ରାବାଦ ତୁଫାନ୍ସର ମାଲିକ ଆଲୋକ ସାଂଘି।

ଏଚଆଇଏଲ୍‌ରେ ଲାଗି ରହିଥିବା ଅଚଳାବସ୍ଥା ଏବଂ ଅନିଶ୍ଚିତତାର ସମାଧାନ ଖୋଜିବା ସହ ଲିଗ୍ ପାଇଁ ଶାସନ ଏବଂ ଆର୍ଥିକ ମଡେଲ ପ୍ରସ୍ତୁତ କରିବା ଲାଗି କ୍ରୀଡ଼ା ମନ୍ତ୍ରଣାଳୟ ଏକ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲା। ତିର୍କୀ ଏବଂ ଭୋଲାନାଥ ସମେତ ଅନ୍ୟ ଏଚଆଇ ଅଧିକାରୀଙ୍କ ଭିତରେ ବଢ଼ୁଥିବା ବିବାଦ ମଧ୍ୟରେ ଏହି ପଦକ୍ଷେପ ନିଆଯାଇଛି।

# ହାଓ'କୁ ହକି ଇଣ୍ଡିଆର କାରଣ ଦର୍ଶାଅ ନୋଟିସ

ନୂଆଦିଲ୍ଲୀ, ୮।୧୦ (ଏଜେନ୍ସି): ପ୍ରଶାସନିକ କାର୍ଯ୍ୟରେ ଗୁରୁତର ତ୍ରୁଟି ଅଭିଯୋଗରେ ହକି ଆସୋସିଏସନ ଅଫ୍ ଓଡ଼ିଶା (ହାଓ)କୁ ହକି ଇଣ୍ଡିଆ ପକ୍ଷରୁ ଏକ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏହାର ମାନ୍ୟତାକୁ 'ସ୍ଥାୟୀ ସଦସ୍ୟ'ରୁ 'ସହଯୋଗୀ ସଦସ୍ୟ'କୁ ହ୍ରାସ କରିବା ପାଇଁ ଏହି ନୋଟିସରେ ପ୍ରସ୍ତାବ ଦିଆଯାଇଛି। ଭୋଟର ତାଲିକା ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟା ଉପରେ ଜଣେ ନିର୍ବାଚନ ଅଧିକାରୀ ଆପତ୍ତି ଉଠାଇବା ପରେ ଅକ୍ଟୋବର ୩ରେ ହେବାକୁ ଥିବା ହାଓ'ର ନିର୍ବାଚନ ସ୍ଥଗିତ ରଖାଯାଥିଲା। ଏହାପରେ ଅକ୍ଟୋବର ୬ରେ ଅନୁଷ୍ଠିତ ହକି ଇଣ୍ଡିଆର କାର୍ଯ୍ୟନିର୍ବାହୀ କମିଟି ବୈଠକରେ ନିଆଯାଇଥିବା ନିଷ୍ପତ୍ତି କ୍ରମେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ହକି ଇଣ୍ଡିଆ ପକ୍ଷରୁ ଆଠଟି ମୁଖ୍ୟ କାରଣ ଦର୍ଶାଇଛି। ଯେଉଁଥିରେ ହାଓ ଅଧୀନରେ ଥିବା ୩୦ଟି ଜିଲ୍ଲା ଶାଖାରେ ନିୟମରେ ଘୋର ଉଲ୍ଲଂଘନ ହୋଇଥିବା ନେଇ ଗୁରୁତ୍ୱ ଦିଆଯାଇଛି। ବିଶେଷ ଭାବରେ ପ୍ରତ୍ୟେକ ଜିଲ୍ଲାରେ ସଭାପତି ଓ ସମ୍ପାଦକ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକରେ ନିର୍ବାଚିତ ପ୍ରତିନିଧିଙ୍କ ବଦଳରେ ଜିଲ୍ଲାପାଳ ଏବଂ ଉପ-ଜିଲ୍ଲାପାଳଙ୍କ ଭଳି ପ୍ରଶାସନିକ ଅଧିକାରୀମାନେ ପଦାଧିକାରୀ ଭାବେ ସମ୍ଭାଳୁଛନ୍ତି। ଏହା ବ୍ୟତୀତ କେବେ ନିର୍ବାଚନ ହୋଇଥିଲା ତାର ପ୍ରମାଣ ସ୍ୱରୂପ କୌଣସି ରେକର୍ଡ ୩୦ଟି ଜିଲ୍ଲା ସଂସ୍ଥା ମଧ୍ୟରୁ କେହି ଦେଖାଇପାରି ନାହାନ୍ତି। ବୈଧ ନିର୍ବାଚନ ରେକର୍ଡ ଏବଂ କାଗଜପତ୍ର ଦାଖଲ କରିବା ପାଇଁ ହାଓକୁ ଦୁଇ ସପ୍ତାହ ସମୟ ଦିଆଯାଇଛି।

# ଏସିଆନ ଚାମ୍ପିଅନ୍ସ ଟ୍ରଫିରୁ ପାକିସ୍ତାନ ବାଦ୍

ନୂଆଦିଲ୍ଲୀ, ୮।୧୦ (ଏଜେନ୍ସି): ଏସିଆନ ଚାମ୍ପିଅନ୍ସ ଟ୍ରଫି ପୁରୁଷ ହକି ଟୁର୍ଣ୍ଣାମେଣ୍ଟର ୯ମ ସଂସ୍କରଣ ଅକ୍ଟୋବର ୨୭ ତାରିଖରୁ ପଞ୍ଜାବର ଜଲନ୍ଧର ଏବଂ ମୋହାଲିରେ ଆରମ୍ଭ ହେବ। ତେବେ ଏହି ସମ୍ମାନଜନକ ପ୍ରତିଯୋଗିତା ପୂର୍ବରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ପାକିସ୍ତାନକୁ ଏହି ଟୁର୍ଣ୍ଣାମେଣ୍ଟରୁ ବାଦ୍ ଦିଆଯାଇଛି। ଏହା ବଦଳରେ ବାଂଲାଦେଶକୁ ସାମିଲ କରାଯାଇଛି।



ପୂର୍ବରୁ ଛଅ ଦଳୀୟ ଏହି ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ସାମିଲ ଥିଲା। କିନ୍ତୁ ପାକିସ୍ତାନ ହକି ମହାସଂଘ ଏହାର ମ୍ୟାଚଗୁଡ଼ିକୁ ଏକ ନିରପେକ୍ଷ ସ୍ଥାନରେ ସ୍ଥାନାନ୍ତର କରିବାକୁ ଏସୀୟ ହକି ମହାସଂଘକୁ ଅନୁରୋଧ କରିଥିଲା। ତେବେ ହକି ଇଣ୍ଡିଆର ସମ୍ପାଦକ ତଥା ଏସୀୟ ହକି ମହାସଂଘର ଉପାଧ୍ୟକ୍ଷ ଥିବା ଭୋଲାନାଥ ସିଂ ଭେନ୍ୟୁରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ବୋଲି ସ୍ପଷ୍ଟ ମନା କରିଦେଇଥିଲେ। ସଦ୍ୟ ହକି ଇଣ୍ଡିଆ ପକ୍ଷରୁ ଅଂଶଗ୍ରହଣକାରୀ ଦଳଙ୍କୁ ସମ୍ପର୍କରେ ଏକ ରିଲିଜ ଜାରି କରାଯାଇଛି। ଯେଉଁଥିରେ ପାକିସ୍ତାନର ନାମ ନ ଥିବା ଜଣାପଡ଼ିଛି। ଅଂଶଗ୍ରହଣକାରୀ ଛଅ ଦଳ ମଧ୍ୟରେ ଜାପାନ, ଚୀନ୍, ମାଲେସିଆ, ଦକ୍ଷିଣ କୋରିଆ ଓ ବାଂଲାଦେଶ ସହ ଆୟୋଜକ ଭାରତ ସାମିଲ ଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଗତ ମାସରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ମୋହାଲିରେ ଟୁର୍ଣ୍ଣାମେଣ୍ଟ ସୂଚୀ ଘୋଷଣା କରିଥିଲେ। ଏଥିରେ ପାକିସ୍ତାନର ଅଂଶଗ୍ରହଣକୁ ନିଶ୍ଚିତ କରାଯାଇଥିଲା। ତେବେ କୌଣସି ଦଳ ପ୍ରତ୍ୟାହାର କରିବାର ସମ୍ଭାବନାକୁ ଦୃଷ୍ଟିରେ ରଖି ବାଂଲାଦେଶ ଏବଂ ଓମାନକୁ ରିଜର୍ଭ ଦଳ ଭାବରେ ରଖାଯାଇଥିଲା। ୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ପରଠାରୁ ଭାରତ ଏବଂ ପାକିସ୍ତାନ ଦ୍ୱିପାକ୍ଷିକ ହକି ଖେଳିନାହାଁନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି

EXECUTIVE EDITOR: RANJIT MOHANTY